# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୪/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, August 4/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୨୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 250 | ମୂଲ୍ୟ ₹୭/-




## 'ଭୋଗ' କଭର୍ ପେଜ୍‌ରେ ସାରା

ନିକଟରେ ସାରାଙ୍କୁ 'ଭୋଗ'ର କଭର ପେଜରେ ଦେଖିବାକୁ ମିଳିଛି। ଏଥିରେ ସେ ଗ୍ରୀନ ଆଉଟ୍‌ଫିଟ୍‌ରେ ବିନ୍ଦି ଲଗାଇଥିବା ଦେଖାଯାଉଛି।

୧୩

୧୪

## ମିରାଣ୍ଡା ମୁଖ୍ୟ କୋଚ୍

କ୍ଲିଫର୍ଡ ମିରାଣ୍ଡାଙ୍କୁ ଭାରତୀୟ ୨୩ ବର୍ଷରୁ କମ୍ ପୁରୁଷ ଫୁଟବଲ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ଦିଆଯାଇଛି।





ମହାନଦୀରେ ବନ୍ୟାଜଳ ଆସିବା ପରେ ଗୁରୁବାର କଟକ ଯୋବ୍ରା ନିକଟରେ ପାଣିରେ ଫସିଯାଇଥିବା ଏକ ଗାଡ଼ି। **(ଫଟୋ: ରାଜକିଶୋର ମହାନ୍ତି)**

# ଜ୍ଞାନବାପିରେ ଏଏସ୍‌ଆଇ ସର୍ଭେକୁ ହାଇକୋର୍ଟଙ୍କ ଅନୁମତି

**ପ୍ରୟାଗରାଜ/ନୂଆଦିଲ୍ଲୀ,୩।୮ (ପି.ଟି.)**

ବାରାଣସୀର ଜ୍ଞାନବାପି ମସ୍‌ଜିଦ ପରିସରରେ ବିଜ୍ଞାନସମ୍ମତ ସର୍ଭେ ପାଇଁ ଆଲ୍ଲାହାବାଦ ହାଇକୋର୍ଟ ଗୁରୁବାର ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)କୁ ଅନୁମତି ପ୍ରଦାନ କରିଛନ୍ତି। ସପ୍ତଦଶ ଶତାବ୍ଦୀର ଏହି ମସ୍‌ଜିଦ ମନ୍ଦିର ଢାଞ୍ଚା ଉପରେ ନିର୍ମାଣ ହୋଇଛି କି ନାହିଁ ତାହା ନିର୍ଦ୍ଧାରଣ କରିବା ନିମନ୍ତେ ବାରାଣସୀ ଜିଲା କୋର୍ଟ ପୂର୍ବରୁ ରାୟ ଦେଇଥିବାବେଳେ ମୁସଲମାନ ପକ୍ଷ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ମସ୍‌ଜିଦ କମିଟିର ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଜିଲା କୋର୍ଟଙ୍କ ରାୟ ଠିକ୍। ଏଥିରେ ହସ୍ତକ୍ଷେପ କରିବା ଆବଶ୍ୟକ ନାହିଁ ବୋଲି ହାଇକୋର୍ଟ କହିଥିଲେ। ସର୍ଭେ ବେଳେ ମସ୍‌ଜିଦ ପରିସର ଖୋଳାଖୋଳି ନ କରିବାକୁ କୋର୍ଟ କହିଥିଲେ। ହାଇକୋର୍ଟ ସର୍ଭେକୁ ଅନୁମତି ପ୍ରଦାନ କରିବାର କିଛି ଘଣ୍ଟା ପରେ ଅଞ୍ଜୁମନ୍ ଇନ୍ତେଜାମିଆ ମସ୍‌ଜିଦ କମିଟି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଆଇନଜୀବୀ ନିଜାମ ପାଶା ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ନିକଟରେ ହାଇକୋର୍ଟଙ୍କ ରାୟ ବିରୋଧରେ ଆବେଦନ କରିବା ସହ ଜରୁରୀ ଶୁଣାଣି ପାଇଁ ନିବେଦନ କରିଛନ୍ତି। ଅନ୍ୟ ପକ୍ଷରେ ହିନ୍ଦୁ ପକ୍ଷଙ୍କୁ ଶୁଣାଣି ପାଇଁ ସୁଯୋଗ ନ ଦେଇ କୌଣସି ରାୟ ପ୍ରଦାନ ନ କରିବାକୁ ଏହାର ଏକ ପକ୍ଷ ସୁପ୍ରିମକୋର୍ଟରେ କ୍ୟାଭିଟ୍ ଦାଖଲ କରିଛି।

### ସୁପ୍ରିମକୋର୍ଟ ଗଲା ମସ୍‌ଜିଦ କମିଟି



ବିଶିଷ୍ଟ ସାହିତ୍ୟ ସାଧିକା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଧରିତ୍ରୀର ପ୍ରେରଣାଦାୟିନୀ ନନ୍ଦିନୀ ଶତପଥୀଙ୍କର ସପ୍ତଦଶ ଶ୍ରାଦ୍ଧ ବାର୍ଷିକୀରେ ଧରିତ୍ରୀ ପରିବାରର ବିନମ୍ର ଶ୍ରଦ୍ଧାଞ୍ଜଳି।

**ଆଜିର ସମ୍ପାଦକୀୟ**

### ମିଛକୁ ପସନ୍ଦ

ବଢ଼ିଲା ରୋଗୀଙ୍କ ଖାଦ୍ୟ ଅନୁଦାନ ପୃଷ୍ଠା ୩

# ଏପଟେ ବନ୍ଦ, ସେପଟେ ଖୋଲା

ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିଃ (ଆର୍‌ଆଇଏଲ୍) ବଜାରକୁ ୧୬,୪୯୯ ଟଙ୍କିଆ ଜିଓବୁକ୍ ଆଣିବା ପରେ ଗୁରୁବାର କେନ୍ଦ୍ର ସରକାର ବିଦେଶରୁ ଲାପ୍‌ଟପ୍, ଟାବ୍‌ଲେଟ୍ ଓ ପର୍ସନାଲ କମ୍ପ୍ୟୁଟର (ପିସି) ଆମଦାନୀ ଉପରେ ରୋକ୍ ଲଗାଇଛନ୍ତି। 'ମେକ୍ ଇନ୍ ଇଣ୍ଡିଆ'କୁ ଗୁରୁତ୍ୱ ଦେଇ ଏବଂ ଚାଇନାରୁ ଲାପ୍‌ଟପ୍ ଓ ଟାବ୍‌ଲେଟ୍ ଆମଦାନୀ ରୋକିବା ପାଇଁ ସୁରକ୍ଷା ଦୃଷ୍ଟିରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି କୁହାଯାଉଥିଲେ ହେଁ ନିର୍ଦ୍ଦିଷ୍ଟ ଶିଳ୍ପପତିଙ୍କ ପ୍ରତି ଥିବା ମୋଦି ସରକାରଙ୍କ ପ୍ରୀତିକୁ ଦେଖିଲେ ଏହି ଆମଦାନୀ କଟକଣା ପଛରେ ଥିବା ଭିନ୍ନ ଉଦ୍ଦେଶ୍ୟକୁ ବୁଝିବା କଷ୍ଟକର ନୁହେଁ। ଗୋଟିଏ ପଟେ ବିଦେଶରୁ ଆମଦାନୀ ବନ୍ଦ କରି ସ୍ୱଦେଶୀ ସାମଗ୍ରୀକୁ ପ୍ରୋତ୍ସାହନ ଦେବାଲାଗି ପ୍ରଚେଷ୍ଟା କରାଯାଉଥିବା କୁହାଯାଉଥିବାବେଳେ ଅନ୍ୟପଟେ ନିର୍ଦ୍ଦିଷ୍ଟ କମ୍ପାନୀର ବ୍ୟବସାୟକୁ ସୁହାଇଲା ଭଳି ନୀତି ଆପଣାଯାଉଛି। ତେଣୁ ଲାପ୍‌ଟପ୍, ଟାବ୍‌ଲେଟ୍ ଉତ୍ପାଦନକାରୀ ଦେଶର ଅନ୍ୟ କମ୍ପାନୀଗୁଡ଼ିକ ଏଥିରୁ ବିଶେଷ ଉପକୃତ ହୋଇ ନ ପାରନ୍ତି ବୋଲି କୁହାଯାଉଛି। କେବଳ ଏତିକି ନୁହେଁ, ବିଦେଶରୁ ଆମଦାନୀ ବନ୍ଦ ହେବା ଦ୍ୱାରା ଦେଶ ଭିତରେ ନିର୍ମିତ ଲାପ୍‌ଟପ୍ ଓ ଟାବ୍‌ଲେଟ୍‌ଗୁଡ଼ିକର ଦାମ୍ ବଢ଼ିଯିବା ଫଳରେ ଭାରତୀୟ ଛାତ୍ରୀଛାତ୍ର ଓ ପେସାଦାରମାନେ ଚଢ଼ା ଦରରେ ସେଗୁଡ଼ିକୁ କିଣିବାକୁ ବାଧ୍ୟ ହେବେ।

- ଲାପ୍‌ଟପ୍, ଟାବ୍‌ଲେଟ୍ ଆମଦାନୀ ବନ୍ଦ କଲା କେନ୍ଦ୍ର
- ରିଲାଏନ୍ସ ଆଣିଛି ୧୬,୪୯୯ ଟଙ୍କିଆ ଜିଓବୁକ୍



**ନୂଆଦିଲ୍ଲୀ/ମୁମ୍ବାଇ,୩।୮ (ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

ଭାରତ ସରକାରଙ୍କ ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ଫରେନ୍ ଟ୍ରେଡ୍ ପକ୍ଷରୁ ଅଗଷ୍ଟ ୩ରେ ଏକ ନୋଟିସ ଜାରି କରାଯାଇଛି। ଉକ୍ତ ନୋଟିସ ଅନୁସାରେ ଏଣିକି ବିଦେଶରୁ ଲାପ୍‌ଟପ୍, ଟାବଲେଟ୍, ଅଲ୍-ଇନ୍-ୱାନ୍ ପର୍ସନାଲ କମ୍ପ୍ୟୁଟର ଏବଂ ଏଚ୍‌ଏସ୍‌ଏନ୍ ୮୭୪୧ ଅଧୀନରେ ଆସୁଥିବା ସର୍ଭରଗୁଡ଼ିକର ଆମଦାନୀକୁ ତତ୍କାଳ ବନ୍ଦ କରାଯାଇଛି। ଏଗୁଡ଼ିକର ସୀମିତ ଆମଦାନୀ ପାଇଁ ବୈଧ ଲାଇସେନ୍ସ ଆବଶ୍ୟକ ବୋଲି ଏଥିରେ କୁହାଯାଇଛି। ଆମଦାନୀ କଟକଣା ପରିସର ମଧ୍ୟରେ ଆସୁଥିବା ଅନ୍ୟ ଇଲେକ୍ଟ୍ରୋନିକ୍ସ ଉତ୍ପାଦଗୁଡ଼ିକ ହେଲା ପାମ୍‌ଟପ୍, ଅଟୋମେଟିକ୍ ଡେଟା ପ୍ରୋସେସିଂ ମେଶିନ, ମାଇକ୍ରୋକମ୍ପ୍ୟୁଟର/ପ୍ରୋସେସର ଏବଂ ଲାର୍ଜ/ମେନ୍‌ଫ୍ରେମ୍ କମ୍ପ୍ୟୁଟର। ଏଚ୍‌ଏସ୍‌ଏନ୍ ୮୪୭୧ କୋଡ୍ ଅଧୀନ ଉକ୍ତ ବର୍ଗର ଉତ୍ପାଦ ଆମଦାନୀ ଉପରେ କଟକଣା ☞ପୃଷ୍ଠା-୪

### ଦେଶରେ ଆଇଟି ହାର୍ଡୱେର ମାନୁଫାକ୍ଚରିଂ ବ୍ୟବସାୟ ୭୦% ବଢ଼ିବ

ଗତ କିଛିବର୍ଷ ହେଲା ଭାରତରେ ବିଦେଶରୁ ଇଲେକ୍ଟ୍ରୋନିକ୍ ସାମଗ୍ରୀ ଓ ଲାପ୍‌ଟପ୍/କମ୍ପ୍ୟୁଟର ଆମଦାନୀ ବୃଦ୍ଧି ପାଇବାରେ ଲାଗିଛି। ଚଳିତବର୍ଷ ଏପ୍ରିଲ-ଜୁନ୍‌ରେ ଏହି ଆମଦାନୀ ୬.୯୬ ବିଲିୟନ୍ ଆମେରିକୀୟ ଡଲାରରେ ପହଞ୍ଚିଛି, ଯାହାକି ବର୍ଷକ ତଳେ ୪.୭୩ ବିଲିୟନ୍ ଡଲାର ଥିଲା। ଅର୍ଥାତ୍ ଭାରତର ଆଇଟି ଆମଦାନୀ ବର୍ଷକ ମଧ୍ୟରେ ୪-୭%କୁ ବୃଦ୍ଧି ପାଇଛି। ଉପରୋକ୍ତ ୭ଟି ବର୍ଗରେ ଏପ୍ରିଲରୁ ମେ' ମଧ୍ୟରେ ଚାଇନାରୁ ୭୪୩.୫୬ ନିୟୁତ ଡଲାର ଆମଦାନୀ ହୋଇଛି। ☞ପୃଷ୍ଠା-୪

# ମହାନଦୀରେ ମଧ୍ୟମ ଧରଣର ବନ୍ୟା ଆଶଙ୍କା

- ପାଣି ଘେରରେ ୧. ୨୦ ଲକ୍ଷ ଲୋକ
- ପୁରୀ ଜିଲାରେ କର୍ମଚାରୀଙ୍କ ଛୁଟି ବାତିଲ

**ଭୁବନେଶ୍ୱର, ୩।୮ (ଅନିଲ ଦାସ)**

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପଜନିତ ବର୍ଷାରେ ମହାନଦୀରେ ମଧ୍ୟମ ଧରଣର ବନ୍ୟା ଆଶଙ୍କା ଦେଖାଦେଇଛି। ରାଜ୍ୟରେ ପ୍ରବାହିତ ଅନ୍ୟ କେତକ ଛୋଟବଡ଼ ନଦୀ ମଧ୍ୟରେ ବଢ଼ି ଆସିଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ମହାନଦୀର ଖଇରମାଳଠାରେ ୪ ଲକ୍ଷ ୭୨ ହଜାର କ୍ୟୁସେକ ବନ୍ୟାଜଳ ପ୍ରବାହିତ ହେଉଛି। ଅନୁରୂପ ଭାବେ ବରମୂଳଠାରେ ୭ ଲକ୍ଷ ୮୬ ହଜାର ଏବଂ ମୁଣ୍ଡଳୀଠାରେ ୯ ଲକ୍ଷ ୧୮ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ଏହାର ପ୍ରଭାବରେ କଟକ, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏସବୁ ଜିଲାକୁ ହାଇ ଆଲର୍ଟ କରାଯାଇଛି। ☞ପୃଷ୍ଠା-୪











# ଦୁଇଦିନର ଶିଶୁକନ୍ୟାକୁ ବିକ୍ରି କଲେ ଦମ୍ପତି

**ଭୋଗରାଇ,୩।୮ (ପ୍ରଦୀପ ଦାସ)**

କେହି କାହାକୁ ଜାଣିନାହାନ୍ତି, ହେଲେ ପେଟ ଚାଖଣ୍ଡକ ପାଇଁ ନିଜର ରକ୍ତକୁ ପରହାତରେ ଟେକି ଦେଲେ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତଲାଡି ଗ୍ରାମରେ। ଦାରିଦ୍ର୍ୟତାର କଷାଘାତରେ ପେଷି ହୋଇ ଏକ ଦମ୍ପତି ତାଙ୍କ ୨ ଦିନର ଶିଶୁ କନ୍ୟାଙ୍କୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ହାତରେ ୧୦ହଜାର ଟଙ୍କାରେ ବିକ୍ରି କରିଛନ୍ତି। ଆଉ ଏଥିରେ ସେମାନଙ୍କୁ ସହଯୋଗ କରିଛନ୍ତି ଜଣେ ସ୍ୱାସ୍ଥ୍ୟକର୍ମୀ। ଏହି ଘଟଣା ବୁଧବାର ଗ୍ରାମରେ ପ୍ରଚାରିତ ହେବା ପରେ ଶିଶୁକନ୍ୟାଙ୍କ ମା'ବାପାଙ୍କୁ ଗ୍ରାମବାସୀ ନଜରବନ୍ଦୀ କରି ଗୁରୁବାର ସନ୍ଧ୍ୟାରେ ବୈଠକ ଡକାଇଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ ଶିଶୁକନ୍ୟାଙ୍କ ଜେଜେବାପା ଲକ୍ଷ୍ମଣ ଦାସ ପୁଅବୋହୂ ପିଲା ବିକ୍ରି କରିଥିବା ନେଇ ଥାନାରେ ଏତଲା ଦେଇଛନ୍ତି। ☞ପୃଷ୍ଠା-୪

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**
ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ

# ଯୁବପିଢ଼ି ସଚେତନ ହେଲେ ଗଣତନ୍ତ୍ର ସୁଦୃଢ଼ ହେବ






ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରେ ଗୁରୁବାର 'ଧରିତ୍ରୀ' ପକ୍ଷରୁ ଆୟୋଜିତ 'ଗଣମାଧ୍ୟମ,ଗଣତନ୍ତ୍ର, ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ (ବାମ)। ମଞ୍ଚାସୀନ ଅତିଥି ଓ ବିଚାରକ ମଣ୍ଡଳୀ।

ଖୋର୍ଦ୍ଧା,୩।୮ (ପ୍ରଭାତ ପାଣିଗ୍ରାହୀ)

ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ ଯୁବସମାଜ ଏକ ପ୍ରମୁଖ ଅଙ୍ଗ। ତେଣୁ ଯୁବପିଢ଼ି ନିଜ ଦାୟିତ୍ୱକୁ ହୃଦୟଙ୍ଗମ କରିବା ସହ ସଚେତନ ହେଲେ ଗଣତନ୍ତ୍ର ସୁଦୃଢ଼ ଓ ସମୃଦ୍ଧ ପଥରେ ଆଗେଇପାରିବ। ଗଣମାଧ୍ୟମ ସମସ୍ତ ପ୍ରତିକୂଳ ପରିସ୍ଥିତିରେ ସମ୍ମୁଖୀନ ହୋଇ ନିଜ ଦାୟିତ୍ୱ ନିର୍ବାହ କରୁଛି। ତେଣୁ ଯୁବଗୋଷ୍ଠୀ ଏକ ବିକଶିତ ରାଷ୍ଟ୍ରର ବିନ୍ଧାଣି ଭାବେ ଗଣତନ୍ତ୍ରର ସୁରକ୍ଷା କରିପାରିବେ ବୋଲି ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟଠାରେ ଗୁରୁବାର ଧରିତ୍ରୀର ୫୦ବର୍ଷ ପାଳନ ଅବସରରେ ଆୟୋଜିତ ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ କଲେଜ ଅଧ୍ୟକ୍ଷା ଡ. ବିଜୟଲକ୍ଷ୍ମୀ ଦାସ କହିଥିଲେ। ଉଦ୍‌ଘାଟକ ଭାବେ ସ୍ଥାନୀୟ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଯୋଗଦେଇ କହିଲେ ଯେ, ଭାରତବର୍ଷର ବିକାଶରେ ନାରୀ ଶକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କଥାରେ ନୁହେଁ, ନିଜ କର୍ତ୍ତବ୍ୟପଥରେ ଆଗକୁ ବଢ଼ିଲେ ଗଣତନ୍ତ୍ର ସୁରକ୍ଷିତ ହେବ। ଗଣମାଧ୍ୟମକୁ ପାଥେୟ କରି ଯୁବପିଢ଼ି ବିଶେଷକରି ଯୁବତୀମାନଙ୍କୁ ସ୍ୱର ଉଠାଇବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଶିକ୍ଷାବିତ୍ ଡ. ଧୀରେନ୍ଦ୍ର ନନ୍ଦ କହିଲେ ଯେ, ସମାଜରେ ଆତ୍ମୀୟତା, ସ୍ନେହ, ଶ୍ରଦ୍ଧା କମିବାରେ ଲାଗିଛି। ଏହାକୁ ସଜାଡ଼ିବାର ଦାୟିତ୍ୱ ଯୁବପିଢ଼ିଙ୍କ ରହିଛି। ମାନସିକତାର ପରିବର୍ତ୍ତନରେ ସମାଜରେ ବ୍ୟାପକ ପରିବର୍ତ୍ତନ ଆସିପାରିବ ବୋଲି ନନ୍ଦ କହିଥିଲେ।

ବକ୍ତୃତା ପ୍ରତିଯୋଗିତାରେ ୧୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଲକ୍ଷ୍ମୀପ୍ରିୟା ରାଉତରାୟ ଓ ତାପସୀ ବଳବନ୍ତରାୟ ଯୁଗ୍ମ ପ୍ରଥମ, ସୋନାଲି ସ୍ୱର୍ଣ୍ଣଲତା ମହାପାତ୍ର ଦ୍ୱିତୀୟ ଏବଂ ଅମିତା ଦାଶ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ କହିଲେ ଯୁବଶକ୍ତି ହେଉଛି ରାଷ୍ଟ୍ରଶକ୍ତି। ଭାରତ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ଯୁବଗୋଷ୍ଠୀଙ୍କ ପ୍ରମୁଖ ଭୂମିକା ରହିଛି। ଗଣମାଧ୍ୟମ ନିରପେକ୍ଷ ଖବର ପରିବେଷଣ ଦିଗରେ ପ୍ରତିବଦ୍ଧତା ରହିବା ଜରୁରୀ। ଆଜିର ଯୁବପିଢ଼ି ସ୍ୱବିକାଶ ପରିବର୍ତ୍ତେ ଜନମାନସ, ରାଷ୍ଟ୍ର, ସହଯୋଗୀଙ୍କ ଉନ୍ନତି କଥା ଚିନ୍ତନ କରିଲେ ଗଣତନ୍ତ୍ର ମଜଭୁତ ହୋଇପାରିବ ବୋଲି କହିଥିଲେ।

ବିଚାରକ ଭାବେ କେଏମ୍‌ବିବି ଓ କିଷ୍ଟ କଲେଜର ପୂର୍ବତନ ଆସୋସିଏଟ୍ ପ୍ରଫେସର ସୃଜନ ମିଶ୍ର କହିଲେ, ଗଣତନ୍ତ୍ରର ଏକ ପ୍ରମୁଖ ଅଙ୍ଗ ଭୋଟ୍। ଭୋଟଦାନ ସମସ୍ତଙ୍କ ମୌଳିକ ଅଧିକାର। ଏଥିପ୍ରତି ସଚେତନ ହେବା ଜରୁରୀ। ଗଣମାଧ୍ୟମ ବିନା ଗଣତନ୍ତ୍ରର ଅସ୍ତିତ୍ୱ ହଜିଯିବ। ଏହାକୁ ସଜାଡ଼ିବା ଦିଗରେ ଯୁବପିଢ଼ିଙ୍କ ଗୁରୁ ଦାୟିତ୍ୱ ରହିଛି। ଅନ୍ୟତମ ବିଚାରକ ନିରାକାରପୁର କଲେଜ ଅର୍ଥନୀତି ବିଭାଗ ଅଧ୍ୟାପିକା ପ୍ରବୀଣା ପଟ୍ଟନାୟକ କହିଲେ ଯେ, ପ୍ରତିଯୋଗୀମାନେ ବିଷୟ ଉପରେ ସୁନ୍ଦର ମତ ଉପସ୍ଥାପନ କରିଥିଲେ। ନିଜ ମଧ୍ୟରେ ରହିଥିବା ଆକ୍ରୋଶକୁ ସକାରାତ୍ମକ ଏବଂ ଉପଯୁକ୍ତ ପ୍ଲାଟଫର୍ମରେ ସ୍ୱର ଉତ୍ତୋଳନ କରିବା ଉଚିତ୍। ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଦର୍ପଣ ସଦୃଶ। ଜଣେ ସଚେତନ ନାଗରିକ ଭାବେ ନିଜ ଦାୟିତ୍ୱକୁ ବୁଝିଲେ ଗଣତନ୍ତ୍ରକୁ ସୁରକ୍ଷିତ କରିପାରିବେ ବୋଲି କହିଥିଲେ। ଏହି ଅବସରରେ କଲେଜର ବରିଷ୍ଠ ପ୍ରାଧ୍ୟାପିକା କବିତା ସ୍ୱାଇଁ ଏକ କବିତା ମାଧ୍ୟମରେ ଗଣମାଧ୍ୟମ କିଭଳି ଜନଗଣ ମତକୁ ଲୋକଲୋଚନକୁ ଆଣିଥାଏ ତାହା କହିଥିଲେ। ଯୁବକମାନଙ୍କୁ ନିଜ ଦାୟିତ୍ୱବୋଧ ସମ୍ପର୍କରେ ସୂଚାଇ ଦେବା ଲାଗି ଧରିତ୍ରୀ ଆମ ପାଖରେ ପହଞ୍ଚିଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ରାଜନୀତି ବିଜ୍ଞାନ ପ୍ରାଧ୍ୟାପିକା ନୀତା ଦାସ କହିଲେ, ଆଜିର ଯୁଗର ସୂଚନା, ତଥ୍ୟର ଯୁଗ। ଯାହାଙ୍କ ପାଖରେ ଯେତିକି ତଥ୍ୟ ରହିଛି, ସେ ସେତିକି ଶକ୍ତିଶାଳୀ। ଦୈନିକ ଖବରକାଗଜ ପଢ଼। ଏଥିରେ ବହୁ ଉପାଦେୟତା ରହିଛି। କଲେଜ ଅବସର ସମୟରେ ପାଠାଗାରକୁ ଯାଅ। ନିଜ ଇଚ୍ଛା ମୁତାବକ ପୁସ୍ତକ ଅଧ୍ୟୟନ କଲେ ଜ୍ଞାନର ବିକାଶ ଘଟିବ। ସୂଚନା ପ୍ରଯୁକ୍ତିବିଦ୍ୟା ଉପରେ ଫୋକସ କଲେ ନିଜ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ହେବ ବୋଲି କହିଥିଲେ।

ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ ରଥ ପ୍ରତିଯୋଗିତାର ଆଭିମୁଖ୍ୟ ସମ୍ପର୍କରେ କହିଥିବା ବେଳେ ଜିଲା ପ୍ରତିନିଧି ପ୍ରଭାତ ପାଣିଗ୍ରାହୀ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ଜଟଣୀ ପ୍ରତିନିଧି ରବୀନ୍ଦ୍ର ନାଥ ମହାକୁଡ ଧନ୍ୟବାଦ ଦେଇଥିଲେ। ସହସମ୍ପାଦକ ଜୟନ୍ତ ବେହେରା, ସୁଶାନ୍ତ ସାହୁ, ନିରାକାରପୁର ପ୍ରତିନିଧି ମାନସ ରଞ୍ଜନ ପଟ୍ଟନାୟକ, ଗମ୍ଭାରିମୁଣ୍ଡା ପ୍ରତିନିଧି ଦିଲୀପ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଇଂରାଜୀ ପ୍ରାଧ୍ୟାପିକା ସବିତା ନାୟକ, ଗୃହ ବିଜ୍ଞାନ ଅଧ୍ୟାପିକା ସ୍ୱାତୀ ସୁଚରିତା, ରାଜନୀତି ବିଜ୍ଞାନ ଅଧ୍ୟାପିକା ଶୁଭଶ୍ରୀ ଦାସ, କ୍ରୀଡ଼ା ଅଧ୍ୟାପିକା ସାଧନା ପ୍ରଧାନ ଏବଂ ବାଣିଜ୍ୟ ବିଭାଗ ଅଧ୍ୟାପକ ବିଭୂତି ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଦେଶରେ ଯୁବପିଢ଼ିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନିଜ ମନର କଥା, ବ୍ୟଥାକୁ ଏହି ପ୍ରତିଯୋଗିତା କହିବା ସୁଯୋଗ ଦେଇଛି। ଯୁବପିଢି ହେଉଛନ୍ତି ଦେଶର ସ୍ୱର। ଜନମତକୁ ଲୋକଲୋଚନକୁ ଆଣିଥାଏ ଗଣମାଧ୍ୟମ। ମିଥ୍ୟା ଖବର ପରିବର୍ତ୍ତେ ସତ୍ୟଖବର ପ୍ରକାଶ କରୁ। ଯୁବପିଢି ହିଁ ନିଜ ଶକ୍ତି ସାମର୍ଥ୍ୟ ବଳରେ ନୂତନ ଦିଶା ଦେଇପାରିବେ।

**– ଲକ୍ଷ୍ମୀପ୍ରିୟା ରାଉତରାୟ, ଯୁଗ୍ମ ପ୍ରଥମ**



ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗଣମାଧ୍ୟମ ହେଉଛି ୪ର୍ଥ ସ୍ତମ୍ଭ। ଆଧୁନିକ ଯୁଗ ହେଉଛି ଗଣମାଧ୍ୟମର ଯୁଗ। ଯୁବପିଢ଼ି ସୋସିଆଲ ମିଡିଆରେ ନିମଗ୍ନ ରହି ନିଜ ଦାୟିତ୍ୱ ଠାରୁ ଦୂରେଇ ଯାଉଛନ୍ତି। ଏହା ଦେଶ ପାଇଁ ଶୁଭଙ୍କର ନୁହଁ। ଯୁବପିଢି ଚାହିଁଲେ ଅନେକ ପରିବର୍ତ୍ତନ ଆଣିପାରିବେ। ଧରିତ୍ରୀର ଏହି ପ୍ରୟାସ ଅତ୍ୟନ୍ତ ସ୍ୱାଗତଯୋଗ୍ୟ।

**– ତାପସୀ ବଳବନ୍ତରାୟ ଯୁଗ୍ମ ପ୍ରଥମ**

## ବିଜେତାଙ୍କ ମୁଖରୁ



ଗଣମାଧ୍ୟମ ନିରପେକ୍ଷତା ବଜାୟ ରଖିଛି। ଏହା ପ୍ରତିଟି ଖବରକୁ ଲୋକଲୋଚନକୁ ଆଣିବା ସହ ଗଣ ଓ ତନ୍ତ୍ର ମଧ୍ୟରେ ସଂଯୋଗ ସେତୁ ଭାବେ କାର୍ଯ୍ୟ କରିଥାଏ। ବିଶ୍ୱର ସର୍ବବୃହତ୍‌ଗଣତନ୍ତ୍ର ରାଷ୍ଟ୍ର ହେଉଛି ମୋ ଭୂମି ଭାରତ। ଏହାର ଅଖଣ୍ଡତା, ଏକତା, ସାର୍ବଭୌମ, ଧର୍ମନିରପେକ୍ଷତା ବଜାୟ ରଖିବା ଯୁବପିଢିଙ୍କ ଦାୟିତ୍ୱ।

**– ସୋନାଲି ସ୍ୱର୍ଣ୍ଣଲତା ମହାପାତ୍ର, ଦ୍ୱିତୀୟ**



କରୋନା ଭଳି ମହାମାରୀ ସମୟରେ ସହରଠାରୁ ଗ୍ରାମାଞ୍ଚଳର ଲୋକଙ୍କୁ ସଚେତନ, ଜାଗ୍ରତ ଦିଗରେ ଗଣମାଧ୍ୟମର ଭୂମିକାକୁ ଭୁଲି ହେବନି। ଦେଶ ବିଦେଶର ପ୍ରମୁଖ ଖବର ଗଣମାଧ୍ୟମ ପହଞ୍ଚାଇଥାଏ। ଗଣମାଧ୍ୟମ ତାର ଦାୟିତ୍ୱ କରୁଛି। ଯୁବପିଢ଼ିଙ୍କ ମଧ୍ୟରେ ଦାୟିତ୍ୱବୋଧକୁ ଜାଗ୍ରତ କରିବା ପାଇଁ ଧରିତ୍ରୀ ପକ୍ଷରୁ ଯେଉଁ ପ୍ରୟାସ ଜାରି ରହିଛି, ତାହା ଯୁବପିଢ଼ିକୁ ନିଶ୍ଚିତ ଭାବେ ସହାୟ ହେବ।

**– ଅମିତା ଦାଶ, ତୃତୀୟ**


ମୋନାଲିସା ସାମନ୍ତରାୟ


ସରସ୍ୱତୀ ସାହୁ


ମିକି ସାହୁ


ମାନିନୀ ସୁବୁଦ୍ଧି


ଲିଜାରାଣୀ ବାରିକ


ଅଞ୍ଜୁଶ୍ରୀ ମହାପାତ୍ର

# ନବଜାତ ଶିଶୁ, ମା'ଙ୍କ ମୃତ୍ୟୁ

ଦଶମନ୍ତପୁର, ୩।୮ (ଅରବିନ୍ଦ ନାୟକ)

**ଠିକ୍ ସମୟରେ ପହଞ୍ଚିଲାନି ଆମ୍ବୁଲାନ୍ସ**

ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ଯୋଗୁ ଜଣେ ଗର୍ଭବତୀ ମହିଳା ଏବଂ ନବଜାତ ଶିଶୁଙ୍କ ମୃତ୍ୟୁ ହୋଇଛି। ଏହି ଘଟଣା କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଆଲୋଡନ ଖେଳାଇ ଦେଇଛି। ବ୍ଲକର ଦୁଆରଶୁଣି ପଞ୍ଚାୟତର ମାଣ୍ଡ୍ରା ଗ୍ରାମରେ ଏପରି ଘଟିଛି। ମୃତ ମହିଳା ଜଣକ ହେଲେ ଗ୍ରାମର ଖଗପତି ଜାନିଙ୍କ ସ୍ତ୍ରୀ ବାଲ୍‌ମତି (୩୫)। ଖବରରୁ ଜଣାପଡିଛି, ଖଗପତିଙ୍କ ସ୍ତ୍ରୀ ବାଲ୍‌ମତି ଗର୍ଭବତୀ ଥିଲେ। ଗୁରୁବାର ଅପରାହ୍ନ ୪ଟାରେ ତାଙ୍କର ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ସଙ୍ଗେ ସଙ୍ଗେ ଖଗପତି ୧୦୨ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ତେବେ ଆମ୍ବୁଲାନ୍ସଟି ୨ ଘଣ୍ଟା ବିଳମ୍ବ କରି ସନ୍ଧ୍ୟା ୬ଟାରେ ମାଣ୍ଡ୍ରା ଗ୍ରାମରେ ପହଞ୍ଚିଥିଲା। ସେତେବେଳକୁ ବାଲ୍‌ମତି ଏକ ସନ୍ତାନ ଜନ୍ମ ଦେଇ ସାରିଥିଲେ। ତେବେ ପ୍ରସୂତି ପରବର୍ତ୍ତୀ ଚିକିତ୍ସା ଅଭାବରୁ ମାଆ ଓ ନବଜାତକ ସନ୍ତାନର ମୃତ୍ୟୁ ହୋଇଯାଇଥିଲା ବୋଲି ତାଙ୍କ ସ୍ୱାମୀ ଖଗପତି କହିଛନ୍ତି। ଠିକ୍ ସମୟରେ ଯଦି ଆମ୍ବୁଲାନ୍ସ ପହଞ୍ଚି ସ୍ତ୍ରୀଙ୍କୁ ଦଶମନ୍ତପୁର ଡାକ୍ତରଖାନା ନେଇଥାନ୍ତା ତା' ହେଲେ ମୋ ଛୁଆ ଓ ସ୍ତ୍ରୀଙ୍କ ଜୀବନ ରକ୍ଷା ହୋଇଥାନ୍ତା ବୋଲି ଖଗପତି ପ୍ରକାଶ କରିଛନ୍ତି।

## ବନ୍ୟା ସ୍ରୋତରେ ଭାସିଗଲେ ନାବାଳକ

ଧାମନଗର,୩।୮ (ଦେବେନ୍ଦ୍ର ଆଦିଆ): ବୈତରଣୀ, ଗେଙ୍ଗୁଟି ଓ କୋଚିଲା ନଦୀରେ ବଡ଼ ଧରଣର ବନ୍ୟା ଆସି ଭଦ୍ରକ ଧାମନଗର ବ୍ଲକ୍‌ର ବହୁ ଅଞ୍ଚଳ ପ୍ରଭାବିତ ହୋଇଛି। ବନ୍ୟାଜଳ ରାସ୍ତାଘାଟ, ଗାଁ ଦାଣ୍ଡ, କେତେକଙ୍କ ଘରେ ଓ ଚାଷଜମିରେ ପଶି ଜଳମଗ୍ନ କରିଛି। ଗୁରୁବାର ସକାଳେ ଭଦ୍ରକ ଜିଲା ଧାମନଗର ବ୍ଲକ୍ ଖଡ଼ିପଦା ପଞ୍ଚାୟତ କାଞ୍ଚିଆପାଳ ଗ୍ରାମର ସୁଜୟ ଦାସଙ୍କ ନାବାଳକ ପୁଅ ଆକାଶ (୯) ବନ୍ୟା ସୋତରେ ଭାସି ନିଖୋଜ ଅଛନ୍ତି। ଆକାଶ ଗେଙ୍ଗୁଟି ନଦୀର ପାହାଡ଼ପୁରଠାରେ ଥିବା ଗାଇଛନ୍ଦା ଏସ୍କେପ ନିକଟରେ ବନ୍ୟା ଦେଖିବା ପାଇଁ ଯାଇଥିଲେ। ସେଠାରେ ଗୋଡ଼ ଧୋଉଥିବା ବେଳେ ବନ୍ୟା ସ୍ରୋତରେ ଗୋଡ଼ ଖସି ନିଖୋଜ ହୋଇଥିବା ଜଣାଯାଇଛି। ଖବର ପାଇ ଓଡ୍ରାଫ ଟିମ୍ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନାହିଁ।

# ଗଜ ଗର୍ଜନରେ ଥରହର ୪ ଗାଁ

ଢେଙ୍କାନାଳ, ୩।୮ (ରତନ ନାୟାର)

ପଲରୁ ଅଲଗା ହୋଇ ଜନବସତିମୁହାଁ ହୋଇଥିବା ୨ ଦନ୍ତା ପାଇଁ ଗୁରୁବାର ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ ଅଞ୍ଚଳରେ ସୃଷ୍ଟି ହୋଇଛି ଭୟଙ୍କର ସ୍ଥିତି। ଦୀର୍ଘ ୭ ଘଣ୍ଟା ଧରି ଦୁଇ ହାତୀ ଆତଙ୍କ ସୃଷ୍ଟି କରିଥିବାବେଳେ ସେମାନଙ୍କ ଗର୍ଜନରେ ଥରହର ହୋଇଥିଲା ୪ ଗାଁ। ବାବନ୍ଧ, ରାସୋଳ, ଖଜୁରିଆକଟାର ବନ ବିଭାଗ କର୍ମଚାରୀ, ୧୫ ଗାଡ଼ି ଏପିଆର୍ ପୋଲିସ ଫୋର୍ସର ୭ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ଦୁଇ ଦନ୍ତା ଜଙ୍ଗଲମୁହାଁ ହୋଇଛନ୍ତି। ହେଲେ କୌଣସି ସମୟରେ ସେମାନେ ପୁଣି ଫେରିବା ଆଶଙ୍କା ଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନ ବିଭାଗର କହିବା କଥା, ନିମିଧା ସଂରକ୍ଷିତ ଜଙ୍ଗଲରୁ ପଲରୁ ଅଲଗା ହୋଇ ଗ୍ରାମାଭିମୁଖୀ ହୋଇଥିବା ଉକ୍ତ ଦୁଇ ଦନ୍ତା ପ୍ରଥମେ ପଞ୍ଚୁପଡା ତେନ୍ତୁଳିଆସାହିରେ ଉପଦ୍ରବ ସୃଷ୍ଟି କରିଥିଲେ। ଏହାପରେ ବେଡ଼ା ଗ୍ରାମ ଛକଦେଇ ଗ୍ରାମରେ ପ୍ରବେଶ କରିଥିଲେ। କିଛି ସମୟ ପରେ ଖଜୁରିଆକଟା ସିତୁରାସାହିରେ ପଶି ଦୀର୍ଘ ସମୟ ଧରି ରାସ୍ତାରେ ଛିଡ଼ା ହୋଇ ରହିଥିଲେ। ଖଜୁରିଆକଟା-ବେଡା ରାସ୍ତାରେ ସେମାନେ ଚଳପ୍ରଚଳ କରିବା ପରେ ସୁରକ୍ଷା ଦୃଷ୍ଟିରୁ ଯାନବାହନ ଚଳାଚଳ ବନ୍ଦ କରାଯାଇଥିଲା। ତେବେ କେତେଜଣ ବିଶୃଙ୍ଖଳିତ ଗ୍ରାମବାସୀ ହାତୀଙ୍କ ଉପରକୁ ପଥର ମାଡ଼ କରିବା ପରେ ସେମାନେ ଉଗ୍ର ଆଚରଣ ପ୍ରଦର୍ଶନ କରିଥିଲେ। ଆକ୍ରମଣ କରିବାକୁ ଲୋକଙ୍କୁ ଗୋଡ଼ାଇଥିଲେ। ଫଳରେ ହାତୀ ଘଉଡ଼ାଇବା କାର୍ଯ୍ୟରେ ନିୟୋଜିତ ବନ କର୍ମଚାରୀ ମଧ୍ୟ ଭୟଭୀତ ହୋଇପଡ଼ିଥିଲେ। ଏପରି କି ହାତୀ ଦଳିଦେବା ଭଳି ସ୍ଥିତି ମଧ୍ୟ ଉପୁଜିଥିଲା। ତେବେ ବନ କର୍ମଚାରୀ ଲୋକଙ୍କୁ ବୁଝାଶୁଝା କରି ଦୂରକୁ ନେବା ପରେ ହାତୀ ଘଉଡ଼ା ଅଭିଯାନ ଆରମ୍ଭ ହୋଇଥିଲା। ଅପରାହ୍ନ ସାଢ଼େ ୪ଟାରେ ଗୋଟିଏ ହାତୀ କୋଇ ସଂରକ୍ଷିତ ଜଙ୍ଗଲକୁ ପଳାଇଥିଲା। ଅନ୍ୟ ଦନ୍ତାଟି ଗୁରିଲୋ ଗ୍ରାମ ନିକଟ କାଜୁ ଜଙ୍ଗଲରେ ଡେରା ପକାଇଥିଲା। ସେଠାରୁ ବାହାରି ସନ୍ଧ୍ୟାରେ ପଞ୍ଚୁପଡା ନିକଟ ଗ୍ରାମ ଜଙ୍ଗଲକୁ ଯାଇଥିବା ରେଞ୍ଜର ଲୋହିତ ରଥ ସୂଚନା ଦେଇଛନ୍ତି। ବନ କର୍ମଚାରୀ ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି।

**ଏସ୍.ଇ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆରଡି), ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି । ଟେଣ୍ଡରଗୁଡ଼ିକ ତା୨୫।୦୮।୨୦୨୩ରିଖ ୧୫.୩୦ ଘଟିକାରେ ଖୋଲିବା ପାଇଁ ଧାର୍ଯ୍ୟ ହୋଇଛି । ଏହି ଟେଣ୍ଡର ପାଇଁ ମାନୁଆଲ୍ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ ନିମ୍ନ ଅନୁଯାୟୀ ହେବ: (୧) ସିକେପି-ଡି-୮୪୧,** ଚକ୍ରଧରପୁର ଡିଭିଜନରେ ଷ୍ଟପ୍ ସିଗ୍ନାଲ ସାମ୍ନାରେ ଇନ୍‌ସୁଲେଟେଡ୍ ଓଭରଲାପ୍‌ର ସ୍ଥାନାନ୍ତରଣ (ପର୍ଯ୍ୟାୟ-୧) । **ଟେଣ୍ଡର ମୂଲ୍ୟ:** ₹୭,୮୧,୩୯,୮୫୧.୦୫ । **ଇଏମ୍‌ଡି:** ₹୫,୪୦,୭୦୦/- । **(୨) ସିକେପି-ଡି-୮୩୬,** ଚକ୍ରଧରପୁର ଡିଭିଜନରେ ଗୋଇଲକେରା-ପୋସୋଟିଆ ସେକ୍ସନ ମଧ୍ୟରେ ଅପ୍ ଏବଂ ଡାଉନ୍ ସରଣ୍ଡା ଟନେଲ୍ ସେକ୍ସନରେ କାଣ୍ଟିଲିଭର ଆସେମ୍ବ୍ଲିର ସ୍ଥାପନ ପାଇଁ ସ୍କୋୟାର୍ ଷ୍ଟବ୍‌ର ବ୍ୟବସ୍ଥା ସମେତ ପୁରୁଣା କାଣ୍ଟିଲିଭର ସପୋର୍ଟ ଚ୍ୟାନେଲକୁ ସଂଶୋଧନ କରିବା । **ଟେଣ୍ଡର ମୂଲ୍ୟ:** ₹୩୮,୮୩,୯୮୪.୪୮ । **ଇଏମ୍‌ଡି:** ₹୭୭,୭୦୦/- । **ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ:** ପ୍ରତ୍ୟେକ ପାଇଁ ତା୨୫।୦୮।୨୦୨୩ରିଖ ୧୫.୩୦ ଘଟିକା । **ସମାପ୍ତି ଅବଧି:** କ୍ର.ସଂ. ୧ ପାଇଁ ୧୨ ମାସ, କ୍ର.ସଂ. ୨ ପାଇଁ ୦୬ ମାସ । **ଇ-ଟେଣ୍ଡର ଖୋଲାଯିବା ସ୍ଥାନ:** ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଡି/ଦକ୍ଷିଣ ପୂର୍ବ ରେଳପଥ । **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା୨୫।୦୮।୨୦୨୩ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୨୫।୦୮।୨୦୨୩ରିଖ ୧୫.୩୦ ଘଟିକା । ଇ-ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । **(PR-468)**

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.- ୦୬୧୨-୨୨୨୫୯୪୯ ଇ-ମେଲ୍: rmpat@cewacor.nic.in
ନଂ.: ସିଡବ୍ଲ୍ୟୁସି/ଆରଓ ପିଏଟି/ଇଏନ୍‌ଜିଜି/ପିଏନ୍/୨୦୨୩-୨୪
**ପ୍ରେସ୍ ବିଜ୍ଞପ୍ତି**
**(ନଂ. ସିଡବ୍ଲ୍ୟୁସି/ଆର୍‌ଓ-ପିଏଟି/ଇଏନ୍‌ଜିଜି/୨୩-୨୪/୧୩)**
ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଟେଣ୍ଡର ଆହ୍ୱାନ କରୁଛି:

| କ୍ର. ସଂ. | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ (ଟ. ଲକ୍ଷରେ) | ଅନ୍‌ଲାଇନ୍ ଦାଖଲର ଶେଷ ତାରିଖ |
|---|---|---|---|
| ୧ | ସିଡବ୍ଲ୍ୟୁ, ବଲଜିତପଦ୍ୱାଠାରେ ପାଚେରିର ପୁନଃ ନିର୍ମାଣ, ଶ୍ରମିକ ଶୌଚାଳୟ ନିର୍ମାଣ, ସଡ଼କ, ଗୋଦାମର ଉନ୍ନତୀକରଣ ଓ ଅନ୍ୟାନ୍ୟ ସିଭିଲ କାର୍ଯ୍ୟ । | ୫୬.୭୪ | ୧୧।୦୮।୨୦୨୩ |

ସବିଶେଷ ଟେଣ୍ଡର ବିଜ୍ଞପ୍ତି ସମେତ ଠିକାର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ http://eprocure.gov.in/epublish/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ ।
ଏହି ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ଉପରଦର୍ଶିତ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ । ଏଥିପାଇଁ ଖବରକାଗଜରେ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବ ନାହିଁ । **ନିର୍ବାହୀ ଯନ୍ତ୍ରୀ**

**BADRIPRASAD Group of Institutions**
**NURSING PROGRAMMES**
**B.Sc Nursing**
Eligibility : +2 Science PCB with 45% Genral, 40% ST/SC
**PB BSc Nursing**
Eligibility : GNM Pass with onmrc Registration
**BADRIPRASAD Institute of Medical Science SAMBALPUR**
9937380097, 9238400140, 8908119285
AT- DEBAIPALI, MAJHIPALI CHOWK, PO - SASON, DIST:-SAMBALPUR, PIN-768200
Web:: www.bitsambalpur.org / Email: bitechsbp@gmail.com / bcctsbp@gmail.com
**BADRIPRASAD College of Nursing BARGARH**
7504241329, 7978356289, 9668822600
At - Ambapali, Ward No. 17, Po/PS/ Dist - Bargarh, PIN - 768028,
Email : badriprasad.nursing@gmail.com

**ODISHA ELECTRICITY REGULATORY COMMISSION**
PLOT NO. 4, CHUNOKOLI, SHAILASHREE VIHAR,
BHUBANESWAR – 751021, Tel. No. (0674) 2721048/ 2721049 (PBX),
Fax : (0674) 2721053/2721057
E-mail : orierc@gmail.com,Website : www.orierc.org
**PUBLIC NOTICE**
Case No. 73 of 2023
**Hearing of Application for approval of Supplementary Capital Investment Plan for the FY 2023-24 for mitigation of low voltage problems in the licensed area of its operation in compliance to the directions of the Commission in the vesting order dated 26.05.2020 passed in Case No.11 of 2020 as well as the OERC (Terms and Conditions for determination of Wheeling Tariff and Retail Supply Tariff) Regulations, 2022.**
M/s. TP Central Odisha Distribution Ltd. **(TPCODL)** has filed an application before this Commission for approval of Supplementary Capital Investment Plan for the FY 2023-24 for mitigation of low voltage problems in the licensed area of its operation. The Commission has registered it as **Case No.73 of 2023** and has decided to dispose of this case through a public hearing. The petition along with all Annexures submitted by M/s. TPCODL in this regard is available in OERC website **(www.orierc.org)** and also in TPCODL's website **www.tpcentralodisha.com**. The persons/ organizations those who are interested to participate in the above proceeding may file their objections/suggestions, if any, on the present petition of M/s. TPCODL by **16.08.2023** with a copy to the petitioner. M/s. TPCODL is directed to file its rejoinder to the objections/suggestions of the Respondents by **21.08.2023** with a copy to the Respondents.The Commission will hear the matter on 22.08.2023 at 11.00A.M.
**Dated: 03.08.2023**
**By Order of the Commission**
**Sd/-**
**SECRETARY**

**ODISHA STATE CIVIL SUPPLIES CORPORATION LTD**
C/2, Nayapalli, Bhubaneswar-12, www.oscsc.in
CIN : U51211OR1980OSGC000894
Tel.No.0674-2395391, Fax No.0674-2395291
**RFP ADVT.No.11299/OSCSC** **Date : 02.08.2023**
**Request for Proposal (RFP) for 'Selection of Service Providing Agency (SPA) for Engagement of Project Associate (Legal) at HO/District on Outsourcing Basis'**
Proposals are invited from interested bidders registered under the Companies Act-1956/2013 or any other legal entity registered in India and having valid registration certificate and eligibility as per the criteria given in the Request for Proposal (RFP) published in the official website **www.foododisha.in & www.oscsc.in** for **"Selection of Service Providing Agency (SPA) for Engagement of Project Associate (Legal) At HO/District on Outsourcing Basis"**. The details of time table of the RFP are as under.

| Sl. No. | Event Description | Date |
|---|---|---|
| 1. | Publication of RFP in website | 04.08.2023 |
| 2. | Pre-Bid Meeting | 09.08.2023 at 16:00 Hours at Conference Hall, OSCSC Ltd., C/2, Nayapalli, Bhubaneswar-751012 |
| 3. | Last date and time for online submission of proposal | 31.08.2023 by 17.00 Hours. |
| 4. | Opening of Technical Proposal | **01.09.2023 by 16.00 Hours** at Conference Hall, OSCSC Ltd., C/2, Nayapalli, Bhubaneswar-751012 |
| 5. | Presentation by Bidders Qualified in Eligibility Criteria | The date and time will be intimated to the bidders by e-mail. Venue will be the Conference Hall, OSCSC Ltd., C/2, Nayapalli, Bhubaneswar-751012 |
| 6. | Operning of Financial Bid | To be intimated to the Technically Qualified Bidders through registered mail ID |

Any amendment in the tender document due to decision in pre-bid meeting/extension of bid if any shall be notified in the websites mentioned above. The proposals shall be submitted through speed post/registered post only to **The Managing Director, Odisha State Civil Supplies Corporation Ltd., Nayapalli, Bhubaneswar-751012 and Odisha**. The authority reserves the right to cancel any or the entire selection process without assigning any reason thereof.
**By Order of Managing Director**
**Sd./-**
**General Manager (Admn.)**




# ଲୋକଙ୍କ ମୁହଁରେ ସବୁଦିନ ହସ ଫୁଟାଇବା ସରକାରଙ୍କ ପ୍ରାଥମିକତା: ମନ୍ତ୍ରୀ

**ଭୁବନେଶ୍ୱର, ୩।୮ (ସୁନିତ୍ ମିଶ୍ର)**

ଭାରତର ଆତ୍ମା ଗାଁରେ ରହିଛି। ମହାତ୍ମା ଗାନ୍ଧୀଙ୍କ ଏହି ଉକ୍ତିଟିକୁ ଓଡ଼ିଶା ସରକାର ସବୁଠାରୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଗ୍ରାମୀଣ ଓଡ଼ିଶାର ସର୍ବାଙ୍ଗୀନ ବିକାଶକୁ ପ୍ରାଧାନ୍ୟ ଦେବା ସହ ଗ୍ରାମୀଣ ଗରିବ ଲୋକର ମୁହଁରେ କେମିତି ସବୁଦିନ ପାଇଁ ହସ ଫୁଟିବ ତାହା ରାଜ୍ୟ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ରହିଛି। ସେହି ଅବଲୋକନରେ 'ଗ୍ରାମୀଣ ଇଣ୍ଡଷ୍ଟ୍ରିଆଲ୍ ପାର୍କ', 'ମୋ ଘର', 'ଆମ ଓଡିଶା ନବୀନ ଓଡିଶା' ଭଳି ମହତ୍ୱାକାଂକ୍ଷୀ ଯୋଜନାର ଶୁଭାରମ୍ଭ କରାଯାଇଛି। ଏହା ସହିତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ସଫଳ କାର୍ଯ୍ୟକାରୀ କରିବାରେ ଓଡ଼ିଶା ଅନ୍ୟ ରାଜ୍ୟଗୁଡିକଠାରୁ ଆଗୁଆ ଅଛି। ଜନସାଧାରଣ, ପଞ୍ଚାୟତିରାଜ ଅନୁଷ୍ଠାନର ପ୍ରତିନିଧିମାନଙ୍କ ସହଯୋଗ ଓ କ୍ଷେତ୍ର ଅଧିକାରୀମାନଙ୍କ କ୍ରିୟାଶୀଳତା ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ମନ୍ତ୍ରୀ ପ୍ରଦିପ ଅମାତ କହିଛନ୍ତି। ଏସଆଇଆରଡି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲା ପରିଷଦ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ୨ ଦିନିଆ ସମ୍ମିଳନୀରେ ସଭାପତିତ୍ୱ କରି ମନ୍ତ୍ରୀ ଅମାତ କହିଛନ୍ତି ଯେ, ଗ୍ରାମୀଣ ଇଣ୍ଡଷ୍ଟ୍ରିଆଲ ପାର୍କଗୁଡ଼ିକ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ସମନ୍ୱୟ କରାଯାଇ ପ୍ରତିଷ୍ଠା କରାଯାଇଛି। କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକରେ ଏହାର ଏକ ସଫଳ ପରୀକ୍ଷଣ କରାଯାଇଛି। ଏହି ପ୍ରକଳ୍ପ ଗ୍ରାମୀଣ ମହିଳା ଉତ୍ପାଦନକାରୀଙ୍କୁ ଜଣେ ସଫଳ ଉଦ୍ୟୋଗୀ ଭାବେ ପରିଣତ କରିବା, ସ୍ଥାନୀୟ ବେକାରଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ବଜାର ଭିତ୍ତିକ ପ୍ରକ୍ରିୟା ମାଧ୍ୟମରେ ଗ୍ରାମୀଣ ଉତ୍ପାଦ ପାଇଁ ଉପଯୁକ୍ତ ବଜାର ଚାହିଦା ସୃଷ୍ଟି କରିବାରେ ସାହାଯ୍ୟ କରିବ। ଏହି ପ୍ରକଳ୍ପର ନୂତନ ଭାବେ ପରିଯୋଜନା ତଥା କାର୍ଯ୍ୟକାରୀ କରିବା ପାଇଁ ଓରମାସକୁ ଦାୟିତ୍ୱ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୭୫ଟି ବ୍ଲକ ଏବଂ ୨ୟ ପର୍ଯ୍ୟାୟରେ ୪୫ଟି ବ୍ଲକରେ ଉତ୍ପାଦନ, ପ୍ରକ୍ରିୟାକରଣ ଏବଂ ସମନ୍ୱିତ ଚାଷ କ୍ଷେତ୍ରରେ ଏହି ପାର୍କ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଅମାତ କହିଛନ୍ତି।




# ୟୁଜି, ପିଜି ନାମଲେଖା ଅବଧି ବଢ଼ିଲା

**ଭୁବନେଶ୍ୱର,୩।୮ (ଅନୁରାଧା ମହାରଣା)**

ରାଜ୍ୟରେ ଗତ କିଛିଦିନ ଧରି ଲଗାଣ ବର୍ଷା ଓ ବନ୍ୟା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ନାତକ(ସ୍ନାତକ) ଓ ସ୍ନାତକୋତ୍ତର(ପିଜି) ନାମଲେଖା ଅବଧି ବୃଦ୍ଧି କରାଯାଇଛି। ଏଥିପାଇଁ ୟୁଜି ନାମଲେଖା ଓ ଆବେଦନକାରୀଙ୍କ ରିପୋର୍ଟିଂ ତଥା ଦ୍ୱିତୀୟ ପର୍ଯ୍ୟାୟ ଚୟନ ଏବଂ ପିଜି ପ୍ରଥମ ପର୍ଯ୍ୟାୟ ଚୟନ ଅଗଷ୍ଟ ୫ ଶନିବାରକୁ ପରିବର୍ତ୍ତିତ କରାଯାଇଛି। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି।

# ବୃଦ୍ଧି ହେଲା ରୋଗୀଙ୍କ ଖାଦ୍ୟ ଅନୁଦାନ

**ଭୁବନେଶ୍ୱର,୩।୮ (ଅନିଲ ଦାସ)**

- **ଖର୍ଚ୍ଚ ହେବ ୬୪ କୋଟି**
- **ଉପକୃତ ହେବେ ୪୨ ଲକ୍ଷରୁ ଊର୍ଦ୍ଧ୍ୱ ରୋଗୀ**

ସରକାରୀ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହେଉଥିବା ଇନ୍‌ଡୋର ରୋଗୀଙ୍କ ପାଇଁ ଦିଆଯାଉଥିବା ଖାଦ୍ୟ ଅନୁଦାନରେ ରାଜ୍ୟ ସରକାର ୩୦ ପ୍ରତିଶତ ବୃଦ୍ଧି କରିଛନ୍ତି। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ବାର୍ଷିକ ୬୪ କୋଟି ଟଙ୍କା ଖର୍ଚ୍ଚ ହେବ । ଫଳରେ ୪୨ ଲକ୍ଷରୁ ଊର୍ଦ୍ଧ୍ୱ ରୋଗୀ ଉପକୃତ ହେବେ। ନିଆଯାଇଥିବା ନୂଆ ନିଷ୍ପତ୍ତି ଅନୁଯାୟୀ ଡାକ୍ତରଖାନାଗୁଡିକରେ ଶଯ୍ୟା ପିଛା ଦିଆଯାଉଥିବା ସାଧାରଣ ଦୈନିକ ଖାଦ୍ୟ ବାବଦକୁ ୮୫ ଟଙ୍କା ବଦଳରେ ୧୧୦ ଟଙ୍କା, ଶିଶୁମାନଙ୍କ ପାଇଁ ଦିଆଯାଉଥିବା ଦୈନିକ ୭୫ ଟଙ୍କାରୁ ୯୫ ଟଙ୍କା, ଉଚ୍ଚ ପୁଷ୍ଟିସାରଯୁକ୍ତ ଖାଦ୍ୟ ପାଇଁ ଦିଆଯାଉଥିବା ଦୈନିକ ୯୫ ଟଙ୍କାରୁ ୧୨୦ ଟଙ୍କା, ଶୁଖିଲା ଖାଦ୍ୟ ପାଇଁ ଦିଆଯାଉଥିବା ଦୈନିକ ୭୫ ଟଙ୍କାରୁ ୯୫ ଟଙ୍କା ଏବଂ ତରଳ ଖାଦ୍ୟ ବାବଦକୁ ଦିଆଯାଉଥିବା ଦୈନିକ ୮୫ ଟଙ୍କାରୁ ୧୧୦ ଟଙ୍କାକୁ ବୃଦ୍ଧି କରାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟର ୬୧୮ ସରକାରୀ ଡାକ୍ତରଖାନାରେ ଏହି ବର୍ଦ୍ଧିତ ମୂଲ୍ୟରେ ଖାଦ୍ୟ ଯୋଗାଇ ଦିଆଯିବ। ରାଜ୍ୟ ସରକାର ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଲକ୍ଷ୍ୟ ହାସଲ ତଥା ଚିକିତ୍ସା ନିମନ୍ତେ ବ୍ୟକ୍ତିଗତ ଖର୍ଚ୍ଚକୁ ହ୍ରାସ କରିବା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣା ସ୍ୱାସ୍ଥ୍ୟସେବା ପ୍ରଦାନ, ନିଦାନ ଜରିଆରେ ମାଗଣା ରୋଗ ଚିହ୍ନଟ ନିମନ୍ତେ ପରୀକ୍ଷା, ନିରାମୟ ଜରିଆରେ ମାଗଣା ଔଷଧ ପ୍ରଦାନ, ସହାୟ ଜରିଆରେ ମାଗଣା ଡାଏଲିସିସ୍ ସେବା, ମାଗଣା ରକ୍ତସେବା, ମାଗଣା ଆମ୍ବୁଲାନ୍ସ ସେବା ଇତ୍ୟାଦି ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନାରେ ଯୋଗାଇ ଦିଆଯାଉଛି।

# ଭାରତରେ ବିଦେଶୀ ଛାତ୍ରୀଛାତ୍ରଙ୍କ ଏକାଡେମିକ୍ ଯାତ୍ରା ସହଜ ହେବ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୩।୮ (ସୁନିତ୍ ମିଶ୍ର)**

ଭାରତରେ ପଢ଼ିବାକୁ ଚାହୁଁଥିବା ବିଦେଶୀ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ଗୁରୁବାର ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଏସ୍. ଜୟଶଙ୍କରଙ୍କ ଦ୍ୱାରା 'ଷ୍ଟଡି ଇନ୍ ଇଣ୍ଡିଆ'(ଏସ୍‌ଆଇଆଇ) ପୋର୍ଟାଲର ଶୁଭାରମ୍ଭ କରାଯାଇଛି। ଉକ୍ତ ପୋର୍ଟାଲ ଭାରତରେ ପଢିବାକୁ ଚାହୁଁଥିବା ବିଦେଶୀ ଛାତ୍ରୀଛାତ୍ରଙ୍କ ଏକାଡେମିକ୍ ଯାତ୍ରାକୁ ସହଜ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି, ଶିକ୍ଷା ମନ୍ତ୍ରଣାଳୟ, ବର୍ହିବ୍ୟାପାର ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ମିଳିତ ଉଦ୍ୟମରେ ଏହି ପୋର୍ଟାଲ ପ୍ରସ୍ତୁତ ହୋଇଛି। ଷ୍ଟଡି ଇନ୍ ଇଣ୍ଡିଆ ପୋର୍ଟାଲ ଭାରତରେ ପାଠ ପଢୁଥିବା ବିଦେଶୀ ଛାତ୍ରୀଛାତ୍ରଙ୍କୁ ସୁବିଧା ପ୍ରଦାନ କରିବ। ପିଲାଙ୍କ ପଞ୍ଜୀକରଣ ଓ ଭିସା ଆବେଦନ ସହ ଗୋଟିଏ ପ୍ଲାଟ୍‌ଫର୍ମରେ ସବୁ ସମସ୍ୟାର ସମାଧାନ ହେବ। ଏହି ପୋର୍ଟାଲରେ ବିଦେଶରୁ ଆସି ଭାରତରେ ଅଧ୍ୟୟନ କରିଥିବା ପୁରାତନ ପିଲାଙ୍କ ଡାଟା ବ୍ୟାଙ୍କ୍ ରହିବ, ଯାହା ମାଧ୍ୟମରେ ଭାରତକୁ ଆସୁଥିବା ବିଦେଶୀ ଛାତ୍ରମାନେ ପୁରାତନଙ୍କ ସହ ଯୋଗସୂତ୍ର ରକ୍ଷା କରିପାରିବେ। ଷ୍ଟଡି ଇନ୍ ଇଣ୍ଡିଆ ଭାରତ ସରକାରଙ୍କ ଏକ ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ, ଯାହା ସରକାରଙ୍କ ମଧ୍ୟରେ ନୀତିଗତ ଓ ଉଚ୍ଚଶିକ୍ଷାନୁଷ୍ଠାନ ମଧ୍ୟରେ ସହଭାଗିତାକୁ ମଜଭୁ କରିବ। ଯୁବବର୍ଗଙ୍କୁ ବୈଶ୍ୱିକ ନେତୃତ୍ୱ ଭାବେ ପ୍ରତିଷ୍ଠା କରିବ। ଭାରତ ନବସୃଜନ ଓ ଟେକ୍ନୋଲୋଜିର କେନ୍ଦ୍ରସ୍ଥଳୀ ହେବା କାରଣରୁ ବିଶ୍ୱର ଛାତ୍ରୀଛାତ୍ରଙ୍କ ପାଇଁ ଅଧ୍ୟୟନ କରିବା ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ ଭାବେ ଉଭା ହୋଇଛି। ବିଦେଶୀ ବିଶ୍ୱବିଦ୍ୟାଳୟ ସହ ସହଭାଗିତା, ଉଚ୍ଚଶିକ୍ଷାନୁଷ୍ଠାନଗୁଡିକରେ ଅନ୍ତଃରାଷ୍ଟ୍ରୀୟ କାର୍ଯ୍ୟାଳୟ ସ୍ଥାପନ କରିବା, ବିଦେଶୀ ଛାତ୍ରୀଛାତ୍ରଙ୍କୁ ପଢାଇବା ପାଇଁ ଆକୃଷ୍ଟ କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ କଳ୍ପନାରେ ଭାରତକୁ ବୈଶ୍ୱିକ ଶିକ୍ଷାର ଏକ ପେଣ୍ଠସ୍ଥଳୀ କରିବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।


କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବର୍ହିବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ଦ୍ୱାରା 'ଷ୍ଟଡି ଇନ୍ ଇଣ୍ଡିଆ'(ଏସ୍‌ଆଇଆଇ) ପୋର୍ଟାଲର ଶୁଭାରମ୍ଭ କରାଯାଉଛି।

# ନଦୀଟାପୁରେ ସାରା ରାତି


ନିଖୋଜ ଦୁଇ କର୍ମଚାରୀଙ୍କୁ ଓଡ୍ରାଫ୍ ଟିମ୍ ଉଦ୍ଧାର କରି ଆଣୁଛନ୍ତି।

**ଢେଙ୍କାନାଳ, ୩।୮ (ରତନ ନାୟାର)**

- **୨ ସୁରକ୍ଷା କର୍ମୀ ଉଦ୍ଧାର**
- **ନାଳରେ ଭାସିଯାଇ ବୃଦ୍ଧ ମୃତ**

ଚିତ୍କାର ଉଭେଇ ଯାଉଥିଲା ବ୍ରାହ୍ମଣୀର ସୁ ସୁ ଗର୍ଜନ ଭିତରେ। ନିର୍ଜନ ଅନ୍ଧକାରରେ କେହି ନ ଥିଲେ ସାହା କି ଭରସା। ଏଭଳି ସ୍ଥିତିରେ ରାତି ସାରା ନଦୀ ଟାପୁରେ ଫସି ରହିଥିଲେ ଦୁଇ ସୁରକ୍ଷା କର୍ମୀ। ଦୀର୍ଘ ୧୨ ଘଣ୍ଟାରୁ ଅଧିକ ସମୟ ପରେ ସେମାନଙ୍କୁ ଅଗ୍ନିଶମ ଏବଂ ଓଡ୍ରାଫ୍ କର୍ମଚାରୀ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। କୂଳକୁ ଆସିବା ପରେ ସେମାନେ ବଖାଣିଛନ୍ତି ରାତିର ଛାତିଧରା ଅନୁଭୂତି।

ଢେଙ୍କାନାଳ ସଦର ବ୍ଲକ ନୂଆପଡ଼ା ଗ୍ରାମର ବିଶ୍ୱଜିତ ହୋତା (୨୬), ଅନନ୍ତ ସାହୁ (୪୫) ମେଘା ପ୍ରୋଜେକ୍ଟ ନାମକ ଏକ ଘରୋଇ କମ୍ପାନୀରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରୁଛନ୍ତି। ବୁଧବାର ରାତି ପ୍ରାୟ ୮ଟାରେ ଘରକୁ ଫେରୁଥିବାବେଳେ ହଠାତ୍ ବ୍ରାହ୍ମଣୀରେ ବନ୍ୟା ପାଣି ଆସିଥିଲା। ଫଳରେ ସେମାନେ ରାଧାଦେଇପୁର ନିକଟ ଏକ ଟାପୁରେ ଫସିଯାଇଥିଲେ। ଗୁରୁବାର ସକାଳେ ସେମାନଙ୍କ ବିଷୟରେ ଗ୍ରାମବାସୀଙ୍କଠାରୁ ସୂଚନା ପାଇ ଅଗ୍ନିଶମ ସଂସ୍ଥା ଏବଂ ଓଡ୍ରାଫ ଟିମ୍ ବୋଟ୍ ନେଇ ଟାପୁରୁ ଉଭୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିବା ବିଶ୍ୱଜିତ୍ ଏବଂ ଅନନ୍ତ ନିଜ ଅନୁଭୂତି ବଖାଣି କହିଛନ୍ତି, ରାତିସାରା ବଡ଼ କଷ୍ଟରେ ନଦୀ ଭିତରେ ରହିଥିଲେ। ବନ୍ୟାପାଣିରେ ବଡ଼ ବଡ଼ ସାପ ଭାସି ଯାଉଥିଲେ। ଠାକୁରଙ୍କ ଆଶୀର୍ବାଦରୁ ନୂଆ ଜୀବନ ପାଇଲୁ ବୋଲି ଉଭୟେ କହିଛନ୍ତି।

ଅନୁରୂପ ଭାବେ ଗଁଦିଆ ବ୍ଲକ ଲେଥକା ପଞ୍ଚାୟତ ରିଆ ଗ୍ରାମ ନାଳରେ ଯୁଗଳ ବେହେରା (୬୫) ନାମକ ଜଣେ ବ୍ୟକ୍ତି ଭାସିଯାଇଥିଲେ। ଯାଜପୁର ଜିଲା ବ୍ରାହ୍ମଣୀ ନଦୀରୁ ତାଙ୍କର ମୃତଦେହ ଜବତ କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ସାକ୍ଷୀଗୋପାଳ ପାନ୍ଥନିବାସରେ ଅସ୍ଥାୟୀ ଭାବେ ଚାଲିବ ଓଡ଼ିଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟ

**ଭୁବନେଶ୍ୱର/ ସାକ୍ଷୀଗୋପାଳ, ୩।୮ (ଅନୁରାଧା ମହାରଣା/ ପ୍ରଶାନ୍ତ କୁମାର ବାରିକ)**

ଓଡ଼ିଆ ବିଶ୍ୱବିଦ୍ୟାଳୟ ସତ୍ୟବାଦୀରେ ୨୦୨୩-୨୪ ଶିକ୍ଷାବର୍ଷରୁ ଇଣ୍ଟିଗ୍ରେଟେଡ୍ ଏମ୍‌ଏପିଏଚ୍‌ଡି ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ନାମଲେଖା, ନିଯୁକ୍ତି ଓ ଅନ୍ୟାନ୍ୟ ପ୍ରକ୍ରିୟା ଜାରି ରହିଛି। ହେଲେ ଏବେ ବିଶ୍ୱବିଦ୍ୟାଳୟର ବିଲ୍ଡିଂ ଓ ଭିତ୍ତିଭୂମି ନିର୍ମାଣ ଚାଲିଥିବାରୁ ସାକ୍ଷୀଗୋପାଳ ପାନ୍ଥନିବାସରେ ଅସ୍ଥାୟୀ ଭାବେ ଏହାର କାର୍ଯ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ହୋଇଛି। ଉକ୍ତ ପାନ୍ଥ ନିବାସକୁ ୩ ମାସ ପାଇଁ ଭଡ଼ା ସୂତ୍ରରେ ନେବା ସହ ବିଭିନ୍ନ ଆସବାପତ୍ର ଓ ଆନୁସଙ୍ଗିକ ବନ୍ଦୋବସ୍ତ ଲାଗି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସେହିପରି ବିଶ୍ୱବିଦ୍ୟାଳୟରେ ଅଣଶିକ୍ଷକ କର୍ମଚାରୀଙ୍କ ପଦବୀ ପୂରଣ ହୋଇନାହିଁ। ତେଣୁ ସାକ୍ଷୀଗୋପାଳସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି (ଡିଗ୍ରୀ) ମହାବିଦ୍ୟାଳୟ (ୟୁଜିଏସ୍ କଲେଜ)ରୁ ୨ଜଣ କିରାଣୀ ଓ ଜଣେ ପିଅନଙ୍କୁ ବିଶ୍ୱବିଦ୍ୟାଳୟରେ ୩ ମାସ ପାଇଁ ନିୟୋଜିତ କରାଯିବ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଉକ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ୟୁଜିଏସ୍ କଲେଜରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟ ଖୋଲିବା ଲାଗି ପ୍ରଥମେ ପ୍ରସ୍ତାବ ରହିଥିଲା। ଏଥିପାଇଁ ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ କମିଟି ଗତମାସ ୩ ତାରିଖରେ ସତ୍ୟବାଦୀ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲା। ଏଥିସହ ବିଶ୍ୱବିଦ୍ୟାଳୟର କୋଠା ଓ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାରକୁ ନିର୍ଦ୍ଦେଶ ଦିଆଯାଇଥିଲା।

# ସାପ କାମୁଡ଼ା, ଜଳବାହିତ ରୋଗରୁ ସତର୍କ ରହିବାକୁ ପରାମର୍ଶ

**ଭୁବନେଶ୍ୱର,୩।୮ (ଅଭିଜିତ ଦାସ)**

- **ସ୍ୱାସ୍ଥ୍ୟକେନ୍ଦ୍ରରେ ଆଣ୍ଟିଭେନମ୍ ଇଞ୍ଜେକ୍ସନ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ**
- **ବନ୍ୟାପ୍ଲାବିତ ଅଞ୍ଚଳରେ ହାଲୋଜେନ୍ ବଟିକା, ଓଆର୍‌ଏସ୍ ବଣ୍ଟାଯିବ**
- **ଜରୁରୀକାଳୀନ ପରିସ୍ଥିତିରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର**

ରାଜ୍ୟରେ ଲଘୁଚାପଜନିତ ବର୍ଷା ଲାଗି ରହିଥିବାବେଳେ ବିଭିନ୍ନ ନଦୀରେ ବନ୍ୟା ଆସିଛି। ବନ୍ୟା ଓ ବର୍ଷା ପାଣି ଘେରରେ ବହୁ ଗାଁ ରହିଛି। ଏସବୁ ଅଞ୍ଚଳରେ ସରୀସୃପଙ୍କ ପ୍ରାର୍ଦୁଭାବ ରହିଥିବାବେଳେ ଜଳବାହିତ ରୋଗ ବ୍ୟାପିବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ସାଧାରଣତଃ ବନ୍ୟା ଜଳରେ ଅନେକ ବିଷଧର ସାପ ଭାସି ଆସି ଘର ବା ଉଚ୍ଚ ସ୍ଥାନରେ ଆଶ୍ରୟ ନେଇଥାନ୍ତି। ଏହି ସମୟରେ ସାଧାରଣତଃ ଅଧିକ ସାପ କାମୁଡ଼ା ଘଟଣା ଘଟିଥାଏ। ତେଣୁ ବିଭାଗ ପକ୍ଷରୁ ସାପ କାମୁଡା ରୋଗୀଙ୍କୁ ମାଗଣା ଔଷଧ ଓ ଟେଷ୍ଟିଂ ଯୋଗାଇ ଦିଆଯିବ। ଏଥିସହ ସମସ୍ତ ଜିଲା, ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ସାପ କାମୁଡା ରୋଗୀଙ୍କ ଚିକିତ୍ସାରେ ବ୍ୟବହୃତ ଆଣ୍ଟିଭେନମ୍ ଇଞ୍ଜେକ୍ସନ ଓ ଜରୁରୀକାଳୀନ ଔଷଧ ମହଜୁଦ ରଖିବାକୁ କୁହାଯାଇଛି। ବିଭାଗର ଜଣେ ଉଚ୍ଚପଦସ୍ଥ ଅଧିକାରୀ କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ଡେଙ୍ଗୁ ପ୍ରଭାବ ରହିଥିବା ବେଳେ ବନ୍ୟା କାରଣରୁ ଅଧିକାଂଶ ଗାଁରେ ଜଳବାହିତ ରୋଗର ଆଶଙ୍କା ରହିଛି। ପୂର୍ବରୁ ଓଡିଶାର କେତେକ ସ୍ଥାନରେ ଜଳବାହିତ ରୋଗ ବ୍ୟାପିଥିବାବେଳେ କେତେକ ରୋଗୀଙ୍କ ଜୀବନ ମଧ୍ୟ ଗଲାଣି। ଚଳିତବର୍ଷ ଜୁଲାଇ ସୁଦ୍ଧା ମୋଟ ୩୧୪ଟି କେସ୍‌ରୁ ୩୦ଜଣ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ବନ୍ୟା ଅଞ୍ଚଳରେ ଜଳ ଉତ୍ସଗୁଡିକ ଦୂଷିତ ହୋଇଯାଇଥିବାରୁ ଉକ୍ତ ପାଣିରେ ହାଲୋଜେନ ବଟିକା ପକାଇ ପାଣି ପିଇବାକୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି। ସେହିପରି ପାଣିଘେରରେ ଥିବା ଗାଁ ରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଶିବିର ମଧ୍ୟ ବ୍ୟବସ୍ଥା କରାଯାଇଛି। ଏଠାରେ ଲୋକଙ୍କୁ ଦୈନିକ ବ୍ୟବହାର ହେଉଥିବା ଔଷଧ ମାଗଣା ବିତରଣ କରାଯିବ ସହ ଲୋକମାନେ ଶୁଖିଲା ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଛନ୍ତି।



**ଆଜିର ମନ୍ତବ୍ୟ**

"ଦିଲ୍ଲୀ ସେବା ବିଲ୍‌କୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ବିରୋଧ କରିବା ପଛର ଉଦ୍ଦେଶ୍ୟ ହେଉଛି ଦିଲ୍ଲୀ ସରକାରଙ୍କ ଦୁର୍ନୀତିକୁ ଘଣ୍ଟ ଘୋଡ଼ାଇବା। ବିରୋଧୀ ଦଳଗୁଡ଼ିକ ଏହାକୁ ହୃଦୟଙ୍ଗମ କରି ଏଏପିକୁ ସମର୍ଥନ ଦେବା ବନ୍ଦ କରନ୍ତୁ।

– ଅମିତ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କେଉଁ ସଉତୁଣୀ ପାଳେ ନାଳେ
ଭଉଣୀ ସଉତୁଣୀ ବିଷ ଦେଇ ମାରେ।**

ସାଧାରଣତଃ ଦୁଇ ସଉତୁଣୀଙ୍କ ମଧ୍ୟରେ ଅହୀନକୁଳ ସମ୍ପର୍କ ରହିଥାଏ। କେହି କାହାର ଶିରୀ ଦେଖି ସହି ପାରି ନଥାନ୍ତି। କିନ୍ତୁ ନିଜ ଭଉଣୀ ଯଦି ସଉତୁଣୀ ସାଜେ ତାହେଲେ ପରିସ୍ଥିତି ଆହୁରି ଅଧିକ ସଙ୍କଟାପନ୍ନ ହୋଇଯିବାର ସମ୍ଭାବନା ଥାଏ। ପରୋକ୍ଷରେ ବାହାର ଶତ୍ରୁ ଅପେକ୍ଷା ନିଜ ଲୋକର ଶତ୍ରୁତା ଅଧିକ ବେଶି ପ୍ରାଣଘାତି ସାବ୍ୟସ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଳି ଯେବେ କରି ବସିବ
ସଙ୍ଗେ ଥିବ ଭାଇ,
ଦୁଧ ଯେବେ ଖାଇ ବସିବ
ଘରେ ଥିବ ଗାଈ।**

ସାଧାରଣତଃ କୌଣସି ଅସୁବିଧା ବା ବିପଦ ବେଳେ ଭାଇଟି ତା'ର ଭାଇ ପ୍ରତି ସାହାଯ୍ୟ ଓ ସମର୍ଥନ ଯୋଗାଇ ଦେଉଥିବାର ଦେଖିବାକୁ ମିଳିଥାଏ। ସେହିପରି ଘରେ ଗାଈଟିଏ ଥିଲେ ମନଭରି ଦୁଗ୍ଧ ଖାଇବାରେ କିଛି ଅସୁବିଧା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଚାଲିପାରିଲା ନାହିଁ ପାସେଞ୍ଜର ଟ୍ରେନ୍

**ହରିଦାସପୁର-ପାରାଦୀପ ରେଳପଥ**




- ମାଲ୍‌ବାହୀ ଟ୍ରେନ୍ ଚଳାଚଳାକୁ ୩ ବର୍ଷ ବିତିଲାଣି
- ପାସେଞ୍ଜର ଟ୍ରେନ୍ ଚାଲୁ ନ ଥିବାରୁ କ୍ଷୋଭ ପ୍ରକାଶ

ଚଣ୍ଡିଖୋଲ,୩।୮ (ପ୍ରଦୀପ୍ତ କୁମାର ପୃଷ୍ଟି)

ହରିଦାସପୁର–ପାରାଦୀପ ରେଳପଥ ନିର୍ମାଣ ହେଲେ ବିଶ୍ୱପ୍ରସିଦ୍ଧ ବୌଦ୍ଧ ପୀଠ ରତ୍ନଗିରି, ଉଦୟଗିରି, ଲଳିତଗିରି ସହିତ ଜାତୀୟ ଉଦ୍ୟାନ ଭିତର କନିକାକୁ ଦେଶ ବିଦେଶର ପର୍ଯ୍ୟଟକମାନେ ଆସିପାରିବେ। ଗମନାଗମନ ସୁବିଧା ହେଲେ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ହେବ। ପ୍ରକଳ୍ପ ଆରମ୍ଭ ପୂର୍ବରୁ ଭାରତୀୟ ରେଳବାଇ ତରଫରୁ ଏଭଳି ବିଭିନ୍ନ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାମଧ୍ୟରେ ୨୦୨୦ ଜୁଲାଇ ୩୦ରେ ପ୍ରଥମ କରି ହରିଦାସପୁର–ପାରାଦୀପ ରେଳପଥରେ ରେଳ ଚାଲିବା ପାଇଁ ଯୋଜନା କରାଯାଇଥିଲା। ବିରୋଧ ହେବାରୁ ୨୦୨୦ ଅଗଷ୍ଟ ୧ରେ ପ୍ରଥମ କରି ଏହି ରେଳପଥରେ ରେଳ ଚାଲିବା ଆରମ୍ଭ ହେଲା। ଏହାମଧ୍ୟରେ ୩ବର୍ଷ ବିତି ଗଲାଣି। କିନ୍ତୁ ପାସେଞ୍ଜର ଟ୍ରେନ୍ ଚାଲିପାରିନାହିଁ। କେବଳ ମାଲବାହୀ ଟ୍ରେନ୍ ଚାଲୁଛି। ଏଥିନେଇ ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ବୁଦ୍ଧିଜୀବୀମାନଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଉଛି।

ହରିଦାସପୁର–ପାରାଦୀପ ରେଳପଥ ୩ ଜିଲା ଦେଇ ଯାଇଛି। ୮୩ କିଲୋମିଟର ଲମ୍ବ ଏହି ରେଳପଥ ଦ୍ୱାରା ପାରାଦୀପ ବନ୍ଦରକୁ ମାଲ ପରିବହନରେ ସୁବିଧା ହୋଇଛି। ଦୋହରୀକରଣ ହୋଇ ନ ଥିବା ଏହି ରେଳପଥରେ ଦୈନିକ ୩୦ରୁ ଊର୍ଦ୍ଧ୍ୱ ମାଲବାହୀ ଟ୍ରେନ୍ ଯାତାୟାତ କରୁଛି। କିନ୍ତୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଉଁ ସ୍ୱପ୍ନ ଦେଖାଯାଇଥିଲା ପାସେଞ୍ଜର ଟ୍ରେନ ଚାଲିଲେ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ହେବ ତାହା ସ୍ୱପ୍ନ ହୋଇ ରହିଯାଇଛି। ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୧୯୯୭ରୁ ପରିକଳ୍ପନା କରାଯାଇ ୨୦୦୭ରେ ଆରମ୍ଭ ହୋଇଥିଲା। ଏହା ୨୦୨୦ ଜୁଲାଇରେ ଶେଷ ହୋଇଥିଲା। ସେଥିପାଇଁ ୧୮୦୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଛି। ପ୍ରତ୍ୟେକ ବର୍ଷ ଏହାର ଉନ୍ନତୀକରଣ ପାଇଁ ରେଳବାଇ ବଜେଟ୍‌ରେ କୋଟିକୋଟି ଟଙ୍କା ପ୍ରଦାନ କରାଯାଉଛି। ୨୦୨୨ ରେଳବାଇ ବଜେଟରେ ୧୦୦କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଯେଉଁଥିରେ କୁହାଯାଇଥିଲା ଏହି ୧୦୦କୋଟି ଟଙ୍କା ବିନିମୟରେ ସମସ୍ତ ଷ୍ଟେଶନ ଓ ପ୍ଲାଟଫର୍ମର ଉନ୍ନତୀକରଣ କରାଯିବ। ପରେ ପାସେଞ୍ଜର ଟ୍ରେନ ଚାଲିବ। ଅଦ୍ୟାବଧି ଦେଢ଼ ବର୍ଷ ବିତିଯାଇଥିଲେବି ତାହା ସମ୍ଭବ ହୋଇପାରିଲା ନାହିଁ। ଏହି ରେଳପଥରେ ୧୧ ଷ୍ଟେଶନ ନିର୍ମାଣ କରାଯାଇଛି। ସେଥିମଧ୍ୟରୁ ଯାଜପୁର ଜିଲାରେ ୪ଟି ଯଥା; ହରିଦାସପୁର, ଚଣ୍ଡିଖୋଲ, ଉଦୟଗିରି ରତ୍ନଗିରି ରୋଡ୍ ଓ ଲଳିତଗିରି ରହିଛି। ସେହିଭଳି କେନ୍ଦ୍ରାପଡ଼ା ଜିଲାରେ ବାଜିପଡ଼ା, କେନ୍ଦ୍ରାପଡ଼ା, ମାର୍ଶାଘାଇରୋଡ୍, କଳଘର ଓ ନୂଆଗାଁ ଷ୍ଟେଶନ ଥିବାବେଳେ ଜଗତ୍‌ସିଂହପୁର ଜିଲାରେ ସିଜୁ ଓ ପାରାଦୀପ ଷ୍ଟେଶନ ରହିଛି। ଭାରତବର୍ଷର ପ୍ରଥମ ଫାଟକ ବିହୀନ ଏହି ରେଳପଥ ପିପିପି ମୋଡ୍‌ରେ ନିର୍ମାଣ କରାଯାଇଛି। ରେଳ ବିକାଶ ନିଗମ ଲିମିଟେଡ୍, ଓଡ଼ିଶା ସରକାର, ଓଏମ୍‌ସିଏଲ୍, ପିପିଟି, ସେଲ୍, ଓଆଇଆର୍‌ଡିସି, ଏସଏଲ୍ ମାଇନିଂ, ରୁମଟା ମାଇନିଂ, ଏମ୍‌ଏସ୍‌ପିଏଲ ଓ ଜେଏସ୍‌ପିଏଲ୍ କମ୍ପାନୀ ଏଥିରେ ଭାଗିଦାର ରହିଛନ୍ତି। ରେଳପଥର ବିକାଶ ସମ୍ପୃକ୍ତ କମ୍ପାନୀ କରିବେ ବୋଲି ସ୍ଥିର ହୋଇଛି। ଏହା ମଧ୍ୟରେ ବାରମ୍ବାର ଦାବି ସତ୍ତ୍ୱେ ଅଦ୍ୟାବଧି ପାସେଞ୍ଜର ଟ୍ରେନ ଚାଲିପାରିଲା ନାହିଁ। କେବେ ଚାଲିବ ସେଥିନେଇ ସଂଶୟ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ପୂର୍ବତଟ ରେଳପଥର ଲୋକସମ୍ପର୍କ ଅଧିକାରୀ ନିରାକାର ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# ହାଇକୋର୍ଟରେ ଶୁଣାଣି ଶେଷ, ରାୟ ସଂରକ୍ଷିତ

**ଅର୍ଚ୍ଚନା ନାଗ ସହଯୋଗୀ ଖଗେଶ୍ୱର ପାତ୍ର ଜାମିନ ମାମଲା**

କଟକ,୩।୮ (କାର୍ତ୍ତିକ ସାହୁ)

ବହୁଚର୍ଚ୍ଚିତ ହନିଟ୍ରାପ ଓ ବେଆଇନ ଅର୍ଥ କାରବାର ମାମଲାର ଅଭିଯୁକ୍ତ ଅର୍ଚ୍ଚନା ନାଗଙ୍କ ସହଯୋଗୀ ଖଗେଶ୍ୱର ପାତ୍ରଙ୍କ ଜାମିନ ଆବେଦନର ରାୟ ସଂରକ୍ଷିତ ରହିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲାରେ ଜାମିନ୍‌ରେ ମୁକୁଳିବା ପାଇଁ ଖଗେଶ୍ୱରଙ୍କ ଆବେଦନର ହାଇକୋର୍ଟରେ ଗୁରୁବାର ଶୁଣାଣି ଶେଷ ହୋଇଛି। ବିଚାରପତି ଗୌରୀଶଙ୍କର ଶତପଥୀ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ବେଆଇନ ଅର୍ଥ କାରବାର ଅଭିଯୋଗରେ ଇଡି ଦ୍ୱାରା ଗତ ନଭେମ୍ବରରୁ ଖଗେଶ୍ୱର ଗିରଫ ହୋଇ ଜେଲ୍‌ରେ ଅଛନ୍ତି।

ସୂଚନାଯୋଗ୍ୟ, ଅର୍ଚ୍ଚନା ନାଗ ଓ ତାଙ୍କ ସ୍ୱାମୀ ଜଗବନ୍ଧୁଙ୍କର ଜଣେ ବ୍ୟବସାୟିକ ସହଯୋଗୀ ହେଉଛନ୍ତି ଖଗେଶ୍ୱର। ଅର୍ଚ୍ଚନା ଓ ଖଗେଶ୍ୱରଙ୍କ ମଧ୍ୟରେ ୨୦୧୭ରୁ ଥିବା ଅର୍ଥନୈତିକ କାରବାରକୁ ଇଡି ଖୋଳତାଡ଼ କରିଥିଲା। ଖଗେଶ୍ୱରଙ୍କ ନିକଟରୁ ମୋବାଇଲ, କମ୍ପ୍ୟୁଟର, ହାର୍ଡ ଡିସ୍କ, ଗାଡ଼ି ସମେତ ଅନ୍ୟ ସାମଗ୍ରୀ ଜବତ କରିବା ସହ ଇଡି ତାଙ୍କୁ ଗିରଫ କରିଥିଲା। ଜଗବନ୍ଧୁ ଖଗେଶ୍ୱରଙ୍କ ମାଧ୍ୟମରେ ବ୍ୟବହୃତ କାର ବିକ୍ରି କରୁଥିଲେ। ସେ ବହୁ ପରିମାଣର ଅର୍ଥ ବିନିଯୋଗ କରି ଭୁବନେଶ୍ୱର ନିକଟ ହଁସପାଳଠାରେ ଏକ ବ୍ୟବହୃତ କାର୍ ସୋରୁମ ଖୋଲିଥିଲେ। ତେବେ ବେଆଇନ ଅର୍ଥ କାରବାର ମାମଲାରେ ଅର୍ଚ୍ଚନା ଓ ଜଗବନ୍ଧୁଙ୍କୁ ଗିରଫ କରାଯିବା ପରେ ତାଙ୍କର ଦୁଇ ସହଯୋଗୀ ଖଗେଶ୍ୱର ଓ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହୋଇଥିଲା।

# ୨ ମାସରେ ପୂରଣ ପାଇଁ ସରକାରଙ୍କୁ ନିର୍ଦ୍ଦେଶ

**ଓଏଚ୍‌ଆର୍‌ସିରେ ସଦସ୍ୟ ପଦବୀ ଖାଲି ମାମଲା**

**ମାମଲାର ଅନ୍ତ ଘଟାଇଲେ ହାଇକୋର୍ଟ**

କଟକ ଅଫିସ, ୩।୮

ଓଡ଼ିଶା ହ୍ୟୁମାନ ରାଇଟ୍‌ସ କମିଶନ (ଓଏଚ୍‌ଆର୍‌ସି)ରେ ଖାଲି ପଡିଥିବା ସଦସ୍ୟ ପଦବୀ ଆସନ୍ତା ୨ ମାସ ମଧ୍ୟରେ ପୂରଣ କରିବାକୁ ହାଇକୋର୍ଟ ଗୁରୁବାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି।

ସୂଚନା ଅନୁଯାୟୀ, ଓଏଚ୍‌ଆର୍‌ସିରେ ସଦସ୍ୟ ପଦବୀ ଖାଲି ପଡ଼ିବା ନେଇ ଆଇନଜୀବୀ ପ୍ରବୀର ଦାସ ହାଇକୋର୍ଟରେ ଗତ ମେ' ୫ ତାରିଖରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ହାଇକୋର୍ଟ ଏହାର ଶୁଣାଣି କରି ଅଗଷ୍ଟ ୩ ତାରିଖ ସୁଦ୍ଧା ଖାଲି ପଦବୀ ପୂରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ନିର୍ଦ୍ଧାରିତ ସମୟ ସୁଦ୍ଧା ପଦବୀ ପୂରଣ ହୋଇ ନ ଥିବାବେଳେ ରାଜ୍ୟ ସରକାର ଏକ ସତ୍ୟପାଠ ଜରିଆରେ ତୁରନ୍ତ ପଦବୀ ପୂରଣ କରାଯିବା ସମ୍ପର୍କରେ ପଦକ୍ଷେପ ନିଆଯାଉଥିବା ଦର୍ଶାଇଛନ୍ତି। ଜୁଲାଇ ୩୧ ତାରିଖରେ ରାଜ୍ୟ ଆଇନ ବିଭାଗର ଅଣ୍ଡର ସେକ୍ରେଟାରି ରାଜକିଶୋର ରାଉତଙ୍କ ଚିଠି ଅନୁଯାୟୀ ଏହି ପଦବୀ ପୂରଣ ରାଜ୍ୟ ସରକାରଙ୍କ ସକ୍ରିୟ ବିଚାରାଧୀନ ରହିଥିବା ଦର୍ଶାଯାଇଛି। ସରକାରୀ ଓକିଲ ଦେବକାନ୍ତ ମହାନ୍ତିଙ୍କୁ ଆଇନ ବିଭାଗ ଏହି ଚିଠି ଲେଖିଥିବା ଜଣାପଡିଛି।

ଉଲ୍ଲେଖଯୋଗ୍ୟ, ଜଷ୍ଟିସ୍ ରଘୁବୀର ଦାସ ତାଙ୍କ ପଦବୀରୁ ଗତ ଫେବୃଆରୀ ୯ରେ ଇସ୍ତଫା ଦେଇଥିଲେ। ଏହାପରଠାରୁ ଉକ୍ତ ସଦସ୍ୟ ପଦବୀ ଖାଲିପଡିଛି। ଉକ୍ତ ସଦସ୍ୟ ପଦବୀ ପୂରଣ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଆଇନଜୀବୀ ପ୍ରବୀର ଦାସ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ ଓଏଚ୍‌ଆର୍‌ସି ସଚିବଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଥିଲା।

ପ୍ରଥମ ପୃଷ୍ଠାରୁ...

## ଏପଟେ ବନ୍ଦ...

ଜାରି କରାଯାଇଥିଲେ ହେଁ ଏହି ନିୟମ ବ୍ୟାଗେଜ୍ ରୁଲ୍ସ ଅଧୀନରେ ଆମଦାନୀ ବେଳେ ଲାଗୁ ହେବ ନାହିଁ, କିନ୍ତୁ ଉତ୍ପାଦ ଉପରେ ଶୁଳ୍କ ଲାଗିବ ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅର୍ଥାତ୍ ବିଦେଶରେ କେହି ଭାରତୀୟ ଲାପ୍‌ଟପ କିମ୍ବା ଟାବଲେଟ୍ ବ୍ୟବହାର କରୁଥିଲେ ତାକୁ ସାଙ୍ଗରେ ଧରି ସ୍ୱଦେଶକୁ ଫେରିଲେ ବିମାନବନ୍ଦରରେ ତାଙ୍କ ବ୍ୟାଗ୍ ଯାଞ୍ଚବେଳେ ଛାଡ଼ି ଦିଆଯିବ। ସେହିପରି ଇ–କମର୍ସ ପୋର୍ଟାଲଗୁଡ଼ିକରୁ ପୋଷ୍ଟାଲ ବା କୋରିୟର ସର୍ଭିସ ଜରିଆରେ ଲାପଟପ୍ ଅର୍ଡର କଲେ ଏହା ଉପରେ ଲାଇସେନ୍ସିଂ ଆବଶ୍ୟକ ହେବ ନାହିଁ। ସରକାରୀ ନୋଟିଫିକେଶନ୍‌ରେ ଆହୁରି କୁହାଯାଇଛି ଯେ, ଗବେଷଣା ଓ ଉନ୍ନୟନ (ଆର୍‌ଆଣ୍ଡ୍‌ଡି), ଯାଞ୍ଚ, ବେଞ୍ଚମାର୍କିଂ ଓ ମୂଲ୍ୟାଙ୍କନ, ମରାମତି ଓ ପୁନଃ ରପ୍ତାନି ଏବଂ ଉତ୍ପାଦ ବିକାଶ ଲକ୍ଷ୍ୟରେ ଏଗୁଡ଼ିକର ଆମଦାନୀ ଉପରେ ମଧ୍ୟ ସରକାର ଏହ ନିୟମକୁ କୋହଳ କରିଛନ୍ତି। କିନ୍ତୁ ସେଗୁଡ଼ିକ ନିର୍ଦ୍ଦିଷ୍ଟ ବ୍ୟବହାର ପାଇଁ ଉଦ୍ଦିଷ୍ଟ ହୋଇଥିବା ଦରକାର, ବିକ୍ରି ଉଦ୍ଦେଶ୍ୟରେ ନୁହେଁ। ବ୍ୟବହାର ପରେ ସେଗୁଡ଼ିକୁ ନଷ୍ଟ କରିଦିଆଯିବା ଆବଶ୍ୟକ ବୋଲି ଏଥିରେ ସ୍ପଷ୍ଟ କରାଯାଇଛି।

ସରକାରଙ୍କ ପକ୍ଷରୁ ଆହୁରି କୁହାଯାଇଛି ଯେ, ଏହି କଟକଣା ଫଳରେ ନିକଟରେ ସୂଚନା ପ୍ରଯୁକ୍ତି (ଆଇଟି) ଶିଳ୍ପ ପାଇଁ କେନ୍ଦ୍ର ଆଣିଥିବା ପ୍ରଡକ୍ଟ–ଲିଙ୍କ୍‌ଡ ଇନସିଏଟିଭ୍ (ପିଏଲ୍‌ଆଇ) ଯୋଜନାକୁ ବଳ ମିଳିବ। କାରଣ ଦେଶରେ ଥିବା ଆଇଟି କମ୍ପାନୀଗୁଡ଼ିକ ଅଧିକରୁ ଅଧିକ ଉତ୍ପାଦ ନିର୍ମାଣ କରି ସ୍ଥାନୀୟ ବଜାରରେ ବିକ୍ରି କରିପାରିବେ। ଗତ ମେ'ରେ ଏହି ସ୍କିମ୍‌କୁ ରିଭାଇଜ୍ କରି ୧,୭୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିଲା, ଯାହାକି ୨୦୨୧ରେ ପ୍ରଥମେ ଘୋଷଣା କରାଯାଇଥିବା ଯୋଜନା ଅର୍ଥର ତିନିଗୁଣା। ଭାରତକୁ ଅଧିକାଂଶ ଲାପ୍‌ଟପ୍, ସର୍ଭର ଓ ପିସି ଭଳି ଉତ୍ପାଦ ଚାଇନାରୁ ଆସିଥାଏ। ତେଣୁ ଚାଇନା ଉପରେ ନିର୍ଭରଶୀଳତା ହ୍ରାସ ପାଇଁ ଏହା ଉଦ୍ଦିଷ୍ଟ ବୋଲି କୁହାଯାଉଛି। ଆଉ ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ହେଲା ଏହି କଟକଣା ଜାରି ପଛରେ ଅନେକ କାରଣ ରହିଛି। ଭାରତୀୟ ନାଗରିକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ତନ୍ମଧ୍ୟରୁ ଅନ୍ୟତମ। ବିଦେଶରୁ ଆସୁଥିବା ଉତ୍ପାଦଗୁଡ଼ିକରେ ସିକ୍ୟୁରିଟି ରିସ୍କ ରହିଥିବାରୁ ସେଗୁଡ଼ିକର ବ୍ୟବହାର ହ୍ରାସ ପାଇଁ ଏହି ପଦକ୍ଷେପ ନିଆଯାଇଛି। କେତେକ ହାର୍ଡୱେରରେ ଏପରି ଇସ୍ୟୁ ରହିଛି, ଯାହାକି ୟୁଜର୍ସଙ୍କ ବ୍ୟକ୍ତିଗତ ଡେଟା ଓ ଅନ୍ୟ ସମ୍ବେଦନଶୀଳ ତଥ୍ୟ ସହ ସାଲିସ କରିପାରେ। ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ)ର ନିୟମାବଳୀକୁ ଦୃଷ୍ଟିରେ ରଖି ଏହାକୁ ମଧ୍ୟ ଧ୍ୟାନ ଦିଆଯାଇଛି। ତେବେ ବିଦେଶୀ ବାଣିଜ୍ୟ ନୀତି (ଏଫ୍‌ଟିପି) ଅଧୀନ ଟ୍ରାଞ୍ଜିଶନ ନିୟମାନୁସାରେ ଯଦି କ୍ରେଡିଟ୍ ଲେଟର ଓ ବିଲ୍ ଅଗଷ୍ଟ ୩ ପୂର୍ବରୁ କରାଯାଇଛି ତେବେ ଉତ୍ପାଦଗୁଡ଼ିକ ଭାରତ ଆସିବାରେ ଅସୁବିଧା ନାହିଁ। ଅଗଷ୍ଟ ୪ରୁ ଏଗୁଡ଼ିକର ଆମଦାନୀ ପାଇଁ ଟ୍ରେଡର୍ସଙ୍କୁ ନିୟମିତ ଆମଦାନୀ ଲାଇସେନ୍ସ ଜରୁରୀ।

କେନ୍ଦ୍ର ସରକାର ଏହି ପଦକ୍ଷେପ ଏଭଳି ସମୟରେ ନେଇଛନ୍ତି, ଯେତେବେଳେ କି ରିଲାଏନ୍ସ କମ୍ପାନୀ ଜିଓବୁକ୍‌ର ଦ୍ୱିତୀୟ ଭର୍ସନ ଲଞ୍ଚ କରିଛି। ୨୦୨୨ ଅକ୍ଟୋବରରେ ଜିଓବୁକ୍‌ର ପ୍ରଥମ ସଂସ୍କରଣ ବଜାର ପ୍ରବେଶ କରିଥିବାବେଳେ ଗତ ସୋମବାର ଏହାର ଦ୍ୱିତୀୟ ଭର୍ସନକୁ ଲଞ୍ଚ କରାଯାଇଛି। ଜିଓବୁକ୍‌ର ମୂଲ୍ୟ ରଖାଯାଇଛି ୧୬,୪୯୯ ଟଙ୍କା। ସବୁ ବୟସ ବର୍ଗର ଲୋକଙ୍କ ପାଠପଢ଼ା ସୁବିଧା ଏଥିରେ ରହିଥିବା କୁହାଯାଉଛି। ଅଗଷ୍ଟ ୫ରୁ 'ଇଣ୍ଡିଆଜ୍ ଫାର୍ଷ୍ଟ ଲର୍ନିଂ ବୁକ୍' ନାମରେ ଏହା ରିଲାଏନ୍ସ ଡିଜିଟାଲରେ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍‌ରେ ମିଳିବ। ସେହିପରି ଆମାଜନ୍‌ରେ ମଧ୍ୟ ଏହା ଉପଲବ୍ଧ ହେବ।

## ଦେଶରେ ଆଇଟି...

ଏହି ଅବଧି ମଧ୍ୟରେ ଚାଇନାରୁ କେବଳ ଲାପ୍‌ଟପ୍, ପାମ୍‌ଟପ୍ ଏବଂ ପିସି ଆମଦାନୀ ୫୫୮.୩୬ ନିୟୁତ ଡଲାର ଛୁଇଁଛି। ପୂର୍ବବର୍ଷ ସମାନ ସମୟରେ ଏହା ୬୧୮.୨୬ ନିୟୁତ ଡଲାର ରହିଥିଲା। ଭାରତର ମୋଟ ପର୍ସନାଲ କମ୍ପ୍ୟୁଟର ଏବଂ ଲାପ୍‌ଟପ୍ ଆମଦାନୀର ୭୦ରୁ ୮୦% କେବଳ ଚାଇନାରୁ ହୋଇଥାଏ। ଭାରତୀୟ ବଜାରରେ ଡେଲ୍, ଏସର, ସାମ୍‌ସଙ୍ଗ, ପାନାସୋନିକ୍, ଆପଲ୍, ଲେନୋଭୋ ଏବଂ ଏଚ୍‌ପି ଭଳି ବିଦେଶୀ କମ୍ପାନୀର ଲାପ୍‌ଟପ୍ ଓ କମ୍ପ୍ୟୁଟର ବ୍ୟବହାର ଅଧିକ ବୋଲି ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ଆମଦାନୀ କଟକଣା ଯୋଗୁ ଭାରତୀୟ ଆଇଟି ହାର୍ଡୱେର ମାନୁଫାକ୍ଚରିଂ ବ୍ୟବସାୟ ୬୦ରୁ ୭୦% ବୃଦ୍ଧି ପାଇବ ବୋଲି କୁହାଯାଉଛି। ସରକାରଙ୍କ ଏହି ଘୋଷଣା ପରେ ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ରେ ଭାରତୀୟ କଣ୍ଟ୍ରାକ୍ଟ ମାନୁଫାକ୍ଚରର୍ ଡିକ୍ସନ୍ ଟେକ୍ନୋଲୋଜିର ଶେୟାର ମୂଲ୍ୟ ୮%ରୁ ଅଧିକ ଉପରକୁ ଉଠିଛି। କିନ୍ତୁ ନିକଟ ଭବିଷ୍ୟତରେ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା ଆଶଙ୍କାରେ ଅନେକ ଆଇଟି ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିପାରେ। କାରଣ ଆମ ଦେଶର ଇକୋସିଷ୍ଟମ୍ ଏଥିପାଇଁ ପ୍ରସ୍ତୁତ ହୋଇନାହିଁ।

## ଦୁଇଦିନର ଶିଶୁକନ୍ୟାକୁ...

ଶିଶୁକନ୍ୟାଙ୍କୁ ଫେରାଇ ଆଣିବା ସହ ବିକ୍ରିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଏତଲାରେ ଦର୍ଶାଯାଇଛି। ସୂଚନା ଅନୁଯାୟୀ ତଲାଡି ଗ୍ରାମର ମନୋଜ ଦାସ ଓ ତାଙ୍କ ସ୍ତ୍ରୀଙ୍କ ସାଢେ ୪ ବର୍ଷର ଏକ ଝିଅ ରହିଥିବା ବେଳେ ବୃଦ୍ଧା ମାତାପିତା ଏକ ଭଙ୍ଗା ଜରାଜୀର୍ଣ୍ଣ ଘରେ ବସବାସ କରୁଛନ୍ତି। ମନୋଜ ପରଘରେ ମୂଲ ଲାଗି ବହୁ କଷ୍ଟରେ ୫ କୁଟୁମ୍ବକୁ ନେଇ ଘରସଂସାର ଚଳାଇ ଆସୁଛନ୍ତି। ସରକାରଙ୍କ ପକ୍ଷରୁ ତାଙ୍କୁ ରାଶନ ସାମଗ୍ରୀ କିମ୍ବା ଆବାସ ଗୃହ ଯୋଗାଇ ଦିଆ ଯାଇ ନ ଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ପୁଣି ଏକ ଶିଶୁକନ୍ୟା ଗତ ସୋମବାର ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ୍ମନେବାରୁ ସେ ତାଙ୍କୁ ବିକ୍ରି କରିବା ଲାଗି ମନସ୍ଥ କରିଥିଲେ। ପରେ ଦମ୍ପତି ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଆଟେଣ୍ଡାଣ୍ଟଙ୍କ ମଧ୍ୟସ୍ଥତାରେ ବୁଧବାର ଅଜଣା ବ୍ୟକ୍ତିଙ୍କୁ ୧୦ହଜାର ଟଙ୍କାରେ ବିକ୍ରି କରିଥିବା କହିଛନ୍ତି। ଶିଶୁ କନ୍ୟାଙ୍କୁ ବିକ୍ରି ପାଇଁ ଅଢେଇ ଲକ୍ଷ ଟଙ୍କାର ଡିଲ୍ ହୋଇଥିବା ଗ୍ରାମବାସୀ ସନ୍ଦେହ କରିଛନ୍ତି। ଏଭଳି ଘଟଣା ପ୍ରଘଟ ପରେ ସ୍ୱାସ୍ଥ୍ୟକର୍ମୀ ଆତ୍ମଗୋପନ କରିଥିବା ଜଣାପଡିଛି। ଏ ସମ୍ପର୍କରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ଡା.କମଳାକାନ୍ତ ଜେନାଙ୍କୁ ପଚରାଯିବାରୁ ମହିଳାଙ୍କ ପ୍ରସବ ପରେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡିସଚାର୍ଜ କରାଯାଇଥିବା ପ୍ରକାଶ କରିଥିବା ବେଳେ ହସ୍ପିଟାଲରେ ଶିଶୁ ବିକ୍ରି ଘଟଣା ତାଙ୍କୁ ଜଣାନାହିଁ ବୋଲି କହିଛନ୍ତି।

## ମହାନଦୀରେ ମଧ୍ୟମ...

ନୟାଗଡ଼, ଅନୁଗୋଳ ଜିଲା ପ୍ରଶାସନକୁ ସତର୍କ ରହିବାକୁ କୁହାଯାଇଛି। ସ୍ଥିତି ଉପରେ କଡ଼ା ନଜର ରଖାଯାଇଥିବା ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି) ସତ୍ୟବ୍ରତ ସାହୁ କହିଛନ୍ତି। ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁରୀ ଜିଲାପାଳ ଜିଲାର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରିଛନ୍ତି।

ଏସ୍‌ଆରସି କହିଛନ୍ତି, ବୈତରଣୀ ଜଳସ୍ତର ହ୍ରାସ ପାଉଛି। ଆଖୁଆପଦାଠାରେ ବିପଦ ସଙ୍କେତ ୧୯.୪୪ ମିଟର ଥିବାବେଳେ ୧୭.୮୩ ମିଟର ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଆନନ୍ଦପୁରଠାରେ ମଧ୍ୟ ଜଳସ୍ତର କମିବାରେ ଲାଗିଛି। ଭଦ୍ରକ ଓ ଯାଜପୁର ଜିଲା ପ୍ରଶାସନ ଏହା ଉପରେ ନଜର ରଖିଛି। ଯାଜପୁର ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀର ଜେନାପୁରଠାରେ ବିପଦ ସଙ୍କେତ ସ୍ତର ୨୩ ମିଟର ଥିବାବେଳେ ବନ୍ୟା ଜଳ ୨୨ ମିଟର ନିକଟରେ ପ୍ରବାହିତ ହେଉଛି। ବାଲେଶ୍ୱର ଜିଲାର ଜଳକା ନଦୀର ମଥାନୀ ନିକଟରେ ବନ୍ୟାଜଳ ବିପଦ ସଙ୍କେତ ଟପିଛି। ତେବେ ଧୀରେ ଧୀରେ ବିଭିନ୍ନ ନଦୀର ଜଳସ୍ତର କମୁଥିବା ଏସ୍‌ଆର୍‌ସି ସୂଚନା ଦେଇଛନ୍ତି। ମହାନଦୀ ମୁଣ୍ଡଳୀଠାରେ ବନ୍ୟା ଜଳ ଅତିକ୍ରମ କରିବାର ୧୨ ଘଣ୍ଟା ପରେ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ପୁରୀ ଜିଲା ଦେଇ ପ୍ରବାହିତ ହେବ। ଏସବୁ ଜିଲାର ଜିଲାପାଳମାନେ ସଜାଗ ଅଛନ୍ତି। ଆବଶ୍ୟକ ପଡ଼ିଲେ ତଳିଆ ଅଞ୍ଚଳ ଲୋକଙ୍କୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତର କରାଯିବ।

ମହାନଦୀ ବନ୍ୟାଜଳ ମୁଖ୍ୟତଃ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ପୁରୀ ଜିଲାରେ ପ୍ରବେଶ କରିବା ଆଶଙ୍କା ବେଶି। ଉକ୍ତ ୩ ଜିଲାର ତଳିଆ ଅଞ୍ଚଳରେ ବିଶେଷ ଧ୍ୟାନ ରଖାଯାଇଛି। ପ୍ରାଥମିକ ସୂଚନା ଅନୁଯାୟୀ, ରାଜ୍ୟର ୧୫ ଜିଲା ଅନ୍ତର୍ଗତ ୯୦ ବ୍ଲକର ୭୬୨ ଗ୍ରାମ ଓ ୧୭ ପୌରାଞ୍ଚଳର ୬୬ ୱାର୍ଡ ଲଗାଣବର୍ଷା ଓ ବନ୍ୟାଦ୍ୱାରା ପ୍ରଭାବିତ ହୋଇଛି। ୧ ଲକ୍ଷ ୨୦ ହଜାର ଲୋକ ପାଣି ଘେରରେ ରହିଛନ୍ତି। ୬,୮୩୪ ଜଣଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନରେ ରଖାଯାଇଛି। ସେମାନଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଉଛି। ଅନ୍ୟ ୧୩୬ଟି ସ୍ଥାନରେ ରନ୍ଧାଖାଦ୍ୟ ଦିଆଯାଉଛି। ସମ୍ଭାବ୍ୟ ବନ୍ୟାର ମୁକାବିଲା ନିମନ୍ତେ ମହାନଦୀ ଅବବାହିକାର ୭ ଜିଲାରେ ୨୩ ଓଡ୍ରାଫ୍, ୮ ଏନ୍‌ଡିଆର୍‌ଏଫ୍ ଓ ୬୨ଟି ଅଗ୍ନିଶମ ଟିମ୍ ମୁତୟନ କରାଯାଇଥିବା ଏସ୍‌ଆର୍‌ସି କହିଛନ୍ତି।

ଅନ୍ୟପଟେ ପୁରୀର କଣାସ, ଅସ୍ତରଙ୍ଗ, ଜଗତ୍‌ସିଂହପୁରର ଏରସମା ଓ ଭଦ୍ରକର ଆଖୁଆପଦାର କେତେକ ତଳି ଅଞ୍ଚଳରେ ପାଣି ପଶିଛି। ନୟାଗଡ଼ ଓ କଟକ ଜିଲାର କେତେକ ତଳି ଅଞ୍ଚଳ ମଧ୍ୟ ପ୍ରଭାବିତ ହୋଇଛି। ଯୋବ୍ରା ରେଳଧାରଣା ତଳ ରାସ୍ତାରେ ୫ ଫୁଟର ବନ୍ୟାଜଳ ପ୍ରବାହିତ ହେଉଥିବାବେଳେ ଗୁରୁବାର ସକାଳେ ଏକ ଏସ୍‌ୟୁଭି ଥର୍ ଗାଡ଼ି ପାଣି ଭିତରେ ଫସିଯାଇଥିଲା। ଗାଡିରେ ଦୁଇ ଜଣ ବ୍ୟକ୍ତି ଥିବାବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ। ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ ପାଇଁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମହାନଦୀରେ ଜଳସ୍ତର ବୃଦ୍ଧି ପାଇଥିବାରୁ ମଙ୍ଗଳବାର ରାତିରୁ ଏହି ରାସ୍ତାରେ ୫ ଫୁଟରୁ ଊର୍ଦ୍ଧ୍ୱ ବନ୍ୟାଜଳ ପ୍ରବାହିତ ହେଉଛି। ତେଣୁ ଏହି ରାସ୍ତାରେ ଯାତାୟାତ ବନ୍ଦ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ବନ୍ୟା ଜଳକୁ ନେଇ କନ୍ହେଇପୁର, ନେହୁରୁ ପଲି, ଗାନ୍ଧୀପଲ୍ଲୀ ଆଦି ଅଞ୍ଚଳର ଲୋକମାନେ ଭୟଭୀତ ହୋଇପଡିଛନ୍ତି। ତଳ ମୁଣ୍ଡରେ ପାଣି ନିଷ୍କାସନ ନ ହେବା ଯାଏ ହୀରାକୁଦର ଆଉ କୌଣସି ଗେଟ୍ ଖୋଲାଯିବ ନାହିଁ ବୋଲି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତଚରଣ ମହାନ୍ତି ସୂଚନା ଦେଇଛନ୍ତି। ଖରସ୍ରୋତା ନଦୀବନ୍ଧରେ ପଡ଼ିଥିବା ଘଳିଆ ମରାମତି କରାଯାଇଛି। କେଉଁଠି କିଛି ଘଟିଲେ ଯୁଦ୍ଧକାଳୀନଭିତ୍ତିରେ ପଦକ୍ଷେପ ନିଆଯାଉଛି ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି।

## ମା'ଭଟ୍ଟାରିକା, ସିଂହନାଥ ଦେବଙ୍କ ପୀଠରେ ୧୪୪ ଧାରା ଲାଗୁ

ବଡ଼ମ୍ବା,୩।୮ (ମାୟାଧର ମଲ୍ଲିକ)

ମହାନଦୀରେ ବନ୍ୟାଜଳ ଗୁରୁବାର ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଜନଜୀବନ ସୁରକ୍ଷା ପାଇଁ କଟକ ଜିଲା ବଡ଼ମ୍ବା ବ୍ଲକ ତହସିଲଦାର ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ନୀଳକଣ୍ଠ ବେହେରା ସ୍ଥାନୀୟ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକା ଓ ଗୋପୀନାଥପୁର ନିକଟ ମହାନଦୀ ମଧ୍ୟଭାଗରେ ଥିବା ସିଂହନାଥ ଦେବଙ୍କ ପୀଠରେ ୧୪୪ ଧାରା ଜାରି କରିଛନ୍ତି। ବନ୍ୟାଜଳ ନ କମିବା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଉଭୟ ପୀଠକୁ କୌଣସି ଯାତ୍ରୀ ତଥା ଭକ୍ତ ନ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ବଡ଼ମ୍ବା ଗୋପୀନାଥପୁରରୁ ବାଙ୍କୀର ବୈଦେଶ୍ୱରକୁ ସଂଯୋଗ କରୁଥିବା ମୁଖ୍ୟ ବ୍ରିଜକୁ ଛାଡ଼ି ପୀଠକୁ ସଂଲଗ୍ନ କରୁଥିବା ଟି–ବ୍ରିଜକୁ ନ ଯିବା ପାଇଁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ବୁଧବାର ବନ୍ୟାଜଳ ପ୍ରବେଶ କରିବା ପରେ ରାତିରେ ବଡ଼ମ୍ବା ଅଧିଷ୍ଠାତ୍ରୀ ଦେବୀ ମା'ଭଟ୍ଟାରିକାଙ୍କ ମନ୍ଦିରରେ ପାଣି ପଶିଛି। ଏହାପରେ ମା'ଙ୍କ ଚଳନ୍ତି ପ୍ରତିମାକୁ ନିକଟସ୍ଥ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇ ସେଠାରେ ପୂଜାର୍ଚ୍ଚନା ଚାଲିଛି ବୋଲି ମନ୍ଦିର ମୁଖ୍ୟ ପୂଜକ ଶିରୀଶ ରଣା ଓ ବଡ଼ମ୍ବା ଦେବୋତ୍ତର ବିଭାଗ ସୂତ୍ରରୁ ପ୍ରକାଶ। ଖବର ଲେଖାହେବା ବେଳକୁ ମା'ଭଟ୍ଟାରିକାଙ୍କ ମନ୍ଦିର ଉପରେ ପ୍ରାୟ ୩ ଫୁଟରୁ ଊର୍ଦ୍ଧ୍ୱ ବନ୍ୟା ଜଳ ପ୍ରବାହିତ ହେଉଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସଭାସମିତିରେ ସୀମା ଭିତରେ ରହିବା ଭଲ ନଚେତ୍ ସାଧାରଣ କଥାରେ ସମସ୍ୟା ଆସିବ। କିନ୍ତୁ, ଅ–ନାମାକ୍ଷର ବ୍ୟକ୍ତି ବନ୍ଧୁଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହେବେ।

**ବୃଷ**
ଆଜି ଯାହାକୁ ଯାହା କହିବେ ସେଥିରେ କାମଟି ନିଶ୍ଚୟ ସୁଗମ ହେବ। ବିଭିନ୍ନ ଦିଗରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ବ–ନାମାକ୍ଷରର କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ। କଳା ସାହିତ୍ୟ ଓ ସାମ୍ବାଦିକତା, ଚୁକ୍ତିପତ୍ର କ୍ଷେତ୍ରରୁ ସୁଫଳ ମିଳିବ।

**ମିଥୁନ**
ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସ୍ଥିତି ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ, ତଥାପି ଆପଣଙ୍କର କୌଣସି ପ୍ରକାରର ଅସୁବିଧା ହେବନାହିଁ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କୁ–ନାମାକ୍ଷରର କେତେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**କର୍କଟ**
ଭାବପ୍ରବଣତାରେ ଭାସିଯାଇ ଗୁରୁତ୍ୱପୂର୍ଣ୍ଣ କଥାଟିକୁ ପାଶୋରି ଦେବେ, ଯାହାକି ପରକ୍ଷଣରେ ସେଥିପାଇଁ ଉଚ୍ଚବାଚ ଘଟିବ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ମନର ବଳ ଖୁବ୍ ଟାଣ ରହିବ ଏବଂ ନିଜ ଜିଦ୍‌ରେ ଅଟଳ ରହିବେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ।

**ସିଂହ**
ଆଜି ହଠାତ୍ କୌଣସି ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବାର ସମ୍ଭାବନା ରହିଛି। ଆକସ୍ମିକ ସୁଯୋଗ ହାତଛଡ଼ା ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଅତି ଜରୁରୀ, ନଚେତ୍ ଅସୁବିଧାରେ ପଡ଼ିପାରନ୍ତି। ପିଲାଙ୍କ ପଢ଼ାକୁ ନେଇ ଚିନ୍ତିତ ରହିପାରନ୍ତି।

**କନ୍ୟା**
ନିଜର ସନ୍ଦେହୀ ମନୋଭାବ ହେତୁ କେତେକ ଅନାକାଂକ୍ଷିତ ସମସ୍ୟା ଦେଖାଦେବ। ଆପଣ ଅନ୍ୟମନସ୍କ ରହି ନୀରବତା ଅବଲମ୍ବନ କରିବା ଦ୍ୱାରା ତାହା ଚିନ୍ତାର କାରଣ ହୋଇପାରେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି।

**ତୁଳା**
କେତେକ ଅପୂରଣୀୟ ଆଶା ମନରେ ଆଲୋଡ଼ନ ସୃଷ୍ଟି କରିବ। କୌଣସି ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ। ବନ୍ଧୁମାନଙ୍କ ଭିତରେ ମାନମନାନ୍ତର ଦେଖା ଦେଇପାରେ। ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ସହକର୍ମୀ ଅବଶ୍ୟ ସାହାଯ୍ୟ କରିବେ।

**ବିଛା**
ସବୁ ଦିଗକୁ ନଜର ଦେଇ ଆଗକୁ ପାଦ ବଢ଼ାନ୍ତୁ, ନ ହେଲେ ଅନୁତାପ କରିବାକୁ ସମୟ ପାଇବେ ନାହିଁ। ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସରଳ ସମାଧାନ ହୋଇଯିବ। କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର ଆଶା ରହିଛି। ଚାହିଁ ଚାହିଁ ଆଖିରୁ ପାଣି ମରିଯିବ ପଛକେ କୌଣସି ବନ୍ଧୁଙ୍କର ଦେଖା ପାଇବେ ନାହିଁ।

**ଧନୁ**
ଯେତେ ପ୍ରକାରର ସମସ୍ୟା ଆସିଲେ ମଧ୍ୟ ତାହାର ଠିକ୍ ସାମନା କରିବା ପାଇଁ ଚେଷ୍ଟା କରିବେ। ବ୍ୟବସାୟ, ପରିବହନ, ପ୍ରକାଶନ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**ମକର**
ଆଜି ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବା ଆଶାରେ ବନ୍ଧୁଙ୍କୁ ବିଭିନ୍ନ ପ୍ରକାର ବିନୟପୂର୍ଣ୍ଣ କଥା କହିବେ। ହଠାତ୍ ଦୀର୍ଘଦିନରୁ ପ୍ରତୀକ୍ଷା କରିଥିବା କୌଣସି ଖବର ପାଇ ଖୁସି ହେବେ। ଶିଳ୍ପ, ପରିବହନ ଓ ବାଣିଜ୍ୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ସାମାଜିକ ସ୍ତରରେ ନୀରବଦ୍ରଷ୍ଟା ଭଳି କାମ କରିବେ।

**କୁମ୍ଭ**
କାମ ହାସଲ ସକାଶେ ଆଗନ୍ତୁକଟି ପ୍ରଶଂସାରେ ଶତମୁଖ ହୋଇଉଠିବ ଏଣୁ କାହାର ମନଗଢ଼ା କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ରାଜନୀତି କ୍ଷେତ୍ରରେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଭାବୁଥିବା କଥାକୁ ବନ୍ଧୁଙ୍କ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ଅଧସ୍ତନ କର୍ମଚାରୀଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ।

**ମୀନ**
କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ପରିବାରରେ ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁଙ୍କ ଖାପଛଡ଼ା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିବେ। କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଶ୍ରାବଣ (ମଳ)କୃଷ୍ଣପକ୍ଷ ତୃତୀୟା ଯୁକ୍ତ ଚତୁର୍ଥୀ ଶୁକ୍ରବାର, ଅଗଷ୍ଟ ୪ ତାରିଖ, ରାଶିନକ୍ଷତ୍ର–ପୂର୍ବଭାଦ୍ରପଦ/କୁମ୍ଭ, ତୃତୀୟାର ଏକୋଦ୍ଦିଷ୍ଟ ଓ ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୦୫।୨୭ ଗତେ ଘ.୦୬।୧୮ ମଧ୍ୟେ, ଘ. ୦୭।୦୯ ଗତେ ଘ.୦୮।୩୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୧୦।୧୬ ଗତେ ଘ.୧୧।୫୨ ମଧ୍ୟେ ରାହୁ କାଳ।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ବଳଦ ମୃତ

ପାଇକମାଳ, ୩।୮ (ବଡ ଶତପଥି)

ବରଗଡ ଜିଲା ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତର ଭେରୁଆମୁଣ୍ଡାରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଗୁରୁବାର ଗୋଟିଏ ବଳଦର ମୃତ୍ୟୁ ହୋଇଛି। ଭେରୁଆମୁଣ୍ଡା ଗ୍ରାମର ଚାଷୀ ଦୟାନନ୍ଦ ମାଝୀଙ୍କ ଉକ୍ତ ବଳଦ ଚରିସାରିବା ପରେ ଫେରୁଥିବା ବେଳେ ବିଦ୍ୟୁତ ଟ୍ରାନ୍ସଫର୍ମର ତାର ସଂସ୍ପର୍ଶରେ ଆସିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାର ମୃତ୍ୟୁ ହୋଇଛି। ଟ୍ରାନ୍ସଫର୍ମର ମୁକୁଳା ହୋଇ ପଡିଥିବାରୁ ଏଭଳି ଅଘଟଣ ଘଟିଛି। ତେଣୁ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ରକ୍ତଦାନ କରି ଜୀବନ ବଞ୍ଚାଇଲେ

ପଦ୍ମପୁର, ୩।୮ (ପ୍ରଦୀପ୍ତ ଦାଶ)

ପଦ୍ମପୁର ବ୍ଲକ ଅନ୍ତର୍ଗତ ଗୁଠୁର୍ଲା ଗ୍ରାମର ଭୂମିସୁତା ହରିପାଲଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଡାକ୍ତରଙ୍କ କହିବା ଅନୁସାରେ ତାଙ୍କର ରକ୍ତ ପରିମାଣ କମ୍ ଅଛି। ଖବର ପାଇ ପଦ୍ମପୁରର ପ୍ରବୀର ମଲ୍ଲିକ ରକ୍ତ ଦେବା ପରେ ରୋଗୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିଛି।

### ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବରପାଲି, ୩।୮ (ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ବ୍ଲକ ବିଜୟପଲ୍ଲୀ ଶ୍ରୀଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ରମାକାନ୍ତ ତ୍ରିପାଠୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ଡ. ବଦ୍ରିନାରାୟଣ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟାପକ ଡ. ରମେଶ ଚନ୍ଦ୍ର କର, ଡୋଲାମଣି ମାଝୀ, କାମପାଳ ପଣ୍ଡା, ଦୀପାଳି ସାହୁ, କିରାଣୀ ଅକ୍ଷୟ ଭୋଇ, ପୁରାତନ ଛାତ୍ର କ୍ଷୀରେଶ୍ୱର ନାୟକ ପ୍ରମୁଖ ବିଦାୟୀ ଅଧ୍ୟାପକଙ୍କ ଗୁଣଗାନ କରିଥିଲେ। ପରେ ମାନପତ୍ର ଓ ଉପଢୌକନ ପ୍ରଦାନ କରି ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ର ରାସନ ବାଗ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

### ବିକାଶ ଛାତ୍ର ହେଲେ ଓଏଏସ୍

ବରଗଡ଼, ୩।୮ (ପ୍ରେମାନନ୍ଦ ଖମାରୀ)


ଅମରେଶ ସାହୁ।

ବିକାଶ ହାୟର ଏଜୁକେଶନାଲ ଇନ୍ଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜର ୨୦୧୫-୧୮ ବ୍ୟାଚ୍‌ର ପ୍ରାଣୀ ବିଜ୍ଞାନ ଛାତ୍ର ଅମରେଶ ସାହୁ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ରେ କୃତକାର୍ଯ୍ୟ ହୋଇଛନ୍ତି। ସେ ରାଜ୍ୟରେ ୯୬ତମ ର୍‍ୟାଙ୍କରେ ରହିଛନ୍ତି। ସ୍ୱଭାବରେ ଅତ୍ୟନ୍ତ ସରଳ ଏବଂ କର୍ମଠ ଅମରେଶ ବିକାଶ ଡିଗ୍ରୀ କଲେଜରେ ଅଧ୍ୟୟନ କରୁଥିବା ସମୟରୁ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ପାଇଁ ଲକ୍ଷ୍ୟ ରଖିଥିଲେ। ଯୁକ୍ତ ୩ ବିଜ୍ଞାନ ଶେଷବର୍ଷ ପରୀକ୍ଷା ପରେ ସେ ଦିଲ୍ଲୀରେ ରହିଥିଲେ। ୪ବର୍ଷର ସାଧନା ପରେ ସେ ଓଡ଼ିଶା ଫେରି ଆସି ପ୍ରସ୍ତୁତି ଜାରି ରଖିଥିଲେ ଏବଂ ଓଏଏସରେ କୃତକାର୍ଯ୍ୟ ହୋଇଛନ୍ତି। ସେ ଅତାବିରା ରାଜସ୍ୱ ପର୍ଯ୍ୟବେକ୍ଷକ ଋଷଭ ସାହୁଙ୍କ ପୁଅ ଅଟନ୍ତି। ତାଙ୍କର ଏହି ସଫଳତାରେ ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ବିକାଶ ଡିଗ୍ରୀ କଲେଜ ଅଧ୍ୟକ୍ଷ ସତ୍ୟବ୍ରତ ମିଶ୍ର ପ୍ରମୁଖ ଅମରେଶଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବର୍ଷା ବିପ୍ରାତ ପରେ ବଢ଼ିଲା ଦୁଃଖ

ବରଗଡ଼, ୩।୮ (ପ୍ରେମାନନ୍ଦ ଖମାରୀ)


ବରଗଡ଼ ଜିଲା ଅତାବିରାରେ କ୍ଷତିଗ୍ରସ୍ତ ଘର।

ବରଗଡ଼ ଜିଲାରେ ଗତ ୨ଦିନ ଧରି ବର୍ଷା ଲାଗି ରହିଥିଲା। ଏଥିଯୋଗୁ ଜିଲାର ବିଭିନ୍ନ ସ୍ଥାନରେ ମାଟିଘର ଭାଙ୍ଗି ପଡ଼ିଛି। ସେହିପରି ଅନେକ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହୋଇଥିବାବେଳେ କେତେକ ରାସ୍ତାରେ ଘାଇ ମଧ୍ୟ ସୃଷ୍ଟି ହୋଇଛି। ପୂର୍ବ ୨ଦିନ ଭଳି ଗୁରୁବାର ଜିଲାରେ ଅଧିକ ବୃଷ୍ଟିପାତ ହୋଇନାହିଁ। କିନ୍ତୁ ବର୍ଷା ବିପ୍ରାତ ପରେ ପ୍ରଭାବିତ ଲୋକଙ୍କ ଦୁଃଖ ବଢ଼ିଯାଇଛି। ମାଟିଘର ଭାଙ୍ଗି ପଡ଼ିଥିବାରୁ ଅନେକ ଲୋକ ପ୍ରଶାସନ ପକ୍ଷରୁ ଖୋଲା ଯାଇଥିବା ଆଶ୍ରୟସ୍ଥଳରେ ଆଶ୍ରୟ ନେଇଛନ୍ତି। ଆଉ କେତେକ ବର୍ଷା ଛାଡ଼ିବା ପରେ ନିଜ ଘର ସଜାଡ଼ିବାରେ ଲାଗିଛନ୍ତି। ସେହିପରି ଅନେକ ସ୍ଥାନରେ ଚାଷଜମି ଜଳମଗ୍ନ ଏବଂ ବାଲିଚର ହୋଇଥିବା ଯୋଗୁ ଚାଷୀମାନେ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ ଜାରି ରହିଛି। ଏଭଳିସ୍ଥଳେ ପ୍ରଭାବିତ ଲୋକେ ସରକାରୀ କ୍ଷତିପୂରଣ ସହାୟତାକୁ ଚାହିଁ ବସିଛନ୍ତି।

ସୂଚନା ଅନୁଯାୟୀ, ବର୍ଷାରେ ବିଜେପୁର ବ୍ଲକର ୩ ପଞ୍ଚାୟତ ଅଧୀନ ଲାଉମୁଣ୍ଡା, କାଲସେଡ଼େରା ସମେତ ୩ ଗ୍ରାମ ପ୍ରଭାବିତ ହୋଇଛି। ଏଠାରେ ୩ରୁ ଅଧିକ ମାଟିଘର କ୍ଷତିଗ୍ରସ୍ତ ହୋଇଛି। ଏହି ବ୍ଲକରେ ୨୫ଜଣ ବିପନ୍ନଙ୍କୁ ଉଦ୍ଧାର କରାଯାଇଛି। ସେଥିମଧ୍ୟରୁ ଲାଉମୁଣ୍ଡା ପଞ୍ଚାୟତରେ ୧୨ଜଣ, ଘେଁସ ପଞ୍ଚାୟତ କାର୍ଯ୍ୟାଳୟରେ ୭ଜଣ, ଏମ. ଶ୍ରୀଗିଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ୫ଜଣ ଏବଂ ଟି. ଗଣ୍ଡପାଲି କ୍ଲବ ଘରେ ଜଣେ ବୃଦ୍ଧାଙ୍କୁ ଆଶ୍ରୟ ଦିଆଯାଇଥିଲା। ସେହିପରି ଭେଡ଼େନ ବ୍ଲକରେ ୬ ପଞ୍ଚାୟତ ମହୁଲପାଲି, ମାନପୁର, ଡାଲବ, ଦେଶଭଟଲି, ସିଆଲଖଣ୍ଡହଥା ପ୍ରଭାବିତ ହୋଇଥିବାବେଳେ ୧୯ ମାଟିଘର କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ସାପଲହର ଡ୍ୟାମ୍‌ର ପଛୁଆ ପାଣିରେ ୩ଘରର ୨୦ଜଣ ଜଳବନ୍ଦୀ ଥିବାବେଳେ ୧୦ଜଣଙ୍କୁ ଉଦ୍ଧାର କରି ଆଶ୍ରୟସ୍ଥଳୀକୁ ଅଣାଯାଇଥିଲା। ସମ୍ବଲପୁରୀ ଗ୍ରାମରୁ ଲଖମରା ରାସ୍ତାରେ ରହିଥିବା ଏକ କଲଭର୍ଟ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି।

ଅତାବିରା ବ୍ଲକରେ ଅତାବିରା ଏନ୍‌ଏସି ୱାର୍ଡ ନଂ-୪ ଟଙ୍କ ମଲ୍ଲିକ, ସୁଷମା ମଲ୍ଲିକ, କୃଷ୍ଣ ମଲ୍ଲିକ, ଟୋପ ପଞ୍ଚାୟତ ଖଲିଆପାଲିର ଲଳିତ ଦେବତାଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ଏହି ବ୍ଲକର ଲୁରୁପାଲି, ଟାମ୍ପରସରା, ପାହାଡ଼ଶ୍ରୀଗିଡ଼ା ଗ୍ରାମର କିଛି ଲୋକେ ମଧ୍ୟ ବର୍ଷା ବିପ୍ରାତରେ ପ୍ରଭାବିତ ହୋଇଛନ୍ତି। ତେବେ ବର୍ଷା ବିପ୍ରାତ ଯୋଗୁ ଗାଇସିଲେଟ, ପଦ୍ମପୁର, ବିଜେପୁର ଆଦି ଅଞ୍ଚଳରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଛି। ବିଭାଗୀୟ କର୍ମଚାରୀମାନେ ସମ୍ପୃକ୍ତ ଅଞ୍ଚଳରେ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରୁଥିବା ସୂଚନା ମିଳିଛି।

## ବିଜେପୁରରେ ଚାଲିଲା ବୁଲଡ଼ୋଜର


ବିଜେପୁରରେ ଜବରଦଖଲ ଉଚ୍ଛେଦ ଚାଲିଛି।

ବରଗଡ଼, ୨।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଭଳି ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ରେ ଗୁରୁବାରରୁ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ସ୍ଥାନୀୟ ଉପରପଡ଼ାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବୁଲଡ଼ୋଜର ଲଗାଇ ଜବରଦଖଲରେ ରହିଥିବା ଦୋକାନ, ଘରଗୁଡ଼ିକୁ ଭାଙ୍ଗି ଦିଆଯାଇଛି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ଏକ୍କାଙ୍କ ଉପସ୍ଥିତିରେ ଉଚ୍ଛେଦ ଅଭିଯାନ ଚାଲିଥିଲା। ପୂର୍ବରୁ ସୀମା ଚିହ୍ନଟ ସହିତ ଉଚ୍ଛେଦ ନେଇ ସୂଚନା ଦିଆଯାଇଥିଲା। ଅନ୍ୟପଟେ ବରଗଡ଼ ସହର ଲେଙ୍ଗୁ ମିଶ୍ର ଛକରୁ ନୂଆ ବ୍ରିଜ୍ ରାସ୍ତାପାର୍ଶ୍ୱରେ ଚାଲିଥିବା ଉଚ୍ଛେଦ ଅଭିଯାନ ୨ଦିନ ହେଲା ବନ୍ଦ ରହିଛି। ପଦ୍ମପୁରରେ ଜବରଦଖଲ ଉଚ୍ଛେଦ ନେଇ ଡାକବାଜି ଯନ୍ତ୍ରରେ ସୂଚନା ଦିଆଯାଇଥିଲେ ମଧ ତାକୁ ବର୍ତ୍ତମାନ ସ୍ଥଗିତ ରଖାଯାଇଥିବା ଜଣାପଡ଼ିଛି। ଆଗକୁ ବରପାଲି ଏବଂ ଅତାବିରା ଏନ୍‌ଏସିରେ ମଧ୍ୟ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ ଅଭିଯାନ ଚାଲିବ ବୋଲି ସୂଚନା ମିଳିଛି। ବରଗଡ଼ ଜିଲା ପ୍ରଶାସନ ବର୍ତ୍ତମାନ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ ପାଇଁ ଆକ୍ସନ ମୁଡ୍‌ରେ ଥିବାରୁ ଜବରଦଖଲକାରୀଙ୍କ ଚିନ୍ତା ବଢ଼ିଯାଇଛି।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ମନ୍ତ୍ରୀ


ଗାଇସିଲେଟ ବ୍ଲକରେ ମନ୍ତ୍ରୀ ରୀତା ସାହୁ ମିଶନ ଶକ୍ତି କାଫେ ଉଦ୍‌ଘାଟନ କରୁଛନ୍ତି।

ଗାଇସିଲେଟ, ୩।୮ (ବେଦପ୍ରକାଶ କଲତା)

ବରଗଡ଼ ଜିଲା ଗାଇସିଲେଟ ବ୍ଲକରେ ଗୁରୁବାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ନୂତନ ପଞ୍ଚାୟତ କାର୍ଯ୍ୟାଳୟ, ମିଶନ ଶକ୍ତି କାଫେ, ମିଶନ ଶକ୍ତି ଭବନ, ନୂତନ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆଦିକୁ ମନ୍ତ୍ରୀ ସାହୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗାଇସିଲେଟ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ସମାରୋହରେ ମନ୍ତ୍ରୀ ସାହୁ ଅଞ୍ଚଳର ବିକାଶକୁ ଆଗେଇ ନେବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଉଦ୍‌ଘାଟନୀ ସମାରୋହରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଉପଦେଷ୍ଟା ନାରାୟଣ ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ବିଡ଼ିଓ ମନୋଜ କୁମାର ଦେବତା, ଚାଷୀନେତା କିଶୋର ଦେବତା, ଜିଲା ପରିଷଦ ସଭ୍ୟ ନୀଳମଣି ବରିହାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସମିତିସଭ୍ୟ ଓ ସରପଞ୍ଚମାନେ ଉପସ୍ଥିତ ଥିଲେ।

## ପ୍ରାକ୍ତନ ଅଧ୍ୟାପକଙ୍କ ଶ୍ରଦ୍ଧାଞ୍ଜଳି ସଭା

ବରଗଡ଼, ୩।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ବିଜେପୁର କଲେଜର ପୂର୍ବତନ ଅଧ୍ୟାପକ ଜାରିଂ ଗ୍ରାମ ନିବାସୀ ସ୍ୱର୍ଗତ ଘନଶ୍ୟାମ ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ଡ. ପ୍ରଭାସ ସିଂ, ପୂର୍ବତନ ମନ୍ତ୍ରୀ ବିମ୍ବାଧର କୁଅଁର, ପଞ୍ଚାୟତ କଲେଜ ଅଧ୍ୟକ୍ଷ ପତିତପାବନ ସାହୁ, ଅବସରପ୍ରାପ୍ତ ଶିକ୍ଷକ ନେତ୍ରାନନ୍ଦ ପ୍ରଧାନ, ଜିଲା ସଂକୀର୍ତ୍ତନ ପରିଷଦ ସଭାପତି ପ୍ରମୋଦ ଦାଶ, ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁ ନେପାକ, ବିଜେପୁର ଜମିଦାର ସନତ ଗଡ଼ତିଆ, ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ସାହୁ ଦୃଢ଼ ମନୋବଳ ସମ୍ପନ୍ନ ଏବଂ ସାଲିସ ବିହୀନ ବ୍ୟକ୍ତିତ୍ୱ ଥିଲେ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ ପାଇଥିଲା।

## ରାଜ୍ୟ ସମବାୟ ୟୁନିୟନ ଲିଃ ଉପସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ


ନବନିର୍ବାଚିତ ଉପସଭାପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ବରପାଲି, ୩।୮ (ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ବ୍ଲକ ଆଗଲପୁର ପାକ୍ସ ସଭାପତି ବିରୋସନ ସାହୁ ଓଡିଶା ରାଜ୍ୟ ସମବାୟ ୟୁନିୟନ ଲିଃର ଉପସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ଅବସରରେ ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଭଟଲି ବିଧାୟକ ସୁଶାନ୍ତ ସିଂ, ବିଧାୟକ ପ୍ରଶାନ୍ତ ମୁଦୁଲି, ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକ, ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଟି. ପ୍ରସାଦ ରାଓ ଦୋରା, ଓଡ଼ିଶା ରାଜ୍ୟ କୋ ଅପରେଟିଭ ୟୁନିୟନ ଲିମିଟେଡ୍ ସଭାପତି ପ୍ରଭାସିନୀ ଷଡ଼ଙ୍ଗୀ ତଥା ସମସ୍ତ ସଭ୍ୟାସଭ୍ୟଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ସମ୍ବଲପୁରୀ ସଂସ୍କୃତି ସଭିଙ୍କ ଗର୍ବ


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଆୟୋଜକବୃନ୍ଦ।

ବରଗଡ଼, ୩।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ରାଣାପ୍ରତାପ ସ୍କୁଲ ପରିସରରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ପାଳନ ଅବସରରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷକ ଗୋପବନ୍ଧୁ ପୁରୋହିତ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଡ. ତପସ୍ୱିନୀ ଗୁରୁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ବଲପୁରୀ କଳା, ସାହିତ୍ୟ, ସଂସ୍କୃତି ସାରାଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଏବଂ ଏହା ଆମ ସମସ୍ତ ପାଇଁ ଗର୍ବ, ଗୌରବ ବୋଲି ସେ କହିଥିଲେ। ଡ. ରଘୁନାଥ ମେହେର ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ବଲପୁରୀ ବସ୍ତ୍ର, ଭାଷା ଉପରେ ଆଲୋଚନା କରିବା ସହିତ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କୋଶଳ ଟାଇମ୍‌ର ସମ୍ପାଦକ ସଞ୍ଜୀବ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୃତ୍ୟଶିଳ୍ପୀ ଡୋଲେଶ୍ୱରୀ ସୁନା ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ସୁନୀତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କଂକ୍ରିଟ ରାସ୍ତାରେ ଗର୍ତ୍ତ

ଅତାବିରା, ୩।୮ (ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ଗ୍ରାମର ମୁଖ୍ୟରାସ୍ତା ସ୍କୁଲ ନିକଟରେ ଏକ ଗର୍ତ୍ତ ସୃଷ୍ଟି ହୋଇଛି। କଂକ୍ରିଟ ରାସ୍ତାରେ କଲଭର୍ଟ ଭାଙ୍ଗିଯାଇଥିବାରୁ ଏହି ଗର୍ତ୍ତ ଦେଇ ଚାଷଜମି ପାଣି ରାସ୍ତାରେ ବହୁଛି। ସେହିପରି ଗର୍ତ୍ତ ଯୋଗୁ ରାସ୍ତାରେ ଯାତାୟାତ ବିପଦଶଙ୍କୁଳ ହୋଇ ପଡ଼ିଛି। ଏ ନେଇ ସ୍ଥାନୀୟ ସରପଞ୍ଚ ଶେଷଦେବ ଛନ୍ଦଙ୍କୁ ପଚାରିବାରୁ ସେହି ସ୍ଥାନ ମରାମତି କରାଯିବ ବୋଲି କହିଥିଲେ।



## ୨୩ରେ ଉଲୁଣ୍ଡା, ବିନିକା ବସଷ୍ଟାଣ୍ଡ ଉଦ୍‌ଘାଟନ

ସୋନପୁର, ୩।୮ (ମୃତ୍ୟୁଞ୍ଜୟ ଶତପଥୀ)



ଉଦ୍‌ଘାଟନ ଅପେକ୍ଷାରେ ଉଲୁଣ୍ଡାର ନୂତନ ବସଷ୍ଟାଣ୍ଡ।

ସୁବର୍ଣ୍ଣପୁର ଜିଲାର ଉଲୁଣ୍ଡା ଓ ବିନିକା ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଅଗଷ୍ଟ ୨୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଭିଡିଓ କନଫରେନ୍ସିଂ ଯୋଗେ ଏହି ୨ ପ୍ରକଳ୍ପର ଉଦ୍‌ଘାଟନ କରିବେ। ରାଜ୍ୟର ଅନ୍ୟ ୧୪ଟି ବସଷ୍ଟାଣ୍ଡ ସହିତ ସୁବର୍ଣ୍ଣପୁର ଜିଲାର ବିନିକା ଓ ଉଲୁଣ୍ଡା ସି-ଟାଇପ ବସଷ୍ଟାଣ୍ଡ ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଛି। ଓଏସଆରଟିସି ପକ୍ଷରୁ ଏ ସମ୍ପର୍କିତ ଚିଠି ସୁବର୍ଣ୍ଣପୁର ଜିଲାପାଳଙ୍କ ନିକଟକୁ ଆସିଛି।

ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ୨୦୨୧ ଡିସେମ୍ବର ୨୩ ତାରିଖରେ ଭୁବନେଶ୍ୱରରୁ ଭିଡିଓ କନଫରେନ୍ସିଂ ଯୋଗେ ଜିଲାର ସୁବର୍ଣ୍ଣପୁର ସହର ସମେତ, ବୀରମହାରାଜପୁର, ଉଲୁଣ୍ଡା ଓ ବିନିକାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ସେ ସମୟରେ ପରିବହନ ବିଭାଗର ମନ୍ତ୍ରୀ ଥିଲେ। ତଦନୁଯାୟୀ ଉଲୁଣ୍ଡାରେ ୧ କୋଟି ବ୍ୟୟରେ ପ୍ରାୟ ୧.୦୨ ଏକର ପରିମିତ ଜମି ଉପରେ ବସଷ୍ଟାଣ୍ଡ ନିର୍ମାଣ ହୋଇଛି। ଗତ ଜାନୁୟାରୀ ମାସରେ ନିର୍ମାଣ କାମ ସରିଛି। ସେହିପରି ବିନିକାରେ ପ୍ରାୟ ୨ କୋଟି ବ୍ୟୟରେ ୧.୧୬ ଏକର ପରିମିତ ଜମିରେ ବସଷ୍ଟାଣ୍ଡ ନିର୍ମାଣ ହୋଇଛି। ଗତ ଫେବୃୟାରୀ ମାସରେ ଏହି ବସଷ୍ଟାଣ୍ଡର ନିର୍ମାଣ ସରିବା ସହିତ ଜନସାଧାରଣ ବ୍ୟବହାର କରି ଆସୁଛନ୍ତି। ଉଭୟ ବସଷ୍ଟାଣ୍ଡକୁ ଓଏସ୍‌ଆର୍‌ଟିସି ପକ୍ଷରୁ ନିର୍ମାଣ କରାଯାଇଥିଲା। ବସଷ୍ଟାଣ୍ଡ ଦ୍ୱୟ ଜିଲାର ସାମଗ୍ରିକ ବିକାଶ ଓ ଯୋଗାଯୋଗ କ୍ଷେତ୍ରରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ଉଦ୍ୟାନ କୃଷି ତାଲିମ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼, ୩।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିସରରେ ରହିଥିବା ଶହୀଦ ମାଧୋ ସିଂ ସମ୍ମିଳନୀ କକ୍ଷରେ ଗୁରୁବାର ବ୍ଲକସ୍ତରୀୟ ଉଦ୍ୟାନ କୃଷି ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ କୃଷି ଅଧିକାରୀ କମଳାକାନ୍ତ ଭୁଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉଦ୍ୟାନ ସମ୍ପ୍ରସାରଣ କର୍ମୀ ଇପ୍‌ସିତା ପଣ୍ଡା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ବିଡ଼ିଓ ଯୁଧିଷ୍ଠିର ମେହେର ମୁଖ୍ୟ ଅତିଥି, ପଦ୍ମପୁର ସହକାରୀ କୃଷି ନିର୍ଦ୍ଦେଶକ ଗୋବିନ୍ଦ ପଧାନ, ନିଲେଶ୍ୱର ସରପଞ୍ଚ ନିରଞ୍ଜନ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବିଶେଷଜ୍ଞ ଡ. ରାହୁଲ ଦେବ ବେହେରା ଯୋଗଦେଇ ମୃତ୍ତିକାର ଠିକ୍ ପରିଚାଳନା ଉପରେ ଚାଷୀଙ୍କୁ ବୁଝାଇଥିଲେ। ଉଦ୍ୟାନ କୃଷି ବିଭାଗର ସୁଶ୍ରୀ ସ୍ୱାମିନୀ ଭୋଇ, ଭବେଶ କୁମାର ଦଲାଇ ବିଭିନ୍ନ ଉଦ୍ୟାନ ଭିତ୍ତିକ ଯୋଜନା ଉପରେ ଆଲୋକପାତ କରିଥିଲେ। ବରଗଡ଼ ବ୍ଲକର ଚାଷୀ, ଜନ ପ୍ରତିନିଧିମାନେ ଯୋଗଦାନ କରିଥିଲେ। ଉଦ୍ୟାନ କୃଷି ପର୍ଯ୍ୟବେକ୍ଷକ ଯୁବରାଜ ସାମିନି ସହଯୋଗ କରିଥିଲେ।

# କାମକୁ ଆସିଲାନି ବିଏସ୍‌କେୱାଇ କାର୍ଡ

ବରଗଡ଼, ୩।୮ (ପ୍ରେମାନନ୍ଦ ଖମାରୀ)


ପରିବାର ସହିତ ଆକ୍ରାନ୍ତ ମହିଳା।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେୱାଇ) ଯୋଗୁ ଆର୍ଥିକ ଅନଗ୍ରସର ହିତାଧିକାରୀମାନେ ଚିକିତ୍ସା କ୍ଷେତ୍ରରେ ଘରୋଇ ଡାକ୍ତରଖାନାରେ ଉପକୃତ ହେଉଛନ୍ତି। କିନ୍ତୁ ହାତରେ ବିଜୁ ସ୍ୱାସ୍ଥ୍ୟକାର୍ଡ ଥିଲେ ମଧ ସେଥିରେ ସାମାନ୍ୟ ତ୍ରୁଟି ଯୋଗୁ ଜଣେ କ୍ୟାନ୍‌ସର ରୋଗୀ ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାକୁ ଯାଇ ନିରାଶରେ ଫେରିଥିବା ଜଣାପଡ଼ିଛି।

ବରଗଡ଼ ଜିଲା ବରପାଲି ବ୍ଲକ ଅଧୀନ ଗୋପେଇପାଲି ଗ୍ରାମର କୁନ୍ଦା ମଟାରୀଙ୍କ ସ୍ତ୍ରୀ ନିରାଶୀ କର୍କଟ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଚିକିତ୍ସାରେ ବହୁ ଖର୍ଚ୍ଚାନ୍ତ ହେବା ଜାଣି ସେ ପାଖରେ ଥିବା ବିଜୁ ସ୍ୱାସ୍ଥ୍ୟକାର୍ଡ ଧରି ଏକ ଘରୋଇ ଡାକ୍ତରଖାନାକୁ ଯାଇଥିଲେ। କିନ୍ତୁ ସେହି କାର୍ଡରେ ତାଙ୍କ ନାମରେ କିଛି ତ୍ରୁଟି ରହିଥିବା ପରିଲକ୍ଷିତ ହୋଇଥିଲା। ଅନ୍ୟପଟେ ରାଶନ କାର୍ଡରେ ତାଙ୍କ ନାମ ଓଡ଼ିଆରେ ଠିକ୍ ଭାବେ ନିରାଶୀ ଲେଖାଯାଇ ଥିବାବେଳେ ସେଥିରେ ଇଂରାଜୀରେ କିରାନୀ ବୋଲି ଲେଖାଯାଇଛି। ସେହି କ୍ରମରେ ଭୁଲ ନାମ ବିଜୁ ସ୍ୱାସ୍ଥ୍ୟକାର୍ଡରେ ରହିଛି। କାର୍ଡ଼ ପ୍ରସ୍ତୁତବେଳେ ସେ ଠିକ୍ ନାମ କହିଥିବାବେଳେ ବିଭାଗୀୟ କର୍ମଚାରୀଙ୍କ ଅବହେଳା ଯୋଗୁ ତାଙ୍କ ନାମରେ ତ୍ରୁଟି ଦେଖାଯାଇଛି ଏବଂ ଜରୁରୀ ସମୟରେ ବିଜୁ ସ୍ୱାସ୍ଥ୍ୟକାର୍ଡ କାମକୁ ନ ଆସିବା

### ପ୍ରସ୍ତୁତି ବେଳେ ନାମରେ ତ୍ରୁଟି

ନିରାଶୀଙ୍କ ପରିବାର ଲୋକଙ୍କୁ ମାନସିକ ଆଘାତ ଦେଇଥିବା ପରିବାର ଲୋକେ କହିଛନ୍ତି। ବିଜୁ ସ୍ୱାସ୍ଥ୍ୟକାର୍ଡରେ ରହିଥିବା ସେହି ତ୍ରୁଟି ସଂଶୋଧନ ସହିତ ତାଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ପଶ୍ଚିମ ଓଡ଼ିଶା ଯୁବାମଞ୍ଚର ଅଚ୍ୟୁତ ନାଗ, କ୍ୟାନ୍‌ସର ପୀଡ଼ିତଙ୍କ ପାଇଁ କାମ କରି ଆସୁଥିବା ଫାଇଟର୍ସ ଗ୍ରୁପ୍ ଟ୍ରଷ୍ଟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦର୍ଜୀ, ସାମାଜିକ କର୍ମୀ ଦୀପା ବାରିକ ପ୍ରମୁଖ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମାତ୍ର ଏପର୍ଯ୍ୟନ୍ତ କିଛି ସୁଫଳ ମିଳି ନ ଥିବାବେଳେ ଚିକିତ୍ସା ନ ପାଇଁ ନିରାଶୀଙ୍କ ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ଅଧିକ ବିଗିଡ଼ିବାରେ ଲାଗିଛି। ବିଜୁ ସ୍ୱାସ୍ଥ୍ୟକାର୍ଡରେ ରହିଥିବା ତ୍ରୁଟି ସଂଶୋଧନ କରି ନିରାଶୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେବାକୁ ଦାବି ହୋଇଛି।

## ସଂକ୍ଷେପରେ

### ଲଗାଣ ବର୍ଷାରେ ଭାଙ୍ଗିଲା ଘର



**କୁଚିଣ୍ଡା,୩।୮(ବିରଞ୍ଚ ଦର୍ଦ୍ଦା):** ଲଗାଣ ବର୍ଷାରେ କୁଚିଣ୍ଡା ତହସିଲ ଅନ୍ତର୍ଗତ ହାଡିପାଲି ପଞ୍ଚାୟତ କିଣ୍ଡିରା ଗ୍ରାମର ଶୁଶିଲ ରୋହିଦାସଙ୍କ ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ବୁଧବାର ସକାଳୁ ଆରମ୍ଭ ହୋଇଥିବା ଲଘୁଚାପ ଜନିତ ବର୍ଷାରେ ଘର ଭାଙ୍ଗିଯିବାରୁ ଶୁଶିଲଙ୍କ ପରିବାର ବେସାହାରା ହୋଇ ପଡୋଶୀଙ୍କ ବାରଣ୍ଡାରେ ଆଶ୍ରୟ ନେଇଛନ୍ତି। ଖବରପାଇ କୁଚୁରାଚୁଆଁ ରାଜସ୍ୱ ନିରୀକ୍ଷକ ସୁଦେଷ୍ଣା ନାଏକ ଘଟଣାସ୍ଥଳ ପରିଦର୍ଶନ କରି ତହସିଲଦାରଙ୍କୁ ରିପୋର୍ଟ କରିଥିବା କହିଛନ୍ତି। ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ଏହି ଗରିବ ପରିବାରଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### ସମାଧାନ ନ ହେଲେ ଆନ୍ଦୋଳନ

**ସମ୍ବଲପୁର,୩।୮(ଶୁଭାଶିଷ ପାଢୀ):** ସମ୍ବଲପୁର ମହାନଗର ନିଗମ ଚେରୁଆପଡା ଝୁପୁଡିବସ୍ତିର ୫୫ ପରିବାରଙ୍କୁ ଉଚ୍ଛେଦ କରାଯାଇଛି। ପ୍ରତିବାଦ ପରେ ପରିବାର ବର୍ଗଙ୍କୁ ସହଯୋଗ କରିବାକୁ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ପାଳନ ହେଲା ନାହିଁ। ଶୀଘ୍ର ସମାଧାନ ନ ହେଲେ ପୁଣି ଆନ୍ଦୋଳନ କରାଯିବ ବୋଲି ଗୁରୁବାର ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୂଳନିବାସୀ ସେନା ପକ୍ଷରୁ ଚେତାବନୀ ଦିଆଯାଇଛି। ଅଭିଯୋଗ କ୍ରମେ ଉଚ୍ଛେଦ ହେବା ପରେ ୫୫ ପରିବାର ବହୁକଷ୍ଟରେ ରହୁଛନ୍ତି। ଜୁଲାଇ ୧୦ରୁ ୨୮ ପର୍ଯ୍ୟନ୍ତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ପିଲା ଛୁଆକୁ ନେଇ ଧାରଣା ଦେଇଥିଲେ। ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନରୁ ଓହରି ଯାଇଥିଲେ। ପ୍ରଶାସନ ଥଇଥାନ ବ୍ୟବସ୍ଥା କରୁ ବୋଲି ଦାବି କରିଥିଲେ ।

### ଗଛପଡ଼ି ରାସ୍ତା ଅବରୋଧ

**ବ୍ରଜରାଜନଗର,୩।୮(ବିଜୟ ବରାଡ):** ଲଘୁଚାପ ଜନିତ ଲଗାଣ ବର୍ଷାର ପ୍ରଭାବ ବ୍ରଜରାଜନଗର ଅଞ୍ଚଳରେ ଦେଖିବାକୁ ମିଳିଥିଲା। ଓରିଏଣ୍ଟ ପେପର ମିଲ ପାଚେରି ଉପରେ ଗଛ ପଡି ଭାଙ୍ଗିଯାଇଛି। ସେହିପରି ସହରାଞ୍ଚଳ ବିଜୁ ପଟ୍ଟନାୟକ ଛକରୁ ମୁଖ୍ୟ ବଜାରକୁ ସଂଯୋଗ କରୁଥିବା ରାସ୍ତା ଉପରେ ବୁଧବାର ଏକ ଗଛପଡି ରାସ୍ତା ଅବରୋଧ ହୋଇଥିଲା। ଫଳରେ ଉକ୍ତ ରାସ୍ତାରେ ୭ଘଣ୍ଟା ଧରି ଯାତାୟାତ ବନ୍ଦ ରହିଥଲା। ସକାଳ ୮ଟା ସମୟରେ ପୌର କର୍ତ୍ତୃପକ୍ଷ ଯୁଦ୍ଧକାଳୀନ ଭିତ୍ତିରେ ଗଛ କାଟି ରାସ୍ତା ସଫା କରିଥିଲେ। ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

### ପ୍ରଭାବିତଙ୍କୁ ରିଲିଫ ବଣ୍ଟନ

**ନାକଟିଦେଉଳ,୩।୮(ବୈକୁଣ୍ଠ ନାଥ ସାହୁ):** ଲଗାଣ ବର୍ଷା ଯୋଗୁ ନାକଟିଦେଉଳ ବ୍ଲକ ଚମ୍ପାଳି ନଦୀରେ ବନ୍ୟାପାଣି ଆସି ଖମଣମୁଣ୍ଡା ଗ୍ରାମରେ କ୍ଷତି ଘଟଣାଇଥିଲା। ଗ୍ରାମରେ ଥିବା ମାଟି ଘରଗୁଡିକ ଭୁଶୁଡି ପଡିଛି। ବନ୍ୟା ଜଳ ଛାଡିଯାଇଥିଲେ ମଧ୍ୟ ଲୋକେ ଘୋର ଦୁର୍ଦ୍ଦଶା ମଧ୍ୟରେ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ବରିଷ୍ଠ ଭାଜପା ନେତା ଗୋବିନ୍ଦ ଅଗ୍ରୱାଲା ଖମଣମୁଣ୍ଡା ଗ୍ରାମରେ ପହଞ୍ଚି ପ୍ରଭାବିତ ପରିବାରକୁ ରିଲିଫ ବଣ୍ଟନ କରିଛନ୍ତି। ଗ୍ରାମର ପ୍ରାୟ ୩୦ ପରିବାରକୁ ୨କୁଇଣ୍ଟାଲ ଚାଉଳ, ୩୦ କେଜି ଡାଲି ସହିତ ବିସ୍କୁଟ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରିହର ସାହୁ, କୁମାରେଶ ସ୍ୱାଇଁ, ଅଶୋକ ପ୍ରଧାନ, ବଳରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟବହାର ହେଉନି ଏସ୍‌ସିଏସ୍‌ଟି ହଷ୍ଟେଲ

**ସମ୍ବଲପୁର,୩।୮(ଶୁଭାଶିଷ ପାଢୀ)**

ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷାଦାନ ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଶିକ୍ଷା ଉପକରଣ ପ୍ରଦାନ ସହ ସ୍କୁଲ କଲେଜରେ ରହି ପାଠ ପଢିବା ପାଇଁ ହଷ୍ଟେଲ ବ୍ୟବସ୍ଥା କରିଛନ୍ତି। ହେଲେ ସମ୍ବଲପୁର ଜିଲାର ଅଧିକାଂଶ ସ୍କୁଲ ଓ କଲେଜରେ ଥିବା ହଷ୍ଟେଲ ବ୍ୟବହାରରେ ଆସୁନାହିଁ। ସ୍କୁଲ ନିକଟରେ ଘର ହୋଇଥିବାରୁ ଛାତ୍ରୀଛାତ୍ର ହଷ୍ଟେଲରେ ରହିବାକୁ ଇଚ୍ଛା ପ୍ରକାଶ ନ କରିବା ଏହାର ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି। ତେଣୁ ବହୁ ଅର୍ଥ ବ୍ୟୟରେ ନିର୍ମାଣ ହୋଇଥିବା ହଷ୍ଟେଲ କୋଠା ନଷ୍ଟ ହେବାକୁ ବସିଛି।

ସୂଚନା ଅନୁସାରେ, ଜିଲାର ୯ ବ୍ଲକ୍‌ର ୧୨୬ ସ୍କୁଲ (ଷଷ୍ଠରୁ ଦଶମ)ରେ ଉଭୟ ବାଳିକା ଓ ବାଳକଙ୍କ ପାଇଁ ଶହେ ଶଯ୍ୟା ବିଶିଷ୍ଟ ହଷ୍ଟେଲ ସୁବିଧା ରହିଛି। ସେହିପରି ୧୦ରୁ ଅଧିକ କଲେଜରେ ହଷ୍ଟେଲ ରହିଛି। କେତେକ ବ୍ଲକରେ ହଷ୍ଟେଲ କୋଠା ଏବେ ମଧ୍ୟ ନିର୍ମାଣାଧୀନ ରହିଛି। ଏଥିପାଇଁ କର୍ମଚାରୀ ନିଯୁକ୍ତି କରାଯାଇ ଦରମା ପ୍ରଦାନ କରାଯାଉଛି।



ମାନେଶ୍ୱରରେ ନିର୍ମାଣ ହୋଇଥିବା ହଷ୍ଟେଲ କୋଠା ।

- **ଇଚ୍ଛା ପ୍ରକାଶ କରୁନାହାନ୍ତି ଛାତ୍ରୀଛାତ୍ର**
- **ନଷ୍ଟ ହେବାକୁ ବସିଛି କୋଠା**

ପ୍ରାୟ ୨୫ ସ୍କୁଲ ଓ ୫ ଗୋଟି କଲେଜରେ ଥିବା ହଷ୍ଟେଲ ବ୍ୟବହାରରେ ଆସୁ ନାହିଁ। ଫଳରେ ହଷ୍ଟେଲ ପାଇଁ ରହିଥିବା ସାମଗ୍ରୀ ନଷ୍ଟ ହେବାକୁ ବସିଛି। ପିଲା ରହୁ ନ ଥିବାରୁ ସଫାସୁତୁରା ହେଉ ନାହିଁ। ଅଳିଆ ଆବର୍ଜନାରେ ପୂରି ରହୁଛି। ସ୍କୁଲ ନିକଟରେ ଘର ଥିବାରୁ ବହୁ ଛାତ୍ରୀଛାତ୍ର କ୍ଲାସ ସରିବା ପରେ ଘରକୁ ଚାଲି ଯାଉଛନ୍ତି। ଅନ୍ୟପକ୍ଷେ ରାଜ୍ୟ ସରକାର ବନ୍ଦପଡିଥିବା ସମସ୍ତ ହଷ୍ଟେଲରେ ଚଳିତ ଶିକ୍ଷାବର୍ଷରୁ ଛାତ୍ରୀଛାତ୍ରଙ୍କୁ ରଖିବାକୁ କଡା ତାଗିଦ କରିଛନ୍ତି। ତେଣୁ ଜିଲା ସାମାଜିକ ମଙ୍ଗଳ ବିଭାଗ ପକ୍ଷରୁ ହଷ୍ଟେଲ ଥିବା ସ୍କୁଲ ତନାଘନା କରୁଛନ୍ତି। ହଷ୍ଟେଲରେ ପିଲାଙ୍କୁ ରଖିବାକୁ ଦାୟିତ୍ୱରେ ଥିବା ଶିକ୍ଷକମାନଙ୍କୁ କଡା ତାଗିଦ କରୁଛନ୍ତି। ଏ ସମ୍ପର୍କରେ ଡିଡବ୍ଲ୍ୟୁଓ ଭାଗୀରଥି ପଟେଲ କହିଛନ୍ତି, ହଷ୍ଟେଲଗୁଡିକ ବନ୍ଦ ଥିବା ନେଇ ଆମ ପାଖରେ ସୂଚନା ରହିଛି। ଚଳିତ ବର୍ଷରୁ ହଷ୍ଟେଲ ଖୋଲିବାକୁ ସମସ୍ତ ସ୍କୁଲକୁ ଚିଠି କରାଯାଇଛି। ସ୍କୁଲକୁ ଯାଇ ଅଭିଭାବକଙ୍କ ସହିତ ବୈଠକ କରାଯାଉଛି । ଘର ନିକଟରେ ଥିଲେ ମଧ୍ୟ ପିଲାଙ୍କୁ ହଷ୍ଟେଲରେ ଛାଡିବାକୁ ଅନୁରୋଧ କରାଯାଉଛି। ହଷ୍ଟେଲରେ ପିଲାମାନଙ୍କୁ ଖାଇବା ସହ ସମସ୍ତ ସୁବିଧା ଦିଆଯାଉଛି। ହଷ୍ଟେଲରେ ପାଠ ପଢିବାର ପରିବେଶ ରହୁଛି। ସାଙ୍ଗରେ ଶିକ୍ଷକମାନେ ରହୁଛନ୍ତି। ପିଲାମାନେ ଅଧିକ ସମୟ ସେମାନଙ୍କ ସହ ମିଶି ପାଠ ପଢିପାରିବେ। ବନ୍ଦ ପଡିଥିବା ସମସ୍ତ ହଷ୍ଟେଲ କାର୍ଯ୍ୟକ୍ଷମ କରାଯିବାକୁ ଚେଷ୍ଟା ଜାରି ରହିଛି ବୋଲି ସେ କହିଥିଲେ। ଅନ୍ୟପଟେ ମାନେଶ୍ୱର ହାଇସ୍କୁଲ ପରିଚାଳନା କମିଟି ସଦସ୍ୟ ଜତିନ୍ଦ୍ର ବାରିକ କହିଛନ୍ତି, ପିଲାମାନଙ୍କ ପାଠପଢା ପାଇଁ ସରକାର ସୁବିଧା କରୁଛନ୍ତି। ହେଲେ ବାସ୍ତବରେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ହଷ୍ଟେଲ କୋଠା ନିର୍ମାଣ ହେବା ସମୟରେ ପାଣି, ବିଜୁଳି, ସୁରକ୍ଷା ବ୍ୟବସ୍ଥା, କର୍ମଚାରୀ ନିଯୁକ୍ତି କରିବା ଆବଶ୍ୟକ ରହୁଛି। ହଷ୍ଟେଲ ପରିବେଶ ସୁନ୍ଦର ରହିଲେ ପିଲାମାନେ ରହିବାକୁ ଇଚ୍ଛା ପ୍ରକାଶ କରିବେ। କମିଟି ପକ୍ଷରୁ ମଧ୍ୟ ଅଭିଭାବକମାନଙ୍କୁ ଅନୁରୋଧ କରାଯାଉଛି। ଚଳିତ ବର୍ଷରୁ ମନେଶ୍ୱର ସ୍କୁଲ ପିଲା ହଷ୍ଟେଲରେ ରହିବେ ବୋଲି ସେ କହିଥିଲେ।

## ଲଗାଣ ବର୍ଷାରେ ୫-ଟି ସ୍କୁଲ ପ୍ରାଙ୍ଗଣ ଜଳାର୍ଣ୍ଣବ

**ଜମନକିରା,୩।୮(ରବୀନ୍ଦ୍ର ଦାନି)**

ରାଜ୍ୟ ସରକାର ସ୍କୁଲଗୁଡ଼ିକ ୫-ଟି ଅଧୀନରେ ରୂପାନ୍ତରଣ ପାଇଁ ବହୁ ଅର୍ଥ ବ୍ୟୟ କରୁଛନ୍ତି। ହେଲେ ରୂପାନ୍ତରଣ ପରେ ପ୍ରଶାସନ ଏହାକୁ ଅଣଦେଖା କରୁଛି। ଏଭଳି ସମସ୍ୟା ଯୋଗୁ ସ୍କୁଲର ସୌନ୍ଦର୍ଯ୍ୟକରଣ ନଷ୍ଟ ହେଉଥିବାବେଳେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜମନକିରା ବ୍ଲକ ଫାଶୀମାଲ ଉଚ୍ଚ ବିଦ୍ୟାଳୟରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଏକବର୍ଷ ପୂର୍ବରୁ ୫-ଟି ଅଧୀନରେ ସ୍କୁଲର ରୂପାନ୍ତରଣ କରାଯାଇଥିଲା। ହେଲେ ଡ୍ରେନ୍ ସୁବିଧା କରାଯାଇ ନ ଥିବାରୁ ଲଗାଣ ବର୍ଷାରେ ସ୍କୁଲ ପରିସର ଜଳମଗ୍ନ ହୋଇପଡିଛି। ଏହା ଦ୍ୱାରା ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ସ୍କୁଲ ପାଚେରି ଓ ଗଛଲତା ନଷ୍ଟ ହେବା ସମ୍ଭାବନା ରହିଛି। ଏହି ସମସ୍ୟା ନେଇ ଗତବର୍ଷ ଲୋକେ ପ୍ରଶାସନକୁ ଜଣାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ଏ ସମ୍ପର୍କରେ ସ୍ଥାନୀୟ ବିଡ଼ିଓ ପ୍ରସନ୍ନ କୁମାର ପଟେଲଙ୍କୁ ପଚାରିବାରୁ ସେ ଖୁବ୍‌ଶୀଘ୍ର ପ୍ରତିକାର ବ୍ୟବସ୍ଥା କରିବେ ବୋଲି କହିଥିଲେ।



ସ୍କୁଲ ପରିସରରେ ଲହଡି ମାରୁଛି ବର୍ଷାପାଣି।

## ରେଙ୍ଗାଲି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି

**ରେଙ୍ଗାଲି,୩।୮(ଦେବବ୍ରତ ପଣ୍ଡା)**

ଲଘୁଚାପ ଜନିତ ବର୍ଷା ଯୋଗୁ ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ତଳିଆ ଅଞ୍ଚଳରେ ଲୋକଙ୍କ ଘରେ ପାଣି ପଶିଯାଇଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଷ ଜମିରେ ପାଣି ଜମିରହିଥିବାରୁ ଫସଲ ନଷ୍ଟ ଆଶଙ୍କା କରିଛନ୍ତି ଚାଷୀକୁଳ। ରେଙ୍ଗାଲି ସରକାରୀ ଡାକ୍ତରଖାନା ପରିସରରେ ଗଛ ପଡି ଗୋଟିଏ ପାର୍ଶ୍ୱ ରାସ୍ତା ବନ୍ଦ ହୋଇଯାଇଥିଲା। ସେହିପରି ସାପ୍ତାହିକ ବଜାର ନିକଟ ରାସ୍ତା ଉପରେ ଏକ ଗଛ ପଡିଯିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ଆସି ଗଛ କାଟି ରାସ୍ତାକୁ ସଫା କରିଥିଲେ। ଲଗାଣ ବର୍ଷା ପ୍ରଭାବରେ ବହୁ ସ୍ଥାନରେ ମାଟିଘର ଭାଙ୍ଗି ଯାଇଥିବା ଜଣାପଡିଛି।



ରେଙ୍ଗାଲି ଅଞ୍ଚଳରେ ଭାଙ୍ଗିଯାଇଥିବା ଘର।

## ନାକଟିଦେଉଳ ବ୍ଲକ୍: କ୍ଷତିଗ୍ରସ୍ତଙ୍କୁ ମିଳୁନି ପଲିଥିନ

**ନାକଟିଦେଉଳ,୩।୮(ବୈକୁଣ୍ଠ ନାଥ ସାହୁ):** ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ନାକଟିଦେଉଳ ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଶତାଧିକ ଲୋକଙ୍କ ଘର କାନ୍ଥ ଭୁଶୁଡି ପଡ଼ିଥିବାରୁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ପଲିଥିନ ଖଣ୍ଡିଏ ଏକମାତ୍ର ଭରସା ହୋଇଥିବା ବେଳେ ତାହା ମଧ୍ୟ ମିଳିପାରୁ ନାହିଁ। ନାକଟିଦେଉଳ ଗ୍ରାମର ପ୍ରଭାବିତ ଲୋକେ ଏ ନେଇ ରାଜସ୍ୱ ନିରୀକ୍ଷକଙ୍କୁ ଲିଖିତକାରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ପାଇ ନ ଥିବା କହିଛନ୍ତି। କ୍ଷତି ହୋଇ ନ ଥିବା ଲୋକେ ପଲିଥିନ ପାଉଥିବାବେଳେ ପ୍ରକୃତ କ୍ଷତିଗ୍ରସ୍ତ ଏଥିରୁ ବଞ୍ଚିତ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଏ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ସମ୍ପର୍କରେ ନାକଟିଦେଉଳ ତହସିଲଦାର ଅମର ଡୁଙ୍ଗଡୁଙ୍ଗଙ୍କୁ ପଚାରିବାରେ ଆର୍‌ଆଇମାନଙ୍କ ରିପୋର୍ଟ ଆଧାରରେ ପଲିଥିନ ଦିଆଯାଉଛି ବୋଲି ସେ କହିଥିଲେ। କରିଥିଲେ।

## ଦଳିତ ସାହିତ୍ୟ ଏକାଡେମୀ ଓଡ଼ିଶା ରାଜ୍ୟ କମିଟି ବୈଠକ

**ସମ୍ବଲପୁର,୩।୮(ବି.ଶଙ୍କର):** ସମ୍ବଲପୁର ପାନ୍ଥନିବାସଠାରେ ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ଓଡ଼ିଶା ରାଜ୍ୟ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ରାଜ୍ୟ ସଭାପତି ନିହାଲ ସିଂ ସଭାପତିତ୍ୱ କରିଥିଲେ। ରାଜ୍ୟର ୩୦ ଗୋଟି ଜିଲାରେ ଏକାଡେମୀର କାର୍ଯ୍ୟକ୍ରମକୁ କିଭଳି ଅଧିକ ସକ୍ରିୟ ଭାବରେ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଏଥିସହ ଦଳିତଙ୍କ ଅଧିକାର ନେଇ ଲେଖନୀ ଚାଳନା କରୁଥିବା ଦଳିତ ପ୍ରତିଭାଙ୍କୁ ନେଇ ରାଜ୍ୟସ୍ତରୀୟ ସମ୍ମିଳନୀ ପାଇଁ ପ୍ରସ୍ତୁତି କରାଯାଇଛି। ଏହି ସଭାରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଅତିଥି ଭାବରେ ଯୋଗଦେଇ ଏକାଡେମୀ ସାରା ରାଜ୍ୟରେ ଅଧିକ ସଂଗଠିତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏକାଡେମୀର ରାଜ୍ୟ ସାଧାରଣ ସମ୍ପାଦକ ଶିବଶଙ୍କର ପଧାନ, ମୋମିନା ଖାତୁନ, ଜିଲା ଉପସଭାପତି ଆଶିଷ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଅଭିଯୋଗ କ୍ୟାମ୍ପ୍

**ସମ୍ବଲପୁର,୩।୮(ବି.ଶଙ୍କର):** ଟିପିଡବ୍ଲ୍ୟୁଓଡିଏଲ୍ ଗ୍ରାହକମାନଙ୍କୁ ବିଦ୍ୟୁତ୍ ସେବା ଯୋଗାଣ ଉପରେ ଗୁରୁତ୍ୱ ଦେଇଆସୁଛି। ଏହାସହ କମ୍ପାନୀ ଉପଭୋକ୍ତାଙ୍କ ଅଭିଯୋଗ ମଧ୍ୟ ଶୁଣିଥାଏ। ଏହି କ୍ରମରେ ଚଳିତ ମାସ ୧ରୁ ୨୫ ତାରିଖ ପର୍ଯ୍ୟନ୍ତ କମ୍ପାନୀ ସୁନ୍ଦରଗଡ ଜିଲାର ବିଭିନ୍ନ ଅଞ୍ଚଳରେ ଅଭିଯୋଗ ପ୍ରତିବିଧାନ ପୀଠ (ଜିଆର୍‌ଏଫ୍ କ୍ୟାମ୍ପ)ର ଆୟୋଜନ କରିଛି। ଏହି କ୍ୟାମ୍ପ ସୁନ୍ଦରଗଡ ଜିଲାର ବିଦ୍ୟୁତ୍ ଉପଭୋକ୍ତାଙ୍କ ସୁବିଧା ଲାଗି କରାଯାଉଛି । ଉପଭୋକ୍ତାମାନେ ବିବାଦୀୟ ବିଲଗୁଡିକର ସଂଶୋଧନ ପାଇଁ କମ୍ପାନୀର ନିକଟସ୍ଥ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ ପଞ୍ଜୀକୃତ କରି ସମାଧାନ କରିପାରିବେ। ଗୁରୁବାର ଏ ନେଇ ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ପ୍ରେସ ବିବୃତିରେ ଅନୁରୋଧ କରିଛନ୍ତି। ସୂଚନା ଅନୁଯାୟୀ, ୭ରେ ରାଉରକେଲା ପାୱାର ହାଉସ ରୋଡ, ୮ରେ ଉଜ୍ଜ୍ୱଳପୁର, ୯ରେ କୁଆଁରମୁଣ୍ଡା, ୧୦ରେ କୋଏଲ ନଗର, ୧୧ରେ ରାଜଗାଙ୍ଗପୁର, ୧୪ରେ ସୁନ୍ଦରଗଡ, ୧୬ରେ ବଣେଇ, ୧୭ରେ ମେନରୋଡ ଓ ବିଶ୍ରା ରୋଡ, ୧୮ରେ ପାନପୋଷ ଅଭିଯୋଗ ପ୍ରତିବିଧାନ ପୀଠ ହେବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ସୂଚିତ କରିଛନ୍ତି।

## ଏନ୍‌ଏସି ହିତାଧିକାରୀ ଉପଜିଲାପାଳଙ୍କ ଦ୍ୱାରସ୍ଥ

**କୁଚିଣ୍ଡା,୩।୮(ବିରଞ୍ଚ ଦର୍ଦ୍ଦା):** କୁଚିଣ୍ଡା ଏନ୍‌ଏସି ୯ନଂ. ୱାର୍ଡର ରାଶନକାର୍ଡଧାରୀ ଗୁରୁବାର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ବିଭିନ୍ନ ସମସ୍ୟା ବାବଦରେ ଲିଖିତ ଭାବେ ଜଣାଇଛନ୍ତି। ଏନ୍‌ଏସି ଗୋଦାମକୁ ସେମାନେ ରାଶନ ଚାଉଳ ଆଣିବାକୁ ଯାଉଥିବା ସମୟରେ ଛାଉଣି ବ୍ୟବସ୍ଥା ନ ଥିବାରୁ ବର୍ଷାରେ ଭିଜୁଥିବା କହିଛନ୍ତି। ଖରାଦିନେ ମଧ୍ୟ ସମାନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାଛଡା ଗୋଦାମ ବାହାରେ ବସିବା ବ୍ୟବସ୍ଥା ନ ଥିବାବେଳେ ପାଣିର ସୁବିଧା ନ ଥିବାରୁ ସେମାନେ ହଇରାଣ ହେଉଥିବା ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ଉପଜିଲାପାଳ ବିଭୂତି ଭୂଷଣ ନାୟକ ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନେଇ ଛାଉଣି ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

**ରେଙ୍ଗାଲି,୩।୮(ଦେବବ୍ରତ ପଣ୍ଡା)**

**ନବବିବାହିତା ମହିଳାଙ୍କ ଆତ୍ମହତ୍ୟା**

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ନୂଆ ରମ୍ପେଲା ଗ୍ରାମରେ ଜଣେ ନବବିବାହିତା ମହିଳା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ନୂଆ ରାମ୍ପେଲା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଜିତେନ୍ଦ୍ର ମହାପାତ୍ରଙ୍କ ସ୍ତ୍ରୀ ଶତାବ୍ଦୀ ମହାରଣା (୨୩)। ମହିଳାଙ୍କ ବାପା ରବୀନ୍ଦ୍ର ମହାରଣା ଥାନାରେ ତାଙ୍କ ଝିଅଙ୍କୁ ଯୌତୁକ ଦାବି କରି ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା (ନଂ.୧୪୮/୨୩) ରୁଜୁ କରିବା ସହ ଜିତେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଜଗତ୍‌ସିଂହପୁର ଜିଲା ମୁକୁନ୍ଦପୁର ଗ୍ରାମର ଜିତେନ୍ଦ୍ର ମହାପାତ୍ର ରେଙ୍ଗାଲି ନୂଆ ରମ୍ପେଲା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଭାବର କାର୍ଯ୍ୟ କରି ନୂଆ ରମ୍ପେଲା ଗ୍ରାମରେ ଏକ ଘର ଭଡା ନେଇ ରହୁଥିଲେ। ଗତ ମେ ମାସରେ ସେ ଶତାବ୍ଦୀଙ୍କୁ ବିବାହ କରିଥିଲେ। ବିବାହ ସମୟରେ କନ୍ୟାଘର ପକ୍ଷରୁ ଦେଢଲକ୍ଷ ଟଙ୍କା ନଗଦ ଓ ଦେଢଲକ୍ଷ ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଯୌତୁକ ବାବଦରେ ଦିଆଯାଇଥିଲା। ଏହା ସତ୍ତ୍ୱେ ଜିତେନ୍ଦ୍ର ତାଙ୍କୁ ଯୌତୁକ ଜନିତ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବାର ଶତାବ୍ଦୀଙ୍କ ବାପା ପୋଲିସରେ ଅଭିଯୋଗ କରିଛନ୍ତି। ଗୁରୁବାର ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି।

## ହରିୟାଣା ହିଂସା: କାର୍ଯ୍ୟାନୁଷ୍ଠାନ ଦାବି କଲା ବଜରଙ୍ଗ ଦଳ



ଜିଲାପାଳଙ୍କ ଅଫିସ ସମ୍ମୁଖରେ ବଜରଙ୍ଗ ଦଳ କର୍ମକର୍ତ୍ତା ।

**ସମ୍ବଲପୁର,୩।୮(ଶୁଭାଶିଷ ପାଢୀ)**

ହରିୟାଣାରେ ଗତ ୩୧ ତାରିଖରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବହାରିଥିବା ବ୍ରଜମଣ୍ଡଳ ଧାର୍ମିକ ଶୋଭାଯାତ୍ରା ଉପରେ ପଥରମାଡ ଓ ପେଟ୍ରୋଲ ବୋମା ପକାଯାଇଥିଲା । ଏପରି କି ଗୁଳିଚାଳନା ମଧ୍ୟ ହୋଇଥିଲା। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର ସିବିଆଇ ତଦନ୍ତ କରିବାକୁ ସମ୍ବଲପୁର ବଜରଙ୍ଗ ଦଳ ପକ୍ଷରୁ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି, ମୃତକଙ୍କ ପରିବାରକୁ ୫୦ ଲକ୍ଷ, ଆହତଙ୍କୁ ୧୦ଲକ୍ଷ ଟଙ୍କା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଦେଶରେ ଧାର୍ମିକ ଶୋଭାଯାତ୍ରା ସମୟରେ ଏଭଳି ଅନେକ ଘଟଣା ଘଟୁଛି। ତେଣୁ କେନ୍ଦ୍ର ସରକାର ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରନ୍ତୁ ବୋଲି ଦାବି କରିଥିଲେ। ବଜରଙ୍ଗ ଦଳ ପଶ୍ଚିମପ୍ରାନ୍ତ ସଂଯୋଜକ ସୁଧୀର ବହିଦାରଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି।

## ବନ୍ଧୁକ କାରବାର: ଗିରଫ ମଧ୍ୟରେ ବିଜେଡି ନେତା

**ସମ୍ବଲପୁର,୩।୮(ଶୁଭାଶିଷ ପାଢୀ)**

ସମ୍ବଲପୁର ଜିଲା ପୋଲିସ ଆପରାଧିକ କାର୍ଯ୍ୟ ରୋକିବା ନେଇ ସ୍ୱତନ୍ତ୍ର ଚଢାଉ ଜାରି ରଖିଛି। ଏହି କ୍ରମରେ ବନ୍ଧୁକ ରଖିବା ଓ ବ୍ୟବସାୟ କରିବା ଅଭିଯୋଗରେ ଧନୁପାଲି ପୋଲିସ ୨ଦିନ ପୂର୍ବରୁ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିସାରିଛି। ଏମାନଙ୍କ ମଧ୍ୟରେ ଜଣେ ବିଜେଡି ନେତା ଅଛନ୍ତି। ସେ ହେଲେ ବିଜୁ ଛାତ୍ର ଜନତା ଦଳ ଜିଲା ଉପସଭାପତି ମହମ୍ମଦ ଜାଭେଦ ଅକ୍ତର। ସେ ଦୁଇବର୍ଷ ହେଲା ଉକ୍ତ ପଦରେ ରହି କାର୍ଯ୍ୟ କରିଆସିଛନ୍ତି। ଜିଲା ତଥା ଜିଲା ବାହାର ଅନେକ ନେତା, ପୂର୍ବତନ ମନ୍ତ୍ରୀଙ୍କ ସହ ତାଙ୍କର ସମ୍ପର୍କ ରହିଛି। ସାମାଜିକ ଗଣମାଧ୍ୟମରେ ଏଭଳି ଫଟୋ ଏବେ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ବିରୋଧୀ ସମାଲୋଚନା କରୁଛନ୍ତି। ଘଟଣା ପ୍ରଚାର ହେବା ପରେ ଦଳୀୟ ନେତାମାନେ ମଧ୍ୟ ଚିନ୍ତାରେ ପଡିଯାଇଛନ୍ତି। ଏ ସମ୍ପର୍କରେ ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ଶୁଭ୍ରାଂଶୁ ପାଢୀ କହିଛନ୍ତି, ଅକ୍ତର ଗତ ଜିଲା କମିଟିରେ ଉପସଭାପତି ରହିଥିଲେ। ପୂର୍ବତନ ସଭାପତି ଇସ୍ତଫା ଦେବା ପରେ କମିଟି ଭାଙ୍ଗିଯାଇଛି। ଏବେ ସେ ଆଉ ପଦରେ ନାହାନ୍ତି। ନୂତନ କମିଟି ଗଠନ ପ୍ରକ୍ରିୟା ଜାରି ରହିଛି। ଶୀଘ୍ର ନୂତନ କମିଟି ଗଠନ କରାଯିବ ବୋଲି ସେ କହିଥିଲେ।

## ଜନପ୍ରତିନିଧି ଜିଲା ପ୍ରଶାସନର ଦ୍ୱାରସ୍ଥ



ଜନପ୍ରତିନିଧି ଦାବିପତ୍ର ଦେଉଛନ୍ତି।

**ସମ୍ବଲପୁର,୩।୮(ଶୁଭାଶିଷ ପାଢୀ)**

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକର ଜନପ୍ରତିନିଧି ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟା ଏଡିଏମ୍ ଅଜାମ୍ବର ମହାନ୍ତିଙ୍କୁ ଭେଟି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିଛନ୍ତି । ଅଭିଯୋଗ କ୍ରମେ ମାନେଶ୍ୱର ବ୍ଲକକୁ ଆମ ଓଡିଶା ନବୀନ ଓଡ଼ିଶା ଯୋଜନାରେ ଅନୁଦାନ ଆସିଥିବାବେଳେ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଅଣଦେଖା କରି ପ୍ରକଳ୍ପ ଦିଆଯାଇଛି। ଗ୍ରାମର ସମସ୍ୟା ଓ ଲୋକଙ୍କ ଦାବିକୁ ନେଇ ପ୍ରକଳ୍ପ ପ୍ରସ୍ତାବ ଦିଆଯାଇଥିଲା। ହେଲେ ମଞ୍ଜୁର ହେବା ସମୟରେ କେତେକ ପ୍ରକଳ୍ପ ପରିବର୍ତ୍ତନ ହୋଇଛି। ଜନପ୍ରତିନିଧି ଜନତାଙ୍କ ପାଇଁ କାମ କରୁଛନ୍ତି । ପ୍ରତିଶ୍ରୁତି ପାଳନ ନ ହେଲେ ସେମାନେ ଉତ୍ତରଦାୟୀ ରହୁଛନ୍ତି। ତେଣୁ ଏହାର ବିଚାର କରାଯାଉ ବୋଲି ଦାବି କରିଥିଲେ ।

## ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି

**ଜମନକିରା,୩।୮ (ରବୀନ୍ଦ୍ର ପ୍ରସାଦ ଦାନି)**

ଜମନକିରା ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ବୁଧବାର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରମେଶ ହାଁସଦା ଏଥିରେ ଅଧ୍ୟକ୍ଷତା କରିଥିଲେ। ଆମ୍ବୁଡ୍‌ସମ୍ୟାନ ଅଧିକାରୀ ବ୍ରଜେନ୍ଦ୍ର କିଶୋର ପଣ୍ଡା, ବିଡ଼ିଓ ପ୍ରସନ୍ନ କୁମାର ପଟେଲ, ଜିଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥୀ, ଏସିଏଫ୍ ଜିତେନ୍ଦ୍ର କୁମାର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସାଲିନୀ ସିଂ, ଏପିଓ ମନୋଜ ଭୋଇ ପ୍ରମୁଖ ଉପସ୍ଥିତ ରହି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବିଭିନ୍ନ ପ୍ରକଳ୍ପ ଉପରେ ସମୀକ୍ଷା କରିଥିଲେ। ଏଥିରେ ମୋଟ ୮୨ ପ୍ରକଳ୍ପ ଉପରେ ସମୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ବନ ବିଭାଗର ୨୩, ଗ୍ରାମପଞ୍ଚାୟତର ୩୬, ଉଦ୍ୟାନ ବିଭାଗର ୫ ଓ ଆଇଟିଡିଏର ୭ ପ୍ରକଳ୍ପରେ ସମସ୍ୟା ଥିବା ନେଇ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ହାଁସଦା ଅସନ୍ତୋଷ ପ୍ରକାଶ କରି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସାଙ୍ଗକୁ ରିକଭରି କରାଯାଉ ବୋଲି ତାଗିଦ କରିଥିଲେ। ଶେଷରେ ଏପିଓ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



ସାମାଜିକ ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

## ଦକ୍ଷିଣପୂର୍ବ ରେଳପଥ ଅଣ୍ଡରପାସ୍‌ରେ ୮ ଫୁଟ୍ ପାଣି

**କୁଚିଣ୍ଡା,୩।୮(ବିରଞ୍ଚ ଦର୍ଦ୍ଦା)**

ଲଗାଣବର୍ଷା ଯୋଗୁ ସମ୍ବଲପୁର ଜିଲା ବାମରା ଦକ୍ଷିଣପୂର୍ବ ରେଳପଥ (ନଂ.୪୭୩/୧୧) ଖମ୍ବସ୍ଥିତ ଅଣ୍ଡରପାସ୍‌ରେ ୮ଫୁଟ୍‌ର ପାଣି ଜମିଛି। ଫଳରେ ଉଚ୍ଚକାପାଟ ଓ ବାଉଁଶଲଗା ପଞ୍ଚାୟତର ଲୋକଙ୍କ ଯିବାଆସିବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ପଞ୍ଚାୟତରୁ ମିଳୁଥିବା ଭତ୍ତା, ରାଶନ ଆଦି ଆଣିବା ପାଇଁ ଜନସାଧାରଣଙ୍କ ଏହା ହେଉଛି ଏକମାତ୍ର ରାସ୍ତା। ଅଣ୍ଡରପାସରେ ପାଣି ଜମିବା କାରଣରୁ ବିଭିନ୍ନ ସମୟରେ ଯାତାୟାତ କରୁଥିବା ଯାନବାହନ ଫସିଯାଉଥିବା ଦେଖିବାକୁ ମିଳୁଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ରେଳ ବିଭାଗର କୌଣସି ଅଧିକାରୀ ପରିଦର୍ଶନରେ ବି ଆସୁ ନାହାନ୍ତି। ତେଣୁ ଜନସାଧାରଣଙ୍କ ଯାତାୟାତ ଓ ସୁବିଧା ପାଇଁ ପୁରୁଣା ଫାଟକ ଖୋଲିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ ଆସନ୍ତା ୧୦ତାରିଖରେ ଏହି ଫାଟକକୁ ବାଧ ହୋଇ ନିଜେ ଖୋଲିବେ ବୋଲି ବାମରା ବ୍ଲକ କୃଷକ ସଂଗଠନ ଆବାହକ ଯୋଗବିହାରୀ ପରିଡା କହିଛନ୍ତି। ପ୍ରକାଶଥାଉ କି ଏହି ଅଣ୍ଡରପାସ୍ ନିର୍ମାଣ ଆରମ୍ଭରୁ ଏଭଳି ପାଣି ଜମିବା ସମସ୍ୟା ଦେଖାଦେଇଛି।



ରେଳପଥ ଅଣ୍ଡରପାସ୍‌ରେ ପାଣି ଜମିଛି।

**ପୁରୁଣା ଫାଟକ ଖୋଲିବା ଦାବି**

ରାଷ୍ଟ୍ରଜାତି, ପରିବାର ଓ ମାନବଜାତି– ଏ ତିନୋଟି ହେଲେ ବିଷ୍ଣୁଙ୍କର ତ୍ରିପାଦ –ବ୍ୟକ୍ତିର ଏକତ୍ୱରୁ ସମଷ୍ଟିର ଏକତ୍ୱ ଆଡେ। ପରିବାର ସମ୍ପନ୍ନ ହୋଇଛି। ରାଷ୍ଟ୍ରଜାତିକୁ ସମ୍ପନ୍ନ କରିବା ପାଇଁ ଆମେ ବର୍ତ୍ତମାନ ସଚେଷ୍ଟ। ମାନବଜାତି ଆଡକୁ ଆମେ ହାତ ପ୍ରସାରିତ କରିଛୁ। ତା'ର ଭିତ୍ତି ଆରମ୍ଭ ହୋଇଯାଇଛି। **–ଶ୍ରୀଅରବିନ୍ଦ**



# ମିଛକୁ ପସନ୍ଦ



ଇଆନ ବୁରୁମା

ଆମେରିକାକୁ ଧୋକା ଦେବା ଏବଂ ଆମେରିକୀୟମାନଙ୍କୁ ସେମାନଙ୍କ ଭୋଟ୍ ଅଧିକାରରୁ ବଞ୍ଚିତ କରିବା ପାଇଁ ଷଡ଼ଯନ୍ତ୍ର କରିବାର ଚାରିଟି ଆପରାଧିକ ମାମଲାରେ ଡୋନାଲ୍ଡ ଟ୍ରମ୍ପଙ୍କୁ ଅଭିଯୁକ୍ତ କରାଯାଇଛି। ଫ୍ଲୋରିଡ଼ା ଫେଡେରାଲ କୋର୍ଟରେ ଗୁପ୍ତଚର ଆଇନର ଉଲ୍ଲଂଘନ ସମେତ ଟ୍ରମ୍ପ ୪୦ଟି ଅଭିଯୋଗର ସମ୍ମୁଖୀନ ହୋଇଛନ୍ତି । ନ୍ୟୁୟର୍କରେ ଏକ ସେକ୍ସ ସ୍କାଣ୍ଡାଲକୁ ଦବାଇ ଦେବା ଅଭିଯୋଗରେ ତାଙ୍କ ବିରୋଧରେ ବି ୩୪ଟି ଗମ୍ଭୀର ଅପରାଧ ମାମଲା ରହିଛି। ଏସବୁ ସତ୍ତ୍ୱେ ରାଷ୍ଟ୍ରପତି ପାଇଁ ପରବର୍ତ୍ତୀ ରିପବ୍ଲିକାନ ପ୍ରାର୍ଥୀ ହେବା ସକାଶେ ଟ୍ରମ୍ପଙ୍କ ଆଭିମୁଖ୍ୟ ଅକାଟ୍ୟ ମନେହୁଏ। ନିକଟରେ ହୋଇଥିବା ଏକ ସର୍ଭେ ଅନୁଯାୟୀ, ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଫ୍ଲୋରିଡ଼ାର ରାଜ୍ୟପାଳ ରୋନ ଡିସାଣ୍ଟିସ୍‌ଙ୍କଠାରୁ ୩୭ ପ୍ରତିଶତ ପଏଣ୍ଟ ଆଗରେ ଅଛନ୍ତି। ଆମେରିକାର ଏହି ପୂର୍ବତନ ରାଷ୍ଟ୍ରପତିଙ୍କ ବିରୋଧରେ ଏଭଳି ମାମଲା ହେବା କିମ୍ବା ଦୋଷୀ ସାବ୍ୟସ୍ତ ହେବା ଭଳି ସ୍ଥିତିକୁ ନେଇ ତାଙ୍କ ସମର୍ଥକମାନେ ବିବ୍ରତ ଥିବା ମନେ ହେଉନାହିଁ। ସେ କିଛି ଭୁଲ୍ କରିଛନ୍ତି ବୋଲି ତାଙ୍କର କୌଣସି କଠୋରପନ୍ଥୀ ସମର୍ଥକ ଭାବୁନାହାନ୍ତି, ଯାହା ଏକ ଅଜବ କଥା। ତା'ଠାରୁ ଆହୁରି ଅଜବ ଘଟଣା ହେଉଛି, ତାଙ୍କ ସପକ୍ଷରେ ୪୩% ରିପବ୍ଲିକାନ୍‌ଙ୍କର ଅନୁକୂଳ ଭାବନା ରହିଛି। ଏହା ନିଃସନ୍ଦେହ ଯେ, ଡିସାଣ୍ଟିସ୍ ତାଙ୍କ ନିଜ ଦକ୍ଷତା ଓ ଆତ୍ମବିଶ୍ୱାସକୁ ନେଇ ଅଧିକ ଅସହଜ ଥିବା ଜଣାପଡୁଛନ୍ତି ଓ ଟ୍ରମ୍ପଙ୍କଠାରୁ ଆଗକୁ ବଢ଼ିବାରେ ବିଫଳ ହେଉଛନ୍ତି। କିନ୍ତୁ କ୍ରିସ୍ କ୍ରୀଷ୍ଟି ଜଣେ ସମାନ୍ୟ ଆକର୍ଷକ ରାଜନୀତିଜ୍ଞ ଭାବେ ତାଙ୍କ ଉଦାରବାଦୀ ଛବି ଉପସ୍ଥାପନ କରି ମଧ କମ୍ ସଫଳତା (ଏବେ ମାତ୍ର ୨% ପଏଣ୍ଟ) ପାଇଛନ୍ତି। ଟ୍ରମ୍ପଙ୍କ ସମର୍ଥନର ଦୃଢ଼ତାରୁ କ'ଣ ବୁଝାପଡୁଛି ? ତାଙ୍କର ଯୁକ୍ତିଗୁଡ଼ିକ ମୁଖ୍ୟ ପ୍ରସଙ୍ଗ ହେବାର ସମ୍ଭାବନା ନାହିଁ, କାରଣ ସେ ଅଳ୍ପ କିଛି ସୁସଙ୍ଗତ ଯୁକ୍ତି କରନ୍ତି। ସେ କ'ଣ ଭାବନ୍ତି କିମ୍ବା ତାଙ୍କ ଚିନ୍ତାଧାରା କ'ଣ ତାହା କ୍ୱଚିତ ସ୍ପଷ୍ଟ ହୁଏ। ସେ ବାସ୍ତବତା ପ୍ରତି ଉଦାସୀନ ରହନ୍ତି କିମ୍ବା ତାହାକୁ ଅବମାନନା କରନ୍ତି। କିନ୍ତୁ ସେ ଯେତେ ମିଛ କହୁଛନ୍ତି, ତାଙ୍କ ସମର୍ଥକମାନେ ତାଙ୍କୁ ଅଧିକ ପସନ୍ଦ କରୁଥିବା ପରି ଲାଗୁଛି, ଯେପରି ତାଙ୍କର ମିଥ୍ୟା ପାହାଡ଼ ସତ୍ୟକୁ ଜାଣିବାର କ୍ଷମତାକୁ ଦୁର୍ବଳ କରିଦେଇଛି। କେବଳ ଟ୍ରମ୍ପଙ୍କ ସମର୍ଥକ ନୁହନ୍ତି, ଅନେକ ଲୋକ ଇଣ୍ଟରନେଟ୍ ଚାଳିତ ଭୁଲ୍ ତଥ୍ୟ ଭିତରେ ଏକ ଆରାମଦାୟକ ସ୍ଥାନ ଖୋଜନ୍ତି, ଯାହା ଫକ୍ସ ନ୍ୟୁଜ୍ ତଥା ଅନ୍ୟାନ୍ୟ ମନୋରଞ୍ଜନଭିତ୍ତିକ ସଂସ୍ଥାଗୁଡ଼ିକରେ ସାମ୍ବାଦିକ ଭାବେ ପରିଚିତ ଡିଲରମାନଙ୍କ ଦ୍ୱାରା ବୃଦ୍ଧି ପାଉଛି।

ଟ୍ରମ୍ପବାଦୀମାନେ ଅତ୍ୟନ୍ତ ନିରାଶବାଦରେ ବୁଡ଼ି ରହିଛନ୍ତି। ରିପବ୍ଲିକାନ୍ ପାର୍ଟିର ୮୯% ସଦସ୍ୟ ଭାବନ୍ତି ଯେ, ଆମେରିକା ଏବେ ନିମ୍ନଗାମୀ ହେଉଛି। ଏପରିକି ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଶାସନରେ ଅର୍ଥ ବ୍ୟବସ୍ଥା ଅତ୍ୟନ୍ତ ଦୃଢ଼ ଥିବାବେଳେ ସେମାନେ ଏଭଳି ଚନ୍ତା କରୁଛନ୍ତି। ଟ୍ରମ୍ପଙ୍କ ସପକ୍ଷବାଦୀମାନେ ଭୟାତୁର କୁଳୀନ ବର୍ଗ, ମନ୍ଦବୁଦ୍ଧିସମ୍ପନ୍ନ ପ୍ରବାସୀ, ପ୍ରଭାବ ବିସ୍ତାର କରୁଥିବା କ୍ଷତିକାରକ ଅନ୍ତଃରାଷ୍ଟ୍ରୀୟ ନିବେଶକଙ୍କ ଗୋଷ୍ଠୀଙ୍କ ଦ୍ୱାରା ଏକ ଆସନ୍ନ ବିପର୍ଯ୍ୟୟ ସୃଷ୍ଟି ହେବା ବିଷୟରେ କହୁଛନ୍ତି। ଟ୍ରମ୍ପ ଏହି ଷଡ଼ଯନ୍ତ୍ରକାରୀ ଭାବନାଗୁଡ଼ିକୁ ପ୍ରଭାବିତ କରି ଲୋକଙ୍କୁ ନିଜ ପକ୍ଷକୁ ନେବାରେ ଧୁରନ୍ଧର। ଏହା ସହଜରେ ଏକ ପ୍ରତିଶୋଧାତ୍ମକ ହିଂସା ଉସୁକାଇପାରେ। ଦେଖିବାକୁ ଗଲେ ଏଭଳି ଅତ୍ୟଧିକ ଭୟ ବା ଚିନ୍ତାର ଅନେକ କାରଣ ଅଛି। ଅନେକ ଆମେରିକୀୟ ଶିଳ୍ପ କର୍ମଚାରୀ ବିଶ୍ୱ ଅର୍ଥନୀତିରେ ନିଜକୁ ପଛରେ ରହିଯାଇଥିବା ଅନୁଭବ କରନ୍ତି। ସାମାଜିକ ଓ ଜନସଂଖ୍ୟାଗତ ପରିବର୍ତ୍ତନଗୁଡ଼ିକର ଏକ ଧାରା ଯଥା ଅଧିକ ଅଣଶ୍ୱେତାଙ୍ଗ ନାଗରିକ, କମ୍ ଧର୍ମୀୟ ଅଧିକାର, ଗଭୀର ଲିଙ୍ଗଗତ ନିୟମ ଏବଂ ଯୌନ ଓ ଜାତିଗତ କ୍ରମ ପ୍ରତି ଆହ୍ୱାନ ଲୋକଙ୍କୁ ବିସ୍ମିତ କରିଦେଇଛି। ସେମାନେ ସେହି ନେତାଙ୍କୁ ପୂଜା କରୁଛନ୍ତି, ଯିଏ ସେମାନଙ୍କୁ ନିଜ ଦେଶ ଫେରାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି।




ଟ୍ରମ୍ପଙ୍କ ଜନନାୟକବାଦ ଯୋଜନାର ସବୁଠାରୁ ସଫଳ ଏବଂ ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି ତାଙ୍କ ଉପରେ ହୋଇଥିବା ଆକ୍ରମଣକୁ ତାଙ୍କ ସମସ୍ତ ସମର୍ଥକଙ୍କ ଉପରେ ଆକ୍ରମଣ ବୋଲି ଉପସ୍ଥାପନ କରିବା। ଏବକାର ଅଭିଯୋଗଗୁଡ଼ିକୁ ନେଇ ତାଙ୍କ ଅଭିଯାନ ଷ୍ଟାଲିନ୍‌ଙ୍କ ସୋଭିଏଟ ୟୁନିଅନ ଏବଂ ନାଜି ଜର୍ମାନୀର ଅତ୍ୟାଚାର ସହିତ ତୁଳନା କରିଥିଲା। ଜୁନ ମାସରେ ତାଙ୍କ ବିରୋଧରେ ଗୁରୁତର ଅଭିଯୋଗ ହେବା ପରେ ସେ ତାଙ୍କ ସମର୍ଥକଙ୍କୁ କହିଥିଲେ, '– ଶେଷରେ ସେମାନେ ମୋ ପଛରେ ପଡ଼ିନାହାନ୍ତି, ବରଂ ତୁମ ପଛରେ ପଡ଼ିଯାଇଛନ୍ତି– ଏବଂ ମୁଁ କେବଳ ସେମାନଙ୍କୁ ଅଟକାଇବାକୁ ରହିଛି।' ମନେରଖିବାକୁ ହେବ, ଇତିହାସ ନିଜକୁ ସେହିଭଳି ଭାବେ କେବେ ବି ପୁନରାବୃତ୍ତି କରେ ନାହିଁ। ଅନ୍ୟ ସମୟ ଏବଂ ସ୍ଥାନ ସହିତ ତୁଳନା କରିବା ବି ସର୍ବଦା ବିପଜ୍ଜନକ। କିନ୍ତୁ ଅତୀତର କିଛି ବିଷୟ ଆମକୁ ବର୍ତ୍ତମାନକୁ ଭଲ ଭାବରେ ବୁଝିବାରେ ସାହାଯ୍ୟ କରିପାରିବ। ହାନ୍ନା ଆରେଣ୍ଡ 'ଦି ଅରିଜିନ ଅଫ୍ ଟୋଟାଲିଟାରିଆନଜମ୍' ପୁସ୍ତକରେ ଏକ ଯୁକ୍ତିଯୁକ୍ତ ବିଷୟ ଉଲ୍ଲେଖ କରିଥିବା ମନେହୁଏ। ସେ କହିଛନ୍ତି, ଲଗାତର ମିଛ କହିବା ଏକଚ୍ଛତ୍ରବାଦ ଓ ଅତ୍ୟାଚାରର ପ୍ରଥମ ପାହାଚ। ତାଙ୍କ ଶବ୍ଦରେ, ସେମାନେ କ୍ଷମତା ହାସଲ କରିବା ଏବଂ ସେମାନଙ୍କର ସିଦ୍ଧାନ୍ତ ଅନୁଯାୟୀ ଏକ ବିଶ୍ୱ ପ୍ରତିଷ୍ଠା କରିବା ପୂର୍ବରୁ, ନିଜ ହାତରେ ସବୁ କ୍ଷମତା ରଖିବା ପାଇଁ କରୁଥିବା ଆନ୍ଦୋଳନ ଏକ ସ୍ଥାୟୀ ମିଛ ଦୁନିଆ ଗଠନ କରେ। ୧୯୩୨ରେ ଯେତେବେଳେ ନାଜିମାନେ ଜର୍ମାନୀ ଗଣତନ୍ତ୍ରକୁ ଧ୍ୱଂସ କରିବାକୁ ଯାଉଥିଲେ ଉଦାରବାଦୀ ରାଜନେତା ଥିଓଡର୍ ହେସ ଏକ ମନ୍ତବ୍ୟ ଦେଇଥିଲେ, ଯାହା ଆଜିର ଦିନରେ ସୂଚାଇବା ଅଧିକ ପ୍ରାସଙ୍ଗିକ ମନେହୁଏ। ସେ ନାଜିମାନଙ୍କ ବିଷୟରେ କହିଥିଲେ ଯେ, ଚମତ୍କାର ପ୍ରଚାର ପ୍ରସାର ଉଭୟ ହିରୋ ଏବଂ ସାଧୁଙ୍କୁ ଏକାସାଙ୍ଗରେ ଧରି ରଖିଥିଲା। ତେବେ ଆମେରିକା ଏବେ ନାଜି ଜର୍ମାନୀ ସମୟର ରିପବ୍ଲିକ ନୁହେଁ। ଇରାକ ଏବଂ ଆଫଗାନିସ୍ତାନରେ ବିପର୍ଯ୍ୟସ୍ତ ଯୁଦ୍ଧ ହୋଇଛି, କିନ୍ତୁ ପ୍ରଥମ ବିଶ୍ୱଯୁଦ୍ଧ ପରେ ଜର୍ମାନମାନଙ୍କୁ ଦଣ୍ଡିତ କରୁଥିବା ଭର୍ସେଲ ଚୁକ୍ତି ସହିତ ଏହା ସମାନ ନୁହେଁ। ୧୯୩୦ ଦଶନ୍ଧି ଭଳି ନିକଟ ଅତୀତରେ କୌଣସି ଅର୍ଥନୈତିକ ମାନ୍ଦାବସ୍ଥା ନାହିଁ। ବୋଧହୁଏ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଟ୍ରମ୍ପ ଧର୍ମୀୟ ମୌଳବାଦୀଙ୍କୁ ନେଇ ପରିସ୍ଥିତିକୁ ଦେଖି ସୁବିଧା ଅନୁସାରେ ସୁପ୍ରିମ୍‌କୋର୍ଟରେ ପରିବର୍ତ୍ତନ କରିବାରେ ସଫଳ ହେବା ସତ୍ତ୍ୱେ ହିଟ୍‌ଲରଙ୍କ ପରି ଅଧିକାଂଶ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ କାବୁ କରିପାରିନାହାନ୍ତି। କିଛି ଶ୍ୱେତାଙ୍ଗ ଯୁବକ ବର୍ତ୍ତମାନ ଚରମ ଦକ୍ଷିଣପନ୍ଥୀ ପ୍ରତି ଆକର୍ଷିତ ହେଉଥିବା ଅନୁଭବ କରାଯାଉଛି, କିନ୍ତୁ ନାଜିମାନଙ୍କ ପାଖରେ ଥିବା ଛାତ୍ର ସମର୍ଥନ ଭଳି ଟ୍ରମ୍ପଙ୍କ ପାଖରେ କିଛି ନାହିଁ।

ଯଦି ରିପବ୍ଲିକାନ୍ ପାର୍ଟି ଟ୍ରମ୍ପଙ୍କୁ ଏହାର ରାଷ୍ଟ୍ରପତି ପ୍ରାର୍ଥୀ ଭାବରେ ମନୋନୀତ କରେ, ତେବେ ସେ ସମ୍ଭବତଃ ତାଙ୍କ ରିପବ୍ଲିକାନ୍ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିବା ଅପେକ୍ଷା ଡେମୋକ୍ରାଟିକ୍ ପାର୍ଟି ପ୍ରାର୍ଥୀ ବାଇଡେନ୍‌ଙ୍କୁ ହରାଇବା କଷ୍ଟସାଧ ହେବ। କିନ୍ତୁ ଜେଲକୁ ଯିବା ପରିବର୍ତ୍ତେ ହ୍ୱାଇଟ୍ ହାଉସ୍‌କୁ ଫେରିବାକୁ ଇଚ୍ଛା କରୁଥିବା ଜଣେ ପ୍ରାର୍ଥୀଙ୍କୁ ରୋକିବା ପାଇଁ ଜଣେ ଦୁର୍ବଳ ୮୧ ବର୍ଷୀୟଙ୍କୁ ଭୋଟ୍ ଦେବାକୁ ଯଥେଷ୍ଟ ଲୋକଙ୍କୁ ପ୍ରବର୍ତ୍ତାଯାଇପାରିବ କି ନାହିଁ ତାହା ଦେଖିବାକୁ ବାକି ରହିଲା।

**ପ୍ରତିଷ୍ଠିତ ଲେଖକ**

# ଶିଶୁପାଇଁ ସ୍ତନ୍ୟପାନ



ଡା. କାନ୍ତି ନାୟକ

ନବଜାତ ଶିଶୁଟି ପାଇଁ ସ୍ତନ୍ୟପାନ ଅମୃତ ସଞ୍ଜୀବନୀ କହିଲେ ଅତ୍ୟୁକ୍ତି ହେବନାହିଁ। ମା'କ୍ଷୀର ଶିଶୁ ପାଇଁ ଅମୃତ। ଆଦିମ କାଳରୁ ରହିଥିବା ଏହି ପ୍ରସଙ୍ଗ ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ଫିକା ପଡ଼ିଛି। ଅଧିକାଂଶ ମା'ଙ୍କର ସ୍ତନ୍ୟପାନକୁ ନେଇ ବିଚିତ୍ର ମାନସିକତା ରହିଛି। ସ୍ତନ୍ୟପାନ କରାଇଲେ ସୌନ୍ଦର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା କରି ଶିଶୁଙ୍କୁ ସ୍ତନ୍ୟପାନ କରାଇବା ପାଇଁ ସେମାନେ ଇଚ୍ଛା ପ୍ରକାଶ କରୁନାହାନ୍ତି। ଫଳରେ ଅମୃତ କୁହାଯାଉଥିବା ଏହି ମା'କ୍ଷୀର ଏବେ ଶିଶୁ ପାଇଁ ସ୍ୱପ୍ନ ହୋଇଛି। ଶିଶୁଟି ଜନ୍ମ ହେବାଠାରୁ ୬ମାସ ପର୍ଯ୍ୟନ୍ତ ମା'କ୍ଷୀର ପିଇବା ଅତ୍ୟନ୍ତ ଆବଶ୍ୟକ। ଏହା ଶିଶୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଶରୀରକୁ ଅନେକ ପ୍ରକାର ପୋଷକ ତତ୍ତ୍ୱ ଯୋଗାଇଥାଏ। ଏଣୁ ଏ ଦିଗରେ ମା'ମାନଙ୍କୁ ସଚେତନ କରାଇବା ପାଇଁ ଅଗଷ୍ଟ ୧ରୁ ୭ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ପାଳିତ ହୋଇଥାଏ ସ୍ତନ୍ୟପାନ ସପ୍ତାହ। ୧୯୯୨ରେ ପ୍ରଥମ ଥର ପାଇଁ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଇଥିଲା। ଏହା ପରଠାରୁ ପ୍ରତ୍ୟେକ ବର୍ଷ ପ୍ରାୟ ୧୨୦ରୁ ଊର୍ଦ୍ଧ୍ୱ ଦେଶରେ ପାଳିତ ହୋଇଥାଏ ଏହି ସପ୍ତାହ। ଏହି ଦିବସ ପାଳନ କରୁଥିବା ଦେଶ ମଧ୍ୟରେ ଭାରତ ଅନ୍ୟତମ।

ପିଲାଟି ଜନ୍ମ ହେବା ପରେ ଈଶ୍ୱର ପ୍ରଦତ୍ତ ଅନନ୍ୟ ଉପାଦାନ ହେଉଛି ମା' ଠାରୁ ଝରୁଥିବା ପ୍ରଥମ କ୍ଷୀର ଯାହାକୁ କଷ କ୍ଷୀର କୁହାଯାଏ। ଏହାର ରଙ୍ଗ ଈଷତ୍ ହଳଦିଆ। ନବଜାତ ପିଲାଟିର ଏହା ହେଉଛି ପ୍ରଥମ ଖାଦ୍ୟ। ଯେଉଁଥିରେ ପ୍ରଚୁର ପରିମାଣର ଭିଟାମିନ୍ ଏ, ଲବଣ ଓ ପୁଷ୍ଟିସାର ରହିଥାଏ। କମ୍ ପରିମାଣରେ ଶର୍କରା ଓ ଚର୍ବିଜାତୀୟ ଖାଦ୍ୟ ଓ ପୋଟାସିୟମ ରହିଥାଏ। ଏହା ଶିଶୁର ଅନ୍ତନଳୀରେ ଥିବା କଳା ରଙ୍ଗର ମଇଳାଗୁଡ଼ିକୁ ବାହାର କରିବାରେ ସାହାଯ୍ୟ କରେ। ଏହି କଳା ରଙ୍ଗର ମଇଳାଗୁଡ଼ିକ ଶିଶୁର ଅନ୍ତନଳୀରେ ଜମା ହୋଇ ରହିଲେ ତାକୁ ଅଧିକ ପରିମାଣର କାମଳ ରୋଗ ହୋଇଥାଏ। କଷ କ୍ଷୀର ହିଁ ପ୍ରଥମ ପ୍ରତିଷେଧକ ଟିକା। ଏଥିରେ ଇମ୍ୟୁନୋଗ୍ଲୋବଲିନ୍ ବେଶି ପରିମାଣରେ ଥାଏ ଯାହା ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ।

ଶିଶୁ ପାଇଁ ମା'କ୍ଷୀର ଯେ କେତେ ଉପାଦେୟ ତାହା କହିବା ଅସମ୍ଭବ। ତେବେ ଏଥିରେ ଏପରି ତତ୍ତ୍ୱ ରହିଥାଏ, ଯାହା ଶିଶୁର ଶାରୀରିକ ଗଠନଠାରୁ ଆରମ୍ଭ କରି ବୁଦ୍ଧିର ବିକାଶ ପର୍ଯ୍ୟନ୍ତ ସାହାଯ୍ୟ କରେ। ମା' କ୍ଷୀରରେ ପ୍ରାକୃତିକ ରୋଗ ପ୍ରତିରୋଧକ ଆଣ୍ଟିବଡ଼ି ଥାଏ। ଏହା ଶିଶୁକୁ ସୁସ୍ଥ ତଥା ନୀରୋଗ ରଖିଥାଏ। ଏହାକୁ ପିଇଲେ ସ୍ନାୟୁ ଓ ମସ୍ତିଷ୍କର ଅଭିବୃଦ୍ଧି ହୋଇଥାଏ। ପିଲାର ଦୃଷ୍ଟିଶକ୍ତି ଓ ଶ୍ରବଣ ଶକ୍ତି ଦୃଢ଼ ହୁଏ ଏବଂ ପିଲା ଶୀଘ୍ର କଥା କହିବା ଆରମ୍ଭ କରେ। ମା'କ୍ଷୀର ପିଇବା ଦ୍ୱାରା ଶିଶୁର ଶାରୀରିକ ଅଭିବୃଦ୍ଧି ଠିକ୍ ଭାବେ ହୋଇଥାଏ। ପୂର୍ଣ୍ଣମାତ୍ରାରେ ମା'କ୍ଷୀର ପିଉଥିବା ଶିଶୁ ଭବିଷ୍ୟତରେ ମଧୁମେହ, ଉଚ୍ଚ ରକ୍ତଚାପ, ପାଗଳାମି, କ୍ୟାନ୍‌ସର ଆଦି ରୋଗର ସମ୍ମୁଖୀନ ହେବା ଆଶଙ୍କା କମ୍ ଥାଏ।

ଶିଶୁକୁ ସ୍ତନ୍ୟପାନ କରାଇବା ସମୟରେ କେତେକ ଦିଗ ପ୍ରତି ସତର୍କ ରହିବାକୁ ପଡ଼ିଥାଏ। ପ୍ରଥମ କଥା ହେଲା ଶିଶୁଟି ଜନ୍ମ ହେବାର ଅଧଘଣ୍ଟାଏ ମଧ୍ୟରେ ତାକୁ ମା'କ୍ଷୀର ବା କୋଲେଷ୍ଟ୍ରମ୍ ପିଆଇବା ଦରକାର। ଜନ୍ମର ପ୍ରଥମ ତିନି ଦିନ ଶିଶୁକୁ ଏହି କ୍ଷୀର ପିଆଇବା ନିହାତି ଦରକାର। ଶିଶୁଟି ୬ମାସ ପର୍ଯ୍ୟନ୍ତ ମା'କ୍ଷୀର ପିଇବା ଜରୁରୀ। ଶିଶୁକୁ ସ୍ତନ୍ୟପାନ କରାଇବା ପୂର୍ବରୁ ମା' ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେବା ଦରକାର। ଅବସାଦଗ୍ରସ୍ତ ହୋଇ ସ୍ତନ୍ୟପାନ କରାଇବା ଠିକ୍ ନୁହେଁ। ସ୍ତନ୍ୟପାନ କରାଇବା ପୂର୍ବରୁ ମା' ଆରାମରେ ବସିବା (ଯେମିତି ପିଠି ୯୦ଡିଗ୍ରୀରେ ରହିବ) ଦରକାର। ପିଲାକୁ କୋଳରେ ଏପରି ବସାନ୍ତୁ ଯେପରି ସେ ଆରାମରେ ସ୍ତନ୍ୟପାନ କରିପାରିବ। ଏହି ସମୟରେ କେତେକ ପିଲା ଅଝଟ କରିଥାଆନ୍ତି। ସେମାନଙ୍କୁ ବୁଝାଇବା ପାଇଁ ମା' ଲୋରି ଗାଇ କିମ୍ବା ପିଠି ଥାପୁଡ଼ାଇ ସ୍ତନ୍ୟପାନ କରାଇବା ଆବଶ୍ୟକ। ଏହି ସମୟରେ ମା' ଆଦୌ ବିରକ୍ତିଭାବ ପ୍ରକାଶ କରିବା ଠିକ୍ ନୁହେଁ। ଅପରପକ୍ଷେ ଶିଶୁଟି କେତେ ଘଣ୍ଟା ଅନ୍ତରରେ ସ୍ତନ୍ୟପାନ କରିବ ସେଥିନେଇ ମା' ଅବଗତ ହେବା ଦରକାର। ଶିଶୁକୁ ପ୍ରତି ୨–୩ ଘଣ୍ଟା ଅନ୍ତରରେ ସ୍ତନ୍ୟପାନ କରାଇବା ଆବଶ୍ୟକ। ମନେରଖନ୍ତୁ ଶିଶୁର ସମସ୍ତ ସଂକ୍ରମଣ ରୋଗ ପାଇଁ ମା' କ୍ଷୀର ମହୋଷଧିପରି କାମ କରିଥାଏ, ସେଥିପାଇଁ କୁହାଯାଏ ମା' କ୍ଷୀର ଅମୃତ ଆହାର। ତେଣୁ ବିଶ୍ୱ ସ୍ତନ୍ୟପାନ ସପ୍ତାହର ମର୍ମ ବିଶେଷକରି ମା'ମାନଙ୍କ ଦ୍ୱାରା ସାର୍ବଜନୀନ ଗ୍ରହଣୀୟ ହେଲେ ଏହାର ପ୍ରାସଙ୍ଗିକତାର ଗୁରୁତ୍ୱ ରହନ୍ତା।

**ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡିଏ, କଟକ**

## ଏଇ ଭାରତରେ

ପରିବାର ପ୍ରତିପୋଷଣ ପାଇଁ ପ୍ରତିବର୍ଷ ପ୍ରବାସୀ ଶ୍ରମିକମାନେ ଗାଁଗଣ୍ଡା ଛାଡ଼ି ସହରକୁ ଚାଲିଯାଆନ୍ତି। କାମ ଅନ୍ୱେଷଣରେ ଯାଉଥିବା ଏହିସବୁ ଶ୍ରମିକଙ୍କ ପିଲାମାନେ ସରକାରୀ ସ୍କୁଲରେ ନାମ ଲେଖାଇଥିଲେ ବି ସେମାନେ ଶିକ୍ଷାରୁ ବଞ୍ଚିତ ହୋଇଥାଆନ୍ତି। ତେବେ ଏଭଳି ପିଲାମାନଙ୍କୁ ପୁଣି ଶିକ୍ଷାର ମୁଖ୍ୟ ସ୍ରୋତରେ ଯୋଡ଼ିବା ଲାଗି ବେଙ୍ଗାଲୁରୁର ୬ଜଣ ବନ୍ଧୁଙ୍କ ସାମଗ୍ରିକ ଉଦ୍ୟମ ପ୍ରଶଂସନୀୟ। ସେମାନେ ହେଲେ ନୋମିତା ସିକନ୍ଦ, ରିଜୱାନ ଅହମ୍ମଦ, ଏମ୍. ରାଜା, ପ୍ରୀତି ପଟେଲ, ଜୋଶେଫ ଜାକୋବି ଏବଂ ସୌମ୍ୟା ନନ୍ଦ। ଏମାନେ ପ୍ରବାସୀ ଶ୍ରମିକଙ୍କ ପିଲାମାନଙ୍କୁ ମାଗଣାରେ ପଢ଼ାଇବାର ବ୍ୟବସ୍ଥା କରିଛନ୍ତି। ୬ରୁ ୯ ବର୍ଷ ବୟସ ମଧ୍ୟରେ ଥିବା ପିଲାମାନଙ୍କୁ ସେମାନଙ୍କ ମାତୃଭାଷାରେ ପଢ଼ାଇବା ପରେ ଶିକ୍ଷାର ଏକ ସ୍ତରରେ ପହଞ୍ଚିବା ପରେ ସେମାନଙ୍କୁ ସରକାରୀ ସ୍କୁଲକୁ ପଠାଉଛନ୍ତି। ଏହି କାର୍ଯ୍ୟ କରିବା ଲାଗି ୬ ଜଣ ବନ୍ଧୁ ମିଶି 'ଗୁବାଚ୍ଚି' ସଂସ୍ଥା ଗଢ଼ିଛନ୍ତି। ବେଙ୍ଗାଲୁରୁରେ ଏହି ସଂସ୍ଥାର ଦୁଇଟି କେନ୍ଦ୍ର ଅଛି ଓ ତା' ମାଧ୍ୟମରେ ସବୁ କାର୍ଯ୍ୟ ସଞ୍ଚାଳନ କରାଯାଉଛି। ଗୁବାଚ୍ଛି ମଧ କର୍ଣାଟକ ସରକାରଙ୍କ ଶିକ୍ଷା ବିଭାଗ ସହଯୋଗରେ ୯ଟି ସରକାରୀ ସ୍କୁଲ ସହ ସାମିଲ ହୋଇ 'ନାଲି କାଲି' (ଆନନ୍ଦଦାୟକ ଶିକ୍ଷା) କାର୍ଯ୍ୟକ୍ରମ ଚଳାଇଛି। ଏଥିରେ ପିଲାମାନଙ୍କୁ ସପ୍ତାହରେ ଥରେ ନାଚ ଓ ଦୁଇଥର ଖେଳ ଶିକ୍ଷା ଦିଆଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୪ ଅଗଷ୍ଟ ୧୯୯୮

- ଚାନ୍ଦିପୁରସ୍ଥିତ କ୍ଷେପଣାସ୍ତ୍ର ପରୀକ୍ଷଣ ଘାଟିରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ 'ଆକାଶ' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ।
- ହିମାଚଳ ପ୍ରଦେଶର ସୀମାନ୍ତ ଜିଲା ଚାମ୍ବାରେ ଉଗ୍ରପନ୍ଥୀଙ୍କ ଆଖିବୁଜା ଗୁଳିମାଡ଼ରେ ୩୬ ମୃତ।
- ଆଲଜେରିଆର ମୁସଲିମ ବିଦ୍ରୋହୀମାନେ ପଶ୍ଚିମ ଆଲଜେରିଆରେ ଏକ ବସ୍‌କୁ ଅଟକାଇ ୧୨ ଯାତ୍ରୀଙ୍କ ଗଳାକାଟି ହତ୍ୟା କରିଛନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | 3 | 4 | | | 2 | |
| | | 1 | | | 8 | | 3 | |
| 4 | | | | 2 | | 1 | | 7 |
| | | | | | 3 | | | |
| | | 7 | | | | 9 | | |
| | 8 | | 6 | | | | | 5 |
| 5 | | | | | 7 | 2 | | |
| | 6 | | | | | 7 | | |
| | | 4 | 5 | 3 | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 2 | 3 | 8 | 5 | 6 | 4 | 1 |
| 3 | 5 | 6 | 2 | 1 | 4 | 7 | 9 | 8 |
| 4 | 1 | 8 | 7 | 6 | 9 | 3 | 5 | 2 |
| 6 | 7 | 1 | 8 | 4 | 3 | 5 | 2 | 9 |
| 9 | 3 | 5 | 6 | 2 | 1 | 4 | 8 | 7 |
| 2 | 8 | 4 | 9 | 5 | 7 | 1 | 6 | 3 |
| 1 | 2 | 7 | 4 | 9 | 6 | 8 | 3 | 5 |
| 5 | 4 | 9 | 1 | 3 | 8 | 2 | 7 | 6 |
| 8 | 6 | 3 | 5 | 7 | 2 | 9 | 1 | 4 |

ଗତକାଲିର ଉତ୍ତର

# ନୂଆ ବାଟର ବାଟୋଇ



ଡ. ହୃଷୀକେଶ ମଲ୍ଲିକ

ନନ୍ଦିନୀ ଶତପଥୀ ଉତ୍ତର–ସ୍ୱାଧୀନ ଭାରତବର୍ଷର ସବୁଠୁଁ ଅଧିକ ଶୌର୍ଯ୍ୟଦୀପ୍ତା ରାଜନେତ୍ରୀ, ଯାହାଙ୍କର ନେତୃତ୍ୱଦାନ କ୍ଷମତା ଛାତ୍ର–ରାଜନୀତିରୁ ସ୍ପଷ୍ଟ ହୋଇଥିଲା। ବ୍ରିଟିଶ୍ ସରକାରଙ୍କ 'ୟୁନିୟନ ଜ୍ୟାକ୍' ଓହ୍ଲାଇ ଦେଇ ସେ ପୋଲିସ୍ ନିର୍ଯାତନାର ଶିକାର ହୋଇଥିଲେ। ରେଭେନ୍ସାରେ ଏମ୍.ଏ. ପଢ଼ିଲାବେଳେ ଏସ୍‌ଏଫ୍‌ଆଇ ସହ ସମ୍ପୃକ୍ତି ଓ ୧୯୫୧ର ଛାତ୍ର–ଆନ୍ଦୋଳନରେ ସକ୍ରିୟ ଯୋଗଦାନ ତାଙ୍କ ବହ୍ନିମୟୀ ବ୍ୟକ୍ତିତ୍ୱର ଉନ୍ମେଷ–ପର୍ବ। କଲେଜ ଛାତ୍ରୀଛାତ୍ରଙ୍କ ଦେୟ ବୃଦ୍ଧିର ପ୍ରତିବାଦ ଥିଲା ଏହି ଆନ୍ଦୋଳନର ଉଦ୍ଦେଶ୍ୟ, ଯାହା ପରେ ସର୍ବ ଭାରତୀୟ ଛାତ୍ର–ଆନ୍ଦୋଳନରେ ପରିଣତ ହୋଇଥିଲା।

୧୯୬୨ରେ ସେ କଂଗ୍ରେସ ପକ୍ଷରୁ ରାଜ୍ୟ ସଭାର ସଦସ୍ୟା ଭାବେ ମନୋନୀତ ହୋଇଥିଲେ। ୧୯୬୬ରେ ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବା ପରେ ମନ୍ତ୍ରୀ ଭାବେ 'ସୂଚନା ଓ ପ୍ରସାରଣ ବିଭାଗ' ଦାୟିତ୍ୱ ତୁଲାଇଥିଲେ। ବାଂଲାଦେଶ ଯୁଦ୍ଧ(୧୯୭୧) ସମୟରେ ଯେଉଁମାନେ ଆକାଶବାଣୀରୁ ଯୁଦ୍ଧ ଖବର ଶୁଣିଥିବେ (ଯତୀନ ଦାସ ଥିଲେ ଓଡ଼ିଆରେ ବାର୍ତ୍ତା ପାଠକ), ସେହି ପାଠ ପଛରେ ଥିବା ଉଦ୍ଦାମତାର ଅନୁପ୍ରେରଣା ଥିଲେ ନନ୍ଦିନୀ ଦେବୀ। ୧୯୭୨ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ସେ ଦାୟିତ୍ୱ ନେଲେ (୧୪ ଜୁନ୍ ୧୯୭୨– ୩ ମାର୍ଚ୍ଚ ୧୯୭୩)। ପୁଣି ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହେଲେ ୧୯୭୩ (୬ ମାର୍ଚ୍ଚ ୧୯୭୩–୧୬ ଡିସେମ୍ବର ୧୯୭୬)ରେ। ତାଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଓଡ଼ିଶାର ଜନସାଧାରଣ ପ୍ରଥମଥର ପାଇଁ ବୁଝିଲେ ଖୁଣ୍ଟ ଟାଣହେଲେ କିପରି ଶାସନ ହୁଏ ଶୃଙ୍ଖଳିତ। ଗ୍ରାମୀଣ ବିକାଶ, ବିଦ୍ୟୁତ୍ ଶକ୍ତିରେ ସ୍ୱାବଲମ୍ବନ, ଜଳସେଚନ, ଭୂମିହୀନଙ୍କୁ ଭୂମିଦାନ, ଶିକ୍ଷାର ପ୍ରଗତି ଆଦି ରାଜ୍ୟର ସାମୂହିକ ଉନ୍ନତି ନନ୍ଦିନୀ ଦେବୀଙ୍କ ପ୍ରତିବଦ୍ଧ ଶାସନ ବ୍ୟବସ୍ଥାର ଫଳଶ୍ରୁତି। ମାଷ୍ଟରକ୍ୟାଣ୍ଟିନ୍ ଛକର 'କଂଗ୍ରେସ ଭବନ', ୟୁନିଟ୍–୩ର 'ମାତୃଭବନ', 'ସୂଚନା ଭବନ' (ଜୟଦେବ ଭବନ) ଓ କଟକର 'ଦୂରଦର୍ଶନ କେନ୍ଦ୍ର' ତାଙ୍କରି ସମୟର।

ଆହ୍ଲାବାଦ ହାଇକୋର୍ଟ ଇନ୍ଦିରା ଗାନ୍ଧୀଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କଲାପରେ ୨୫ଜୁନ୍ ୧୯୭୫ରେ ଜାରି ହେଲା ଇମର୍ଜେନ୍ସି, ୨୧ ମାର୍ଚ୍ଚ ୧୯୭୭ରେ ସରିଲା ତା'ର ଅବଧି। ଜରୁରିକାଳୀନ ସ୍ଥିତିରେ ଦେଶର ବିଭିନ୍ନ ରାଜ୍ୟରେ ମାତ୍ରାଧିକ ଶାସନର ଯେଉଁ ତଦନ୍ତ ହେଲା, ସେଥିରୁ ଓଡ଼ିଶାରେ ତାହା ନଗଣ୍ୟ ବୋଲି ଜଣାଗଲା। ଇନ୍ଦିରାଙ୍କ ଗର୍ହିତ ନିର୍ଦ୍ଦେଶକୁ ଟାଳିଦେବାର ଦୁଃସାହସ ତମାମ ଦେଶରେ କେବଳ ଜଣଙ୍କର ଥିଲା, ସେ ହେଉଛନ୍ତି ନନ୍ଦିନୀ ଶତପଥୀ। ସେ ହିଁ ଏକମାତ୍ର ନେତ୍ରୀ, ଯିଏ ଯେତେବେଳେ ଯେଉଁ ଦଳରୁ ନିର୍ବାଚନ ଲଢ଼ିଛନ୍ତି, (ଏପରିକି ସ୍ୱାଧୀନ ଭାବେ ଲଢ଼ି ମଧ) କେବେ ବି ହାରି ନାହାନ୍ତି। ସେ କେବଳ ଭାରତର ଦ୍ୱିତୀୟ ଓ ଓଡ଼ିଶାର

**ନନ୍ଦିନୀ ଶତପଥୀଙ୍କ ପୁଣ୍ୟତିଥି ଅବସରରେ**



ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନ ଥିଲେ, ଥିଲେ ଓଡ଼ିଶାର ପ୍ରଥମ ମହିଳା ରାଜ୍ୟସଭା ସଦସ୍ୟା।

ନନ୍ଦିନୀ ଯଦିଓ ଥିଲେ ଆଇନର ଶାସକ, ହେଲେ ଆଇନ ଯେତେବେଳେ ଆକ୍ରୋଶ ପାଳଟି ରାଜନୈତିକ ପ୍ରତିପକ୍ଷଙ୍କ ଗଳା ଚିପିବାକୁ ଅପଉଦ୍ୟମ କରୁଥିଲା, ତା'ର ସର୍ବ ପ୍ରଥମ ପ୍ରତିବାଦୀ ବି ଥିଲେ ସେ। ୧୯୭୭ରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆଣି ଦୁର୍ନୀତି ନିବାରଣ ବିଭାଗର ଜଣେ ଡିଏସ୍‌ପି ଯେତେବେଳେ ତାଙ୍କୁ ଦୀର୍ଘତମ ଏକ ପ୍ରଶ୍ନାବଳୀର ଉତ୍ତର ଦେବାକୁ ବାଧ କଲେ, ନନ୍ଦିନୀ ଦେବୀ କହିଲେ– "ମୁଁ ଉତ୍ତର ଦେବି ନାହିଁ। ଭାରତୀୟ ସମ୍ବିଧାନର ଧାରା–୨୦, ଉପଧାରା–୩ ମୋତେ ଏହି ସୁରକ୍ଷା ଦେଇଛି।" ହାଇକୋର୍ଟରେ ଆବେଦନ ଗ୍ରହଣ ନ ହେବାରୁ ସେ ସୁପ୍ରିମ କୋର୍ଟ ଗଲେ ଓ ସୁପ୍ରିମ କୋର୍ଟ ତାଙ୍କ ଆବେଦନ ଗ୍ରହଣ କରି ୧୯୭୮ରେ ଅଭିଯୋଗ ଖାରଜ ପାଇଁ ନିର୍ଦ୍ଦେଶ ଦେଲେ। ସମ୍ବିଧାନର ଧାରା–୨୦(୩) କ'ଣ, ତାହା ହୁଏତ ଅନେକଙ୍କର ସ୍ମରଣ ନ ଥିବ। ଏଥିରେ ବ୍ୟବସ୍ଥା ଅଛି– "କୌଣସି ଅପରାଧରେ ଅଭିଯୁକ୍ତ ବ୍ୟକ୍ତିଙ୍କୁ ନିଜ ବିପକ୍ଷରେ ସାକ୍ଷୀ ହେବାକୁ ବାଧ୍ୟ କରାଯାଇ ପାରିବ ନାହିଁ।" ଅନ୍ୟ ଭାବରେ କହିଲେ ନାଗରିକଙ୍କ 'ଚୁପ୍ ରହିବାର ଅଧିକାର', ଯାହାର ଉପଯୋଗ କରି ନନ୍ଦିନୀ ଦେବୀ ନିଜ ସାମ୍ବିଧାନିକ ଓ ଆଇନଗତ ବିଚକ୍ଷଣତାର ପରିଚୟ ଦେବା ସହିତ ତାଙ୍କ ବିରୋଧରେ ରାଜନୈତିକ ପ୍ରତିପକ୍ଷଙ୍କ ଦ୍ୱାରା ଅଣାଯାଇଥିବା ପ୍ରାୟୋଜିତ ଦୁର୍ନୀତି ଅଭିଯୋଗକୁ ଅମୂଳକ ପ୍ରମାଣ କରିଦେଲେ। ଉଦ୍ଦେଶ୍ୟପ୍ରଣୋଦିତ ଭାବେ ଯେତେ ମକଦ୍ଦମା ତାଙ୍କ ନାଁରେ ହୋଇଥିଲା, ସବୁଥିରେ ସେ ଜିଣିଥିଲେ। ରାଜନୀତି ଓ ସାହିତ୍ୟରେ ସେ ଥିଲେ ନୂଆ ବାଟର ବାଟୋଇ।

ଭାଙ୍ଗିଯାଇଛନ୍ତି ସେ ଅନେକ ଥର, ନିଜର ରାଜନୈତିକ ଦୃଢ଼ତା ଓ ନିଃସର୍ତ୍ତ ମାନବୀୟ ପ୍ରତିବଦ୍ଧତା ପାଇଁ; କିନ୍ତୁ କେବେ ବି ତଳକୁ ବେକ ଝୁଙ୍କେଇ ନାହାନ୍ତି। ନିଜର ବିଶ୍ୱାସକୁ ନିୟତ ସେ ସାହିତ୍ୟରେ ରୂପ ଦେଇଛନ୍ତି। ଓଡ଼ିଶା ଇତିହାସର ବହୁ ଲୌକିକ ଓ ଅଲୌକିକ ଘଟଣାର ସେ ମୂକସାକ୍ଷୀ। ପୁରୀ ରଥଯାତ୍ରାକୁ ନେଇ ତାଙ୍କ ଜୀବନର ଏକ ବିସ୍ମୟୋଦ୍ଦୀପକ ଅନୁଭୂତିର ଉଲ୍ଲେଖ ଏଠାରେ କରାଯାଇପାରେ, ୧୯୭୨ର ରଥଯାତ୍ରା। ଯେତେ ହାରି ଗୁହାରି କଲେ ବି ଶ୍ରୀଜଗନ୍ନାଥ ରଥକୁ ଉଠୁ ନ ଥାନ୍ତି। ପଣ୍ଡା ପଢ଼ିହାରୀ, ଗଜପତି ମହାରାଜା ଓ ଖୋଦ୍ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଅନୁନୟ ବିନୟ ଅସାର ହେଉଥାଏ। କିଛି ସମୟ ଗତ ହେବା ପରେ ମହାପ୍ରଭୁ ସ୍ୱତଃ ରଥାରୂଢ଼ ହେଲେ। କାରଣ ଅନୁସନ୍ଧାନରୁ ବଡ଼ପଣ୍ଡା ଜଣାଇଲେ ଯେ, ପ୍ରଭୁ ଏଠି ନ ଥିଲେ। ଶାବର ଶ୍ରୀକ୍ଷେତ୍ର ଯାଇଥିଲେ, ସେଠାର ପ୍ରଥମ ରଥଯାତ୍ରାରେ ଭକ୍ତମାନଙ୍କୁ ଦର୍ଶନ ଦେବାକୁ। ଏବେ ଏଠାକୁ ଫେରି ରଥକୁ ଉଠିଲେ। ଭକ୍ତଙ୍କ ପାଇଁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଅଲୌକିକ ଲୀଳା ମୁଖ୍ୟମନ୍ତ୍ରୀ ଓ ଗଜପତି ମହାରାଜାଙ୍କ ସମକ୍ଷରେ ଅଭିନୀତ ହେଲା। ଅହୋ ଭାଗ୍ୟ ! ଜୁନ୍ ୯, ୧୯୩୧ରେ ଜନ୍ମ ହୋଇ ୪ ଅଗଷ୍ଟ ୨୦୦୬ରେ ବାହୁଡ଼ିଗଲେ ନନ୍ଦିନୀ ଦେବୀ। ଆଜି ତାଙ୍କ ପୁଣ୍ୟତିଥି। ଏହି ଅବକାଶରେ ଗୋଟିଏ କଥା କହିରଖିବା କର୍ତ୍ତବ୍ୟ ହେବ ଯେ, ତାଙ୍କର ୨ଟି ଗ୍ରନ୍ଥ ଆଜି ଦୁଷ୍ପ୍ରାପ୍ୟ। ସେ ଦୁଇଟି ହେଲା: "BUNCH OF THOUGHTS: COLLECTED SPEECHES OF SMT. NANDINI SATPATHY" ଓ "SONG OF THE EVENING AND OTHER STORIES." କାହାରି ପାଖରେ ଥିଲେ ଜଣାଇବାକୁ ପାଠିକାପାଠକଙ୍କୁ ନିବେଦନ । ନନ୍ଦିନୀ ଦେବୀଙ୍କୁ ଶ୍ରଦ୍ଧାନତ ପ୍ରଣାମ !

**ମୋ:୯୮୫୩୨୮୭୭୫୫**

## ଚିରନ୍ତନୀ

ଗଳଇ ରୁଧିରରାଶି ଯନ୍ତ୍ରଣାର କ୍ଷତ ଅବକାଶ
ନିତି ପ୍ରଦୋଷ ଉଷାରେ ସେ ବେଦନା
ଲଭଇ ପ୍ରକାଶ
ପରାଚୀ ପ୍ରତୀଚୀ ଭାଲେ ରକତର ରାଗେ,
ବିରହର ଶତ କ୍ଷତ ଦାଗେ।

(ସୃଜନ ବ୍ୟଥା)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

## ପାଠକ ଶ୍ରେଷ୍ଠ ବିଚାରକ

### ଚାଷୀଙ୍କୁ ମିଳୁନି ସହାୟତା

ମହାଶୟ,

ରାଜ୍ୟ ସରକାର ସମବାୟ ବିଭାଗ ସ୍ତରରେ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇଦେବା ସତ୍ତ୍ୱେ ସମବାୟ ବିଭାଗର କେତେଜଣ ନିର୍ଦ୍ଦିଷ୍ଟ କର୍ମଚାରୀ ଓ ଅଧିକାରୀଙ୍କ ଦୁର୍ନୀତିଖୋର ମନୋଭାବ ଯୋଗୁ କୃଷି ଓ କୃଷକଙ୍କ ଆଶାନୁରୂପ ବିକାଶ ହେଉ ନ ଥିବା ଅଭିଯୋଗ ହେଉଛି। ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀ ଗୋପାଳ) ବ୍ଲକର ୨୪ଗୋଟି ପଞ୍ଚାୟତରେ କୃଷି ସେବା ସମବାୟ ସମିତି ଗୁଡ଼ିକର ସମ୍ପାଦକମାନେ ଧାନ ବ୍ୟବସାୟୀମାନଙ୍କ ସହ ସଲାସୁତୁରାକରି ଧାନମଣ୍ଡିରେ ଅସାଧୁ ଉପାୟରେ ଧାନ ବିକ୍ରୟକରିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଧିକାଂଶ ସମୟରେ ସମିତି ସମ୍ପାଦକମାନେ ଚାଷୀଙ୍କୁ ସରକାରୀ ସୁବିଧା ସୁଯୋଗ ଏବଂ ଋଣ ସହାୟତା ପ୍ରଦାନରେ ହଇରାଣ କରୁଛନ୍ତି। ସରକାର ସବୁବେଳେ ଚାଷୀଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି ବୋଲି କହୁଛନ୍ତି। କିନ୍ତୁ ସତ୍ୟବାଦୀ ବ୍ଲକରେ ଏମାନେ ସବୁବେଳେ ଅବହେଳାର ଶିକାର ହେଉଛନ୍ତି। ସାରର ସବ୍‌ସିଡି ପ୍ରଦାନ କରାଯାଉ ନାହିଁ ତ ବିହନ, କୀଟନାଶକ ଓ କୃଷକଙ୍କ ନିମନ୍ତେ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ କେବଳ କେତେଜଣ ହାତଗଣତି କୃଷକଙ୍କୁ ନେଇ କରାଯାଉଛି। ଏ ଦିଗରେ ସରକାର ଦୃଷ୍ଟିଦେବାକୁ ଅନୁରୋଧ।

**–ଦେବଦିକ୍ତ ମିଶ୍ର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୧୬ରୁ ମାସେ ଖୋଲା ରହିବ ଅମୃତ ଉଦ୍ୟାନ**

ରାଷ୍ଟ୍ରପତି ଭବନର ଅମୃତ ଉଦ୍ୟାନ ଅଗଷ୍ଟ ୧୬ରୁ ସର୍ବସାଧାରଣଙ୍କ ନିମନ୍ତେ ମାସେ ପାଇଁ ଖୋଲା ରହିବ। ଚଳିତ ବର୍ଷ ପ୍ରଥମ ଉଦ୍ୟାନ ଉତ୍ସବ ଅବସରରେ ଜାନୁୟାରୀ ୨୯ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଅମୃତ ଉଦ୍ୟାନ ଖୋଲା ରହିଥିଲା। ଏହି ସମୟରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଉଦ୍ୟାନ ବୁଲି ଦେଖିଥିଲେ। ଦ୍ୱିତୀୟ ଉଦ୍ୟାନ ଉତ୍ସବ ପାଇଁ ଅଗଷ୍ଟ ୧୬ରୁ ପୁଣି ମାସେ ଖୋଲାରହିବ। ସେପ୍ଟେମ୍ବର ୫ ଗୁରୁଦିବସ ଦିନ ଉଦ୍ୟାନ କେବଳ ଶିକ୍ଷକମାନଙ୍କ ପାଇଁ ଖୋଲାରହିବ ବୋଲି ରାଷ୍ଟ୍ରପତି ଭବନ ପକ୍ଷରୁ କୁହାଯାଇଛି।

# ଜାଳିଦେଲେ ଆଉ ଏକ ମସ୍‌ଜିଦ

## ଏପର୍ଯ୍ୟନ୍ତ ୧୭୬ ଗିରଫ ହେଲେଣି

**ଗୁରୁଗ୍ରାମ,୩।୮**

ହରିୟାଣାର ନୁହ ଜିଲାରେ ଉତ୍ତ୍ୟକ୍ତ ଲୋକେ ଏକ ମସ୍‌ଜିଦରେ ନିଆଁ ଲଗାଇଦେଇଥିବାବେଳେ ଅନ୍ୟ ଏକ ମସ୍‌ଜିଦରେ ଶର୍ଟ ସର୍କିଟରୁ ନିଆଁ ଲାଗିଯାଇଥିବା ପୋଲିସ କହିଛି। ବୁଧବାର ରାତି ସାଢ଼େ ୧୧ଟାରେ ଏହି ଅଗ୍ନିକାଣ୍ଡ ଘଟିଥିବାବେଳେ କେହି ଆହତ ହୋଇ ନାହାନ୍ତି। ଗୋଟିଏ ମସ୍‌ଜିଦ ବିଜୟ ଚୌକ ନିକଟରେ ଥିବାବେଳେ ଅନ୍ୟଟି ଏକ ଥାନା ପାଖରେ ରହିଛି। ଉଭୟ ମସ୍‌ଜିଦ କ୍ଷତିଗ୍ରସ୍ତ ହୋଇଛି। ନିଆଁ ଲଗାଇଥିବା ଲୋକଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି।

ନୁହରେ ସୋମବାରଠାରୁ ଆରମ୍ଭ ହୋଇଥିବା ସଂଘର୍ଷ ଗୁରୁଗ୍ରାମ, ସୋହନା ଏବଂ ଅନ୍ୟ ନିକଟବର୍ତ୍ତୀ ଅଞ୍ଚଳକୁ ବ୍ୟାପିଯାଇଛି। ହିଂସା ଘଟଣାରେ ଏପର୍ଯ୍ୟନ୍ତ ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପୋଲିସ ୧୭୬ ଜଣଙ୍କୁ ଗିରଫ କରିଛି। ସୋମବାର ବିଶ୍ୱହିନ୍ଦୁ ପରିଷଦର ଧର୍ମୀୟ ଶୋଭାଯାତ୍ରାକୁ ଗୋଟିଏ ସମ୍ପ୍ରଦାୟର ଲୋକେ ଅଟକାଇବା ପରେ ସଂଘର୍ଷର ସୂତ୍ରପାତ ହୋଇଥିଲା। ଇତିମଧ୍ୟରେ ନୁହ, ଫରିଦାବାଦ, ପାଲୱାଲ ଏବଂ ଗୁରୁଗ୍ରାମର ସୋହନା, ପଟୌଦି ଓ ମାନେସାରରେ ଇଣ୍ଟରନେଟ ସେବା ଆଂଶିକ ଆରମ୍ଭ ହୋଇଛି।

ରାଜ୍ୟରେ ଶାନ୍ତି ବଜାୟ ରଖିବା ଲାଗି ଗୃହମନ୍ତ୍ରୀ ଅନିଲ ଭିଜ୍ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏପର୍ଯ୍ୟନ୍ତ ସାମ୍ପ୍ରଦାୟିକ ହିଂସା ୫ ଜିଲାକୁ ବ୍ୟାପିଥିବାବେଳେ ଘଟଣାରେ ୯୩ ଏତଲା ଦାଏର ହେବା ସହ ୧୭୬ ଜଣଙ୍କୁ ଗିରଫ କରାଯାଇଛି। ନୁହରେ କର୍ଫ୍ୟୁ ଜାରି ରହିଥିବାବେଳେ ଅର୍ଦ୍ଧସାମରିକ ଯବାନମାନେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ଗୁରୁଗ୍ରାମର ମୁସଲମାନମାନେ ଶୁକ୍ରବାର ମସ୍‌ଜିଦ ନ ଯାଇ ଘରେ ନମାଜ ପାଠ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଗୁରୁଗ୍ରାମର ଜମାଏତ୍ ଉଲମାର ଅଧ୍ୟକ୍ଷ ମୁଫ୍‌ତି ସଲିମ କାସ୍‌ମି ଏକ ଭିଡିଓ ବାର୍ତ୍ତାରେ ମୁସଲମାନମାନଙ୍କୁ ମସ୍‌ଜିଦ କିମ୍ବା ସର୍ବସାଧାରଣ ସ୍ଥାନଠାରୁ ନିଜକୁ ଦୂରେଇ ରଖିବାକୁ କହିଛନ୍ତି।

ହରିୟାଣାରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ଦିଗରେ ସ୍ଥାନୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେଉଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ କହିଛନ୍ତି। ହରିୟାଣା ହିଂସାକୁ ନେଇ ଆମେରିକା ପରରାଷ୍ଟ୍ର ବିଭାଗ ମନ୍ତବ୍ୟ ଦେବା ପରେ ଭାରତର ପ୍ରତିକ୍ରିୟା କ'ଣ ବୋଲି ପ୍ରଶ୍ନ ହେବାରୁ ବାଗ୍‌ଚୀ ଏହା କହିଥିଲେ। ହିଂସାକାଣ୍ଡ ଠାରୁ ଦୂରେଇ ରହିବା ଜରୁରୀ ବୋଲି ବୁଧବାର ଆମେରିକା ପରରାଷ୍ଟ୍ର ବିଭାଗ ମୁଖପାତ୍ର ମାଥ୍ୟୁ ମିଲର କହିଥିଲେ। ଶାନ୍ତି ବଜାୟ ରଖିବାରେ ସମସ୍ତ ଦଳ ସାମିଲ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ।

ସୋସିଆଲ ମିଡିଆରେ ଉତ୍ତେଜନାପୂର୍ଣ୍ଣ ବିଷୟ/ଭିଡିଓ/ଫଟୋ ଏବଂ ଘୃଣା ମନ୍ତବ୍ୟ ବନ୍ଦ ଲାଗି ପ୍ଲାଟ୍‌ଫର୍ମ ଉପରେ ନଜର ରଖିବା ନିମନ୍ତେ ହରିୟାଣା ସରକାର ଏକ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ସମସ୍ତ ଆନୁଷଙ୍ଗିକ ସଂସ୍ଥା ସହ ସମନ୍ୱୟ ରକ୍ଷାକରି ଶାନ୍ତି ବଜାୟ ରଖିବା ଦିଗରେ କାର୍ଯ୍ୟ କରିବ।



ହରିୟାଣାର ନୁହ୍‌ରେ ବିକ୍ଷୋଭକାରୀମାନେ ଜାଳିଦେଇଥିବା କାର୍।(ଫାଇଲ୍ ଫଟୋ)

## ସଂକ୍ଷେପରେ

### ମଣିପୁରର ବିଷ୍ଣୁପୁରରେ ପୁଣି ସଂଘର୍ଷ

**ନୂଆଦିଲ୍ଲୀ,୩।୮:** ମଣିପୁରର ବିଷ୍ଣୁପୁରରେ ଗୁରୁବାର ସାନି ସଂଘର୍ଷ ଘଟିଛି। ସୁରକ୍ଷା ବଳ ସହ ମେଇତି ସମ୍ପ୍ରଦାୟର ବିକ୍ଷୋଭକାରୀମାନେ ସଂଘର୍ଷ କରିଥିଲେ। ସେମାନଙ୍କୁ ଘଉଡ଼ାଇବାକୁ ଯାଇ ସୁରକ୍ଷା ବଳ ଗୁଳି ଚଳାଇଥିଲା। ସାନି ହିଂସା ପରେ ଇମ୍ଫାଲ(ଇଷ୍ଟ) ଏବଂ ଇମ୍ଫାଲ(ୱେଷ୍ଟ)ରେ କର୍ଫ୍ୟୁ କୋହଳକୁ ବାତିଲ କରିଦିଆଯାଇଛି। ଗତ ମେ' ୩ରେ ମଣିପୁରରେ ଜାତିଗତ ହିଂସାକାଣ୍ଡରେ ଏପର୍ଯ୍ୟନ୍ତ ପ୍ରାୟ ୨୦୦ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ହଜାର ହଜାର ଲୋକ ଘରଦ୍ୱାର ଛାଡ଼ି ପଳାଇଛନ୍ତି। ମଣିପୁର ପ୍ରସଙ୍ଗରେ ଆଲୋଚନା ଦାବିରେ ପାର୍ଲାମେଣ୍ଟରେ ଅଚଳାବସ୍ଥା ଜାରି ରହିଛି।

### କ୍ୟାବିନେଟ୍ ସଚିବଙ୍କ କାର୍ଯ୍ୟକାଳ ପୁଣି ବର୍ଷେ ବଢ଼ିଲା



ରାଜୀବ ଗୌବା

**ନୂଆଦିଲ୍ଲୀ,୩।୮(ପି.ଟି.):** କ୍ୟାବିନେଟ ସଚିବ ରାଜୀବ ଗୌବାଙ୍କ କାର୍ଯ୍ୟକାଳ ଆଉ ବର୍ଷେ ବଢ଼ାଇବା ପାଇଁ କେନ୍ଦ୍ର ସରକାର ଗୁରୁବାର କେତେକ ନିୟମ କୋହଳ କରିଛନ୍ତି। ଗୌବାଙ୍କ କାର୍ଯ୍ୟକାଳ ଅଗଷ୍ଟ ୩୦ରେ ଶେଷ ହେଉଥିବାବେଳେ ସେ ଆଉ ବର୍ଷେ କ୍ୟାବିନେଟ ସଚିବ ରହିବେ ବୋଲି କାର୍ମିକ ମନ୍ତ୍ରଣାଳୟ ନିର୍ଦ୍ଦେଶନାମାରେ କୁହାଯାଇଛି। ଏହି ତୃତୀୟ କାର୍ଯ୍ୟକାଳ ସମ୍ପୂର୍ଣ୍ଣ କଲେ ଗୌବା ଦେଶରେ ସର୍ବାଧିକ ସମୟ କ୍ୟାବିନେଟ ସଚିବ ରହିବାରେ ପ୍ରଥମ ବ୍ୟକ୍ତି ହେବେ। ବର୍ତ୍ତମାନ ବି.ଡି. ପାଣ୍ଡେଙ୍କ ନାଁରେ ଏହି ରେକର୍ଡ ରହିଛି। ସେ ୧୯୭୨ ନଭେମ୍ବର ୨ରୁ ୧୯୭୭ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କ୍ୟାବିନେଟ ସଚିବ ରହିଥିଲେ। ପୂର୍ବତନ ସ୍ୱରାଷ୍ଟ୍ର ସଚିବ ଗୌବା ୨୦୧୯ରେ ଦୁଇ ବର୍ଷ ପାଇଁ କ୍ୟାବିନେଟ ସଚିବ ନିଯୁକ୍ତ ହୋଇଥିଲେ। ୨୦୨୧ରେ ତାଙ୍କ କାର୍ଯ୍ୟକାଳ ପ୍ରଥମ ଥର ପାଇଁ ବର୍ଷେ ବଢ଼ାଯାଇଥିବାବେଳେ ଗତବର୍ଷ ଅଗଷ୍ଟରେ ପୁଣିଥରେ ବୃଦ୍ଧି କରାଯାଇଥିଲା। ୧୯୮୨ ବ୍ୟାଚ୍‌ର ଝାଡ଼ଖଣ୍ଡ କ୍ୟାଡର ଆଇଏଏସ୍ ଅଫିସର ଗୌବାଙ୍କ କାର୍ଯ୍ୟକାଳ ତୃତୀୟ ଥର ବଢାଇବାକୁ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ଅନୁମୋଦନ କରିଛି।

## ନାବାଳିକାଙ୍କୁ ହତ୍ୟା, କୋଇଲା ଚୁଲାରେ ପୋଡ଼ିଦେଲେ

### ବଳାତ୍କାର ସନ୍ଦେହ

**ନୂଆଦିଲ୍ଲୀ,୩।୮**

ରାଜସ୍ଥାନର ଭିଲ୍‌ୱାରା ଜିଲା ଅନ୍ତର୍ଗତ ଏକ ଗାଁରେ ବୁଧବାର ଜଣେ ୧୪ ବର୍ଷୀୟା ବାଳିକାଙ୍କୁ ଅଜଣା ଦୁର୍ବୃତ୍ତ ହତ୍ୟା କରିବା ପରେ ତାଙ୍କ ମୃତଦେହକୁ କୋଇଲା ଚୁଲାରେ ପୋଡ଼ିଦେଇଛନ୍ତି। ହତ୍ୟା କରିବା ପୂର୍ବରୁ ଅଭିଯୁକ୍ତମାନେ ନାବାଳିକାଙ୍କୁ ବଳାତ୍କାର କରିଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ପ୍ରମାଣ ନଷ୍ଟ କରିବାକୁ ଯାଇ ସେମାନେ ପୀଡ଼ିତାଙ୍କୁ ହତ୍ୟା କରିବା ପରେ ମୃତଦେହ ପୋଡ଼ିଦେଇଥିବା କୁହାଯାଉଛି। ଏହି ବୀଭତ୍ସ କାଣ୍ଡ ଗ୍ରାମବାସୀଙ୍କୁ ମର୍ମାହତ କରିଛି। ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫୋରେନ୍‌ସିକ୍ ଟିମ୍ କୋଲ୍ ଫର୍ନେସରୁ ପୀଡ଼ିତାଙ୍କ ବ୍ରେସ୍‌ଲେଟ ଓ ଅନ୍ୟ କେତେକ ସାମଗ୍ରୀ ଜବତ କରିଛି। ଅପରାଧରେ ସମ୍ପୃକ୍ତି ସନ୍ଦେହରେ ପୋଲିସ କେତେଜଣଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ପୀଡ଼ିତାଙ୍କ ପୋଡ଼ିଯାଇଥିବା ମୃତଦେହକୁ ଚିହ୍ନିବା ସମ୍ଭବ ହେଉ ନ ଥିବାରୁ ଏଭଳି ସ୍ଥିତିରେ ତାଙ୍କ ପ୍ରତି କ'ଣ ଘଟିଥିଲା ତାହା ଜାଣିବା କଷ୍ଟକର ବୋଲି ପୋଲିସ କହିଛି।

## ଭାରତରେ ୨୦ ନକଲି ବିଶ୍ୱବିଦ୍ୟାଳୟ: ୟୁଜିସି

**ନୂଆଦିଲ୍ଲୀ,୩।୮**

ଭାରତରେ ୨୦ଟି ନକଲି ବିଶ୍ୱବିଦ୍ୟାଳୟ ଚିହ୍ନଟ ହୋଇଥିବା ୟୁନିଭର୍ସିଟି ଗ୍ରାଣ୍ଟ କମିଶନ (ୟୁଜିସି) ପକ୍ଷରୁ ଘୋଷଣା କରାଯାଇଛି। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ ପାଇଁ ଅଧିକୃତ ନୁହନ୍ତି। ଜାଲ୍ ବିଶ୍ୱବିଦ୍ୟାଳୟ ମଧ୍ୟରୁ ସର୍ବାଧିକ ୮ଟି ଦିଲ୍ଲୀରେ ରହିଛି। ସେଗୁଡ଼ିକ ହେଲା ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ହେଲ୍‌ଥ ସାଇନ୍ସେସ୍ ଷ୍ଟେଟ୍ ଗଭର୍ନମେଣ୍ଟ ୟୁନିଭର୍ସିଟି ଆଲିପୁର, କମର୍ସିଆଲ ୟୁନିଭର୍ସିଟି ଲିଃ ଦରିଆଗଞ୍ଜ, ୟୁନାଇଟେଡ୍ ନେଶନ୍ସ ୟୁନିଭର୍ସିଟି, ଦିଲ୍ଲୀ, ଭୋକେଶନାଲ ୟୁନିଭର୍ସିଟି ଦିଲ୍ଲୀ, ଏଡିଆର୍ ସେଣ୍ଟ୍ରିକ୍ ଜୁଡିସିଆଲ ୟୁନିଭର୍ସିଟି ରାଜନ୍ଦ୍ରେ ପ୍ୟାଲେସ, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ଦିଲ୍ଲୀ, ବିଶ୍ୱକର୍ମା ଓପନ୍ ୟୁନିଭର୍ସିଟି ଫର୍ ସେଲ୍‌ଫ-ଏମ୍ପ୍ଲୟମେଣ୍ଟ, ଜିଟିକେ ଡିପୋ ଅପୋଜିଟ୍ ଏବଂ ଆଧ୍ୟାତ୍ମିକ ବିଶ୍ୱବିଦ୍ୟାଳୟ, ରୋହିଣୀ। ସେହିପରି ଉତ୍ତର ପ୍ରଦେଶରେ ୪, ପଶ୍ଚିମବଙ୍ଗରେ ୨, ଆନ୍ଧ୍ର ପ୍ରଦେଶରେ ୨ଟି ଫେକ୍ ୟୁନିଭର୍ସିଟି ରହିଛି। ଅନ୍ୟ ଜାଲ୍ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର ଓ ପୁଡୁଚେରୀର ଗୋଟିଏ ଲେଖାଏ ରହିଛି।




## ସୁନକ୍‌ଙ୍କ ଘରକୁ କଳାକନାରେ ଢାଙ୍କିଲେ ଗ୍ରୀନ୍‌ପିସ୍ ବିକ୍ଷୋଭକାରୀ

**ଲଣ୍ଡନ୍,୩।୮**

ଗ୍ରୀନ୍‌ପିସ୍ ବିକ୍ଷୋଭକାରୀମାନେ ବୁଧବାର ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ଘରକୁ କଳାକନାରେ ଢାଙ୍କିଦେଇଛନ୍ତି। ତୈଳ ଓ ପ୍ରାକୃତିକ ବାଷ୍ପ ଉତ୍ତୋଳନ ପାଇଁ ବ୍ରିଟେନ୍ ସରକାର ଉତ୍ତର ସାଗରରେ ଡ୍ରିଲିଂ ଯୋଜନା କରୁଥିବାବେଳେ ଏହାର ପ୍ରତିବାଦରେ ସେମାନେ ଏପରି କରିଛନ୍ତି। ଗ୍ରୀନ୍‌ପିସ୍ ଗୋଷ୍ଠୀ ପକ୍ଷରୁ ଜାରି ଏକ ଭିଡିଓରେ ଗାଢ଼ଲାଲ ଜମ୍ପସୁଟ୍, ହେଲ୍‌ମେଟ୍ ପିନ୍ଧି ସୁରକ୍ଷା ଉପକରଣ ଧରିଥିବା ଜଣେ କ୍ରିଉ ଋଷି ସୁନକଙ୍କ ୟୋର୍କଶାୟାର ବାସଭବନ ଉପରକୁ ଚଢ଼ିଥିବା ଦେଖାଯାଇଛି। ଅନ୍ୟ ସଦସ୍ୟମାନେ ଧୀରେ ଧୀରେ ଏକ କଳାରଙ୍ଗର ଲମ୍ବା କପଡ଼ାକୁ ଘର ସାମ୍ନାରେ ଢାଙ୍କିଦେଇଛନ୍ତି। ସେହି ବ୍ଲାକ୍‌ଶିଟ୍‌ରେ ହଳଦିଆ ରଙ୍ଗରେ ଲେଖାଯାଇଛି, 'ନୋ ନ୍ୟୁ ଅଏଲ୍' ଅର୍ଥାତ୍ ଆଉ ତୈଳ ଉତ୍ତୋଳନ କରିବାକୁ ଦିଆଯିବ ନାହିଁ। ପ୍ରଧାନମନ୍ତ୍ରୀ ସୁନକ ନିଜ ପରିବାର ସହ ଛୁଟିରେ କାଲିଫର୍ନିଆ ଯାଇଥିବାରୁ ଏହି ବିରଳ ପ୍ରତିବାଦ ବେଳେ ସେଠାରେ ଉପସ୍ଥିତ ନ ଥିଲେ। ପ୍ରକାଶ ଯେ, ବ୍ରିଟେନ୍ ନୂଆ ତେଲ ଓ ଗ୍ୟାସ୍ ପାଇଁ ଅନେକ ଶହ ଲାଇସେନ୍ସ ଜାରି କରିବ ବୋଲି ସୁନକ୍ ସୋମବାର ଘୋଷଣା କରିଥିଲେ। ଏହି ପଦକ୍ଷେପକୁ ପରିବେଶ ଗୋଷ୍ଠୀ ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି। ୨୦୫୦ ସୁଦ୍ଧା ଅଙ୍ଗାରକାମ୍ଳ ଉତ୍ସର୍ଜନ ହ୍ରାସରେ ସରକାର ପଛଘୁଞ୍ଚା ଦେଉଥିବା ପରିବେଶକର୍ମୀମାନେ କହିଛନ୍ତି।

## ରାଜସ୍ଥାନର କୋଟାରେ ୧୯ତମ ଛାତ୍ରଙ୍କ ଆତ୍ମହତ୍ୟା

**ନୂଆଦିଲ୍ଲୀ,୩।୮:** ମେଡିକାଲ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଚଳାଇଥିବା ଉତ୍ତରପ୍ରଦେଶର ଜଣେ ଛାତ୍ର ରାଜସ୍ଥାନର କୋଟାରେ ଗୁରୁବାର ଆତ୍ମହତ୍ୟା କରିଛନ୍ତି। ଚଳିତ ବର୍ଷ କୋଟାରେ ଏହା ୧୯ତମ ଛାତ୍ର ଆତ୍ମହତ୍ୟା। ୧୮ ବର୍ଷୀୟ ମନଜୋତ୍ ସିଂ ଏପ୍ରିଲରେ କୋଟାସ୍ଥିତ କୋଚିଂ ସେଣ୍ଟରରେ ନାମ ଲେଖାଇଥିଲେ। ଗୁରୁବାର ସକାଳେ ହଷ୍ଟେଲ ପ୍ରକୋଷ୍ଠରୁ ତାଙ୍କ ମୃତଦେହ ଫ୍ୟାନ୍‌ରୁ ଝୁଲୁଥିବା ଅବସ୍ଥାରେ ମିଳିଛି। କୋଟାରେ ଚଳିତ ବର୍ଷ ୧୯ ପିଲା ଆତ୍ମହତ୍ୟା କଲେଣି। ଗତ ମାସରେ ଆଇଆଇଟି ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିବା ଜଣେ ୧୭ ବର୍ଷୀୟ ଛାତ୍ରୀ ଜୀବନ ହାରିଥିଲେ। କୋଚିଂ ସେଣ୍ଟର ପାଇଁ କୋଟା ପ୍ରସିଦ୍ଧ ଥିବାବେଳେ ଏବେ ଛାତ୍ର ଆତ୍ମହତ୍ୟାକୁ ନେଇ ବଦନାମ ହୋଇଛି। ସେଠାରେ ଥିବା କୋଚିଂ ସେଣ୍ଟରଗୁଡ଼ିକରେ ଚଳିତ ବର୍ଷ ୨.୨୫ ଲକ୍ଷରୁ ଊର୍ଦ୍ଧ୍ୱ ପିଲା କୋଚିଂ ନେଉଛନ୍ତି। କେବଳ ମେ' ମାସରେ ୫ ଛାତ୍ର ଆତ୍ମହତ୍ୟା କରିଥିଲେ।

## ସମୁଦ୍ରରୁ ଖଣିଜ ଉତ୍ତୋଳନ ଲାଗି ୫୦ ବର୍ଷିଆ ଲିଜ୍

### ପାର୍ଲାମେଣ୍ଟରେ ବିଲ୍ ଗୃହୀତ

**ନୂଆଦିଲ୍ଲୀ,୩।୮**

ସମୁଦ୍ର ଗର୍ଭରୁ ଖଣିଜ ପଦାର୍ଥ ଉତ୍ତୋଳନ ଲାଗି ୫୦ ବର୍ଷିଆ ଲିଜ୍ ମିଳିବ। ମଣିପୁର ହିଂସାକୁ ନେଇ ଗୁରୁବାର ବିରୋଧୀ ସଦସ୍ୟଙ୍କ କକ୍ଷତ୍ୟାଗ ମଧ୍ୟରେ ରାଜ୍ୟ ସଭାରେ ଅଫଶୋର୍ ଏରିଆଜ୍ ମିନେରାଲ (ବିକାଶ ଓ ନିୟନ୍ତ୍ରଣ) ବିଲ୍ ଗୃହୀତ ହୋଇଛି। କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଏହି ବିଲ୍ ଆଗତ କରିଥିଲେ। ମଙ୍ଗଳବାର ଉକ୍ତ ବିଲ୍‌କୁ ଲୋକ ସଭା ଅନୁମୋଦନ କରିଥିଲା। ସମୁଦ୍ର ଗର୍ଭରୁ ଖଣିଜ ଉତ୍ତୋଳନ ଲାଗି ଲିଜ୍ ସମୟ ୫୦ ବର୍ଷ ଧାର୍ଯ୍ୟ କରିବା ଉକ୍ତ ବିଲ୍‌ର ଉଦ୍ଦେଶ୍ୟ। ଏହି ଲିଜ୍ ପ୍ରଦାନ ଲାଗି ସରକାର ନିଲାମ ଡାକିପାରିବେ। ଉତ୍ପାଦନ ଲାଇସେନ୍ସ କାର୍ଯ୍ୟକାରୀ ହେବା ପୂର୍ବରୁ ଉତ୍ତୋଳନ ଓ ଯୋଗାଣ ଆରମ୍ଭ କରିବା ଲାଗି ଖଣି କମ୍ପାନୀଗୁଡ଼ିକ ନିମନ୍ତେ ୪ ବର୍ଷର ସମୟସୀମା ରହିବ। ଲିଜ୍ କାର୍ଯ୍ୟକାଳ ଶେଷ ହେବା ପରେ ପୁନଃ ଉତ୍ପାଦନ ଓ ଯୋଗାଣ ଆରମ୍ଭ ଲାଗି ୨ ବର୍ଷ ସମୟ ଦିଆଯିବ, ଯାହାକୁ ଆଉ ୧ ବର୍ଷ ବଢ଼ାଯାଇପାରିବ।

## ରାଜ୍ୟ ସଭାରେ ବିରୋଧୀଙ୍କ କକ୍ଷତ୍ୟାଗ

ମଣିପୁର ପ୍ରସଙ୍ଗରେ ଆଲୋଚନା ପାଇଁ ଅନୁମତି ନ ମିଳିବାରୁ ରାଜ୍ୟ ସଭାରୁ କଂଗ୍ରେସ, ଆର୍‌ଜେଡି, ଟିଏମ୍‌ସି, ଏଏପି, ସିପିଆଇ ଏବଂ ସିପିଆଇ(ଏମ୍) ସଦସ୍ୟମାନେ ଗୁରୁବାର କକ୍ଷତ୍ୟାଗ କରିଥିଲେ। ଅପରାହ୍ଣରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ମଣିପୁର ହିଂସା ଉପରେ ଆଲୋଚନା ଦାବି କରିଥିଲେ। ଗୃହ ଅଧ୍ୟକ୍ଷ ଜଗଦୀପ ଧନ୍‌କର ଦି ଅଫଶୋର୍, ଏରିଆଜ୍ ମିନେରାଲ (ଡେଭେଲପମେଣ୍ଟ ଆଣ୍ଡ ରେଗୁଲେଶନ) ସଂଶୋଧନ ବିଲ୍, ୨୦୨୩ ଉପରେ ଆଲୋଚନା ପାଇଁ କହିଥିଲେ। ଏହା ସତ୍ତ୍ୱେ ବିରୋଧୀ ହଟ୍ଟଗୋଳ କରିବା ସହ ପ୍ରଧାନମନ୍ତ୍ରୀ ଗୃହକୁ ଆସନ୍ତୁ ବୋଲି ସ୍ଲୋଗାନ ଦେଇ କକ୍ଷତ୍ୟାଗ କରିଥିଲେ।

## ଦିଲ୍ଲୀ ସେବା ବିଲ୍ ଲୋକ ସଭାରେ ଗୃହୀତ

**ନୂଆଦିଲ୍ଲୀ,୩।୮**

ଦିଲ୍ଲୀର ସେବା ପ୍ରଶାସନକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ଆଣିଥିବା ବିଲ୍ ଗୁରୁବାର ଲୋକ ସଭାରେ ଗୃହୀତ ହୋଇଛି। ଦିଲ୍ଲୀ ସେବା ଅଧ୍ୟାଦେଶ ସ୍ଥାନରେ ଅଣାଯାଇଥିବା ଏହି ବିଲ୍‌କୁ ବିଜେଡି ଏବଂ ୱାଇଏସ୍‌ଆର୍‌ସିପି ସମର୍ଥନ ଜଣାଇଥିଲେ। ବିଲ୍ ଉପରେ ଦିନ ତମାମ ଜୋର୍‌ଦାର ବିତର୍କ ହୋଇଥିଲା। ଲୋକ ସଭାରେ ଗୃହୀତ ହେବା ପରେ ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ।

କେନ୍ଦ୍ର ସରକାର ଗତ ମଙ୍ଗଳବାର ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ (ସଂଶୋଧନ) ବିଲ୍ ଲୋକ ସଭାରେ ଆଗତ କରିଥିଲେ। ଦିଲ୍ଲୀର ପ୍ରଶାସନିକ ଅଧିକାରୀମାନଙ୍କ ନିଯୁକ୍ତି ଓ ବଦଳି ପାଇଁ ଜାତୀୟ ରାଜଧାନୀ ସିଭିଲ୍ ସର୍ଭିସେସ୍ ଅଥରିଟି ଗଠନ କରାଯିବାକୁ ବିଲ୍‌ରେ ବ୍ୟବସ୍ଥା ରହିଛି। ବିଲ୍ ଉପରେ ଗୁରୁବାର ଆଲୋଚନା ଆରମ୍ଭ କରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଥିଲେ, ଦଲ୍ଲୀ ସରକାର ଦୁର୍ନୀତି ଲୁଚାଇବାକୁ ଯାଇ ଏହି ବିଲ୍‌କୁ ବିରୋଧ କରୁଛନ୍ତି ଓ ବିରୋଧୀ ଦଳଗୁଡ଼ିକର ସମର୍ଥନ ଲୋଡ଼ିଛନ୍ତି। ପୂର୍ବରୁ ଭାଜପା ଏବଂ କଂଗ୍ରେସ ଜାତୀୟ ରାଜଧାନୀରେ ଶାସନ କରୁଥିବାବେଳେ କେନ୍ଦ୍ର ସହ କେବେ ମୁହାଁମୁହିଁ ହୋଇ ନ ଥିଲା। ୨୦୧୫ରେ ଆମ୍ ଆଦମୀ ପାର୍ଟି ସରକାର ଆସିବା ପରେ ସବୁ ସମସ୍ୟା ଆରମ୍ଭ ହୋଇଛି। ଆଲୋଚନାରେ ଭାଗନେଇ ବିଜେଡି ସଦସ୍ୟ ପିନାକୀ ମିଶ୍ର କହିଥିଲେ, ଆଇନ ପ୍ରଣୟନ କରିବା କ୍ଷମତା ପାର୍ଲାମେଣ୍ଟର ରହିଛି। ତେବେ ଏହା ଭଲ ଆଇନ କି ଖରାପ, ତାହାର ନିଷ୍ପତ୍ତି ସୁପ୍ରିମକୋର୍ଟଙ୍କ ଉପରେ ଛଡ଼ାଯାଉ ବୋଲି ସେ କହିଥିଲେ। ପୂର୍ଣ୍ଣ ରାଜ୍ୟଗୁଡ଼ିକ ପାଇଁ ଏହି ଆଇନ ଅଣାଯାଇପାରିବ ନାହିଁ। କେବଳ ସ୍ୱତନ୍ତ୍ର ମାନ୍ୟତା ମିଳିଥିବା ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ କ୍ଷେତ୍ରରେ ଏଭଳି ଆଇନ ଅଣାଯାଇପାରିବ ବୋଲି ବିଜେଡି ଏମ୍‌ପି କହିଥିଲେ। ଦିଲ୍ଲୀର ପ୍ରଶାସନିକ ଅଧିକାରୀମାନଙ୍କ ନିଯୁକ୍ତି ଓ ବଦଳି କ୍ଷମତା ଦିଲ୍ଲୀ ସରକାରଙ୍କର ରହିଛି ବୋଲି ପୂର୍ବରୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ଅକାମୀ କରିବା ଲାଗି କେନ୍ଦ୍ର ସରକାର ଗତ ମେ' ୧୯ରେ ଅଧ୍ୟାଦେଶ ଲଗାଇଥିଲେ। ଅଧ୍ୟାଦେଶ ଉପରେ ସ୍ଥଗିତାଦେଶ ଜାରି ପାଇଁ ଦିଲ୍ଲୀ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ଅଦାଲତ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ।

### ସମର୍ଥନ ଜଣାଇଲା ବିଜେଡି



ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା

> ଆଇନ ପ୍ରଣୟନ କରିବା କ୍ଷମତା ପାର୍ଲାମେଣ୍ଟର ରହିଛି। ତେବେ ଏହା ଭଲ ଆଇନ କି ଖରାପ, ତାହାର ନିଷ୍ପତ୍ତି ସୁପ୍ରିମକୋର୍ଟଙ୍କ ଉପରେ ଛଡ଼ାଯାଉ।
> **-ପିନାକୀ ମିଶ୍ର, ବିଜେଡି ଏମ୍‌ପି**

### ଡେଟା ପ୍ରୋଟେକ୍ସନ ବିଲ୍ ଆଗତ

କେନ୍ଦ୍ର ସରକାରଙ୍କ ପକ୍ଷରୁ ଡିଜିଟାଲ ପର୍ସନାଲ ଡେଟା ପ୍ରୋଟେକ୍ସନ (ଡିପିଡିପି) ବିଲ୍, ୨୦୨୩ ଆଗତ କରାଯାଇଛି। ଏହି ବିଧେୟକ ଆଇନରେ ପରିଣତ ହେଲେ ଉଲ୍ଲଂଘନକାରୀଙ୍କୁ ୨୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ବିରୋଧୀ ସଦସ୍ୟମାନେ ଏହାକୁ ଏକ ଅର୍ଥ ବିଲ୍ ଭାବେ ଅଭିହିତ କରି ଯାଞ୍ଚ ପାଇଁ ଏକ ସଂସଦୀୟ କମିଟି ନିକଟକୁ ପଠାଇବା ପାଇଁ ଦାବି କରିଛନ୍ତି। ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିରୋଧୀଙ୍କ ପ୍ରତିବାଦକୁ ପ୍ରତ୍ୟାଖ୍ୟାନ କରି କହିଥିଲେ, ଏହା ମନି ବିଲ୍ ନୁହେଁ, ଏକ ସାଧାରଣ ବିଲ୍। ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧରୀ ଏବଂ ତାଙ୍କ ଦଳୀୟ ସହଯୋଗୀ ମନୀଷ ତିୱାରୀ ଓ ଶଶୀ ଥରୁର କହିଥିଲେ, ଏଥିରେ ପ୍ରିଭେସି ଅଧିକାର ପ୍ରସଙ୍ଗ ରହିଥିବାରୁ ସରକାର ଏହାକୁ ଶୀଘ୍ର ଗୃହୀତ କରାଇବା ପାଇଁ ଏତେ ତରତର ହେବା ଉଚିତ ନୁହେଁ।

## ଅସ୍ଥାୟୀ ବ୍ୟବସ୍ଥା ସ୍ଥାୟୀ ହେଲା କିପରି

### ଅନୁଚ୍ଛେଦ ୩୭୦ ଉପରେ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

**ନୂଆଦିଲ୍ଲୀ,୩।୮**

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ବହୁ ପିଟିଶନର ଚ୍ୟାଲେଞ୍ଜ କରିଥିବାବେଳେ ସାମ୍ବିଧାନିକ ସଭା ଚାଲି ନ ଥିବାବେଳେ ଏହାକୁ ରଦ୍ଦ କରିବା ଲାଗି କିଏ ସୁପାରିସ୍ କରିପାରିବେ ବୋଲି ସୁପ୍ରିମକୋର୍ଟ ବୁଧବାର ପ୍ରଶ୍ନ କରିଥିଲେ। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସାମ୍ବିଧାନିକ ପୀଠ ଗୁରୁବାର ଶୁଣାଣି ଆରମ୍ଭ କରିଥିଲେ। ବିରୋଧୀ ପକ୍ଷଗୁଡ଼ିକ କେନ୍ଦ୍ର ସରକାରଙ୍କ ୨୦୧୯ ଅଗଷ୍ଟ ୫ ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିଥିଲେ। ସାମ୍ବିଧାନିକ ପୀଠରେ ସିଜେଆଇଙ୍କ ସହ ଜଷ୍ଟିସ ସଞ୍ଜୟ କିଷନ କୌଲ, ସଞ୍ଜୀବ ଖାନ୍ନା, ବି.ଆର୍. ଗଭାଇ ଏବଂ ସୂର୍ଯ୍ୟ କାନ୍ତ ରହିଛନ୍ତି। ଜମ୍ମୁ-କଶ୍ମୀର ସମ୍ବିଧାନ ସଭା କାର୍ଯ୍ୟକାଳ ୧୯୫୭ରେ ଶେଷ ହୋଇଥିଲା। ସମ୍ବିଧାନରେ ଏକ ଅସ୍ଥାୟୀ ବ୍ୟବସ୍ଥା ଭାବେ ସ୍ପଷ୍ଟ ଉଲ୍ଲେଖ ଥିବା ଅନୁଚ୍ଛେଦ ୩୭୦ ସ୍ଥାୟୀ ହେଲା କିପରି ବୋଲି ଅଦାଲତ ବରିଷ୍ଠ ଆଇନଜୀବୀ କପିଲ ସିବଲଙ୍କୁ ପ୍ରଶ୍ନ କରିଥିଲେ। ସମ୍ବିଧାନ ସଭାର ସୁପାରିସ ବିନା ରାଷ୍ଟ୍ରପତି ଅନୁଚ୍ଛେଦ ୩୭୦ ଉଚ୍ଛେଦ ପାଇଁ କୌଣସି ବିଜ୍ଞପ୍ତି ଜାରି କରିପାରିବେ ନାହିଁ ବୋଲି ସିବଲ ଯୁକ୍ତି ଦର୍ଶାଇଥିଲେ।

## ଛାଡ଼ପତ୍ର ଘୋଷଣା କଲେ ଟ୍ରୁଡୋ

**ଟରଣ୍ଟୋ,୩।୮**

କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଓ ତାଙ୍କ ସ୍ତ୍ରୀ ସୋଫିଏ ଗ୍ରେଗୋଇରେ ବିବାହର ୧୮ ବର୍ଷ ପରେ ଅପ୍ରତ୍ୟାଶିତ ଭାବେ ଛାଡ଼ପତ୍ର ଘୋଷଣା କରିଛନ୍ତି। ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଥିବା ବିବୃତିରେ ଉଭୟେ କହିଛନ୍ତି ଯେ, ଆମେ ଦୁହେଁ ପରିବାରରେ ପରସ୍ପରକୁ ପ୍ରେମ ଓ ସମ୍ମାନ ଦେଇଆସିଛୁ ଏବଂ ଆଗକୁ ମଧ୍ୟ ଏହା ଜାରି ରହିବ। ଅନେକ ତାତ୍ପର୍ଯ୍ୟପୂର୍ଣ୍ଣ ଓ କଠିନ ଆଲୋଚନା ପରେ ସେମାନେ ଏହି ନିଷ୍ପତ୍ତି ନେଇଛନ୍ତି। ଏହାବାଦ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ପୃଥକ୍ ବିବୃତିରେ କୁହାଯାଇଛି, ଆଇନତଃ ବିଚ୍ଛେଦ ଚୁକ୍ତିରେ ଉଭୟେ ସ୍ୱାକ୍ଷର କରିସାରିଛନ୍ତି। ଜଣେ ଅଧିକାରୀ କହିଛନ୍ତି, ୨୦୧୫ରୁ ଅଟ୍ଟାୱାସ୍ଥିତ ରିଡିଉ କଟେଜରେ ରହିଆସୁଥିବା ଟ୍ରୁଡୋ ସେଠାରେ ହିଁ ଅବସ୍ଥାନ କରିବେ। ତାଙ୍କ ସହ ବଡ଼ପୁଅ ଜାଭିଅର(୧୫), ଝିଅ ଏଲ୍ଲା-ଗ୍ରେସ୍(୧୪) ଓ ସାନପୁଅ ହାଡ୍ରିଏନ୍(୯) ମଧ୍ୟ ରିଡିଉ କଟେଜରେ ଅବସ୍ଥାନ କରିବେ। ସ୍ତ୍ରୀ ସୋଫିଏ ଅଟ୍ଟାୱାରେ ଥିବା ଅନ୍ୟ ଏକ ଘରକୁ ଚାଲିଯାଇଛନ୍ତି। କିନ୍ତୁ ବେଳେବେଳେ ସେ ରିଡିଉ କଟେଜକୁ ଆସିବେ।



ସ୍ତ୍ରୀ ସୋଫିଏଙ୍କ ସହ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ

କାନାଡାର ସବୁଠୁ ବିଖ୍ୟାତ ରାଜନେତା ୫୧ ବର୍ଷୀୟ ଟ୍ରୁଡୋ ୨୦୧୫ରେ ପ୍ରଧାନମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଥିଲେ। ସୋଫିଏ ଟ୍ରୁଡୋ ଜଣେ ପୂର୍ବତନ ମଡେଲ ତଥା ଟିଭି ଉପସ୍ଥାପିକା। ଟ୍ରୁଡୋଙ୍କ ସାନଭାଇ ମାଇକେଲଙ୍କ ସହ ସୋଫିଏ ପାଠ ପଢୁଥିବାବେଳେ ସେମାନଙ୍କର ପ୍ରଥମ ଦେଖା ହୋଇଥିଲା। ୨୦୦୫ରେ ଏହି ଯୋଡ଼ି ପରସ୍ପର ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଉଭୟେ ପ୍ରଧାନମନ୍ତ୍ରୀଙ୍କ ଅଫିସକୁ ଷ୍ଟାର ପାୱାର ଆଣି ଭଗ୍ ମାଗାଜିନରେ ସ୍ଥାନ ପାଇଛନ୍ତି। ୩ ଥର ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରିଥିବା ଟ୍ରୁଡୋଙ୍କ ପ୍ରଚାରରେ ସୋଫିଏଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସୋଫିଏ ଖୁବ୍ ସୀମିତ ଭୂମିକା ନେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ବିଦେଶ ଗସ୍ତ ବେଳେ ତାଙ୍କ ସହ ସୋଫିଏ ପ୍ରାୟ ଯାଉ ନ ଥିଲେ। ଗତମାସରେ ଅଟ୍ଟାୱାରେ କାନାଡା ଦିବସ ପାଳନ ବେଳେ ଉଭୟଙ୍କୁ ଶେଷ ଥର ଏକାଠି ଦେଖାଯାଇଥିଲା। କାନାଡାର ପ୍ରଧାନମନ୍ତ୍ରୀ ଥାଇ ଛାଡ଼ପତ୍ର ଦେବାରେ ଟ୍ରୁଡୋ ହେଉଛନ୍ତି ଦ୍ୱିତୀୟ। ତାଙ୍କ ବାପା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ପିଏରେ ଟ୍ରୁଡୋ ଓ ମା' ମାର୍ଗାରେଟ୍ ଟ୍ରୁଡୋ ୧୯୭୯ରେ ଅଲଗା ହୋଇ ୧୯୮୪ରେ ଛାଡ଼ପତ୍ର ଦେଇଥିଲେ।



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ହିନ୍ଦୁ ସମାଜ ଜାଗରଣ ମଞ୍ଚ ପକ୍ଷରୁ ଅନୁଷ୍ଠିତ ପ୍ରତିବାଦ ସଭା।

# ବଲାଙ୍ଗୀର ବନ୍ଦ:ଜୀବନଯାତ୍ରା ବ୍ୟାହତ

ବଲାଙ୍ଗୀର,୩।୮ (ବୀରେନ୍ଦ୍ର କୁମାର ଝାଙ୍କର)

## ଭଗବାନ ପର୍ଶୁରାମଙ୍କ ଫଟୋ ଉଠାଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଘଟଣା

ପାଟଣାଗଡ ବ୍ଲକ୍ ଛକରେ ଥିବା ଭଗବାନ ପର୍ଶୁରାମଙ୍କ ଫଟୋ ଉଠାଇ ସେହି ସ୍ଥାନରେ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଘଟଣାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ନେଇ ପାଟଣାଗଡ ବ୍ରହ୍ମପୁରା ଛକଠାରେ ଧାରଣା ଜାରି ରହିଛି। ଗୁରୁବାର ହିନ୍ଦୁ ସମାଜ ଜାଗରଣ ମଞ୍ଚ ପକ୍ଷରୁ ବଲାଙ୍ଗୀର ଜିଲା ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ଯୋଗୁଁ ବଲାଙ୍ଗୀର ସହର ସମେତ ଜିଲାର ଟିଁଟିଲାଗଡ, ପାଟଣାଗଡ, କଣ୍ଟାବାଞ୍ଜି, ସିନ୍ଧେକେଲା, ଦେଓଗାଁ, ସଇଁତଳା, ବେଲପଡା, ଖପ୍ରାଖୋଲ, ଲାଠୋର, ଲୋଇସିଂହାଠାରେ ବନ୍ଦ ପାଳନ କରାଯାଇଥିବା ଜଣାପଡିଛି। ବିଭିନ୍ନ ସ୍ଥାନରେ ସରକାରୀ ଅଫିସ, ଡାକଘର, ବୀମା ପ୍ରତିଷ୍ଠାନ, ସ୍କୁଲ, କଲେଜ ବନ୍ଦ ରହିଛି। ଚାରିଚକିଆ ଯାନବାହନ ଚଳାଚଳ ମଧ୍ୟ ବନ୍ଦ ରହିଥିବା ଯୋଗୁଁ ସ୍ୱାଭାବିକ ଜୀବନ ଯାତ୍ରା ପ୍ରଭାବିତ ହୋଇଛି। ବନ୍ଦ ପାଳନକୁ ବିଭିନ୍ନ ଅନୁଷ୍ଠାନ ଏବଂ ସଂଘ ସମର୍ଥନ ଘୋଷଣା କରିଥିଲେ।

ବଲାଙ୍ଗୀରରେ ସକାଳୁ ଦୋକାନ ବଜାର ବନ୍ଦ ରହିଥିଲା। ସହରର ସମସ୍ତ ସରକାରୀ ଅଫିସ, ବ୍ୟାଙ୍କ, ଡାକଘର, ବୀମା ପ୍ରତିଷ୍ଠାନ ବନ୍ଦ ରହିଥିଲା। ଜିଲା ହିନ୍ଦୁ ସମାଜ ଜାଗରଣ ମଞ୍ଚ ପକ୍ଷରୁ ଗୋପାଳଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଏବଂ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସଙ୍ଗଠନ ଏବଂ ରାଜନୈତିକ ଦଳର ପ୍ରତିନିଧି ଯୋଗ ଦେଇଥିଲେ। ଏହି ପ୍ରତିବାଦ ସଭାରେ ନାଗରିକ କମିଟି ସମ୍ପାଦକ ମନୋରଞ୍ଜନ ସାହୁ, ବରିଷ୍ଠ ଆଇନଜୀବୀ ଭବାନୀ ଶଙ୍କର ଶତପଥୀ, ପ୍ରଦୀପ କୁମାର ତ୍ରିପାଠୀ, ବଣିକ ସଂଘର କିଶୋର କୁମାର ରଥ, ଭାଜପାର ଦିନେଶ ଶର୍ମା, ଶିବଦତ୍ତ ମିଶ୍ର, ରଞ୍ଜିତା ପାଣିଗ୍ରାହୀ, ବନଶ୍ରୀ ଆଚାର୍ଯ୍ୟ, ଅନିତା ମିଶ୍ର, କଂଗ୍ରେସ ନଗର ସଭାପତି ବୁଲୁ ଦାନୀ, ଲୋପନ ମିଶ୍ର, ଜୁଲୁ ପଟ୍ଟନାୟକ, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ବ୍ରାହ୍ମଣ ସମାଜ ସଭାପତି ଧନଞ୍ଜୟ ମିଶ୍ର, ଜିଲା ପ୍ରବକ୍ତା ପରିଷଦ ସମ୍ପାଦକ ଶ୍ୟାମ ସୁନ୍ଦର ଦାଶ ଯୋଗଦେଇଥଇଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ହିନ୍ଦୁ ପରିଷଦର ପବିତ୍ର ଦାଶ, କାହ୍ନା ଶତପଥୀ, ବଜରଙ୍ଗ ଦଳର ସୌମ୍ୟ ରଞ୍ଜନ ମିଶ୍ର, ରାଜେଶ ପଧାନ, ଟିଟୁ ଯୋଶୀ, ବଳରାମ ଯୋଶୀ, ବିନୀତ ମିଶ୍ର, ଅମିର ତ୍ରିପାଠୀ, ରୁଦ୍ର କ୍ଷେତୀ, ଅମର ଥପା, ବୀରେନ୍ଦ୍ର ପାଣ୍ଡେ, ଶ୍ରୀକାନ୍ତ ପାଢ଼ୀ, ଥବୀର କର୍ମୀ, ଟାଙ୍ଗିଆ ଜାମର ଗୋପାଳ ହୋତା, ବଲାଙ୍ଗୀର ଆକ୍ସନ କମିଟି ଉପସଭାପତି ମୁନା ପଟ୍ଟନାୟକ, ସନ୍ତୋଷ ସାହୁ, ଗିରିଶ ସିଂଦେଓ, ବୁଲୁ ସିଂ ଦେଓ, ରିଲୁ ରଥ, ଯୁବ ଆକ୍ସନ କମିଟି ସଭାପତି ବିନୋଦ କାଲସାଏ, ରବି ଖମାରୀ, ସୁନୀଲ ମିଶ୍ର, କପିଳେଶ୍ୱର ଖମାରୀ, ଗଣେଶ୍ୱର ବେହେରା ଉପସ୍ଥିତ ଥିଲେ। ପ୍ରତିବାଦ ସଭାରେ ଭାଗବାନ ପର୍ଶୁରାମଙ୍କ ଫଟୋ ହଟାଯିବା ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଥିଲା। ଯେଉଁଭଳି ଭାବେ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ହଟାଯାଇ ଏକ ଟ୍ରାନ୍ସଫରମରରେ ଫଟୋକୁ ଲଗାଇ ଦିଆଗଲା ତାହା ଅପମାନଜନକ ବୋଲି ବକ୍ତାମାନେ କହିଥିଲେ। ଶାନ୍ତିପୂର୍ଣ୍ଣ ଅବସ୍ଥାକୁ ଭଙ୍ଗ କରିଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସେମାନେ ଦାବି କରିଥିଲେ। ତୁରନ୍ତ ଭଗବାନ ପର୍ଶୁରାମଙ୍କ ଫଟୋ ଲଗାଯିବା ସ୍ଥାନରୁ ବିଜୁ ପ୍ରତିମୂର୍ତ୍ତି ହଟାଇବାକୁ ସେମାନେ ଦାବି କରିଥିଲେ।

## ଟିଁଟିଲାଗଡ଼, ଲାଠୋରରେ ବନ୍ଦ ଶାନ୍ତିପୂର୍ଣ୍ଣ


ଟିଁଟିଲାଗଡରେ ବନ୍ଦ ପାଳନ ଅବସରରେ ବାହାରିଥିବା ବାଇକ ରାଲି।

ଟିଁଟିଲାଗଡ଼/ଲାଠୋର,୩।୮ (ଶରତ ମିଶ୍ର)

୧୨ଘଣ୍ଟିଆ ଟିଁଟିଲାଗଡ ବନ୍ଦ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ବିକାଶ ସେନା, ଭାଜପା, ବଜରଙ୍ଗ ଦଳ, ଯୁବମୋର୍ଚ୍ଚା, ପର୍ଶୁରାମ ସଭା ଆଦି ବିଭିନ୍ନ ସଂଗଠନର ସଦସ୍ୟ ଟିଁଟିଲାଗଡ଼ ଭାଜପା ନଗର ସଭାପତି ପ୍ରଶାନ୍ତ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସହରରେ ବାଇକ ଶୋଭାଯାତ୍ରା କରିଥିଲେ। ପିକେଟିଂ କରି ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଆଦି ବନ୍ଦ କରିଥିଲେ। ବନ୍ଦ ପ୍ରଭାବରେ ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ଯାନବାହନ ଚଳାଚଳ ବନ୍ଦ ରହିଥିବାରୁ ରାସ୍ତାଘାଟ ଶୁନଶାନ ରହିଥିଲା। ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ମହେନ୍ଦ୍ର ଠାକୁର, ନଗର ଉପସଭାପତି ଲିଙ୍ଗରାଜ ନାୟକ, ବିକାଶ ସେନା ସଭାପତି ଅମ୍ଳାନ ଷଡ଼ଙ୍ଗୀ, କାଉନସିଲର ବୁଦ୍ଧିଆ ଆଚାର୍ଯ୍ୟ, ଆଶିଷ ସାହୁ, ପବିତ୍ର ସାହୁ, ସଞ୍ଜୟ ତ୍ରିପାଠୀ, ଅଶୋକ ଭୋଇ, ମଣ୍ଟୁ ସାହୁ, ପ୍ରକାଶ ସାହୁ, ହରପ୍ରତାପ ଦାଶ ସକ୍ରିୟ ଭୂମିକା ନିର୍ବାହ କରିଥିଲେ। ବନ୍ଦର ପ୍ରଭାବ ଖପ୍ରାଖୋଲ ବ୍ଲକ ଲାଠୋରରେ ଅନୁଭୂତ ହୋଇଥିଲା। ଦୋକାନ ବଜାର ବନ୍ଦ ରହିଥିବା ବେଳେ ଯାନବାହାନ ଚଳାଚଳ ସ୍ୱାଭାବିକ ରହିଥିଲା। ପ୍ରବୀଣ ଅଗ୍ରୱାଲ, କାଶିନାଥ ମେହେର, ଶକ୍ତି ସେଠ, କମଲ ପାତ୍ର, ଲାଏବାନ ସୁନା, ବେଦବ୍ୟାସ ବେହେରା, ଗୋଲୁ ସାହୁ, ଶୈଳେଶ ଅଗ୍ରୱାଲ ପ୍ରମୁଖଙ୍କ ନେତୃତ୍ୱରେ ପିକେଟିଂ କରାଯାଇ ବନ୍ଦକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଥିଲା। ବନ୍ଦ ହେତୁ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହୋଇଥିବା ଦେଖାଯାଇଥିଲା।


ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ରାହ୍ମଣ ସମାଜ କର୍ମକର୍ତ୍ତା।

## ହିନ୍ଦୁ ସମାଜ, ବ୍ରାହ୍ମଣ ସମାଜ ସଦସ୍ୟଙ୍କ ପିକେଟିଂ

ସଇଁତଳା,୩।୮ (ରାଖାଲ ପ୍ରସାଦ ଶତପଥୀ)

ଗୁରୁବାର ସଇଁତଳାର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ପୂର୍ବାହ୍ନ ୧୦ଟାରେ ତହସିଲ, ବ୍ଲକ, କୃଷି ବିଭାଗ, ଜଳ ଓ ପରିମଳ ବିଭାଗ କାର୍ଯ୍ୟାଳୟ ସହ ବିଭିନ୍ନ ବେସରକାରୀ କାର୍ଯ୍ୟାଳୟକୁ ହିନ୍ଦୁ ସମାଜ ଓ ବ୍ରାହ୍ମଣ ସମାଜ ସଦସ୍ୟମାନେ ପିକେଟିଂ କରି ବନ୍ଦ କରିଥିଲେ। ଷ୍ଟେଟବ୍ୟାଙ୍କ, ୟୁନିୟନ ବ୍ୟାଙ୍କ, କୋ-ଅପରେଟିଭ ବ୍ୟାଙ୍କ ବନ୍ଦ ରହିଥିଲା। ଯାନବାହାନ ଚଳାଚଳକୁ ବନ୍ଦରୁ ବାଦ୍ ଦିଆଯାଇଥିଲା। ବ୍ରାହ୍ମଣ ସମାଜର ପ୍ରେମରାଜ ପଣ୍ଡା, କୁନା ପାଣିଗ୍ରାହୀ, ସୁବୋଧ ମିଶ୍ର, ଦେବେନ ଯୋଷୀ, ବୁବୁନ ପାଣିଗ୍ରାହୀ, ସଂଗ୍ରାମ ମିଶ୍ର, ତପନ ଦାଶ, ପ୍ରମୋଦ ଦାଶ, ସଂଜୀବ ମିଶ୍ର, ଯତୀନ ଦାଶ, ହରି ମିଶ୍ରଙ୍କ ସମେତ ହିନ୍ଦୁ ସମାଜ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୫-ଟି ସଚିବଙ୍କ ଦେଓଗାଁ ଗସ୍ତ

ଦେଓଗାଁ,୩।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

### କ୍ଷେତ୍ର ପରିଦର୍ଶନ କଲେ ଅଧିକାରୀ, ନେତା

ଆସନ୍ତା ୬ ତାରିଖ ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି.କେ. ପାଣ୍ଡିୟାନ ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ମିନିଷ୍ଟାଡିୟମକୁ ଆସିବା କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଛି। ଫଳରେ ଜରାସିଂହା ମିନିଷ୍ଟାଡିୟମଠାରେ ଅସ୍ଥାୟୀ ହେଲିପ୍ୟାଡ ଓ ବୈଠକ ପାଇଁ ଅସ୍ଥାୟୀ ସଭାସ୍ଥଳ ନିର୍ମାଣ ଚାଲିଛି। ଗୁରୁବାର ଅପରାହ୍ନରେ ଜିଲା ପରିଷଦ ସିଇଓ ସୁଶାନ୍ତ ସିଂ, ଦେଓଗାଁ ବିଡିଓ ସୁରେନ୍ଦ୍ର କୁମାର ମେହେର, ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ଥାନାଧିକାରୀ ତାରାବତୀ ପଧାନ ଓ ପୂର୍ତ୍ତ ବିଭାଗ ଏସ୍‌ଡିଓ, ଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ ତଥା ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ସଭାସ୍ଥଳ ପରିଦର୍ଶନ କରି ସ୍ଥାନୀୟ ନେତୃବୃନ୍ଦ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଗସ୍ତ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ୧୦୦ ଜଣ ସ୍ୱେଚ୍ଛାସେବୀଙ୍କୁ ବିଭିନ୍ନ ବିଭାଗ ଦାୟିତ୍ୱ ବଣ୍ଟନ କରାଯିବା ସହ ସ୍ଥାନୀୟ ବିଜେଡି ନେତୃବୃନ୍ଦ ତଦାରଖ କରୁଛନ୍ତି। ବ୍ଲକ ବିଜେଡି ସଭାପତି ଶୁଶିଲ କୁମାର ଚାନ୍ଦ, ବରିଷ୍ଠ ବିଜେଡି ନେତା ଲକ୍ଷ୍ମଣ ମେହେର, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ବ୍ଲକ ବିଜେଡି ଯୁବ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ସରପଞ୍ଚ କୁଶମଣି ମେହେର, ଅନ୍ତର୍ଯ୍ୟାମୀ ଭୋଇ, ବୁଲୁ ବେହେରା, ରାଜେନ୍ଦ୍ର ହୋତା, ସୁମନ ନନ୍ଦ, ଗୁଞ୍ଜି ଖାନ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରଜମୋହନ ବଲାଙ୍ଗୀର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ

ଲୋଇସିଂହା, ୩।୮ (ସୁଶାନ୍ତ ବାରିକ)


ବ୍ରଜମୋହନ ବିଶୋଇ।

ଲୋଇସିଂହା ରାମଜୀପଡାର ବ୍ରଜମୋହନ ବିଶାଇଙ୍କୁ ବଲାଙ୍ଗୀର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭାବେ ରାଜ୍ୟ ସରକାର ନିଯୁକ୍ତ କରିଛନ୍ତି। ବିଶୋଇଙ୍କ ନିଯୁକ୍ତିକୁ ନେଇ ଲୋଇସିଂହା ଅଞ୍ଚଳରେ ଖୁସିର ବାତାରଣ ଖେଳିଯାଇଛି। ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ନବ ନିଯୁକ୍ତ ଅଧ୍ୟକ୍ଷଙ୍କୁ ଅଭିନନ୍ଦନ ଜଣାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ପରିଷଦ ଦ୍ୱାରା ଆଦିବାସୀଙ୍କ ସାମାଜିକ ଓ ଅର୍ଥନୈତିକ ଉନ୍ନତି ହେବ ବୋଲି ବିଶି କହିଛନ୍ତି।

## ରାସ୍ତା ଶୋଚନୀୟ, ମରାମତି ହେଉନି


ଶୋଚନୀୟ ହୋଇପଡିଥିବା ରାସ୍ତା।

ଦେଓଗାଁ,୩।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଭୁତିଆରବାହାଲ ପୂର୍ତ୍ତରାସ୍ତାରୁ ସିକୁଆଁ ଗ୍ରାମକୁ ଯିବାରାସ୍ତା ଶୋଚନୀୟ ହୋଇପଡିଛି। ଏହି ରାସ୍ତା ମରାମତି ପାଇଁ ଗ୍ରାମବାସୀ ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନକୁ ଲିଖିତଭାବେ ଜଣାଇଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହି ରାସ୍ତାଦେଇ ପ୍ରତ୍ୟହ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଶ୍ରୀସିଦ୍ଧେଶ୍ୱର ବାବାଙ୍କ ମନ୍ଦିରକୁ ଶ୍ରଦ୍ଧାଳୁ ଭକ୍ତ ଏବଂ ହାଇସ୍କୁଲକୁ ଛାତ୍ରୀଛାତ୍ରଙ୍କ ସହ ସିକୁଆଁ ତଥା ଆଖପାଖ ଗ୍ରାମର ଲୋକେ ଦେଓଗାଁ ମୁଖ୍ୟାଳୟ ତଥା ବଲାଙ୍ଗୀରକୁ ଯିବା ଆସିବା କରନ୍ତି। କିଛି ବର୍ଷ ପୂର୍ବରୁ ଗାଁ ନିକଟ ଦେଇଯାଇଥିବା ସୋନଗଡ ନଦୀରେ ନୂତନ ପୋଲକାମ ଚାଲିଥିବା ବେଳେ ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତାର କିଛି ମରାମତି କରିଥିଲା। ଏହି ରାସ୍ତା ଆରଡି ବିଭାଗ ଅଧିନରେ ରହିଛି ନା ବ୍ଲକ ଅଧିନରେ ସେ ନେଇ ସମସ୍ତେ ଦ୍ୱନ୍ଦ୍ୱରେ ରହୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ପ୍ରଶାସନ ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ କରି ରାସ୍ତା ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## କରାଟେରେ ସ୍ୱର୍ଣ୍ଣ ପଦକ ଜିତିଲେ ଅଭୀପ୍ସା

ଦେଓଗାଁ,୩।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)



କୋଲକତାର ନେତାଜୀ ଇଣ୍ଡୋର ଷ୍ଟାଡିୟମଠାରେ ଜୁଲାଇ ୨୯ ଓ ୩୦ ତାରିଖ ଦୁଇଦିନ ଧରି ଚାଲିଥିବା ୭ ତମ ଅନ୍ତର୍ଜାତୀୟ କରାଟେ ଚମ୍ପିୟନଶିପରେ ଦେଓଗାଁ ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଅଭୀପ୍ସା ହୋତା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ଚାମ୍ପିୟନଶିପରେ ଯୋଗ ଦେବାପାଇଁ ପ୍ରଶିକ୍ଷକ ହୃଦୟ ସବତ ଓ ଚନ୍ଦ୍ର ଶେଖର ସେଠଙ୍କ ନେତୃତ୍ୱରେ ସବ୍‌ଜୁନିୟର ବିଭାଗର ଦଶ ଜଣ ଛାତ୍ରୀଛାତ୍ର କୋଲକତା ଯାଇଥିଲେ। ସେଠାରେ କାତାରେ ସ୍ୱର୍ଣ୍ଣ, କୁମିତେରେ ରୌପ୍ୟ ପଦକ ହାସଲ କରିଥିଲେ। ପ୍ରକାଶ ଯେ, ଗତ ୨୦୨୨ରେ ଉକ୍ତ ଷ୍ଟାଡିୟମରେ ସବ୍‌ଜୁନିୟର ବିଭାଗ କାତା ଓ କୁମିତେରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ଅଞ୍ଚଳପାଇଁ ଗର୍ବ ଆଣିଥିବାବେଳେ ଗତ ଜୁନ ମାସରେ ଦିଲ୍ଲୀ ଠାରେ ଅନୁଷ୍ଠିତ ଚାମ୍ପିୟନଶିପରେ ଅଭିପ୍ସା ବ୍ରୋଞ୍ଜ ପଦକ ହାସଲ କରିଥିଲେ।

## ୫-ଟି ସଚିବଙ୍କ ଗସ୍ତକୁ ବିରୋଧ କରିବ କଂଗ୍ରେସ

ଟିଁଟିଲାଗଡ଼, ୩।୮ (ଶରତ ମିଶ୍ର)

୫-ଟି ସଚିବଙ୍କ ଆସନ୍ତା ୬ତାରିଖ ଟିଁଟିଲାଗଡ଼ ଗସ୍ତକୁ କଂଗ୍ରେସ ଦଳ ବିରୋଧ କରିବ। ଗୁରୁବାର ସ୍ଥାନୀୟ ଜଳାରାମ ଲଜ ପରିସରରେ ଦଳର ନଗର ସଭାପତି ଘିନୁ ଆଡ଼ଜୁଆଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ ରାଜ୍ୟରେ ଗଣତନ୍ତ୍ରର ହତ୍ୟା ହୋଇ ଚାଲିଥିବା ଅଭିଯୋଗ କରିଛନ୍ତି। ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ପ୍ରତିନିଧିଙ୍କ ଆଉ କୌଣସି କ୍ଷମତା ନାହିଁ। ଏଠାରେ ଅମଲାତନ୍ତ୍ର ଶାସନ ଚାଲିଛି। ଟିଁଟିଲାଗଡ଼ ବିଧାୟିକା କ୍ୟାବିନେଟ ମନ୍ତ୍ରୀ ପଦରେ ଅଧିଷ୍ଠିତ ଥିବା ବେଳେ ଜଣେ ସଚିବ ଏଠାକୁ ଲୋକଙ୍କ ଅଭିଯୋଗ ଶୁଣିବାକୁ ଆସିବେ। ଅନ୍ୟପକ୍ଷରେ ସ୍ଥାନୀୟ ବିଧାୟିକା ତଥା ମନ୍ତ୍ରୀ ବିଭିନ୍ନ ସଂଗଠନ ସହ ସଭା କରି କିଏ କଣ ଦାବି କରିବ ତାହା ସୁନିଶ୍ଚିତ କରୁଛନ୍ତି। ଏ କ୍ଷେତ୍ରରେ ସମସ୍ତ ସଂଗଠନ ୩୧ ବର୍ଷର ଜିଲା ଦାବି ହିଁ ୫-ଟି ସଚିବଙ୍କ ଆଗରେ ରଖନ୍ତୁ ବୋଲି ସିଂଭୋଇ ଆହ୍ୱାନ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଡମ୍ବରୁ ଛତ୍ରିଆ, ଦେବାନନ୍ଦ ସାହୁ, ବ୍ଲକ ସଭାପତି ବିକାଶ ପାଣିଗ୍ରାହୀ, ତୁଳସି ସାହୁ, ଟିଁଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ଜ୍ଞାନରଞ୍ଜନ ସରାଫ, ଲିଙ୍ଗରାଜ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

## ଡ୍ୟାମ୍ ପାଣିରେ ବୁଡ଼ିଲା ୮ ବିସ୍ଥାପିତ ଗାଁ

ଲୋଇସିଂହା,୩।୮ (ସୁଶାନ୍ତ ବାରିକ)

### ଲୋୟର ସୁକତେଲ ପ୍ରକଳ୍ପ

- ଭିଟାମାଟି ବୁଡିଯାଉଥିବା ଦୃଶ୍ୟ ଦେଖି ବିସ୍ଥାପିତଙ୍କ ଆଖିରେ ଲୁହ
- ପୋଡମୁଣ୍ଡ କାୟାଘଟୁଆଣି ଦେବୀପୀଠ ଜଳ ସମାଧି ନେବାକୁ ଯାଉଛି


ପାଣିରେ ବୁଡି ରହିଥିବା ଗ.ଡୁଙ୍ଗରିପାଲି ଜଗନ୍ନାଥ ମନ୍ଦିର ଶିଖର ଦେଖାଯାଉଛି।

ବଲାଙ୍ଗୀର ଜିଲାରେ ଗତ ତିନିଦିନ ହେଲା ଲଘୁଚାପ ଜନିତ ବର୍ଷା ତାଣ୍ଡବ ରଚିଛି। ଲୋଇସିଂହା ବ୍ଲକରେ ଗତ ତିନିଦିନରେ ୧୬୩ ମିମି ବର୍ଷା ହୋଇଛି। ଗୁରୁବାର ପୂର୍ବାହ୍ନରୁ ବର୍ଷା ଥମିଛି। ହେଲେ ଉପରମୁଣ୍ଡାରେ ଅତ୍ୟଧିକ ବର୍ଷା ଯୋଗୁ ଲୋୟର ସୁକତେଲ ଡ୍ୟାମରେ ୨ଶହ କ୍ୟୁସେକ ପାଣି ପଶୁଛି। ଡ୍ୟାମର ପଛୁଆ ପାଣିରେ ୮ଖଣ୍ଡ ବିସ୍ଥାପିତ ଗାଁ ସମ୍ପୂର୍ଣ୍ଣ ବୁଡି ଯାଇଥିବାବେଳେ ବଡତେଲେନପାଲି ଓ ସାନତେଲେନପାଲି ଗାଁକୁ ଆଂଶିକ ପ୍ରଭାବିତ କରିଛି। ପାଣି ମାଡି ଯିବା ଭୟରେ ସେମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସମ୍ପୂର୍ଣ୍ଣ ବୁଡି ଯାଇଥିବା ଗାଁଗୁଡିକ ଗଡଶଙ୍କର ଡୁଙ୍ଗରିପାଲି, ବନଛୋରପାଲି, ବିଜାପାଟି, ପୋଡମୁଣ୍ଡ, କହିଣ୍ଡାପାଲି, ପରଧିଆପାଲି, ଖବସାବାହାଲ ଓ ଖୁଣ୍ଟପାଲି ବୋଲି ଜଣାପଡିଛି।

ବଲାଙ୍ଗୀର ଜିଲାର ଜୀବନରେଖା କୁହାଯାଉଥିବା ଲୋୟର ସୁକତେଲ ପ୍ରକଳ୍ପ ଡ୍ୟାମରେ ଚଳିତ ବର୍ଷ ପାଣି ଅଟକା ଯାଇଥିଲା। ଡ୍ୟାମର ପଛୁଆ ପାଣି ବିସ୍ଥାପିତ ଡୁଙ୍ଗରିପାଲି ଓ ବନଛୋରପାଲି ଗାଁକୁ ଛୁଇଁବାରୁ ଉଭୟ ଗାଁର ଲୋକେ ଆତଙ୍କିତ ହୋଇ ପଡିଥିଲେ। ଆଗକୁ ବର୍ଷା ହେଲେ ଗାଁ ବୁଡି ଯିବା ଆଶଙ୍କାରେ ଜିଲା ପ୍ରଶାସନ ପକ୍ଷରୁ ବିସ୍ଥାପିତ ଗ୍ରାମବାସୀଙ୍କୁ ସ୍ଥାନାନ୍ତରଣ କାମକୁ ଯୋରଦାର କରାଯାଇଥିଲା। ବଳପୂର୍ବକ ସ୍ଥାନାନ୍ତରକୁ ଲୋକେ ବିରୋଧ କରିଥିଲେ ହେଁ ପରିସ୍ଥିତିକୁ ଦେଖି ଗତ ଜୁଲାଇ ୨୮ତାରିଖରେ ଗ.ଡୁଙ୍ଗରିପାଲି ଗ୍ରାମବାସୀ ଜଗନ୍ନାଥ ମହାପ୍ରଭୁଙ୍କୁ ଧରି ଝାଙ୍କରପାଲିସ୍ଥିତି ଆରଆର କଲୋନୀକୁ ଯାଇଛନ୍ତି। ଏବେ ଲଘୁଚାପଜନିତ ବର୍ଷା ସାଙ୍ଗକୁ ଉପରମୁଣ୍ଡରେ ଅଧିକ ବର୍ଷା ହେବାରୁ ସୁକତେଲ ଓ ଦୟା ନଦୀରେ ପାଣି ଆସି ଲୋୟର ସୁକତେଲ ଡ୍ୟାମରେ ପଶୁଛି। ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ବୁଡି ଯାଇ କେବଳ ଶିଖର ଦେଖା ଯାଉଛି। ଅନେକ ବିସ୍ଥାପିତଙ୍କ ଘର ପାଣିରେ ବୁଡି ରହିଛି। ଆଖି ଆଗରେ ଭିଟାମାଟି ବୁଡିଯାଉଥିବା ଦୃଶ୍ୟ ବିସ୍ଥାପିତଙ୍କ ଆଖିରେ ଲୁହ ଭରି ଦେଇଛି। ଅପରପକ୍ଷେ ପାଟଣାଗଡ ଅଞ୍ଚଳର ପୋଡମୁଣ୍ଡ ଗ୍ରାମରେ ଅବସ୍ଥିତ ମା' କାୟାଘଟୁଆଣି ଦେବୀଙ୍କୁ ଅଦ୍ୟାବଧି ସ୍ଥାନାନ୍ତରଣ କରାଯାଇନାହିଁ। ଫଳରେ ସୁକତେଲ ନଦୀରେ ଏହି ପୀଠ ଜଳ ସମାଧି ନେବାକୁ ଯାଉଛି। ଏହା ଉପାସକ ଓ ଭକ୍ତଙ୍କୁ ଗଭୀର ଆଘାତ ଦେଇଛି।

## ଗଛ ପଡ଼ି ଭାଙ୍ଗିଲା ବିଦ୍ୟାଳୟ ଘର

ବଘିଆପଡା,(ଶ୍ରୀକାନ୍ତ ସାହୁ): ଲଗାଣ ବର୍ଷାରେ ଏକ ଗଛ ଭାଙ୍ଗି ବୌଦ୍ଧ ଜିଲାର ବଘିଆପଡା ମଧ ଇଂରାଜୀ ବିଦ୍ୟାଳୟ ଉପରେ ପଡିବାରୁ ବିଦ୍ୟାଳୟର ଦୁଇ ବଖରା ଘର ଭାଙ୍ଗିଯାଇଛି । ସେହିପରି ଗଛ ପଡି କନକପୁର ଗ୍ରାମରେ ଥିବା ବିଦ୍ୟାଳୟର ଆଜବେଷ୍ଟସ ଭାଙ୍ଗିଯାଇଛି । ଯଥାଶୀଘ୍ର ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏଥିସହିତ ଅଞ୍ଚଳରେ ଧାନ ସମେତ ବିଭିନ୍ନ ପନିପରିବା ଫସଲ ନଷ୍ଟ ହୋଇଛି ।

**ସଂକ୍ଷେପରେ**

## ଓଏଏସ୍ ପାଇଲେ ଚାଷୀଙ୍କ ପୁଅ ଜଗବନ୍ଧୁ

ସୋନପୁର,୩।୮(ମୃତ୍ୟୁଞ୍ଜୟ ଶତପଥୀ)

ଓଡିଶା ପ୍ରଶାସନିକ ସେବା ପରୀକ୍ଷା(ଓଏଏସ୍)ରେ କୃତକାର୍ଯ୍ୟ ହୋଇଛନ୍ତି ସୋନପୁର ବ୍ଲକ ଖରଜୁରା ପଞ୍ଚାୟତ ବାଘପାଲି ଗାଁର ଜଗବନ୍ଧୁ ମେହେର ।



ଜଗବନ୍ଧୁ ଜଣେ ଚାଷୀ ଘରର ପୁଅ। ସେ ପ୍ରଥମ ପ୍ରୟାସରେ ଏହି ସଫଳତା ପାଇ ଅଞ୍ଚଳ ପାଇଁ ସୁନାମ ଆଣିଛନ୍ତି। ମା' ଯଜ୍ଞ ଓ ବାପା ପୀତବାସ ମେହେରଙ୍କ ଏକମାତ୍ର ପୁଅ ଜଗବନ୍ଧୁଙ୍କୁ ୨୦୬ ତମ ସ୍ଥାନ ମିଳିଛି। ସୋନପୁର ସେଣ୍ଟ ଆନିକନଭେଣ୍ଟ ସ୍କୁଲରେ ଜଗବନ୍ଧୁ ଦଶମ ଶ୍ରେଣୀ ଯାଏ ଶିକ୍ଷା ଲାଭ କରିଥିଲେ। ପରେ ବିଶାଖାପାଟଣାସ୍ଥିତ ଶ୍ରୀ ଚୈତନ୍ୟ ଜୁନିୟର କଲେଜରେ ଯୁକ୍ତ ୨ ବିଜ୍ଞାନ ଓ ଭୁବନେଶ୍ୱରସ୍ଥିତ ଓୟୁଏଟିରେ ବିଏସ୍‌ସି ଏଗ୍ରିକଲଚର କରିଛନ୍ତି। ଜଗବନ୍ଧୁଙ୍କ ବାପା ପୀତବାସ ଚାଷ କରି ପରିବାର ପ୍ରତିପୋଷଣ କରନ୍ତି। ତାଙ୍କର ୩ ଭଉଣୀ ଅଛନ୍ତି। ତେଣୁ ଭୁବନେଶ୍ୱରରେ ରହି ଟିଉସନ କରିବା ସହ ଓଡିଶା ସିଭିଲ ସର୍ଭିସ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ। ନିଷ୍ଠାର ସହ ଦିନକୁ ୬ରୁ ୭ ଘଣ୍ଟା ପରିଶ୍ରମ କରୁଥିଲେ। ଭବିଷ୍ୟତରେ ମହିଳାଙ୍କୁ ସଶକ୍ତୀକରଣ କରିବା ସହ ଶିକ୍ଷା କ୍ଷେତ୍ରରେ ସଂସ୍କାର ପାଇଁ କାର୍ଯ୍ୟ କରିବେ ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ଓଡ୍ରାଫ ଟିମ୍ ପକ୍ଷରୁ ଅସୁସ୍ଥ ଲୋକଙ୍କୁ ଉଦ୍ଧାର

**ବୁଲୁରା ଗ୍ରାମ ପାଣି ଘେରରେ**



ପୁରୁଣାକଟକ,୩।୮(ସୁକାନ୍ତ ପଟ୍ଟନାୟକ)

ଲଗାଣ ବର୍ଷା ପ୍ରଭାବରେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୁଲୁରା ଗ୍ରାମ ଏବେ ବି ପାଣିଘେରରେ ରହିଥିବା ବେଳେ ଗୁରୁବାର ପୂର୍ବାହ୍ନରେ ଗ୍ରାମର ରମେଶ ଦୀପ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ତାଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବା ଖବରପାଇ ତାଙ୍କୁ ଚାରିଛକ ଓଡ୍ରାଫ ଟିମ୍ ଦ୍ୱାରା ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ପୁରୁଣାକଟକ ମେଡିକାଲ ନିଆଯାଇଥିବା ଜଣାପଡିଛି।

## ହରଭଙ୍ଗା ପିଇଓ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ

ପୁରୁଣାକଟକ,୩।୮(ସୁକାନ୍ତ ପଟ୍ଟନାୟକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପିଇଓ ସଂଘ ପକ୍ଷରୁ ୨ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ଗୁରୁବାର ଦିନ ପ୍ରଦାନ କରାଯାଇଛି। ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ଆହ୍ୱାନକ୍ରମେ ହରଭଙ୍ଗା ବ୍ଲକ ପିଇଓ ସଂଘର ସଭାପତି ବସନ୍ତ କର୍ଣ୍ଣଙ୍କ ନେତୃତ୍ୱରେ ଏହି ଦାବିପତ୍ର ବିଡିଓ ସ୍ୱପ୍ନିତା ନାୟକଙ୍କ ଜରିଆରେ ଜିଲାପାଳଙ୍କୁ ଦିଆଯାଇଥିଲା । ଦାବି ପୂରଣ ନ ହେଲେ ଆସନ୍ତା ୭ତାରିଖିରୁ ୧୭ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରିବା ସହ ୧୮ ତାରିଖରୁ ସାମୁହିକ ଛୁଟିରେ ରହିବେ ବୋଲି ସଂଘ ଚେତାବନୀ ଦେଇଛି । ଦାବିପତ୍ର ପ୍ରଦାନ ସମୟରେ ହରଭଙ୍ଗା ବ୍ଲକ ପିଇଓ ସଂଘ ସମ୍ପାଦକ ଜଗଦୀଶ ମଲ୍ଲିକ, ଶ୍ରୀକାନ୍ତ ପ୍ରଧାନ, ସନ୍ତୋଷ ରଣା, ଶେଷଦେବ ଯାନୀ, ଚିତ୍ତରଞ୍ଜନ ବଘାର, ଦିଲୀପ ମଲ୍ଲିକ, ନମିତା ସାହୁ, ନବଘନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ବୀରମହାରାଜପୁରରେ ବ୍ୟାପକ କ୍ଷୟକ୍ଷତି

ଅମରପାଲି,୩। ୮(ପୀତାମ୍ବର ସାହୁ)

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ବର୍ଷା ପ୍ରଭାବରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ହରିହର ଯୋର ଜଳସେଚନ ପ୍ରକଳ୍ପ(ଠେଙ୍ଗୋ ଡ୍ୟାମ)ରୁ ୬ଟି ଗେଟ ଖୋଲିବା ଫଳରେ ତଳ ମୁଣ୍ଡରେ ବନ୍ୟା ପରିସ୍ଥିତି ଦେଖାଦେଇ ଥିଲା। ବ୍ରାହ୍ମଣପାଲି, ମସିଣାପାଲି, ବରଘାଟ ଦାଦର, ବାରଝୁଲା, ଜମ୍ବାଲିପାଲି, କୃଷ୍ଣପାଲି, ମାଣିକପୁର, ଲୁହୁମୁଣ୍ଡା, କୁଡାପଡା, ଦୁହୁଲପାଲି, ତେନ୍ତୁଳିମହଦା, ଗୋବିନ୍ଦପୁର, ପଥରଘାଟ, ପୁଲେଶ୍ୱର ଆଦି ଗ୍ରାମର ଜମିରେ ବନ୍ୟାଜଳ ପ୍ରବାହିତ ହୋଇଥିଲା। ଫଳରେ ହେକ୍ଟର ହେକ୍ଟର ଜମିରେ ବାଲିଚର ହୋଇଯାଇଛି। ମାଣିକପୁର ଗ୍ରାମରେ ୯ଟି ଉଠାଜଳସେଚନ ପ୍ରକଳ୍ପର ମୋଟର ବନ୍ୟାଜଳରେ ବୁଡି ଖରାପ ହୋଇଛି। ଏହାସହିତ ହୋଇଥିବା କପାଚାଷ ମଧ୍ୟ ନଷ୍ଟ ହୋଇଥିବା ଜଣାପଡିଛି। ଅନେକ ରାସ୍ତା ବନ୍ୟା ପ୍ରଭାବରେ ଧୋଇ ହୋଇଯାଇଛି।



ବୀରମହାରାଜପୁର ବ୍ଲକର ଫୁଲଚରା ନିକଟରେ ପୋଲ ଧୋଇଯାଇଛି ।

ଲୁଡୁରପଙ୍କ-ଘଣ୍ଟପାଲି ମଧ୍ୟରେ ଘୁଙ୍ଗିନାଳ ପୋଲର ଆପ୍ରୋଚ ରାସ୍ତା ଧୋଇ ହୋଇଯାଇଛି। କେନଝିରିଆପାଲି ପଞ୍ଚାୟତର ବଳିପାଲି -ଜଡାପାଲ ରାସ୍ତା ମଝିରେ ଧୋଇ ହୋଇ ଯିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଛି। ଫୁଲଚରା ନିକଟରେ ପୋଲ ଧୋଇ ନେଇଛି। ସୁବଳୟାରେ ଅନେକ କଚ୍ଚା ରାସ୍ତା ଧୋଇ ହୋଇଥିବା ଜଣାପଡିଛି। ଅଞ୍ଚଳର ଅନେକ କଚ୍ଚା ଘର ଭାଙ୍ଗି ଯାଇଥିବା ଜଣାପଡିଛି। ସେମାନଙ୍କୁ ତୁରନ୍ତ ପଲିଥିନ ଯୋଗାଇ ଦେବା ସହିତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହେଉଛି। ବର୍ଷା କମିବା ପରେ ବନ୍ୟାଜଳ ମଧ୍ୟ କମିଛି। ମାତ୍ର ଲୋକଙ୍କ ଦୁର୍ଦ୍ଦଶା କମି ନ ଥିବା ଦେଖିବାକୁ ମିଳିଛି। ବୁଧବାର ୭ଟି ରିଲିଫ କ୍ୟାମ୍ପ କରି ୨୮୮ ଲୋକଙ୍କୁ ରନ୍ଧାଖାଦ୍ୟ ଦିଆଯାଉଥିଲା। ମାତ୍ର ଗୁରୁବାର ପାଣି କମିବାରୁ ଲୋକେ ନିଜ ନିଜ ଘରକୁ ଯାଇଛନ୍ତି। ଏବେ ବି କେତେକ ଘରେ ବର୍ଷା ପାଣି ରହିଛି। ତହସିଲ ତରଫରୁ କ୍ଷୟକ୍ଷତି ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗୁରୁବାର ବିଧାୟକ ପଦ୍ମନାଭ ବେହେରାଙ୍କ ସହିତ ବିଡିଓ ମୋତିଲାଲ ସୁଲିଆ,ତହସିଲଦାର ବିବୁଧ ଗଡନାୟକ ପ୍ରମୁଖ ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି ନିରୀକ୍ଷଣ କରିଛନ୍ତି। ଧୋଇ ହୋଇଥିବା ପୋଲ,ରାସ୍ତା ଆଦି ଦେଖିଛୁ। ପାଣି କମିଗଲେ ଖୁବଶୀଘ୍ର ଏହାର ମରାମତି କରାଯିବ । ପ୍ରଶାସନ ସଜାଗ ରହିଛି ବୋଲି ବିଡିଓ ମୋତିଲାଲ ସୁଲିଆ ପ୍ରକାଶ କରିଛନ୍ତି।

**ବର୍ଷା ବିପ୍ଲାତ**

- ଭାଙ୍ଗିଛି ଅନେକ ରାସ୍ତା, ଚାଷ ଜମି ପ୍ରଭାବିତ
- ପ୍ରଶାସନ ସଜାଗ ଅଛି, ତୁରନ୍ତ ମରାମତି କରାଯିବ: ବିଡିଓ

## ଓସିଏସ୍ ପରୀକ୍ଷା: ମୌସୁମୀଙ୍କୁ ସଫଳତା

ସୋନପୁର,୩।୮(ମୃତ୍ୟୁଞ୍ଜୟ ଶତପଥୀ)

ଓଡିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡିଶା ସିଭିଲ ସର୍ଭିସ(ଓସିଏସ୍) ୨୦୨୧ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ସୁବର୍ଣ୍ଣପୁର ସହର ଆମ୍ବେଡକର ଛକ ନିବାସୀ ମୌସୁମୀ ପାତ୍ର ୩୧୪ ତମ ସ୍ଥାନରେ ରହି କୃତକାର୍ଯ୍ୟ ହୋଇଛନ୍ତି। ମୌସୁମୀଙ୍କ ସଫଳତାରେ ସୁବର୍ଣ୍ଣପୁର ସହର ତଥା ପରିବାର ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ସଦାନନ୍ଦ ପାତ୍ରଙ୍କ ବଡ ଝିଅ ମୌସୁମୀ ଜଣେ ମେଧାବୀ ଛାତ୍ରୀ। ସେ ଏବେ କିଟସ୍ ସ୍କୁଲ ଅଫ ବାୟୋଟେକ୍ନୋଲୋଜିରେ ସିନିୟର ଲାବୋରେଟୋରି ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଛନ୍ତି। ଚାକିରି ସମୟ ପରେ ସେ ଦିନକୁ ୬ରୁ ୭ ଘଣ୍ଟା ପାଠ ପଢୁଥିଲେ। ତୃତୀୟ ପ୍ରୟାସରେ ହିଁ ସେ ଏହି ସଫଳତା ପାଇଛନ୍ତି। ଗରିବ ଓ ଅସହାୟ ଲୋକଙ୍କ ପାଇଁ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି।



ମୌସୁମୀ ପାତ୍ର।

## ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଲେ ବିଧାୟକ



ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରୁଛନ୍ତି ବିଧାୟକ ପଦ୍ମନାଭ ବେହେରା ।

ଅମରପାଲି,୩।୮(ପୀତାମ୍ବର ସାହୁ)

ଲଘୁଚାପଜନିତ ଲଗାଣ ବର୍ଷାରେ ବୀରମହାରାଜପୁର ବ୍ଲକର ୧୫ଟି ଗ୍ରାମ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଭିନ୍ନ ସ୍ଥାନରେ ରାସ୍ତା ଭାଙ୍ଗିଯାଇଥିବା ବେଳେ ଅନେକ ସ୍ଥାନରେ ଘରର କାନ୍ଥ ପଡିଯାଇଥିବା ଦେଖିବାକୁ ମିଳିଛି। ଏକର ଏକର ଜମିର ଧାନ ତଳି ଓ ପନିପରିବା ଫସଲ ନଷ୍ଟ ହୋଇଯାଇଛି। ଗୁରୁବାର ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତ। ବିଧାୟକଙ୍କ ସହିତ ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ବିଡ଼ିଓ ମୋତିଲାଲ ସୁଲିଆ, ପୂର୍ବତନ ବ୍ଲକ ଚେୟାରମ୍ୟାନ୍ ରଞ୍ଜିତ କୁମାର ରଥ, ବିଜେଡି ସୁବର୍ଣ୍ଣପୁର ଜିଲା ଉପସଭାପତି କିଶୋର ହୋତା, ଜିଲା ପରିଷଦ ସଦସ୍ୟା ଚନ୍ଦ୍ରକାନ୍ତି ଦନ୍ତା, ହିଲୁଙ୍ଗ ସମିତି ସଭ୍ୟ ଶୈଳରଞ୍ଜନ ବାଦୀ, ଆମ୍ବା ପୂର୍ବତନ ଅଧକ୍ଷ ଆଲୋକ ଦେହୁରୀ, ମଧୁସୂଦନ ପଣ୍ଡା, ଭଗବାନ କର୍ଣ୍ଣ, ଚିତ୍ତ ରଞ୍ଜନ ଦାଶ, ଶ୍ରୀକାନ୍ତ କର୍ମୀ ପ୍ରମୁଖ ସାମିଲ ଥିଲେ। ବିଧାୟକ ବନ୍ୟା ପ୍ରଭାବିତ ବାଗବର, କୁଡ଼ାପଡା, ତେନ୍ତୁଳିମହଦା ସମେତ ଜଟେସିଙ୍ଗା ପଞ୍ଚାୟତ, କମିରା, ସୁବଳୟା,ପିତାମହୁଲ ଓ ମୁର୍ଛୁଣ୍ଡି ପଞ୍ଚାୟତର ପ୍ରଭାବିତ ଗ୍ରାମକୁ ଯାଇ ଲୋକଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଅବସରରେ ସେ କ୍ଷୟକ୍ଷତିର ଆକଳନ ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଲଗାଣ ବର୍ଷା ପ୍ରଭାବରେ ମୁର୍ଛୁଣ୍ଡି ବ୍ରିଜ, ଫୁଲଚରା ଗ୍ରାମ୍ୟ ଉନ୍ନୟନ ରାସ୍ତା, ଦୁହୁଲପାଲି ରାସ୍ତା, ପିତାମହୁଲ, ଡୁଲେଶ୍ୱର ରାସ୍ତା, ମୁର୍ଛୁଣ୍ଡି-ଅମରପାଲି ରାସ୍ତାର ଅନେକ ସ୍ଥାନରେ ଘାଇ ହୋଇଥିବାର ଜଣାପଡିଛି।

# ପରେଡ୍‌ରେ ଅଂଶଗ୍ରହଣ କରିବେ ୪୨ ଦଳ

ସୋନପୁର,୩।୮(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସଦର ମହକୁମା ରାମେଶ୍ୱର ମନ୍ଦିର ନିକଟସ୍ଥ ଷ୍ଟାଡିୟମରେ ପାଳିତ ହେବ ୭୭ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ । ଗୁରୁବାର ଅପରାହ୍ନରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଜିଲାପାଳ ବିମଳେନ୍ଦୁ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରେ ରାମଧୂନ, ସକାଳ ସାଢେ ୫ଟାରୁ ୬ଟା ପ୍ରଭାତଫେରି ଅନୁଷ୍ଠିତ ହେବା ସହ ସକାଳ ସାଢେ ୭ଟାରୁ ୮ଟା ମଧ୍ୟରେ ପ୍ରତ୍ୟେକ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ସକାଳ ୯ଟା ୧୫ରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବା ସହିତ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରାଯିବ। ଆରକ୍ଷୀ ବିଭାଗର ପ୍ଲାଟୁନ, ପୋଲିସ ବ୍ୟାଣ୍ଡ ପାର୍ଟି, ବିଭିନ୍ନ କଲେଜ, ଉଚ୍ଚ ବିଦ୍ୟାଳୟ, ଶିକ୍ଷାନୁଷ୍ଠାନ, ଏନସିସି ଦଳ ଓ ଅଣ ଏନସିସି ଦଳଗୁଡିକ ସମେତ ମୋଟ ୪୨ଟି ଦଳ ପରେଡ୍‌ରେ ଭାଗ ନେବେ। ଶ୍ରେଷ୍ଠ ଦଳ, କୃତି ପ୍ରତିଯୋଗୀ ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାବାନ ବ୍ୟକ୍ତିଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ ବୋଲି ସ୍ଥିର ହୋଇଛି। ପରେଡ୍ ପରେ ପଡିଆରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧ ସମ୍ପର୍କିତ ସାଂସ୍କୃତିକ କାର୍ଯ୍ୟକ୍ରମ ୧ ଘଣ୍ଟା ଧରି ପରିବେଷଣ ହେବ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବା ସହିତ ଅନାଥାଶ୍ରମର ଅନ୍ତେବାସୀମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ମିଷ୍ଟାନ୍ନ ବଣ୍ଟନ କରାଯିବ। ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ସହିତ ସନ୍ଧ୍ୟାରେ ନୂତନ ଟାଉନ ହଲରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ପ୍ରସ୍ତୁତି ବୈଠକରେ ଏସ୍‌ପି ଅମରେଶ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ସୋନପୁର ଉପଜିଲାପାଳ ଡ. ଇପ୍‌ସିତା ପ୍ରିୟଦର୍ଶନୀ ମିଶ୍ର, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ(ପ୍ରଶାସନ) ଜିଲା ପରିଷଦ ସନତ କୁମାର ନାୟକ, ସୋନପୁର ଏସ୍‌ଡିପିଓ ରାଜକିଶୋର ମିଶ୍ର, ଏସିଏଫ ପ୍ରଫୁଲ୍ଲ ଧରୁଆ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଭୋଇ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ, ଡା. ରମେଶ ଚନ୍ଦ୍ର ସ୍ୱାଇଁ, ଜିଲା ସାମାଜିକ କଲ୍ୟାଣ ଅଧିକାରୀ ଅକ୍ଷୟ ନାୟକ, ରିଜର୍ଭ ଇନ୍ସପେକ୍ଟର ପ୍ରଦ୍ୟୁମ୍ନ କୁମାର ପଟେଲ, ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ମ୍ୟୁନିସିପାଲିଟି ଇଓ ସୂର୍ଯ୍ୟାଂଶୁ ରୁଟ୍, ସୋନପୁର ତହସିଲଦାର ନବୀନ କିଶୋର ପାଢୀ, ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନାଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଏବଂ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ ବୈଠକରେ ସଂଯୋଜନା କରିଥିବା ବେଳେ ବିଦ୍ୟାପତି ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ।

**ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ**

## ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଅମରପାଲି,୩।୮(ପୀତାମ୍ବର ସାହୁ)

ରାଜ୍ୟ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ଆହ୍ୱାନକ୍ରମେ ବୀରମହାରାଜପୁର ବ୍ଲକର ସମସ୍ତ ୧୫ ଗୋଟି ଗ୍ରାମ ପଞ୍ଚାୟତରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଏକ ଦାବିପତ୍ର ଗୁରୁବାର ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । ପଞ୍ଚାୟତ ନିର୍ବାହୀ ଅଧିକାରୀ ହେବା ପାଇଁ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ଦୁଇ ବଦଳରେ ଯୁକ୍ତ ୩ କରିବା, ଦରମା ହାର ସ୍କେଲ୍ ପେ ଲେଭଲ- ୫ରୁ ଲେଭେଲ- ୯କୁ ବୃଦ୍ଧି କରାଯିବାକୁ ଦାବି କରାଯାଇଛି । ଏହାସହିତ ୧୦ବର୍ଷ ଚାକିରି କରିଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଭାବେ ପଦୋନ୍ନତି ପ୍ରଦାନ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି । ପିଇଓମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଯଦି ସରକାର ସଂଘର ଦାବି ପ୍ରତି କର୍ଣ୍ଣପାତ ନ କରନ୍ତି ତେବେ ଆସନ୍ତା ୧୮ ତାରିଖରୁ ସାମୁହିକ ଛୁଟିରେ ରହିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ପିଇଓ ଗୌରଚରଣ ସାହୁ, ଗୌରାଙ୍ଗ ମହାପାତ୍ର, ସରୋଜ ନନ୍ଦ, ଅକ୍ଷୟ ଭୋଇ, ଲିଙ୍ଗରାଜ ବାଘ, ମିତାଞ୍ଜଳି ରଥ, ଦୁର୍ଗାପ୍ରସାଦ ମେହେର, ଯଶୋବନ୍ତ ରାୟ, ବିଶ୍ୱାମିତ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## କମୁଛି ମହାନଦୀର ପାଣି, ଲୋକେ ଆଶ୍ୱସ୍ତ



ମହାନଦୀର ବନ୍ୟାଜଳ ଦେଖିବା ପାଇଁ ବୌଦ୍ଧ ସହରର ମର୍ଜାକୁଦ ସେତୁ ଉପରେ ଲୋକଙ୍କ ଭିଡ ଜମିଛି।

ବୌଦ୍ଧ,୩।୮(ଅଜିତ କୁମାର ବାରିକ)

ବୌଦ୍ଧରେ ତିନି ଦିନ ଧରି ଲଗାଣ ବର୍ଷା ଯୋଗୁ ପୁରା ଜିଲା ବେହାଲ୍ ହୋଇପଡିଥିଲା । ଗୁରୁବାର ଜିଲାରେ ବର୍ଷା ନ ଥିବାରୁ ଲୋକେ ଆଶ୍ୱସ୍ତି ହେବା ସହ ବନ୍ୟା ଆଶଙ୍କା ଟଳିଯାଇଛି । ବର୍ଷା ଛାଡିବା ଯୋଗୁ ସହରର ତଳି ଅଞ୍ଚଳଗୁଡିକରେ ଜମି ରହିଥିବା ବର୍ଷାଜଳ ମହାନଦୀକୁ ନିଷ୍କାସିତ ହୋଇଯାଇଛି। ଘରଛାଡି ବନ୍ୟା ଆଶ୍ରୟସ୍ଥଳୀ କିମ୍ବା ଅନ୍ୟ ସ୍ଥାନରେ ଆଶ୍ରୟ ନେଇଥିବା ଲୋକମାନେ ଘରକୁ ଫେରିବାରେ ଲାଗିଛନ୍ତି । ବୁଧବାର ଦିନ ମହାନଦୀ ଜଳସ୍ତର ବିପଦ ସଙ୍କେତ ୮୭.୮୦ ରେ ଥିବା ବେଳେ ଗୁରୁବାର ଦିନ ସନ୍ଧ୍ୟା ସୁଦ୍ଧା ଜଳସ୍ତର ୮୫.୮୭ରେ ରହିଛି। ବର୍ଷା ଛାଡିବା ପରେ ସହରବାସୀ ମହାନଦୀରେ ବନ୍ୟାଜଳକୁ ମର୍ଜାକୁଦ ସେତୁ ଓ ବୌଦ୍ଧ କିଆକଟା ସେତୁ ଉପରୁ ଦେଖି ମଜା ଉଠାଉଥିବା ଦେଖିବାକୁ ମିଳିଛି। ବର୍ଷା ପରେ ଜିଲାରେ ହୋଇଥିବା କ୍ଷୟକ୍ଷତି ଆକଳନ ନେଇ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଲଗାଣ ବର୍ଷାରେ ବିଳମ୍ବରେ ଜିଲାରେ ଆରମ୍ଭ ହୋଇଥିବା ଚାଷ ବ୍ୟାପକ ଭାବରେ କ୍ଷତିଗ୍ରସ୍ତ ହୋଇଥିବା ଦେଖାଯାଇଛି। ଅନେକ ଜମିରେ ଧାନ ତଳି ଧୋଇ ଯାଇଛି। ଖାଲୁଆ ଜମିଗୁଡିକରେ ଏପର୍ଯ୍ୟନ୍ତ ବର୍ଷା ଜଳ ଜମି ରହିଥିବା ଜଣାଯାଇଛି। ଲୋକଙ୍କ ଘରେ ପାଣି ପଶି ଅନେକ କ୍ଷତି ହୋଇଛି। ବିପନ୍ନ ପରିବାରଙ୍କୁ ଚିହ୍ନଟ କରି ପ୍ରଶାସନ ପକ୍ଷରୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହେଉଛି।

## ରାସ୍ତା ଖରାପ ଯୋଗୁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ

# ଚିକିତ୍ସା ନ ପାଇ ରୋଗୀର ମୃତ୍ୟୁ ଅଭିଯୋଗ

ବଘିଆପଡା,୩।୮(ଶ୍ରୀକାନ୍ତ ସାହୁ)

ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରୁଥିବା ବେଳେ ଏପର୍ଯ୍ୟନ୍ତ ବୌଦ୍ଧ ଜିଲାର ଅନେକ ଗ୍ରାମକୁ ସବୁଦିନିଆ ରାସ୍ତାଟିଏ ହୋଇପାରିନାହିଁ। କିଛିଦିନ ପୂର୍ବରୁ ବୌଦ୍ଧ ବ୍ଲକ ଗୁନ୍ଦୁଲିଆ ପଞ୍ଚାୟତର କିରିମାଖୋଲ ଗ୍ରାମ ରାସ୍ତା କାଦୁଅରେ ଭର୍ତ୍ତି ହୋଇଥିବା ଯୋଗୁ ୩୦ କିଲୋମିଟର ରାସ୍ତାକୁ ଆମ୍ବୁଲାନ୍ସ ଯିବା ଆସିବା ପାଇଁ ୬ ଘଣ୍ଟା ସମୟ ଲାଗିବା ଫଳରେ ଜଣେ ଆଦିବାସୀ ମହିଳା ଠିକ୍ ସମୟରେ ଚିକିତ୍ସା ନ ପାଇ ମୃତ୍ୟୁବରଣ କରିଥିଲେ । ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଥିଲା । ଏହି ଘଟଣା ମନରୁ ନ ଯାଉଣୁ ଗୁରୁବାର ପୁଣି ଏକ ସମାନ ଘଟଣା ବୌଦ୍ଧ ସହରଠାରୁ ମାତ୍ର ୧୦ କିଲୋମିଟର ଦୂର ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ବାଲଦୁହୁଲି ଗ୍ରାମରେ ଦେଖିବାକୁ ମିଳିଛି। ସୂଚନା ମୁତାବକ, ବାଲଦୁହୁଲି ଗ୍ରାମର ସଦାଶିବ ନାଏକଙ୍କ ଦେହ ସକାଳୁ ହଠାତ୍ ଅସୁସ୍ଥ ହୋଇପଡିଥିଲା । ପରିବାର ଲୋକ ୧୦୮ ଆମ୍ବୁଲାନ୍ସକୁ ସହାୟତା ପାଇଁ ଫୋନ କରିଥିଲେ। ସୂଚନା ପାଇ ଚିକିତ୍ସାଳୟରୁ ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ ଲଗାଣ ବର୍ଷାରେ ଗ୍ରାମକୁ ଯାଇଥିବା ରାସ୍ତା ଧୋଇ ଯାଇଥିବାରୁ ଗ୍ରାମରେ ବିଳମ୍ବରେ ପହଞ୍ଚିଥିଲା। ଫଳରେ ଠିକ୍ ସମୟରେ ଚିକିତ୍ସା ନ ପାଇ ସଦାଶିବଙ୍କ ମୃତ୍ୟୁ ହୋଇଯାଇଥିଲା । ଆମ୍ବୁଲାନ୍ସକୁ ଗ୍ରାମବାସୀ ଫେରାଇ ଦେଇଥିଲେ। ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ପ୍ରଶାସନ ତୁରନ୍ତ ଏହି ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ବିଡିଓଙ୍କ ନାମରେ ଥାନାରେ ମାମଲା

**ବରଗାଁ ସମିତି ସଭ୍ୟାଙ୍କୁ ଅସଦାଚରଣ ଅଭିଯୋଗ**

କନ୍ଧମାଳ,୩।୮(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ବରଗାଁ ପଞ୍ଚାୟତର ସମିତିସଭ୍ୟା ଅଙ୍ଗୁରୀ ତାଣ୍ଡିଙ୍କୁ କନ୍ଧମାଳ ବିଡିଓ ଅସଦାଚରଣ କରିଥିବା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି । ମିଳିଥିବା ସୂଚନା ମୁତାବକ, ଗତ କିଛି ଦିନ ତଳେ ବରଗାଁ ସମିତି ସଭ୍ୟା ତାଣ୍ଡି ଦୁଇଜଣ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କ ନାମରେ ଆବାସ ଘର ନ ମିଳିବାରୁ ଘର ଯୋଗାଇ ଦେବା ପାଇଁ ବିଡିଓ କଳାକୃଷ୍ଣ ପ୍ରଧାନଙ୍କୁ କହିଥିଲେ। ବିଡିଓ କଥାକୁ ଗୁରୁତ୍ୱ ଦେଇ ନ ଥିଲେ। ଗତ ୧ ତାରିଖ ଦିନ ପୁଣି ସମିତି ସଭ୍ୟା ଜଣକ ବିଡିଓ ପ୍ରଧାନଙ୍କୁ ବ୍ଲକ ସମ୍ମୁଖରେ ଥିବା ଏକ ଦୋକାନ ଆଗରେ ଦେଖା ହେବାରୁ ଅନୁରୋଧ କରିଥିଲେ। ଏଥିରେ ବିଡିଓ ରାଗିଯାଇ ସମିତି ସଭ୍ୟାଙ୍କୁ ଗାଳିଗୁଲଜ କରିବା ସହ ଧକ୍କା ମାରି ସେଠାରୁ ଚାଲି ଯାଇଥିଲେ। ଏନେଇ ଗତ ୨ ତାରିଖରେ ସମିତିସଭ୍ୟା ତାଣ୍ଡି କନ୍ଧମାଳ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଥାନା ପକ୍ଷରୁ ନଂ ୧୨୬/୨୩ରେ ଏକ ମାମଲା ରୁଜୁ ହୋଇଛି । ବିଡିଓଙ୍କ ପ୍ରତିକ୍ରିୟା ନେବା ପାଇଁ ଉଦ୍ୟମ କରାଯାଇଥିଲେ ହେଁ ଯୋଗାଯୋଗ ହୋଇପାରିନାହିଁ। ସେ କନ୍ଧମାଳରେ ନ ଥିବା ଜଣାପଡିଛି। ଏନେଇ ଥାନା ଅଧିକାରୀ ନଳିନୀ ଦାସଙ୍କୁ ପଚାରିବାରୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ପ୍ରକାଶ କରିଛନ୍ତି।

# ବିନିକାରେ ବିପନ୍ନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ

ବିନିକା,୩।୮(ରାମ ଗୋପାଳ ବାଘ )

ଲଗାଣ ବର୍ଷାରେ ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ ସମେତ ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ୧୦ନଂ ୱାର୍ଡ କଇରାପାଲି ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇ ରହିଥିବା ବେଳେ ୧୨ନଂ ୱାର୍ଡ ଚୌକିଜୋର କୋଲପଡା ଲୋକେ ସ୍ଥାନାନ୍ତର ହୋଇଥିଲେ। ପରିସ୍ଥିତି ମୁକାବିଲା ପାଇଁ ନଗରପାଳ ସୁବାଷ ଚନ୍ଦ୍ର ଭୋଇ ଓ ତହସିଲଦାର ମୁକ୍ତେଶର ପାଣିଗ୍ରାହୀ ଉଦ୍ୟମ ଜାରି ରଖିଥିଲେ। କଇରାପାଲିର ୧୨୦ ଜଣଙ୍କୁ ସ୍ଥାନୀୟ କ୍ଲବ, ଅଙ୍ଗନବାଡି ସେଣ୍ଟରଠାରେ ରଖାଯାଇଥିଲା। ଉର୍ଲେ କୋଲପଡାର ୭୦ ଜଣଙ୍କୁ ବାତ୍ୟା ଆଶ୍ରୟସ୍ଥଳୀରେ ରଖାଯାଇ ରନ୍ଧାଖାଦ୍ୟ, ଚୁଡା, ବିସ୍କୁଟ ଦେବାର ବ୍ୟବସ୍ଥା କରାଯାଇଥିଲା। ଗୁରୁବାର ମଧ୍ୟ ବିପନ୍ନ ପରିବାରଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି। ବର୍ଷାରେ ସହରାଞ୍ଚଳର ଶତାଧିକ ଘର ଭାଙ୍ଗିଯାଇଛି। ଉର୍ଲେ କାଇରାପାଲି, ଭ୍ରମରପାଲି, ଗୁଲାପଡା, ସାଉଲପୁର, ବିନିକା, ଜବଡା ଓ ବ୍ଲକ ଅଞ୍ଚଳରେ ପ୍ରାୟ ୧୦ ହଜାର ହେକ୍ଟରରୁ ଅଧିକ ଚାଷଜମି ପାଣିରେ ବୁଡି ରହିଛି। ଫଳରେ ଧାନ ତଳି ସହ ପନିପରିବା ଫସଲ ମଧ୍ୟ ନଷ୍ଟ ହୋଇଛି । ୧୨ନଂ ୱାର୍ଡରେ ଥିବା ପାର୍ବତୀ ରାଇସ୍ ମିଲ୍‌କୁ ଚୌକିଜୋରର ବଢ଼ି ପାଣି ମାଡିଯିବାରୁ ବ୍ୟାପକ କ୍ଷତି ହୋଇଛି ।ବର୍ଷା ଓ ବଢ଼ି ପାଣିରେ କାଇରାପାଲି ଭ୍ରମରପାଲି ରାସ୍ତା ସମ୍ପୂର୍ଣ୍ଣ ଧୋଇଯାଇଛି। ଶତାଧିକ ଗଛ ଭାଙ୍ଗିଯାଇଛି। ପରିସ୍ଥିତି ମୁକାବିଲା କରିବା ପାଇଁ ଏନଏସି ଅଫିସ ୨୪ ଘଣ୍ଟା ଖୋଲା ରଖିବା ସହିତ ସମସ୍ତ କର୍ମଚାରୀଙ୍କୁ ଅଫିସରେ ରହିବା ପାଇଁ ନଗରପାଳ ଭୋଇ ନିର୍ଦ୍ଦେଶ ଦେଇଛନ୍ତି। ପରିଷଦର କର୍ମଚାରୀ ସିଏମଏମ ଉମାକାନ୍ତ ସିଂ, କନିଷ୍ଠ ଯନ୍ତ୍ରୀ ରତ୍ନାକର ଗାର୍ଗରିଆ, ସଫେଇ ଅଧିକାରୀ ସନ୍ତୋଷ ବନଛୁର, ସରୋଜ ମେହେର ପଡ଼ା ପଡ଼ା ବୁଲି ପାଟ୍ରୋଲିଂ କରିଥିଲେ। ଉପ ନଗରପାଳ ତପସ୍ୱିନୀ ମେହେରଙ୍କ ସମେତ ସମସ୍ତ କାଉନସିଲର ନିଜ ୱାର୍ଡ ସମେତ ସହରର ବିଭିନ୍ନ ସମସ୍ୟା ତଦାରଖ କରିଥିଲେ।



ବିପନ୍ନ ଲୋକଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି।



## ଆଜି କ'ଣ କେଉଁଠି

ରାଉରକେଲା
- ଲାୟନ୍ସ କ୍ଲବ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ବାସନ୍ତୀ କଲୋନୀ କନ୍ୟକା ମଣ୍ଡପ, ସକାଳ ୯ଟା।
- କିଶୋର କୁମାରଙ୍କ ସ୍ମୃତିରେ ସଙ୍ଗୀତ କାର୍ଯ୍ୟକ୍ରମ, ରାଉରକେଲା କ୍ଲବ, ଅପରାହ୍ନ ୫ଟା।
- ଏମ୍‌ପି ଜୁଏଲ ଓରାମଙ୍କ ରାଉରକେଲା ଗସ୍ତ, ଭାଜପା କାର୍ଯ୍ୟାଳୟ, ସନ୍ଧ୍ୟା ୭ଟା।
- ସମାଜସେବୀ କୈଳାଶ ସାହୁଙ୍କ ଶ୍ରାଦ୍ଧବାର୍ଷିକୀ, ଜଗଦା ସାଂସ୍କୃତିକ ପରିଷଦ, ସନ୍ଧ୍ୟା ୭ଟା।

# ବର୍ଷାରେ ଇସ୍ପାତ ସହର ବେହାଲ



ବ୍ରାହ୍ମଣୀ ନଦୀର ଜଳସ୍ତର ବଢିବାରେ ଲାଗିଛି।



ଜଗନ୍ନାଥ କଲୋନୀ ମୁଖ୍ୟରାସ୍ତାରେ ପାଣି ଚାଲୁଛି।

## କଲବଲ କଲାଣି ଲଗାଣ ବର୍ଷା

ରାଉରକେଲା,୩।୮ (ବିବେକ ମହାନ୍ତି)

ରାଉରକେଲାରେ ଲଗାଣ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବର୍ଷା ଯୋଗୁ ଜିଲାର ସମସ୍ତ ସରକାରୀ ଏବଂ ବେସରକାରୀ ସ୍କୁଲକୁ ଗୁରୁବାର ପ୍ରଶାସନ ପକ୍ଷରୁ ବନ୍ଦ କରି ଦିଆଯାଇଥିଲା। ବୁଧବାର ମଧ୍ୟାହ୍ନ ୧୨ଟାରୁ ଆରମ୍ଭ ହୋଇଥିବା ଲଗାଣ ବର୍ଷାରେ ସହରର ବିଭିନ୍ନ ଅଞ୍ଚଳରେ ପାଣି ପଶିଯାଇଛି। କେତେକ ବସ୍ତି ଅଞ୍ଚଳରେ ପାଣି ଜମି ରହିଛି। ରେଲୱେ କଲୋନୀ ବସ୍ତି, ଡେଲିମାର୍କେଟ, ହରିୟାଣା ଭବନ ଗଳି, ଶିଳ୍ପାଞ୍ଚଳ, ବେଦବ୍ୟାସ, ଦଣ୍ଡିଆପାଲି ଆଦି ଅଞ୍ଚଳରେ ବର୍ଷା ଜଳ ଜମି ରହିଥିବା ଦେଖିବାକୁ ମିଳିଛି। ଗୋପବନ୍ଧୁପାଲି ନୂଆବସ୍ତିରେ ପାଣି ପଶିଯିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସେହିପରି ପ୍ଲାଣ୍ଟସାଇଟ୍ ରୋଡ୍ ସାରଳା ବସ୍ତିରେ ପାଣି ପଶିଛି। ଆର୍‌ଏସ୍‌ପି ପାଚେରୀ କଡ଼ରେ ମଇଳା ଜମି ରହିଥିବାରୁ ବର୍ଷାପାଣି ଶୀଘ୍ର ନିଷ୍କାସିତ ହୋଇପାରୁନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟପକ୍ଷେ ମନ୍ଦିରା ଡ୍ୟାମ୍‌ର ୧୧ଟି ଗେଟ୍ ଖୋଲି ଦିଆ ଯାଇଥିବାରୁ ବ୍ରାହ୍ମଣୀ ନଦୀ ଜଳସ୍ତର ବୃଦ୍ଧି ପାଇଛି । ସମଲ ବ୍ୟାରେଜରେ ମଧ୍ୟ କେତୋଟି ଗେଟ ଖୋଲା ଯାଇଥିବାରୁ ବ୍ରାହ୍ମଣୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି।

## ବାଲୁଘାଟରେ ଜଳସ୍ତର ବୃଦ୍ଧି

ରାଉରକେଲା,୩।୮ (ସଙ୍ଗୀତା ଜେନା)

ଇସ୍ପାତ ସହର ରାଉରକେଲାରେ ଲଗାଣ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ବୁଧବାର ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ଅଞ୍ଚଳ ଜଳାର୍ଣ୍ଣବ ହୋଇପଡିଥିଲା। ମନ୍ଦିରା ଡ୍ୟାମ୍ ୧୧ଟି ଗେଟ୍ ଖୋଲିଥିବା ବେଳେ ଉପରମୁଣ୍ଡରେ ଅତ୍ୟଧିକ ବର୍ଷା ଯୋଗୁ କୋଏଲ ଓ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇଛି। ଝାଡ଼ଖଣ୍ଡରୁ ଆସିଥିବା କୋଏଲ ଓ ଶଙ୍ଖ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି। ଝାଡ଼ଖଣ୍ଡ ଉପରମୁଣ୍ଡରେ ବର୍ଷା ସହ ଡ୍ୟାମ୍ ତଥା ବ୍ୟାରେଜ ଗୁଡ଼ିକରୁ ବନ୍ୟାଜଳ ଛଡ଼ାଯାଇଥିବାରୁ ବନ୍ୟାପାଣି ବିଭିନ୍ନ ଅଞ୍ଚଳରେ ପଶିଛି। ଗୁରୁବାର ସକାଳୁ ସହରରେ ବର୍ଷାର ପ୍ରକୋପ କମ୍ ଥିବା ବେଳେ ବାଲୁଘାଟ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଥିପାଇଁ ପଲପଲ ବସ୍ତି ସମେତ ଅନ୍ୟ ଅଞ୍ଚଳର ଲୋକଙ୍କୁ ସତର୍କ କରାଯାଇଛି। ଅପରପକ୍ଷେ ସ୍ଥାନୀୟ ଲୋକେ ବନ୍ୟାଜଳ ଦେଖିବାକୁ ଯିବା ସହ ମାଛ ମାରିବାର ମଜା ନେଉଥିବା ଦେଖାଯାଇଛି।

## ପ୍ରଭାବିତ ଅଞ୍ଚଳରେ ରାଜନେତା

ରାଜନୈତିକ ବ୍ୟକ୍ତିଙ୍କ ପାଇଁ ବନ୍ୟା ଏକ ସୁଯୋଗ ଆଣିଛି । ଏହି କ୍ରମରେ ରଘୁନାଥପାଲିର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ବୁଧବାର ଠାରୁ ସେକ୍ଟର-୨୦ ପମ୍ପ ହାଉସ ବସ୍ତି, କୋଏଲନଗର ଇଣ୍ଟର ବସ୍ତି ଆଦି ପରିଦର୍ଶନ କରିବା ସହ ସ୍ଥାନୀୟ ସମସ୍ୟା ସମାଧାନ ପାଇଁ ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କ ସହଯୋଗ ଲୋଡ଼ିଛନ୍ତି। ସେହିପରି ଗୁରୁବାର ସକାଳେ ମଧ୍ୟ ସେଠୀ ଓ ତାଙ୍କ ସମର୍ଥକମାନେ ସେକ୍ଟର-୭ ମୁଣ୍ଡାରୀ ବସ୍ତି, ବିନ୍ ବସ୍ତି, ଭିଏସ୍‌ଏସ୍ ପଲ୍ଲୀ, ସୁବାସପାଲି ଅଞ୍ଚଳ ପରିଦର୍ଶନ କରିଛନ୍ତି। ପ୍ରଶାସନ ପକ୍ଷରୁ ଜରିପାଲ ବ୍ୟବସ୍ଥା କରାଯାଇଥିବା ସେ ସୂଚନା ଦେଇଛନ୍ତି। ସେହିପରି ଗୁରୁବାର ସକାଳେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ସେକ୍ଟର-୨୦ ପମ୍ପ ହାଉସ ବସ୍ତି ପରିଦର୍ଶନ କରି ଲୋକଙ୍କ ସମସ୍ୟା ବୁଝିଥିଲେ। ନାଳନର୍ଦ୍ଦମା ସଫେଇ ସହ ବସ୍ତିରୁ ଜଳ ନିଷ୍କାସନ ପାଇଁ ଆର୍‌ଏସ୍‌ପି ସହରସେବା ଜିଏମ୍ ବିଜୟ ଯୋଯୋ ଏବଂ ବିଦ୍ୟୁତ୍ ସରବରାହ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଅନୁରୂପ ଭାବେ ବିଜେଡି ନଗର ସଭାପତି ଗଗନ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ରାଉରକେଲା ନିର୍ବାଚନମଣ୍ଡଳୀ ଅଧୀନ ମାଲଗୋଦାମ, ଖଟାଲ ବସ୍ତି ଓ ଅନ୍ୟ ଅଞ୍ଚଳକୁ ପରିଦର୍ଶନ କରିଛନ୍ତି। ଏହି ଟିମ୍‌ର ବୁବୁଲି ରାଉତ, ଲକ୍ଷ୍ମୀ ସିଂ, ମାନସ ପାତ୍ର ପ୍ରମୁଖ ଆରଏମସି ସହଯୋଗରେ ନାଳନର୍ଦ୍ଦମା ସଫେଇ କରି ଜଳ ନିଷ୍କାସନ କରାଇଥିଲେ। ସୂଚନାଯୋଗ୍ୟ, ଶିଳ୍ପାଞ୍ଚଳର ମୁଣ୍ଡାରୀ ବସ୍ତି, ପମ୍ପ ହାଉସ ବସ୍ତିରେ ଘର ଭାଙ୍ଗିବା ସହ ମାଲଗୋଦାମ ଖଟାଲ ବସ୍ତିରେ ଜଣେ ମହିଳାଙ୍କ ଘର ଭୁଶୁଡ଼ି ପଡିଥିବା ଜଣାପଡ଼ିଛି।

### ବିପର୍ଯ୍ୟସ୍ତ ସ୍ୱେରେଜ ବ୍ୟବସ୍ଥା

ଦୁଇଦିନ ଲଗାଣ ବର୍ଷା ଛେଣ୍ଡ ଅଞ୍ଚଳରେ ସ୍ୱେରେଜ ବ୍ୟବସ୍ଥାର ଅସଲ ମୁଖା ଖୋଲିଦେଇଛି। କଳିଙ୍ଗ ବିହାର ଏମ୍‌ଆଇ ବ୍ଲକରେ ବୁଧବାର ସନ୍ଧ୍ୟାରେ ମୂଷଳଧାରାରେ ବର୍ଷା ହେବାରୁ ସ୍ୱେରେଜ ପଏଣ୍ଟଗୁଡ଼ିକ ଓଭର ଫ୍ଲୋ ହୋଇଥିଲା। ସେହିପରି ୨୦ରୁ ଊର୍ଦ୍ଧ୍ୱ ପଏଣ୍ଟର ସମାନ ଅବସ୍ଥା ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ କଳିଙ୍ଗ ବିହାର ଅଞ୍ଚଳରେ ଘରେ ପାଣି ପଶିଯିବା ସହ ରାସ୍ତାରେ ବହୁଥିବା ଦେଖିବାକୁ ମିଳିଛି।

## ଜଗନ୍ନାଥ କଲୋନୀ ଜଳବନ୍ଦୀ

ରାଉରକେଲା,୩।୮ (ଦିନେଶ ମିଶ୍ର)

ସ୍ମାର୍ଟସିଟି ରାଉରକେଲାରେ ଲଗାଣ ବର୍ଷା ଜାରି ରହିଛି। ବୁଧବାରଠାରୁ ଆରମ୍ଭ ହୋଇଥିବା ଅବିଶ୍ରାନ୍ତ ବର୍ଷା ଯୋଗୁ ସହରର ବିଭିନ୍ନ ବସ୍ତି ଓ ତଳି ଅଞ୍ଚଳରେ ପାଣି ପଶିଛି। ଶୀତଳପଡା ବସ୍ତି, ମାଲଗୋଦାମ, ମଛଲିବସ୍ତି, ପାନପୋଷ ଜଗନ୍ନାଥ କଲୋନୀ ବସ୍ତି ପାଣି ଘେରରେ ରହିଛି। ସେହିପରି ବର୍ଷାରେ ଶୀତଳପଡା ବସ୍ତିର ଦୁଇଟି ମାଟି କାନ୍ଥ ଘର ଭୁଶୁଡି ପଡିଛି। ଫଳରେ ଶୁକ୍ରା ମିଞ୍ଜ ଓ ଗୋପାଳ ଲାକ୍ରାଙ୍କ ପରିବାର ଲୋକେ ଅଙ୍ଗନୱାଡି କେନ୍ଦ୍ରରେ ଆଶ୍ରୟ ନେଇଛନ୍ତି। ଉକ୍ତ ବସ୍ତିରେ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ପରିବାର ଲୋକେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ରାଉରକେଲା ରେଳ ଷ୍ଟେଶନ ଅଞ୍ଚଳରେ ଥିବା ମଛଲି ବସ୍ତିରେ ଲୋକଙ୍କ ଘରେ ପାଣି ପଶିଛି। ଫଳରେ ଉକ୍ତ ବସ୍ତିବାସୀ ହଇରାଣ ହେଉଛନ୍ତି। ଲଗାଣ ବର୍ଷା ସାଙ୍ଗକୁ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ନାଳପାଣି ରାସ୍ତାରେ ଭାସୁଛି।

### ଲଗାଣ ବର୍ଷାରେ ଭାଙ୍ଗିଲା ଘର

ମନ୍ଦିରା ଡ୍ୟାମ୍‌ର ୧୧ଟି ଗେଟ୍ ଖୋଲା ଯାଇଥିବାରୁ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇଛି। ଏତଦ୍ୱାରା ବ୍ରାହ୍ମଣୀ ନଦୀ କୂଳରେ ଥିବା ପାନପୋଷ ଜଗନ୍ନାଥ କଲୋନୀ ବସ୍ତି ବାସିନ୍ଦା ବେଶୀ ପ୍ରଭାବିତ ହୋଇଛନ୍ତି। ବସ୍ତି ଲୋକଙ୍କ ଘରେ ପାଣି ପଶିଯାଇଛି। ରାସ୍ତାରେ ପାଣି ଚାଲୁଥିବାରୁ କଲୋନୀ ଭିତରକୁ କୌଣସି ଗାଡି ଓ ସ୍କୁଲ ଅଟୋ ସାଙ୍ଗକୁ ଆମ୍ବୁଲାନ୍ସ ଯାତାୟାତ କରିପାରୁନାହିଁ। କଲୋନୀର ମୁଖ୍ୟ ରାସ୍ତାରେ ବର୍ଷାଜଳ ଜମି ରହିଥିବାରୁ ବସ୍ତିବାସୀ ଘରୁ ପଦାକୁ ବାହାରି ପାରୁନାହାନ୍ତି। ଲୋକମାନେ ଘରୁ ପାଣି ନିଷ୍କାସନ କରୁଥିବା ଦେଖିବାକୁ ମିଳିଛି। ଜଗନ୍ନାଥ କଲୋନୀରେ ଅଧିକାଂଶ ନାଳ ମୁକୁଳା ପଡିଥିବାରୁ ନାଳପାଣି ରାସ୍ତାରେ ଜମା ହୋଇଛି। ଫଳରେ କଲୋନୀରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏ ନେଇ କଲୋନୀର ମମତା ସିଂ କୁହନ୍ତି, ଲଗାଣ ବର୍ଷା ଯୋଗୁ ଆମ ଘରେ ପାଣି ପଶିଯାଇଛି। ଫଳରେ ବୁଧବାର ରାତି ସାରା ଆମେ ହଇରାଣ ହୋଇଛୁ। ଆର୍‌ଏମ୍‌ସି କର୍ତ୍ତୃପକ୍ଷ ଏ ନେଇ କୌଣସି ଉଚିତ କାର୍ଯ୍ୟାନୁଷ୍ଠାନ ନେଲେ ଏହି ସମସ୍ୟା ଦୂର ହୋଇପାରନ୍ତା ବୋଲି ସେ କହିଥିଲେ। ଏ ସମ୍ପର୍କରେ ଆର୍‌ଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ପଚାରିବାରୁ ସେ କହିଲେ, ଲଗାଣ ବର୍ଷା ଯୋଗୁ ବସ୍ତି ଓ ତଳି ଅଞ୍ଚଳରେ ବାସ କରୁଥିବା ଲୋକମାନେ ପ୍ରଭାବିତ ହୋଇଛନ୍ତି। ସେମାନଙ୍କୁ ଆର୍‌ଏମ୍‌ସି ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଅଧିକ ଲୋକେ ପ୍ରଭାବିତ ହେଲେ ଆମେ ସଜାଗ ରହିଛୁ ବୋଲି ଭୋଇ କହିଥିଲେ।

## ମନ୍ଦିରା ଡ୍ୟାମ୍‌ର ସବୁ ଗେଟ୍ ଖୋଲିଲା

ରାଉରକେଲା,୩।୮ (ବିବେକ ମହାନ୍ତି)

ଲଗାଣ ବର୍ଷା ଯୋଗୁ କାଂଶବାହାଲ ସ୍ଥିତ ମନ୍ଦିରା ଡ୍ୟାମ୍‌ର ଜଳସ୍ତର ଦ୍ରୁତଗତିରେ ବୃଦ୍ଧି ପାଉଛି। ଫଳରେ ଗୁରୁବାର ଡ୍ୟାମ୍‌ର ସମସ୍ତ ୧୧ଟି ଗେଟ୍‌କୁ ଖୋଲି ଦିଆଯାଇଛି। ୬ଟି ଗେଟ୍ ସମ୍ପୂର୍ଣ୍ଣ ଖୋଲାଯାଇଥିବା ବେଳେ ୫ଟି ଗେଟ୍‌କୁ ୫ ଫୁଟ ଲେଖାଏଁ ଖୋଲାଯାଇଛି। ଗତ ୧ ତାରିଖରେ ୭ଟି ଗେଟ୍ ଖୋଲି ଦିଆଯାଇଥିଲା। ବୁଧବାର ଗୋଟିଏ ଗେଟ୍ ଖୋଲା ଯାଇଥିବା ବେଳେ ଗୁରୁବାର ଅନ୍ୟ ୩ଟି ଗେଟ୍ ଖୋଲାଯାଇଛି। ଫଳରେ ବ୍ରାହ୍ମଣୀ ନଦୀର ଜଳସ୍ତର ନିରନ୍ତର ବୃଦ୍ଧି ଘଟୁଛି। ସେପଟେ କୋଏଲ ନଦୀର ଜଳସ୍ତର ମଧ୍ୟ ବୃଦ୍ଧି ପାଉଛି। ନଦୀକୂଳରେ ବସବାସ କରୁଥିବା ଲୋକମାନଙ୍କୁ ସତର୍କ ରହିବା ସହ ନଦୀ ମଧ୍ୟରେ କୌଣସି କାର୍ଯ୍ୟ କରିବାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି।

## ୫ ଫୁଟ୍ ଅଜଗର ଉଦ୍ଧାର

ରାଉରକେଲା,୩।୮ (ଦିନେଶ ମିଶ୍ର)

ବାସନ୍ତୀ କଲୋନୀ ସ୍ଥିତ ଝରଣାବସ୍ତିରୁ ଗୁରୁବାର ସ୍ନେକ୍‌ହେଲ୍‌ପ ଲାଇନ କର୍ମଚାରୀ ଏକ ୫ ଫୁଟ୍‌ର ଏକ ଅଜଗରକୁ ଉଦ୍ଧାର କରିଛନ୍ତି। ବସ୍ତିର କିଛି ଲୋକ ନିକଟସ୍ଥ ଝରଣାକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଉକ୍ତ ଅଜଗର ସାପ ଝରଣାକଡରେ ଥିବା ଏକ ନାଳରେ ଶୋଇଥିଲା। ଖବର ପାଇ ବନ ବିଭାଗ ସ୍ନେକ ହେଲ୍‌ପ ଲାଇନକୁ ଫୋନ କରି ଅବଗତ କରିଥିଲା। ପରେ ସ୍ନେକ୍ ହେଲ୍‌ପ ଲାଇନ କର୍ମଚାରୀମାନେ ସାପକୁ ଉଦ୍ଧାର କରି ନିକଟସ୍ଥ ଲୁଗୁନ ପାର୍କ ଜଙ୍ଗଲରେ ଛାଡି ଦେଇଥିଲେ।

## ବିଷ ଖାଇ ଯୁବକଙ୍କ ଆତ୍ମହତ୍ୟା

ରାଉରକେଲା,୩।୮ (ଦିନେଶ ମିଶ୍ର)

ପାରିବାରିକ କଳହକୁ ନେଇ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଲଡିହି ଅଞ୍ଚଳରେ ଜଣେ ଯୁବକ ବିଷ ଖାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ଜନସନ ହରୋ(୩୨)। ସୂଚନା ଅନୁସାରେ, ଜନ୍‌ସନ ରଙ୍ଗମିସ୍ତ୍ରୀ ଭାବେ କାମ କରନ୍ତି। ମଙ୍ଗଳବାର ସନ୍ଧ୍ୟାରେ କୌଣସି କଥାକୁ ନେଇ ପରିବାର ଲୋକଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ପରେ ଘର ଲୋକ ରାତିରେ ଶୋଇପଡିଥିବାବେଳେ ଜନସନ୍ କୀଟନାଶକ ଔଷଧ ଖାଇ ଦେଇଥିଲେ। ପରଦିନ ସକାଳେ ତାଙ୍କୁ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଯୋଗେ ବୁର୍ଲା ସ୍ଥାନାନ୍ତର କରାଯାଉଥିବା ବେଳେ ବୁଧବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା।

## ଆର୍‌ଏମ୍‌ସିରେ ଜାଗା ମିଶନ ସମୀକ୍ଷା ବୈଠକ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଆର୍‌ଏମ୍‌ସି ଅଧିକାରୀଗଣ।

ରାଉରକେଲା, ୩।୮ (ସଙ୍ଗୀତା ଜେନା)

ରାଉରକେଲା ମହାନଗର ନିଗମ କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀ କକ୍ଷରେ ଗୁରୁବାର ଜାଗା ମିଶନକୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଉପାୟୁକ୍ତ ସୁଧାଂଶୁ ଭୋଇ, ଗୌରବମୟ ପ୍ରଧାନଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ଏସଡିଏ ସଦସ୍ୟଙ୍କ ସହାୟତାରେ ଆଇଜିପିଏ ସମ୍ପୂର୍ଣ୍ଣ କରିବା ଓ ୟୁଏସ୍‌ଆର୍‌ଆରସି ଅନୁମୋଦନ ପ୍ରସ୍ତାବକୁ ସ୍ଥଗିତ ରଖିବା ପାଇଁ କମିଶନର ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜାଗା ମିଶନ ଟିମ୍‌କୁ ନିର୍ଦ୍ଦେଶ ଦେବା ସହ ଉଷା ସର୍ଭେ ସହିତ ଜଡ଼ିତ ବିଷୟଗୁଡ଼ିକୁ ଏସ୍‌ଡିଏ ସଦସ୍ୟଙ୍କ ସହ ଆଲୋଚନା କରିବାକୁ କହିଥିଲେ। ସଡ଼କ, ଡ୍ରେନ, ଖୋଲା ସ୍ଥାନ, ଏଲ୍‌ଇଡ଼ି ଲାଇଟ ଏବଂ ବସ୍ତିରେ ପାନୀୟ ଜଳ ଯୋଗାଣ ଭଳି ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କମିଶନର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ରାସ୍ତାରେ ଭାସୁଛି ପାଣି

ରାଉରକେଲା,୩।୮ (ଦିନେଶ ମିଶ୍ର): ଛେଣ୍ଡ କଲୋନୀ ସ୍ଥିତ କଳିଙ୍ଗ ବିହାର ଅଞ୍ଚଳରେ ସ୍ୱରେଜ କାମ ହୋଇଥିଲା। ଏହି କାର୍ଯ୍ୟ ସରିବାର ବର୍ଷେ ନ ପୂରୁଣୁ ସ୍ୱରେଜ ଲାଇନ୍‌ର କଲଭର୍ଟ ଫାଟି ସେଥିରୁ ପାଣି ବାହାରି ରାସ୍ତାରେ ଭାସୁଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ବିବାଦୀୟ ପୋଷ୍ଟର ମାମଲାରେ ଗିରଫ

ରାଉରକେଲା,୩।୮ (ସଙ୍ଗୀତା ଜେନା): ମାଲଗୋଦାମ ଅଞ୍ଚଳରେ ବିବାଦୀୟ ପୋଷ୍ଟର ଲଗାଯିବା ମାମଲାରେ ଉଦିତନଗର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବି. ସାହୁ। ଗୁରୁବାର ସକାଳେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୨୩୭।୨୩) ରୁଜୁ କରିଛି।

## ୭ରୁ ଅମୃତ ଯୁବ କଲୋତ୍ସବ

ରାଉରକେଲା, ୩।୮ (ସଙ୍ଗୀତା ଜେନା)

ସଙ୍ଗୀତ ନାଟକ ଏକାଡେମୀ, ନୂଆଦିଲ୍ଲୀ ଓ ରାଉରକେଲା ଇସ୍ପାତ କାରଖାନାର ମିଳିତ ସହଯୋଗରେ ସ୍ଥାନୀୟ ସିଭିକ ସେଣ୍ଟରରେ ଆସନ୍ତା ୭ରୁ ୯ ତାରିଖ ପର୍ଯ୍ୟନ୍ତ ଯୁବ କେନ୍ଦ୍ରିକ ଅମୃତ ଯୁବ କଲୋତ୍ସବ ଆୟୋଜନ ହେବାକୁ ଯାଉଛି। ଏହି ୩ ଦିନିଆ କାର୍ଯ୍ୟକ୍ରମରେ ଭାରତର କଳା, ବିବିଧତା, ଯୁବ ପ୍ରତିଭାକୁ ନେଇ ପ୍ରଦର୍ଶନ କରାଯିବ।

ଏକାଡ଼େମୀ ପକ୍ଷରୁ ସ୍ୱାଧୀନତାର ୭୫ତମ ବର୍ଷ ପାଳନ ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଆୟୋଜନ ହେବ। କାର୍ଯ୍ୟକ୍ରମରେ କର୍ନାଟକୀ ଶାସ୍ତ୍ରୀୟ ସଙ୍ଗୀତ ଏବଂ ବାଦ୍ୟଯନ୍ତ୍ର ସଙ୍ଗୀତ ପରିବେଷଣ, କଥକ, କଥକଲି ପରି ଶାସ୍ତ୍ରୀୟ ନୃତ୍ୟ, ଦନସାଇ ନୃତ୍ୟ, ଛଉ ନୃତ୍ୟ, ଆଦିବାସୀ ଅଭିନୟ କଳା, କଣ୍ଢେଇ ଓ ଥିଏଟର କଳା ପ୍ରଦର୍ଶନ ରହିଛି। ଉକ୍ତ ଉତ୍ସବରେ ଓଡ଼ିଶୀ ସଙ୍ଗୀତ, ଗଞ୍ଜାମର ରଣପା ନୃତ୍ୟ ତଥା ଅନ୍ୟ ନୃତ୍ୟ ପରିବେଷଣ କରାଯିବ। ଏଥିରେ ନାଟକ ଲେଖା, ଆର୍ଟ କ୍ରିଟିକ୍ସ, ବିଶିଷ୍ଟ କଳାକାରମାନଙ୍କ ଦ୍ୱାରା ସ୍କୁଲ ପିଲାମାନଙ୍କ ସହିତ କଳା ଧରୋହର ସମେତ ବିଭିନ୍ନ କର୍ମଶାଳା ଆୟୋଜନ ହେବ। ଉକ୍ତ କାର୍ଯ୍ୟକ୍ରମରେ କଳା ପ୍ରଶଂସକ ଓ ଯୁବପିଢ଼ି ଯୋଗ ଦେବାକୁ ଆହ୍ୱାନ ଦିଆଯାଇଛି।

## ଆଇଜିଏଚ୍‌ରେ ସଫଳ ଆଣ୍ଠୁ ପ୍ରତ୍ୟାରୋପଣ ସମ୍ପନ୍ନ

ରାଉରକେଲା, ୩।୮ (ସଙ୍ଗୀତା ଜେନା)

ସେଲ୍ ପରିଚାଳିତ ଆଇଜିଏଚ୍‌ରେ ଡାକ୍ତରମାନେ ୨୦ ବର୍ଷ ଧରି ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତ୍ୟାରୋପଣ ଓ ହିମ୍ ରିପ୍ଲେସମେଣ୍ଟ ଭଳି ଗଣ୍ଠି ପ୍ରତ୍ୟାରୋପଣ ଅସ୍ତ୍ରୋପଚାର ସଫଳତାର ସହ କରିଆସୁଛନ୍ତି। ଏହି କ୍ରମରେ ଆର୍‌ଏସ୍‌ପି କର୍ମଚାରୀଙ୍କ ୭୦ ବର୍ଷିୟା ମା' ଆଇଜିଏଚରେ ଭର୍ତ୍ତି ହୋଇଥିଲେ। ଚଲାବୁଲାରେ ଅସମର୍ଥ ଉକ୍ତ ମହିଳା ଅର୍ଥୋପେଡ଼ିକ ସର୍ଜନ ତଥା ୟୁନିଟ, ଆନାସ୍ଥେସିଓଲୋଜି ବିଭାଗର କୁଶଳୀ ମେଡିକାଲ ଓ ପାରାମେଡିକାଲ କର୍ମଚାରୀଙ୍କୁ ନେଇ ବିଶେଷଜ୍ଞ ଡାକ୍ତରୀ ଦଳ ମୁଖ୍ୟ ଚିକିତ୍ସାଧିକାରୀ ଡା. ଏଲ. କେ. ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଗଠନ କରାଯାଇଥିଲା। ଅପରେଶନ ପରେ ତାଙ୍କୁ ଉଚିତ ଚିକିତ୍ସା ସହ ଫିଜିଓଥେରାପି ପ୍ରଦାନ କରାଯାଇଛି। ଉତ୍କୃଷ୍ଟ ଚିକିତ୍ସା ସେବା ଯୋଗାଇବା ପାଇଁ ଏହି ଡାକ୍ତରଖାନା ପ୍ରତିବଦ୍ଧ ରହିଆସିଛି। ଜିଲା ସମେତ ଆଖପାଖ ରାଜ୍ୟରୁ ବହୁ ରୋଗୀ ଏଠାକୁ ଆସି ସଫଳ ଚିକିତ୍ସା ହାସଲ କରିଯାଉଛନ୍ତି। ଏଠାରେ ଜଟିଳ ଅପରେଶନ ସମେତ ବିଭିନ୍ନ ଚିକିତ୍ସା ପ୍ରଦାନ କରାଯାଉଛି। ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀ ସହିତ ବିଶେଷଜ୍ଞ ଡାକ୍ତରମାନେ ରୋଗୀ ସେବା ପ୍ରଦାନ କରୁଛନ୍ତି ବୋଲି ସୂଚନା ଦିଆଯାଇଛି।



ଡାକ୍ତରୀ ଦଳ ସହ ରୋଗୀ।

## ଅନ୍ତର୍ଜାତୀୟ ଭାସ୍କର୍ଯ୍ୟ କଳାରେ ସୁନାମ

ରାଉରକେଲା ,୩।୮ (ସଙ୍ଗୀତା ଜେନା)

ଭାରତୀୟମାନେ ବିଭିନ୍ନ କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଆଣିଛନ୍ତି। କଳା, ସଂସ୍କୃତି ଓ ଅନ୍ୟ କ୍ଷେତ୍ରରେ ଭାରତୀୟମାନେ ଆଗରେ ରହିଛନ୍ତି। ବିଶେଷ କରି ଏଥିରେ ଓଡ଼ିଆମାନଙ୍କ ସଂଖ୍ୟା କମ୍ ନୁହେଁ। ଏଭଳି ଜଣେ ଓଡ଼ିଆ ତଥା ରାଉରକେଲାର ପୁଅ ସୁନୀଲ ବିନ୍ଧାଣୀ କଳା, ସଂସ୍କୃତି ଓ ଭାସ୍କର୍ଯ୍ୟକୁ କ୍ୟାରିୟର କରି ଦେଶ ପାଇଁ ସୁନାମ ଅର୍ଜନ କରିଛନ୍ତି। ସେ ତାଙ୍କ କଳାପ୍ରତିଭା ପାଇଁ ୟୁଏଇରେ ହାସଲ କରିଛନ୍ତି ଗୋଲଡେନ ଭିଜା ଆୱାର୍ଡ।

ୟୁଏଇରେ ଫିଲ୍ମ, ସଙ୍ଗୀତ, କ୍ରୀଡ଼ା ଓ ବିଭିନ୍ନ କ୍ଷେତ୍ରରେ ସୁଯୋଗ୍ୟ ପ୍ରତିଭାବାନ କଳାକାରମାନଙ୍କୁ ଏହି ଗୋଲଡେନ ଭିଜା ପ୍ରଦାନ କରାଯାଇଥାଏ। ଏହି ଶ୍ରେଣୀରେ ଭାରତୀୟ ଫିଲ୍ମ ଜଗତର ତାରକାମାନେ ମଧ୍ୟ ରହିଛନ୍ତି। ଏହାବ୍ୟତୀତ ୟୁଏଇର ରସେଲ ଆର୍ଟ ଫେଷ୍ଟିଭାଲରେ ବିଶ୍ୱର ୨ଶହ ପ୍ରତିଯୋଗୀଙ୍କ ମଧ୍ୟରୁ ୫୦ଜଣ ମଧ୍ୟରେ ସେ ମନୋନିତ ହୋଇଛନ୍ତି। ଇତିମଧ୍ୟରେ ସେ ସାଢ଼େ ୪ ବର୍ଷ ପରେ ଜନ୍ମମାଟି ରାଉରକେଲାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଧରିତ୍ରୀକୁ ଭେଟିବା ଅବସରରେ

### ସୁନୀଲଙ୍କୁ ଗୋଲ୍‌ଡେନ ଭିଜା ଆୱାର୍ଡ

ସେ କହିଛନ୍ତି, ବର୍ତ୍ତମାନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଉପରେ ମଡେଲ ପ୍ରସ୍ତୁତ କରୁଛି। ୨୦୧୪ରେ ଜାପାନର ଓୟେଟା ଏସିଆନ ଓ ୨୦୧୭ରେ ଅଷ୍ଟ୍ରେଲିଆ ଡେକାନ୍ ବିଶ୍ୱବିଦ୍ୟାଳୟରୁ ଭାସ୍କର୍ଯ୍ୟକଳା ସମ୍ପର୍କିତ ଏଆଇ ମଡେଲ ନିର୍ମାଣ ଆରମ୍ଭ କରିଥିଲି। ସେଥିଲାଗି ଆୱାର୍ଡ ମଧ୍ୟ ଜଣିଛି। କଳାକ୍ଷେତ୍ରରେ ପ୍ରକୃତି, ପାରମ୍ପରିକ କଳା ଓ ଟେକ୍‌ନୋଲୋଜିର ସମ୍ମିଶ୍ରଣକୁ ପ୍ରାଧାନ୍ୟ ଦେଇ ଆସିଛି। ବିଶେଷ କରି ମୋର ଭାରତୀୟ ପାରମ୍ପରିକ କଳା, ମୂର୍ତ୍ତି କଳାରୁ କ୍ୟାରିୟର ଆରମ୍ଭ ହୋଇଥିଲା। ଏହାକୁ ଅଧିକ ବିକଶିତ କରି ଏଆଇ ପର୍ଯ୍ୟନ୍ତ ପହଞ୍ଚିଛି ବୋଲି ସୁନିଲ କହିଛନ୍ତି।

୧୯୯୭ରେ ରାଉରକେଲାରେ ପାଠପଢା ଶେଷ ହେବା ପରେ ୧୯୯୮ରେ ସୁନିଲ ଭୁବନେଶ୍ୱର ପି.କେ. ଆର୍ଟସ ଆଣ୍ଡ କ୍ରାଫ୍ଟରେ ୫ ବର୍ଷିଆ ଡିଗ୍ରୀ ପାଠ୍ୟକ୍ରମ କରିଥିଲେ। ୨୦୦୩ରେ ନୂଆଦିଲ୍ଲୀରେ ଫ୍ରିଲାନ୍ସିଂ ଆର୍ଟ କରିବା ସହ କଳା ପ୍ରଦର୍ଶନୀ କ୍ଷେତ୍ରରେ ସକ୍ରିୟ ହୋଇଥିଲେ।



ଗୋଲଡେନ ଭିଜା ପାଇଥିବା ସୁନୀଲ।

୨୦୦୭ରେ ଭୋପାଳ ସ୍ଥିତ ଇନ୍ଦିରାଗାନ୍ଧୀ ମାନବ ସଂଗ୍ରହାଳୟରେ ଭାସ୍କର୍ଯ୍ୟ କଳା ଓ ଚିତ୍ରକଳା ପ୍ରଦର୍ଶନୀ ହୋଇଥିଲା। ୨୦୦୮ରେ ବମ୍ବେରେ 'କଳ୍ପବୃକ୍ଷ' ନାମକ ପ୍ରଦର୍ଶନୀ ଆୟୋଜନ ପରେ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ସୁନିଲ ପ୍ରସିଦ୍ଧ କଳାକାର ମଣିମାଳା ଭଟ୍ଟଙ୍କ ସହାୟକ ଭାବେ କାର୍ଯ୍ୟକରିବା ସହ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଫାଇନ୍ ଆର୍ଟସରେ ସ୍ନାତକ କରିଥିଲେ। ଏହି ସମୟରେ ଦିଲ୍ଲୀର ତତ୍କାଳୀନ ରାଜ୍ୟପାଳ ତେଜିନ୍ଦର ଖାନ୍ନାଙ୍କ ହାତରୁ ଧନରାଜ ଭଗତ ଆୱାର୍ଡ ପାଇବା ପରେ ସେ ଉତ୍ସାହିତ ହୋଇପଡିଥିଲେ। ୨୦୧୧ ଶେଷ ବେଳକୁ ମୂଳ ଭାରତୀୟ ଡାରେଲ ଏକିନ୍ସଙ୍କ ପ୍ରେରଣାରେ ଦୁବାଇ(ୟୁଏଇ)ରେ ଏକ ପ୍ରକଳ୍ପରେ କାମ କରିବାକୁ ସୁନିଲଙ୍କୁ ସୁଯୋଗ ମିଳିଲା। ଇତିମଧ୍ୟରେ ଲଣ୍ଡନ (ୟୁକେ) ଅଷ୍ଟ୍ରେଲିଆ, ଜାପାନରେ ତାଙ୍କ ଦ୍ୱାରା ପ୍ରସ୍ତୁତ କଳାକୃତି ପ୍ରଦର୍ଶିତ ହୋଇସାରିଛି। ଆଗାମୀ ଦିନରେ ବିଶ୍ୱର କୋଣ ଅନୁକୋଣରେ କଳା ପ୍ରଦର୍ଶନୀ କରିବା ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି।

ରାଉରକେଲା ତଥା ରାଜ୍ୟର ଜଣେ ଆଗଧାଡିର ମୂର୍ତ୍ତିକାର ଶ୍ରୀଚରଣ ବିନ୍ଧାଣୀଙ୍କ ପୁଅ ସୁନୀଲ। ବର୍ତ୍ତମାନ ସୁନୀଲ ତାଙ୍କ ପତ୍ନୀ ଓ ଝିଅଙ୍କ ସହ ଦୁବାଇରେ ରହୁଛନ୍ତି। ସେକ୍ଟର-୨ ଅଞ୍ଚଳରେ ରହୁଥିବା କଳାକାର ପରିବାରର ସୁନୀଲ ଛାତ୍ର ଜୀବନରୁ କଳାକୁ ଆଦରି ନେଇଥିଲେ। ପୂର୍ବରୁ ରୋବୋଟିକ ବେବି ଓ ଅନ୍ୟ କଳାକୃତି କରି ଉଚ୍ଚପ୍ରଶଂସିତ ହୋଇଛନ୍ତି। ପ୍ରତ୍ୟେକ ବର୍ଷ ଦୁର୍ଗାପୂଜା ସମୟରେ ତାଙ୍କ ପ୍ରଦତ୍ତ ଡିଜାଇନ୍ ଦୁର୍ଗା ପ୍ରତିମା ରାଉରକେଲାର ବିଭିନ୍ନ ପେଣ୍ଡାଲରେ ଶୋଭାପାଉଛି। ନୂଆ ଥିମ୍‌ର ପୂଜା ଆୟୋଜନ ପାଇଁ ଜନ୍ମମାଟି ରାଉରକେଲାକୁ ଆସିଛନ୍ତି ବୋଲି ସୁନିଲ କହିଛନ୍ତି।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ପ୍ଲାଣ୍ଟେଶନ୍ ୱାଚର ଆହତ

ବଲାଙ୍ଗୀର, ୩।୮ (ବୀରେନ୍ଦ୍ର କୁମାର ଝାଙ୍କର)

ହାତୀ ଘଉଡାଇବାକୁ ଯାଇଥିଲେ ବନବିଭାଗ ସ୍ୱତନ୍ତ୍ର ଟିମ। ଏହି ସମୟରେ ହାତୀ ଆକ୍ରମଣ କରିବାରୁ ଜଣେ ପ୍ଲାଣ୍ଟେସନ୍ ୱାଚର ଆହତ ହୋଇଛନ୍ତି। ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତ ପ୍ଲାଣ୍ଟେସନ୍ ୱାଚର ହେଲେ ରାମସାଏ ଭୋଇ। କଣ୍ଟାବାଞ୍ଜି ରେଞ୍ଜ ଅନ୍ତର୍ଗତ ତୁରେକେଲା ପଟେଲମୁଣ୍ଡା ଅଞ୍ଚଳରେ ଏକ ହାତୀ ଆସିଥିବା ସମ୍ପର୍କରେ ବୁଧବାର ଖବର ମିଳିବା ପରେ କଣ୍ଟାବାଞ୍ଜି ରେଞ୍ଜ ଟିମ୍ ଘଉଡାଇବା ଅଭିଯାନ ଆରମ୍ଭ କରିଥିଲା। ଗୁରୁବାର ସକାଳେ ଉକ୍ତ ହାତୀ କୁଟୁଲୁମୁଣ୍ଡା ନିକଟ ପ୍ଲାଣ୍ଟେସନ୍ ଅଞ୍ଚଳରେ ଥିବା ଖବର ମିଳିବା ପରେ ବନବିଭାଗ ଟିମ୍ ସେହି ପଟେ ଯାଇଥିଲେ। ହାତୀକୁ ଠାବ କରିବାକୁ ଯାଉଥିବାବେଳେ ହଠାତ୍ ବୁଦା ଭିତରୁ ବାହାରି ଆସି ବନବିଭାଗ ଟିମ୍ ଉପରେ ଆକ୍ରମଣ କରିଥିଲା। ବନବିଭାଗ ଟିମ୍ ଇତଃସ୍ତତ ଦୌଡିବା ଆରମ୍ଭ କରିଥିଲେ। ହେଲେ ଟିମ୍‌ରେ ଥିବା ପ୍ଲାଣ୍ଟେସନ୍ ୱାଚର ରାମସାଏ ସେଠାରୁ ଦୌଡିବା ବେଳେ ତଳେ ପଡିଯାଇଥିଲେ। ହାତୀ ତାଙ୍କୁ ଆକ୍ରମଣ କରି ସେଠାରୁ ପଳାଇଥିଲା। ରାମସାଏଙ୍କୁ ଉଦ୍ଧାର କରି ପ୍ରଥମେ କଣ୍ଟାବାଞ୍ଜି ଓ ପରେ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି।

### ବିଲେଇସର୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ବଲାଙ୍ଗୀର, ୩।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଅନ୍ତର୍ଗତ ବିଲେଇସର୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପୁରୁଷୋତ୍ତମ ଭଞ୍ଜ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହା ସହିତ ପାଠ୍ୟ ଖସଡା, ପରୀକ୍ଷା ପ୍ରଣାଳୀ ଓ ପ୍ରଶ୍ନପତ୍ରର ମାର୍କ ବ୍ୟବସ୍ଥା ସମ୍ପର୍କରେ କହିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ବୈବସ୍ୱତ ବିଶ୍ୱାଳ ଶୃଙ୍ଖଳା ଆଚରଣ ସମ୍ବନ୍ଧରେ କହିଥିଲେ। ଇତିହାସ ବିଭାଗ ଅଧ୍ୟାପକ ରୁଦ୍ରଧର ତ୍ରିପାଠୀ ଅନୁଷ୍ଠାନକୁ ନିର୍ଯାତନାମୁକ୍ତ ରଖିବା ଏବଂ ଶିକ୍ଷା ଅଧ୍ୟାପକ ନୀଳାଚଳ ତ୍ରିପାଠୀ ଶିକ୍ଷାର ଆବଶ୍ୟକତା ଓ ଭବିଷ୍ୟତ ବିଷୟରେ କହିଥିଲେ। ସହକାରୀ ଲାଇବ୍ରେରିଆନ ଭୁବନେଶ୍ୱର ମହାକୁର ଇ-ଲାଇବ୍ରେରୀ ବିଷୟରେ ଏବଂ ଖେଳ ଶିକ୍ଷକ ମିତ୍ରଭାନୁ ବିଶ୍ୱାଳ ଅନୁଷ୍ଠାନର ସମୟ ନିର୍ଘଣ୍ଟ ବିଷୟରେ ଅବଗତ କରାଇଥିଲେ । ପ୍ରଥମ ବର୍ଷ ଛାତ୍ରୀ ପ୍ରତିଜ୍ଞା ତ୍ରିପାଠୀ ଭଲ ପାଠ ପଢି ନିଜ ଭବିଷ୍ୟତକୁ ସଠିକ୍ ଭାବରେ ଗଢିବୁ ବୋଲି କହିଥିବା ବେଳେ ଛାତ୍ରୀ ତୃପ୍ତିମୟୀ ଶତପଥୀ ଜଣେ ଉତ୍ତମ ଛାତ୍ର ଭାବେ ସମାଜର ବିକାଶରେ ସାମିଲ ହେବୁ ବୋଲି କହିଥିଲେ। କାର୍ଯ୍ୟକ୍ରମ ସଂଯୋଜନା ଅଧ୍ୟାପିକା ନିରୂପମା ସାହୁ କରିଥିଲେ। ଅଧ୍ୟାପକ ଚୈତନ୍ୟ ଦଣ୍ଡସେନା ଧନ୍ୟବାଦ ଦେଇଥିଲେ।

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ବିଧୁଭୂଷଣ ଗୁରୁ ଚେୟାର ପ୍ରତିଷ୍ଠା ଦାବି

ବଲାଙ୍ଗୀର,୩।୮ (ବୀରେନ୍ଦ୍ର କୁମାର ଝାଙ୍କର)

ଜଣାଶୁଣା କବି, ସାରସ୍ୱତ ସାଧକ ସ୍ୱର୍ଗତ ବିଧୁଭୂଷଣ ଗୁରୁଙ୍କ ସମ୍ମାନାର୍ଥେ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ବିଧୁଭୂଷଣ ଗୁରୁ ଚେୟାର ପ୍ରତଷ୍ଠା କରାଯିବାକୁ ଦାବି କରାଯାଇଛି। ବଲାଙ୍ଗୀର ଜିଲା ତୁଷରାଠାରେ ୩ ଅକ୍ଟୋବର ୧୯୨୦ ମସିହାରେ ଜନ୍ମଗ୍ରହଣ କରିଥିବା ବିଧୁଭୂଷଣଙ୍କ ୫ ଜୁଲାଇ ୧୯୭୩ରେ ଦେହାନ୍ତ ହୋଇଥିଲା । ବିଧୁଭୂଷଣ ଏକାଧାରରେ ଜଣେ କବି, ଗାଳ୍ପିକ, ପ୍ରାବନ୍ଧିକ, ନାଟ୍ୟକାର, କଳାକାର, ଶିକ୍ଷକ, ସାମ୍ବାଦିକ, କଣ୍ଠଶିଳ୍ପୀ, ନାଟ୍ୟ ନିର୍ଦ୍ଦେଶକ ସାହିତ୍ୟ ପତ୍ରିକାର ସମ୍ପାଦକ ଓ ରାଜନେତା ଥିଲେ । ସ୍ୱର୍ଗତ ଗୁରୁ ପୃଥ୍ୱୀରାଜ ହାଇସ୍କୁଲ ବଲାଙ୍ଗୀର ପରେ ପାଟଣାଗଡ ରମାଇଁ ହାଇସ୍କୁଲରେ ଶିକ୍ଷକତା କରିଥିଲେ । ତୁଷରା ହାଇସ୍କୁଲ ପ୍ରତିଷ୍ଠା, ତୁଷରା ସମଲେଇ ଯାତ୍ରାରେ ସଂସ୍କାର, ତୁଷରାଠାରେ ବିଷ୍ଣୁପ୍ରିୟା ଡ୍ରାମାଟିକ୍ ଆସୋସିଏଶନ ପ୍ରତିଷ୍ଠା ପୂର୍ବକ ସେ ଶିକ୍ଷା, ସଂସ୍କୃତି ଓ କଳାର ଭୂୟସୀ ବିକାଶ କରିଥିଲେ। ପୃଥ୍ୱୀରାଜ ହାଇସ୍କୁଲ ମୁଖପତ୍ର ପାରିଜାତ ଓ କୋଶଳ କଳାମଣ୍ଡଳ ମୁଖପତ୍ର ଚତୁରଙ୍ଗ ପତ୍ରିକାର ସେ ସମ୍ପାଦନା ମଣ୍ଡଳୀ ସଦସ୍ୟ ଥିଲେ। ଆଦିବାସୀ କଳା, ସଙ୍ଗୀତ ଓ ସଂସ୍କୃତିର ବିକାଶ ପାଇଁ ୧୯୬୫ରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ସଦସ୍ୟଭାବେ ମନୋନୀତ ହୋଇଥିଲେ। ବିଧୁବାବୁ ଜଣେ ସଙ୍ଗୀତକାର ଓ କଣ୍ଠଶିଳ୍ପୀ ଥିଲେ। କଟକ ରେଡ଼ିଓ ଷ୍ଟେଶନରେ ପ୍ରଥମ ସମ୍ବଲପୁରୀ ଗୀତ ଓ ସମ୍ବଲପୁର ରେଡ଼ିଓ ଷ୍ଟେସନରେ ପ୍ରଥମ ଗୀତ ଗାଇଥିବାର ରେକର୍ଡ଼ ତାଙ୍କ ନାମରେ ରହିଛି। ସ୍ୱର୍ଗତ ବିଧୁଭୂଷଣ ଗୁରୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ତୁଷରାଠାରେ ବିଧୁଭୂଷଣ ଗୁରୁ ସାହିତ୍ୟ ସଂସଦ ତଥା ବଲାଙ୍ଗୀରରେ ବିଧୁଭୂଷଣ ଗୁରୁ ସ୍ମୃତି ପରିଷଦ ଗଠିତ ହୋଇ ତାଙ୍କର ସ୍ମୃତିରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ତାଙ୍କର ସମଗ୍ର ରଚନାବାଳୀକୁ ନେଇ ବିଧୁଭୂଷଣ ସଂଚୟନ ପ୍ରକାଶିତ ହୋଇଛି। ତୁଷରା ଠାରେ ବିଧୁବାବୁଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ସହିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ବିଧୁଭୂଷଣ ଗୁରୁ ଚେୟାର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ଠାରେ ବିଧୁଭୂଷଣ ଗୁରୁ ସ୍ମୃତି ପରିଷଦ ପକ୍ଷରୁ ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା, ସମ୍ପାଦକ ଜୟକୁମାର ଆଚାର୍ଯ୍ୟ, ଉପଦେଷ୍ଟା ତୁଳସୀ ଜୈନ, ତୁଷରା ହାଇସ୍କୁଲ ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ପ୍ରଧାନ, ତୁଷରା କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ରମେଶଚନ୍ଦ୍ର ସିଂଦେଓ, ସ୍ତମ୍ଭକାର ଉମାଶଙ୍କର ସିଂ, ସିନ୍ଧେକେଲା କଲେଜ ଅଧ୍ୟାପକ ଡ. ଜୟପ୍ରକାଶ ମିଶ୍ର, ଜାମଗାଁ କଲେଜ ଓଡ଼ିଆ ଅଧ୍ୟାପକ ଦାଶରଥି ପଟେଲ, ଗୌରଗୋଠ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରେମରାଜ ପ୍ରଧାନ, ତୁଷରା ବିଧୁଭୂଷଣ ସାହିତ୍ୟ ସଂସଦ ଅଧ୍ୟକ୍ଷ ଯୁଗଳ କିଶୋର ପ୍ରଧାନ, ଉପାଧ୍ୟକ୍ଷ ପ୍ରସନ୍ନ କୁମାର କର୍ଣ୍ଣ, ସମ୍ପାଦକ ସଚ୍ଚିଦାନନ୍ଦ ପଟ୍ଟନାୟକ ପ୍ରମୁଖ ଦାବି ଜଣାଇଛନ୍ତି।

# ଜିଲାପାଳଙ୍କ କୋକସରା ବ୍ଲକ ଗସ୍ତ



ଜିଲାପାଳ ବିଭିନ୍ନ ପ୍ରକଳ୍ପ ବୁଲି ଦେଖଛନ୍ତି।

କୋକସରା,୩।୮ (ଦୁଷ୍ମନ୍ତ କୁମାର ପାଟଯୋଶୀ)

**୫-ଟି ଅଧୀନ ବିଭିନ୍ନ କାର୍ଯ୍ୟ ପରିଦର୍ଶନ, ସମୀକ୍ଷା**

କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଗୁରୁବାର କୋକସରା ବ୍ଲକ ଗସ୍ତ କରିଛନ୍ତି। ସେ ଏହି ଅବସରରେ ୫-ଟି ଅଧୀନରେ ରୂପାନ୍ତରିତ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ ସହ ସମୀକ୍ଷା କରିଛନ୍ତି। ଜିଲାପାଳ ରେଡ୍ଡୀ ପ୍ରଥମେ କୋକସରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ତତ୍ତ୍ୱଦର୍ଶୀ ଦାସଙ୍କ ସହ ଡାକ୍ତରଖାନାରେ ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ରୋଗୀଙ୍କ ସହ ଭେଟି ଡାକ୍ତରଖାନାରେ ମିଳୁଥିବା ଚିକିତ୍ସା ସୁବିଧା ଓ ନିରାମୟ ଔଷଧ ଯୋଜନା ବିଷୟରେ ପଚାରି ବୁଝିଥିଲେ। ପରେ କୋକସରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ ମହାବିଦ୍ୟାଳୟ ପରିଦର୍ଶନ କରି ଉଭୟ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷଙ୍କ ସହ ରାଜ୍ୟ ସରକାରଙ୍କ ପକ୍ଷରୁ ୫-ଟି ଯୋଜନାରେ ମିଳିଥିବା ଅନୁଦାନ ବିଷୟରେ ଆଲୋଚନା କରିଥିଲେ। ପରେ ବଙ୍ଗୋମୁଣ୍ଡା ଓଡିଶା ଆଦର୍ଶ ବିଦ୍ୟାଳୟ, ଡେଙ୍ଗାଗୁଡା ଉଚ୍ଚ ବିଦ୍ୟାଳୟ, ଦୁଡୁକାଠେଙ୍ଗା ଉଚ୍ଚ ବିଦ୍ୟାଳୟ ଯାଇ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ, ପ୍ରଧାନ ଶିକ୍ଷକଙ୍କ ସହ ରୂପାନ୍ତରିତ ହେବାକୁ ଥିବା ବିଦ୍ୟାଳୟର ଆନୁସଙ୍ଗିକ ଭିତ୍ତିଭୂମି ବିଷୟରେ ପଚାରି ବୁଝିଥିଲେ। ଦୁଡୁକାଠେଙ୍ଗା ଉଚ୍ଚ ବିଦ୍ୟାଳୟରେ ରହିଥିବା ସ୍କୁଲ ନିର୍ମାଣ ପାଇଁ ସମସ୍ୟା ଉପରେ ସ୍କୁଲ ପରିଚଳନା କମିଟି, ଜମି ଦାନ କରିଥିବା ମାଲିକ, ପ୍ରଧାନ ଶିକ୍ଷକ ତ୍ରିଦଶ ନାଏକଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ବିଡିଓ ଉତ୍ତମ ବାଗ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ତହସିଲଦାର ଦେବବ୍ରତ କରାଟି, ବ୍ଲକ ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଅଜୟ ସେନାପତି, କୀର୍ତ୍ତି ବେହେରା, ବିଭିନ୍ନ ସ୍କୁଲ ପ୍ରଧାନ ଶିକ୍ଷକମାନେ ଉପସ୍ଥିତ ରହିଥିଲେ।

### କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଲାଞ୍ଜିଗଡ଼,୩।୮ (ରମେଶ ଚନ୍ଦ୍ର ନାୟକ)

ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ ଗତ ୧ ତାରିଖରେ କରାଯାଇ ୧୪ଜଣଙ୍କୁ ନବନିଯୁକ୍ତି କରି ପରିଷଦ ଅଧ୍ୟକ୍ଷ ଭାବେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଲାଞ୍ଜିଗଡ ପୂର୍ବତନ ବିଧାୟକ ଶିବାଜୀ ମାଝିଙ୍କୁ ଜିଲା ସତନ୍ତ୍ର ଉନ୍ନୟନ ଅଧ୍ୟକ୍ଷ ଭାବେ ନାମ ଘୋଷଣା କରିଛନ୍ତି। ଏହି ପରିପେକ୍ଷୀରେ ବୁଧବାର କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝିଙ୍କୁ ଲାଞ୍ଜିଗଡ଼ ବିଜେଡି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ଘଡେଇଙ୍କ ନେତୃତ୍ୱରେ ବିଶ୍ୱନାଥପୁର ଦଳୀୟ କାର୍ଯ୍ୟାଳୟଠାରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲା ବିଜେଡି ସମ୍ପାଦକ ଜଗଦୀଶ ବେନିଆ, ପୂର୍ବତନ ଅଧ୍ୟକ୍ଷ ମନୋହର ହରପାଲ, ପୂର୍ବତନ ଉପାଧ୍ୟକ୍ଷ ଶ୍ରୀଧର ପେସନିଆ, ଯୁବ ବିଜେଡି ନେତା ହୀମାଦ୍ରୀ ପେସନିଆ, ବିଜେଡି ମିଡିଆ ସେଲ ସଭାପତି ସନ୍ତୋଷ କୁମାର ତୁଳ, କର୍ଣ୍ଣ ସାହୁ, ବନମାଳୀ ଦଳେଇ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଛତିକୁଡ଼ା ସେକ୍ସନଠାରେ ସ୍ୱାଭାବିକ ହେଲା ବିଦ୍ୟୁତ୍ ସେବା

ନର୍ଲା,୩।୮ (ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଛତିକୁଡ଼ା ସେକ୍ସନଠାରେ ୩ଦିନ ପରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଛି। ଲଘୁଚାପଜନିତ ପ୍ରବଳ ବର୍ଷା ଓ ପବନ ଯୋଗୁ ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ସେବା ବ୍ୟାଘାତ ଘଟିଥିଲା। ଛତିକୁଡ଼ା ସେକ୍ସନ ୬ଟି ପଞ୍ଚାୟତର ପାଖାପାଖି ୫୦ରୁ ଅଧିକ ଗ୍ରାମର ଜନସାଧାରଣ ଗତ ୩ ଦିନ ଧରି ବିଦ୍ୟୁତ୍ ସେବା ନ ପାଇ ଅନ୍ଧାରରେ ରହିଥିଲେ। ପ୍ରବଳ ବର୍ଷା ଓ ପବନ ବହୁଥିବାରୁ ମରାମତି କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରି ନ ଥିଲା। ବୁଧବାର ପବନ ଓ ବର୍ଷା କମିବାରୁ ବିଭାଗୀୟ ସହ ଉପଖଣ୍ଡ ଅଧିକାରୀ କମଲେଶ ପଧାନ ଓ କନିଷ୍ଠ ଯନ୍ତ୍ରୀ ଦିବ୍ୟପ୍ରକାଶ ପଣ୍ଡାଙ୍କ ତ୍ୱାବଧାନରେ ବିଭାଗୀୟ ଲାଇନମ୍ୟାନ ସୁପର ଭାଇଜର କର୍ମଚାରୀମାନେ ଅକ୍ଲାନ୍ତ ପରିଶ୍ରମ କରି ବିଦ୍ୟୁତ୍ ସେବା ଦେବା ପାଇଁ ଉଦ୍ୟମ କରିଥିଲେ। ବିଭାଗ କର୍ମଚାରୀମାନଙ୍କ ଦିନରାତି ପରିଶ୍ରମ ଓ ଉଦ୍ୟମରେ ଗୁରୁବାର ସନ୍ଧ୍ୟା ୫ଟାରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଥିବାରୁ ଅଞ୍ଚଳବାସୀ ଆଶ୍ୱସ୍ତ ଅନୁଭବ କରିଛନ୍ତି।

# ନାବାଳିକାକୁ ଅପହରଣ ପରେ ବଳାତ୍କାର ଉଦ୍ୟମ

ସିନାପାଲି,୩।୮ (ମନଫୁଲ ମେହେର)

**ଅଭିଯୁକ୍ତଙ୍କ ଥାନାରେ ଅଟକ**

ନୂଆପଡା ଜିଲା ସିନାପାଲି ବ୍ଲକ ଏକ ସେବାଶ୍ରମର ଛାତ୍ରୀ ନିବାସରେ ରହୁଥିବା ୮ବର୍ଷର ଜଣେ ନାବାଳିକାକୁ ଅପହରଣ ପରେ ବଳାତ୍କାର ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ନେଇ ସେବାଶ୍ରମ ପରିସରରେ ସ୍ଥାନୀୟ ଗ୍ରାମବାସୀ, ଅଭିଭାବକ, ପରିଚାଳନା କମିଟି ସଦସ୍ୟାମାନେ ହୋହାଲ୍ଲା କରି ଏହାର ତଦନ୍ତ କରି ଉଚିତ ନ୍ୟାୟ ଦେବାକୁ ଦାବି କରିଛନ୍ତି। ବର୍ତ୍ତମାନ ଛାତ୍ରୀ ନିବାସ ପରିସର ଉତ୍ତେଜନା ରହିଥିବା ବେଳେ ଖବର ପାଇ ଜିଲା ଅତିରିକ୍ତ ମଙ୍ଗଳ ଅଧିକାରୀ କୌଶଲ୍ୟା ମାଝି, ସିନାପାଲି ମଙ୍ଗଳ ଅଧିକାରୀ ସୁନୀଲ ସାମଲ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛନ୍ତି।

ଅଭିଯୋଗରୁ ପ୍ରକଶ ଯେ, ବୁଧବାର ଅପରାହ୍ନ ପ୍ରାୟ ୩ଟାରେ ଛାତ୍ରୀ ଜଣକ ଖାଇ ସାରି ଛାତ୍ରୀ ନିବାସ ନିକଟରେ ଥିବା ନଳକୂପକୁ ଅନ୍ୟ ଛାତ୍ରୀମାନଙ୍କ ସହିତ ପାଣି ପାଇଁ ଆସିଥିଲେ। ଏହି ସମୟରେ ପୂର୍ବରୁ ଯୋଜନା କରିଥିବା କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଲେଟେର ଗ୍ରାମର ଚଉବନ ହରପାଲ ଅପହରଣ କରି ନିକଟସ୍ଥ ଜଙ୍ଗଲକୁ ନେଇ ବଳାତ୍କାର ଉଦ୍ୟମ କରୁଥିଲେ। ଏହି ସମୟରେ ସ୍ଥାନୀୟ ଯୁବକ ଜଙ୍ଗଲକୁ ଛତୁ ସଂଗ୍ରହ କରିବା ପାଇଁ ଯାଇଥିବା ବେଳେ ଏହି ଅଭାବନୀୟ ଦୃଶ୍ୟ ଦେଖି ନିକଟରେ ଥିବା କିଛି ଲୋକଙ୍କୁ ଜଣାଇଥିଲେ। ଘଟଣାସ୍ଥଳକୁ ଯାଇ ଦେଖିଲା ବେଳକୁ ଅଭିଯୁକ୍ତ ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ କରୁଥିଲେ। ଅଭିଯୁକ୍ତଙ୍କୁ କାବୁ କରିବା ସହ ଛାତ୍ରୀଙ୍କୁ ଉଦ୍ଧାର କରି ଛାତ୍ରୀ ନିବାସରେ ଛାଡି ଦେଇଥିଲେ। ସ୍ଥାନୀୟ ଗ୍ରାମବାସୀ ଯୁବକଙ୍କୁ ଅଟକ ରଖି ସିନାପାଲି ପୋଲିସକୁ ଖବର ଦେଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ନେଇ ଅଟକ ରଖି ପଚରାଉଚରା ଜାରି ରଖିଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ବିରାସେନ ନାଗଙ୍କୁ ପଚାରିବାରୁ ମୁଁ ବୁଧବାର ବର୍ଷା ଯୋଗୁ ବିଦ୍ୟାଳୟ ଛୁଟି ଘୋଷଣା ପରେ ସିନାପାଲି ସହରକୁ ଯାଇଥିଲି। ସେଠାରେ ମୋ ଶାଶୁଙ୍କ ଦେହ ଅସୁସ୍ଥ ଥିବା ଜାଣି ମୋ ସ୍ତ୍ରୀ ସହ ଭବାନୀପାଟଣା ଯାଇଥିଲି। କିନ୍ତୁ ଏଭଳି ଘଟଣା ହୋଇଥିବା ଫୋନରେ ଜାଣିଲି ବୋଲି କହିବା ସହ ବିଦ୍ୟାଳୟର ସହକାରୀ ଶିକ୍ଷକ ଆଶୁତୋଷ ମେହେର ସେ ଦିନର ଦାୟିତ୍ୱରେ ଥିଲେ। ଏଭଳି ଅଘଟଣ ପାଇଁ କାରଣଦର୍ଶାଅ ନୋଟିସ ମାଗିଛି। ତଦନ୍ତ ପରେ ଆଗାମୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ଶ୍ରୀଜଗନ୍ନାଥ ମନ୍ଦିରରେ ଛପନ ଭୋଗ

ଖଡ଼ିଆଳ,୨।୮ (ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ୱାର୍ଡ଼ ନଂ ୮ଠାରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରାବଣ ମାସର ପୁଣ୍ୟ ପାବନ ପୁରୁଷୋତ୍ତମ ମାସ ହରିଶୟନ ଅବସରରେ ଶ୍ରୀ ଜଗନ୍ନାଥଙ୍କୁ ଛପନ ଭୋଗ ଲାଗି ହୋଇଥିଲା। ଏହି ଅବସରରେ ବଲାଙ୍ଗୀର ଜିଲାର ଯୋଗୀଶରଡ଼ା ଗ୍ରାମରୁ ପଣ୍ଡିତ ଚିତବିନୋଦ ମିଶ୍ରଙ୍କୁ ମୁଖ୍ୟ ପୂଜକ ଆକାରରେ ନିମନ୍ତ୍ରଣ କରି ଛପନ ଭୋଗର ପୂଜାବିଧି କରିଥିବା ହୋଇଥିଲା। ପଣ୍ଡିତ ସୁଦର୍ଶନ ଠାକୁର, ପଣ୍ଡିତ ତାରା ପ୍ରସାଦ ଆଚାର୍ଯ୍ୟ, ଆଶିଷ ପଣ୍ଡା, ଶକ୍ତିମାନ ଯୋଷୀ ଏବଂ ପଣ୍ଡିତ ଗଣ ମିଶି ହରିଶୟନ ବିଧିବିଧାନରେ ପୂଜାର୍ଚ୍ଚନା କରିଥିଲା। ମନ୍ଦିର କମିଟି ସଭାପତି ମିଳିନ୍ଦ ଖମାରୀ, ସମ୍ପାଦକ ରଞ୍ଜନ ବେହେରା, କୋଷାଧ୍ୟକ୍ଷ ରତନ ସୋନି, ପିତାମ୍ବର ବାରିକ, ଋଷି ସାହୁ, ବିଜୟ ବାରିକ, ଲଳିତେନ୍ଦୁ ସାହୁ, ଅଶୋକ ବାରିକ, ସିଦାମ ସାହୁ, ସନ୍ତୋଷ ବାରିକ, ପନଙ୍ଗ ସିଂ ନିନାଙ୍କ ସମେତ ଖଡ଼ିଆଳ ସହରର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ କରି ଭୋଗ ନେଇଥିଲେ। ଏହି ଅବସରରେ ସତସଙ୍ଗ ସଭା ଓ ରାତ୍ରରେ ଭଜନ ସନ୍ଧ୍ୟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଶ୍ରୀ ଜଗନ୍ନାଥଙ୍କୁ ଛପନ ଭୋଗ ଲାଗି ହୋଇଛି।

# ନିମ୍ନମାନର ରାସ୍ତା କାମ ଯୋଗୁ ଦବିଲା ଟ୍ରକ୍

ଗୋଲାମୁଣ୍ଡା,୩।୮ (ବଟକୃଷ୍ଣ ପଣ୍ଡା)

**ଗୋଲାମୁଣ୍ଡା-କେଗାଁ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ**

କଳାହାଣ୍ଡି ରାସ୍ତା ଓ କୋଠାବାଡି ବିଭାଜନ ପକ୍ଷରୁ ଗୋଲାମୁଣ୍ଡା ବୋର୍ଡା ଭାୟା କେଗାଁ ରାସ୍ତାର ଉନ୍ନତିକରଣ ଚାଲିଛି। ଦ୍ୱିତୀୟ ପର୍ଯ୍ୟାୟରେ ଉଦଶୃଙ୍ଗଠାରୁ ନୂଆଗାଁ ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରହିଛି। ଏହି ନିର୍ମାଣ ଆରମ୍ଭ ଦିନଠାରୁ ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଥିବା ବେଳେ ଗୁରୁବାର କେଗାଁ ନିକଟରେ ଏକ ୟୁରିଆ ବୋଝେଇ ଟ୍ରକ ଦବି ଯିବାରୁ ଉଭୟ ପର୍ଶ୍ୱରେ ଅନେକ ଯାନବାହନ ତଥା ଯାତ୍ରୀବାହି ବସ ଓ ସ୍କୁଲ ବସ ଅଟକି ରହିଛି। ଫଳରେ ଲୋକେ ଏବଂ ଛାତ୍ରଛାତ୍ରୀମାନେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହୋଇଛନ୍ତି। କଳାହାଣ୍ଡି ରାସ୍ତା ଓ କୋଠାବାଡି ବିଭାଜନ ପକ୍ଷରୁ ୧୭.୨୮ କୋଟିରେ ଉକ୍ତ ରାସ୍ତା ନିର୍ମାଣ କରାଯାଉଛି। ବର୍ଷା ଦିନରେ ଏହି କାମ କରାଯାଇଥିବା ବେଳେ ପୋଲର ଉଭୟ ପାର୍ଶ୍ୱରେ ନିମ୍ନମାନର ମାଟି ପକାଇ ରାସ୍ତା କରାଯାଇଥିବାରୁ ୟୁରିଆ ବୋଝେଇ ଟ୍ରକ ପୋଲ ନିକଟରେ ଦବି ଯିବାରୁ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ବିଭାଗୀୟ ସଂସ୍ଥା ପକ୍ଷରୁ ଠିକାଦାରଙ୍କୁ ତାଗିଦ କରି ଠିକ ଭାବେ ରାସ୍ତା କାର୍ଯ୍ୟ କରିବାକୁ ଲୋକେ ଦାବି କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଟ୍ରକ ବାହାରି ପାରି ନ ଥିବା ବେଳେ ଉଭୟ ପାର୍ଶ୍ୱରେ ଅନେକ ଯାନବାହନ ଅଟିକି ରହିଛି।




ରାସ୍ତା ଦବି ଯିବାରୁ ଟ୍ରକ୍ ଫଶି ରହିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ନିକେଶ



@ ରାକେଶ



@ ସୁଶାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ନିଖୋଜ ବାଳିକା ବିଷୟରେ**

ଗତ ତା୨୯.୦୭.୨୦୨୩ରିଖ ସନ୍ଧ୍ୟା ସମୟରେ ପୁରୀ ସମୁଦ୍ରକୂଳ ବତୀଖୁଣ୍ଟ ନିକଟରୁ ଅଢେଇ ବର୍ଷ ବୟସର ଏକ ଶିଶୁ କନ୍ୟା ନିଖୋଜ ହୋଇଯାଇଛି ।

ନାମ-ରାଧା ମଲ୍ଲିକ
ବୟସ-୨ ବର୍ଷ ୬ ମାସ
ଉଚ୍ଚତା-ତିନି ଫୁଟ
ରଙ୍ଗ- ଶ୍ୟାମଳ
ପୋଷାକ- ଗୋଲାପି ଶାର୍ଟ



କେହି ସହୃଦୟ ବ୍ୟକ୍ତି ଏ ଛୋଟ ଝିଅଟିର ସନ୍ଧାନ ପାଇଲେ ବଳିଆପଣ୍ଡା ଥାନାର ନମ୍ବର 9438916313 କିମ୍ବା ତଦନ୍ତକାରୀ ଅଫିସର 9437390096ରେ ଜଣେଇବାକୁ ଅନୁରୋଧ ।

**ଭାରତ ସରକାର / भारत सरकार**
**ଆୟୁଷ ମନ୍ତ୍ରଣାଳୟ / आयुष मंत्रालय**

ରାଷ୍ଟ୍ରୀୟ ଧନ୍ୱନ୍ତରୀ ଆୟୁର୍ବେଦ ପୁରସ୍କାର, ୨୦୨୩ ନିମନ୍ତେ ଆୟୁର୍ବେଦ ବିଶେଷଜ୍ଞମାନଙ୍କଠାରୁ ଦରଖାସ୍ତ/ନାମାଙ୍କନ ଆହ୍ୱାନ କରାଯାଉଛି । ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ପୁରସ୍କାରକୁ ଭାରତୀୟ ଔଷଧ କେନ୍ଦ୍ରୀୟ ପରିଷଦ ଅଧିନିୟମ, ୧୯୭୦ର ଅନୁସୂଚୀ II, III, IVରେ ଅନ୍ତର୍ଭୁକ୍ତ ଯୋଗ୍ୟତାଧାରୀ ତଥା ଆୟୁର୍ବେଦ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ଆୟୁର୍ବେଦ ବିଶେଷଜ୍ଞଙ୍କୁ ପ୍ରଦାନ କରାଯାଇଥାଏ । ଧନ୍ୱନ୍ତରୀ ଜୟନ୍ତୀ (ଧନ୍‌ତେରସ) ଦିନ ପାଳିତ ହେବାକୁ ଥିବା ୮ମ ଆୟୁର୍ବେଦ ଦିବସ ଅବସରରେ ପୁରସ୍କୃତଙ୍କୁ ସମ୍ମାନିତ କରାଯିବ। ବିବରଣୀ ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ http://awards.gov.inରେ ଉପଲବ୍ଧ ଅଟେ । ଦରଖାସ୍ତ/ନାମାଙ୍କନ ୧୫ ସେପ୍ଟେମ୍ବର, ୨୦୨୩ ସୁଦ୍ଧା ଦାଖଲ କରାଯିବା ଆବଶ୍ୟକ ।

cbc 17201/11/0006/2324

**OFFICE OF THE ROURKELA MUNICIPAL CORPORATION: ROURKELA**

**INVITATION FOR BID**

**No.9256, Dated 03.08.2023**

**Bid Identification No. :- MC/RMC/18/2023**

**No.C-974:** The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double cover on online Mode. Bid Identification No. MC/RMC/18/2021 for 01 no. Civil work with value of Rs. 67.70 lakh.

1. Bid documents will be available in website **www.tendersorissa.gov.in** from 03.08.2023.
2. Bids must be submitted on "online" on or before **14.08.2023 by 17.00 hours**
3. Bids shall be opened at **11.00 hours on 16.08.2023** in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in.

Sd./- Municipal Commissioner
Rourkela Municipal Corporation

OIPR-13131/11/0034/2324

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1526 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.3840/RE/OSIC Dt.02.08.2023

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of work **"Supply, installation and commissioning of weighbridge at different yard under R.M.C. Junagarh".** Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website **www.osicltd.in** only.

Sd/-
GENERAL MANAGER(O)

OIPR-14073/11/0045/2324

## ସଂକ୍ଷେପରେ

### ଐତିହାସିକ ସଦାନନ୍ଦ ଅଗ୍ରୱାଲଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ତରଭା,୩।୮ (ମାନଭଞ୍ଜନ ମିଶ୍ର)

ଓଡ଼ିଶାର ଜଣାଶୁଣା ଐତିହାସିକ, ମହିମା ଧର୍ମର ଗବେଷକ, ସାମ୍ବାଦିକ, ସଙ୍ଗୀତଜ୍ଞ ସ୍ୱର୍ଗତ ଡ. ସଦାନନ୍ଦ ଅଗ୍ରୱାଲଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ତାଙ୍କ ଗ୍ରାମ ତରଭା ବ୍ଲକ ମେଣ୍ଡାସ୍ଥିତ ମହର୍ଷି ବୁଦ୍ଧରାମ ଡିଗ୍ରୀ କଲେଜରେ ପାଳିତ ହୋଇଯାଇଛି। ସଦାନନ୍ଦ ଅଗ୍ରୱାଲ ସ୍ମୃତି କମିଟି ଓ ମହର୍ଷି ବୁଦ୍ଧରାମ ଡିଗ୍ରୀ କଲେଜର ମିଳିତ ଆନୁକୂଲ୍ୟରେ ଆୟୋଜିତ ସଭାରେ କଲେଜ ପରିଚାଳନା କମିଟି ସଭାପତି ବାଲଗୋପାଲ ପଣ୍ଡା ସଭାପତିତ୍ୱ କରିଥିଲେ । ପୂର୍ଣ୍ଣଚନ୍ଦ୍ର ପଣ୍ଡା ସଂଯୋଜନା କରିଥିଲେ । ମୁଖ୍ୟଅତିଥି ଭାବେ ତରଭା ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କର୍ମ, ସମ୍ମାନିତ ଅତିଥି ଭାବେ ଭୀମଭୋଇ ସମାଧି ପୀଠ ଟ୍ରଷ୍ଟର ଛତ୍ରଧାରୀ ଅଗ୍ରୱାଲ, କଲେଜ ପରିଚାଳନା କମିଟିର ନାରାୟଣ ଝାଙ୍କର, କଲେଜ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ରଥ ଏବଂ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଶୀ ଉପସ୍ଥିତ ଥିଲେ। ପ୍ରଥମେ ସଦାନନ୍ଦ ଅଗ୍ରୱାଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସଭା ଆରମ୍ଭ ହୋଇଥିଲା। ଏହି ଅବସରରେ ସ୍ୱର୍ଗତ ଅଗ୍ରୱାଲଙ୍କ ଲିଖିତ ସୋନପୁର ଇତିହାସ ଦ୍ୱିତୀୟ ଭାଗର ଦ୍ୱିତୀୟ ସଂସ୍କରଣ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସିଦ୍ଧାର୍ଥ ଅଗ୍ରୱାଲ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଅତିଥିମାନେ ଡ.ଅଗ୍ରୱାଲଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଯୋଶୀ ସ୍ୱର୍ଗତ ଅଗ୍ରୱାଲଙ୍କ ବିଭିନ୍ନ କ୍ଷେତ୍ରରେ ଥିବା ଅବଦାନ ବିଷୟରେ ଆଲୋକପାତ କରି ସୋନପୁର ଜିଲାରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି କରିଥିଲେ। ଏହି ଅବସରରେ ସାମ୍ବାଦିକ ମନୋରଞ୍ଜନ ଯୋଶୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଉମାକାନ୍ତ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ସ୍ମୃତି କମିଟି, ମହର୍ଷି ବୁଦ୍ଧରାମ ଡିଗ୍ରୀ କଲେଜ ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରବଳ ବର୍ଷା ସତ୍ତ୍ୱେ ୨୪ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ନାରଦ ପୂଜାହାରୀ, ମହାଦେବ ଜେନା, ଏଚ. ପାତ୍ର, ଚୈତନ୍ୟ ବାରିକ, ଏସ.ଦଣ୍ଡସେନା, ରଞ୍ଜନ ଦଳବେହେରା, ନରେନ୍ଦ୍ର ସା, ପଦ୍ମଲୋଚନ ମଲ୍ଲିକ, ରାଜକପୁର ପଧାନ, ରାମଚନ୍ଦ୍ର ପୂଜାହାରୀ, ମଧୁମଙ୍ଗଳ ଖମାରୀ, ଉମାକାନ୍ତ ନାଗ, ବିକାଶ ଝାଙ୍କର, ରୋଜି ମାହାଣା, ପୂର୍ଣ୍ଣିମା ମହାପାତ୍ର, ମହେଶ୍ୱତା ପଣ୍ଡା, ସଞ୍ଜୀବ ପଣ୍ଡା, ଧିରେନ୍ଦ୍ର ଝାଙ୍କର, ଅମିତ ସା, ରିଙ୍କୁ ମହାକୁର, ହରି ଭୁଏଁ ସମେତ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ।

### ଯୋଗ ଦେଲେ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ

ବୌଦ୍ଧ,୩।୮ (ଅଜିତ କୁମାର ବାରିକ)

ଦୀର୍ଘଦିନ ହେଲା ଖାଲି ପଡିଥିବା ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦବୀ ପୂରଣ ହୋଇଛି। ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବରେ ଉପେନ୍ଦ୍ର କୁମାର ପ୍ରଧାନ ଗୁରୁବାର ଦିନ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ଅନୁଗୁଳ ଜିଲା ବିଲେଇନାଳୀ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବରେ କାର୍ଯ୍ୟ କରୁଥିଲେ।

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ବିଧୁଭୂଷଣ ଗୁରୁ ଚେୟାର ପ୍ରତିଷ୍ଠା ଦାବି

ବଲାଙ୍ଗୀର,୩।୮ (ବୀରେନ୍ଦ୍ର କୁମାର ଝାଙ୍କର)

ଜଣାଶୁଣା କବି, ସାରସ୍ୱତ ସାଧକ ସ୍ୱର୍ଗତ ବିଧୁଭୂଷଣ ଗୁରୁଙ୍କ ସମ୍ମାନାର୍ଥେ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ବିଧୁଭୂଷଣ ଗୁରୁ ଚେୟାର ପ୍ରତଷ୍ଠା କରାଯିବାକୁ ଦାବି କରାଯାଇଛି। ବଲାଙ୍ଗୀର ଜିଲା ତୁଷରାଠାରେ ୩ ଅକ୍ଟୋବର ୧୯୨୦ ମସିହାରେ ଜନ୍ମଗ୍ରହଣ କରିଥିବା ବିଧୁଭୂଷଣଙ୍କ ୫ ଜୁଲାଇ ୧୯୭୩ରେ ଦେହାନ୍ତ ହୋଇଥିଲା । ବିଧୁଭୂଷଣ ଏକାଧାରରେ ଜଣେ କବି, ଗାଳ୍ପିକ, ପ୍ରାବନ୍ଧିକ, ନାଟ୍ୟକାର, କଳାକାର, ଶିକ୍ଷକ, ସାମ୍ବାଦିକ, କଣ୍ଠଶିଳ୍ପୀ, ନାଟ୍ୟ ନିର୍ଦ୍ଦେଶକ ସାହିତ୍ୟ ପତ୍ରିକାର ସମ୍ପାଦକ ଓ ରାଜନେତା ଥିଲେ । ସ୍ୱର୍ଗତ ଗୁରୁ ପୃଥ୍ୱୀରାଜ ହାଇସ୍କୁଲ ବଲାଙ୍ଗୀର ପରେ ପାଟଣାଗଡ ରମାଇଁ ହାଇସ୍କୁଲରେ ଶିକ୍ଷକତା କରିଥିଲେ । ତୁଷରା ହାଇସ୍କୁଲ ପ୍ରତିଷ୍ଠା, ତୁଷରା ସମଲେଇ ଯାତ୍ରାରେ ସଂସ୍କାର, ତୁଷରାଠାରେ ବିଷ୍ଣୁପ୍ରିୟା ଡ୍ରାମାଟିକ୍ ଆସୋସିଏଶନ ପ୍ରତିଷ୍ଠା ପୂର୍ବକ ସେ ଶିକ୍ଷା, ସଂସ୍କୃତି ଓ କଳାର ଭୂୟସୀ ବିକାଶ କରିଥିଲେ। ପୃଥ୍ୱୀରାଜ ହାଇସ୍କୁଲ ମୁଖପତ୍ର ପାରିଜାତ ଓ କୋଶଳ କଳାମଣ୍ଡଳ ମୁଖପତ୍ର ଚତୁରଙ୍ଗ ପତ୍ରିକାର ସେ ସମ୍ପାଦନା ମଣ୍ଡଳୀ ସଦସ୍ୟ ଥିଲେ। ଆଦିବାସୀ କଳା, ସଙ୍ଗୀତ ଓ ସଂସ୍କୃତିର ବିକାଶ ପାଇଁ ୧୯୬୫ରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ସଦସ୍ୟଭାବେ ମନୋନୀତ ହୋଇଥିଲେ। ବିଧୁବାବୁ ଜଣେ ସଙ୍ଗୀତକାର ଓ କଣ୍ଠଶିଳ୍ପୀ ଥିଲେ। କଟକ ରେଡ଼ିଓ ଷ୍ଟେଶନରେ ପ୍ରଥମ ସମ୍ବଲପୁରୀ ଗୀତ ଓ ସମ୍ବଲପୁର ରେଡ଼ିଓ ଷ୍ଟେସନରେ ପ୍ରଥମ ଗୀତ ଗାଇଥିବାର ରେକର୍ଡ଼ ତାଙ୍କ ନାମରେ ରହିଛି। ସ୍ୱର୍ଗତ ବିଧୁଭୂଷଣ ଗୁରୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ତୁଷରାଠାରେ ବିଧୁଭୂଷଣ ଗୁରୁ ସାହିତ୍ୟ ସଂସଦ ତଥା ବଲାଙ୍ଗୀରରେ ବିଧୁଭୂଷଣ ଗୁରୁ ସ୍ମୃତି ପରିଷଦ ଗଠିତ ହୋଇ ତାଙ୍କର ସ୍ମୃତିରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ତାଙ୍କର ସମଗ୍ର ରଚନାବାଳୀକୁ ନେଇ ବିଧୁଭୂଷଣ ସଂଚୟନ ପ୍ରକାଶିତ ହୋଇଛି। ତୁଷରା ଠାରେ ବିଧୁବାବୁଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ସହିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ବିଧୁଭୂଷଣ ଗୁରୁ ଚେୟାର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ଠାରେ ବିଧୁଭୂଷଣ ଗୁରୁ ସ୍ମୃତି ପରିଷଦ ପକ୍ଷରୁ ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା, ସମ୍ପାଦକ ଜୟକୁମାର ଆଚାର୍ଯ୍ୟ, ଉପଦେଷ୍ଟା ତୁଳସୀ ଜୈନ, ତୁଷରା ହାଇସ୍କୁଲ ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ପ୍ରଧାନ, ତୁଷରା କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ରମେଶଚନ୍ଦ୍ର ସିଂଦେଓ, ସ୍ତମ୍ଭକାର ଉମାଶଙ୍କର ସିଂ, ସିନ୍ଧେକେଲା କଲେଜ ଅଧ୍ୟାପକ ଡ. ଜୟପ୍ରକାଶ ମିଶ୍ର, ଜାମଗାଁ କଲେଜ ଓଡ଼ିଆ ଅଧ୍ୟାପକ ଦାଶରଥି ପଟେଲ, ଗୌରଗୋଠ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରେମରାଜ ପ୍ରଧାନ, ତୁଷରା ବିଧୁଭୂଷଣ ସାହିତ୍ୟ ସଂସଦ ଅଧ୍ୟକ୍ଷ ଯୁଗଳ କିଶୋର ପ୍ରଧାନ, ଉପାଧ୍ୟକ୍ଷ ପ୍ରସନ୍ନ କୁମାର କର୍ଣ୍ଣ, ସମ୍ପାଦକ ସଚ୍ଚିଦାନନ୍ଦ ପଟ୍ଟନାୟକ ପ୍ରମୁଖ ଦାବି ଜଣାଇଛନ୍ତି।

# ଧୋଇନେଲା ମୂର୍ଷୁଣ୍ଡି ହରିହର ଯୋର ପୋଲ

**ବୀରମହାରାଜପୁରରୁ ୫୫ ନମ୍ବର ଜାତୀୟ ରାଜପଥକୁ ସଂଯୋଗ ବିଚ୍ଛିନ୍ନ**

ଅମରପାଲି,୩।୮ (ପୀତାମ୍ବର ସାହୁ)


ମୁର୍ଷୁଣ୍ଡିରେ ହରିହର ଯୋର ପୋଲର ଆପ୍ରୋଚ ରୋଡ ଧୋଇ ହୋଇ ନଷ୍ଟ ହୋଇଯାଇଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଲଗାଣ ବର୍ଷା ପ୍ରଭାବରେ ବିଭିନ୍ନ ଯୋର. ନାଳରେ ବନ୍ୟାପାଣି ପ୍ରବାହିତ ହେଉଛି। ବୁଧବାର ସକାଳେ ଠେଙ୍ଗୋ ଡ୍ୟାମରୁ ୬ଟି ଫାଟକ ଦେଇ ବନ୍ୟାଜଳ ନିଷ୍କାସନ ହେବା ଫଳରେ ହରିହର ଯୋରର ତଳ ମୁଣ୍ଡରେ ବନ୍ୟା ପରିସ୍ଥିତି ଦେଖା ଦେଇଥିଲା । ମୁର୍ଷୁଣ୍ଡି ନିକଟରେ ଥିବା ହରିହର ଯୋର ପୋଲ ଉପରେ ପ୍ରାୟ ପାଞ୍ଚ ଫୁଟର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ପୋଲର ଉଭୟ ପାର୍ଶ୍ୱର ଅପ୍ରୋଚ ରୋଡ ଧୋଇ ହୋଇଯାଇଛି। ଏହାସହିତ ପୋଲର ଉଭୟ ପାର୍ଶ୍ୱର ବାଡ଼ା ମଧ୍ୟ ଭାଙ୍ଗିଯାଇଛି। ଆପ୍ରେଚ ରୋଡ଼ ମରାମତି କରାଗଲେ ମଧ୍ୟ ଉକ୍ତ ପୋଲରେ ଯାତାୟତ ବିପଦପୂର୍ଣ୍ଣ ହେବାର ଆଶଙ୍କା ରହିଛି। ଏବେ ପୋଲ ଦେଇ ଯାତାୟତ ସମ୍ଭବ ହୋଇପାରୁନାହିଁ। ଫଳରେ ବୀରମହାରାଜପୁରରୁ ଅମରପାଲି ଦେଇ ଯୁଯୁମୁରା- ସମ୍ବଲପୁର ୫୫ ନଂ ଜାତୀୟ ରାଜପଥକୁ ଯାତାୟତ ବ୍ୟାହତ ହୋଇଛି । ଉକ୍ତ ବାଟ ଦେଇ ଗାଡିମୋଟର ଚଳାଚଳ ହୋଇପାରୁନାହିଁ । ସୋନପୁରରୁ ବୀରମହାରାଜପୁର-ଅମରପାଲି ଦେଇ ରେଢାଖୋଲକୁ ଏବଂ ମୁର୍ଷୁଣ୍ଡିରୁ ସମ୍ବଲପୁରକୁ ବସ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ଉକ୍ତ ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି ।

### ବିଶିଷ୍ଟ ବ୍ୟବସାୟୀ ପୁରନ୍ଦର ପତିଙ୍କ ପରଲୋକ

ଅମରପାଲି,୩।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ବିଶିଷ୍ଟ ବ୍ୟବସାୟୀ ପୁରନ୍ଦର ପତି (୫୦)ଙ୍କ ପରଲୋକ ହୋଇଯାଇଛି। ମିଳିଥିବା ସୂଚନା ଅନୁସାରେ ସ୍ୱର୍ଗତ ପତିଙ୍କ ହଠାତ୍ ରକ୍ତଚାପ ବଢିଯିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ମରଶରୀରକୁ ବୀରମହାରାଜପୁର ଅଣାଯାଇ ଲାଟୁରପେଟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।



ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରେନ୍ଦ୍ର ପତିଙ୍କ ସମେତ ବଣିକ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପୁଅ ସୁବ୍ରତ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ପତିଙ୍କ ବୃଦ୍ଧା ମା’, ସ୍ତ୍ରୀ ସନ୍ତୋଷିନୀ, ଝିଅ, ୪ ବଡ଼ଭାଇ ଅଛନ୍ତି । ସେ ଜଣେ ମେଳାପି ବ୍ୟକ୍ତି ଥିଲେ ।

### ହାତୀ ଆକ୍ରମଣରେ ପ୍ଲାଣ୍ଟେଶନ୍ ୱାଚର ଆହତ

ବଲାଙ୍ଗୀର, ୩।୮ (ବୀରେନ୍ଦ୍ର କୁମାର ଝାଙ୍କର)

ହାତୀ ଘଉଡାଇବାକୁ ଯାଇଥିଲେ ବନବିଭାଗ ସ୍ୱତନ୍ତ୍ର ଟିମ। ଏହି ସମୟରେ ହାତୀ ଆକ୍ରମଣ କରିବାରୁ ଜଣେ ପ୍ଲାଣ୍ଟେସନ୍ ୱାଚର ଆହତ ହୋଇଛନ୍ତି। ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତ ପ୍ଲାଣ୍ଟେସନ୍ ୱାଚର ହେଲେ ରାମସାଏ ଭୋଇ। କଣ୍ଟାବାଞ୍ଜି ରେଞ୍ଜ ଅନ୍ତର୍ଗତ ତୁରେକେଲା ପଟେଲମୁଣ୍ଡା ଅଞ୍ଚଳରେ ଏକ ହାତୀ ଆସିଥିବା ସମ୍ପର୍କରେ ବୁଧବାର ଖବର ମିଳିବା ପରେ କଣ୍ଟାବାଞ୍ଜି ରେଞ୍ଜ ଟିମ୍ ଘଉଡାଇବା ଅଭିଯାନ ଆରମ୍ଭ କରିଥିଲା। ଗୁରୁବାର ସକାଳେ ଉକ୍ତ ହାତୀ କୁଟୁଲୁମୁଣ୍ଡା ନିକଟ ପ୍ଲାଣ୍ଟେସନ୍ ଅଞ୍ଚଳରେ ଥିବା ଖବର ମିଳିବା ପରେ ବନବିଭାଗ ଟିମ୍ ସେହି ପଟେ ଯାଇଥିଲେ। ହାତୀକୁ ଠାବ କରିବାକୁ ଯାଉଥିବାବେଳେ ହଠାତ୍ ବୁଦା ଭିତରୁ ବାହାରି ଆସି ବନବିଭାଗ ଟିମ୍ ଉପରେ ଆକ୍ରମଣ କରିଥିଲା। ବନବିଭାଗ ଟିମ୍ ଇତଃସ୍ତତ ଦୌଡିବା ଆରମ୍ଭ କରିଥିଲେ। ହେଲେ ଟିମ୍‌ରେ ଥିବା ପ୍ଲାଣ୍ଟେସନ୍ ୱାଚର ରାମସାଏ ସେଠାରୁ ଦୌଡିବା ବେଳେ ତଳେ ପଡିଯାଇଥିଲେ। ହାତୀ ତାଙ୍କୁ ଆକ୍ରମଣ କରି ସେଠାରୁ ପଳାଇଥିଲା।

# ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ


ପ୍ରସ୍ତୁତି ବୈଠକରେ ବିଡ଼ିଓ ଓ ଅନ୍ୟ ଅଧିକାରୀ ବୃନ୍ଦ।

ଡୁଙ୍ଗୁରିପାଲି,୩।୮ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ଗୁରୁବାର ଦିନ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଡିଓ ତ୍ରିପୁର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର, ବିଏସଏସଓ ପ୍ରବୀଣ ରଥ,ପ୍ରୋଗ୍ରାମ ଆସିଷ୍ଟାଣ୍ଟ ପ୍ରଭୁଦତ୍ତ ନାଏକ, ଆଇଡିବିଆଇବିଏମ ସୁଜିତ କୁମାର ଭୋଇ, ବ୍ଲକ ସାମ୍ବାଦିକ ସଂଘର ବରିଷ୍ଠ ପରାମର୍ଶଦାତା ପବିତ୍ର ମୋହନ ପାଣ୍ଡିଆ, ଆରଏମସି ଅଧିକାରୀ ଶୁଶାନ୍ତ ମେହେର, ବିପ୍ରଚରଣ ସାହୁ, ଗୋପାଳ ବାରିକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ସମସ୍ତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକ, ବିଭିନ୍ନ ସେଚ୍ଛାସେବୀ ଅନୁଷ୍ଠାନ, ଗଣମାଧ୍ୟମ ପ୍ରତିନିଧି, ଜନପ୍ରତିନିଧି ଯୋଗଦାନ କରିଥିଲେ। ଆସନ୍ତା ସ୍ୱାଧୀନତା ଦିବସ ପାଳନର ରୂପରେଖ ଉପରେ ବୈଠକରେ ଆଲୋଚନା ହୋଇଥିଲା। କାର୍ଯ୍ୟସୂଚୀ ଅନୁଯାୟୀ ସ୍ୱାଧୀନତା ଦିବସରେ ରାମଧୂନ, ପ୍ରଭାତ ଫେରି କରାଯିବ । ପରେଡ୍‌ରେ ଡୁଙ୍ଗୁରିପାଲିର ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଭାଗ ନେବେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମ ବିଇଓ ଅଫିସ ସମ୍ମୁଖରେ ଥିବା ସଂଗ୍ରାମୀ ମଣ୍ଡପରେ ହେବା ସହ ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଶେଷରେ ବିଏସଏସଓ ପ୍ରବୀଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀଜଗନ୍ନାଥ ମନ୍ଦିରରେ ଛପନ ଭୋଗ

ଖଡ଼ିଆଳ,୨।୮ (ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ୱାର୍ଡ଼ ନଂ ୮ଠାରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରାବଣ ମାସର ପୁଣ୍ୟ ପାବନ ପୁରୁଷୋତ୍ତମ ମାସ ହରିଶୟନ ଅବସରରେ ଶ୍ରୀ ଜଗନ୍ନାଥଙ୍କୁ ଛପନ ଭୋଗ ଲାଗି ହୋଇଥିଲା। ଏହି ଅବସରରେ ବଲାଙ୍ଗୀର ଜିଲାର ଯୋଗୀଶରଡ଼ା ଗ୍ରାମରୁ ପଣ୍ଡିତ ଚିତବିନୋଦ ମିଶ୍ରଙ୍କୁ ମୁଖ୍ୟ ପୂଜକ ଆକାରରେ ନିମନ୍ତ୍ରଣ କରି ଛପନ ଭୋଗର ପୂଜାବିଧି କରିଥିବା ହୋଇଥିଲା। ପଣ୍ଡିତ ସୁଦର୍ଶନ ଠାକୁର, ପଣ୍ଡିତ ତାରା ପ୍ରସାଦ ଆଚାର୍ଯ୍ୟ, ଆଶିଷ ପଣ୍ଡା, ଶକ୍ତିମାନ ଯୋଷୀ ଏବଂ ପଣ୍ଡିତ ଗଣ ମିଶି ହରିଶୟନ ବିଧିବିଧାନରେ ପୂଜାର୍ଚ୍ଚନା କରିଥିଲା। ମନ୍ଦିର କମିଟି ସଭାପତି ମିଳିନ୍ଦ ଖମାରୀ, ସମ୍ପାଦକ ରଞ୍ଜନ ବେହେରା, କୋଷାଧ୍ୟକ୍ଷ ରତନ ସୋନି, ପିତାମ୍ବର ବାରିକ, ଋଷି ସାହୁ, ବିଜୟ ବାରିକ, ଲଳିତେନ୍ଦୁ ସାହୁ, ଅଶୋକ ବାରିକ, ସିଦାମ ସାହୁ, ସନ୍ତୋଷ ବାରିକ, ପନଙ୍ଗ ସିଂ ନିନାଙ୍କ ସମେତ ଖଡ଼ିଆଳ ସହରର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ କରି ଭୋଗ ନେଇଥିଲେ। ଏହି ଅବସରରେ ସତସଙ୍ଘ ସଭା ଓ ରାତ୍ରରେ ଭଜନ ସନ୍ଧ୍ୟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଶ୍ରୀ ଜଗନ୍ନାଥଙ୍କୁ ଛପନ ଭୋଗ ଲାଗି ହୋଇଛି।

# ନିମ୍ନମାନର ରାସ୍ତା କାମ ଯୋଗୁ ଦବିଲା ଟ୍ରକ୍

ଗୋଲାମୁଣ୍ଡା,୩।୮ (ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ରାସ୍ତା ଓ କୋଠାବାଡି ବିଭାଜନ ପକ୍ଷରୁ ଗୋଲାମୁଣ୍ଡା ବୋର୍ଡା ଭାୟା କେଗାଁ ରାସ୍ତାର ଉନ୍ନତିକରଣ ଚାଲିଛି। ଦ୍ୱିତୀୟ ପର୍ଯ୍ୟାୟରେ ଉଦଶୃଙ୍ଗଠାରୁ ନୂଆଗାଁ ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରହିଛି। ଏହି ନିର୍ମାଣ ଆରମ୍ଭ ଦିନଠାରୁ ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଥିବା ବେଳେ ଗୁରୁବାର କେଗାଁ ନିକଟରେ ଏକ ଯୁରିଆ ବୋଝେଇ ଟ୍ରକ ଦବି ଯିବାରୁ ଉଭୟ ପର୍ଶ୍ୱରେ ଅନେକ ଯାନବାହନ ତଥା ଯାତ୍ରୀବାହି ବସ ଓ ସ୍କୁଲ ବସ ଅଟକି ରହିଛି। ଫଳରେ ଲୋକେ ଏବଂ ଛାତ୍ରଛାତ୍ରୀମାନେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହୋଇଛନ୍ତି। କଳାହାଣ୍ଡି ରାସ୍ତା ଓ କୋଠାବାଡି ବିଭାଜନ ପକ୍ଷରୁ ୧୭.୨୮ କୋଟିରେ ଉକ୍ତ ରାସ୍ତା ନିର୍ମାଣ କରାଯାଉଛି। ବର୍ଷା ଦିନରେ ଏହି କାମ କରାଯାଇଥିବା ବେଳେ ପୋଲର ଉଭୟ ପାର୍ଶ୍ୱରେ ନିମ୍ନମାନର ମାଟି ପକାଇ ରାସ୍ତା କରାଯାଇଥିବାରୁ ଯୁରିଆ ବୋଝେଇ ଟ୍ରକ ପୋଲ ନିକଟରେ ଦବି ଯିବାରୁ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ବିଭାଗୀୟ ସଂସ୍ଥା ପକ୍ଷରୁ ଠିକାଦାରଙ୍କୁ ତାଗିଦ କରି ଠିକ ଭାବେ ରାସ୍ତା କାର୍ଯ୍ୟ କରିବାକୁ ଲୋକେ ଦାବି କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଟ୍ରକ ବାହାରି ପାରି ନ ଥିବା ବେଳେ ଉଭୟ ପାର୍ଶ୍ୱରେ ଅନେକ ଯାନବାହନ ଅଟିକି ରହିଛି।



ରାସ୍ତା ଦବି ଯିବାରୁ ଟ୍ରକ୍ ଫଶି ରହିଛି।

**ଗୋଲାମୁଣ୍ଡା-କେଗାଁ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ**

ସେଲ୍‌ଫି କର୍ବର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ନିକେଶ


@ ରାକେଶ


@ ସୁଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନିଖୋଜ ବାଳିକା ବିଷୟରେ

ଗତ ତା୨୯.୦୭.୨୦୨୩ରିଖ ସନ୍ଧ୍ୟା ସମୟରେ ପୁରୀ ସମୁଦ୍ରକୂଳ ବଡୀଖୁଣ୍ଟ ନିକଟରୁ ଅଢେଇ ବର୍ଷ ବୟସର ଏକ ଶିଶୁ କନ୍ୟା ନିଖୋଜ ହୋଇଯାଇଛି ।

ନାମ–ରାଧା ମଲ୍ଲିକ
ବୟସ–୨ ବର୍ଷ ୬ ମାସ
ଉଚ୍ଚତା–ତିନି ଫୁଟ
ରଙ୍ଗ– ଶ୍ୟାମଳ
ପୋଷାକ– ଗୋଲାପି ଶାର୍ଟ



କେହି ସହୃଦୟ ବ୍ୟକ୍ତି ଏ ଛୋଟ ଝିଅଟିର ସନ୍ଧାନ ପାଇଲେ ବଳିଆପଣ୍ଡା ଥାନାର ନମ୍ବର 9438916313 କିମ୍ବା ତଦନ୍ତକାରୀ ଅଫିସର 9437390096ରେ ଜଣେଇବାକୁ ଅନୁରୋଧ ।

**ଭାରତ ସରକାର / भारत सरकार**
**ଆୟୁଷ ମନ୍ତ୍ରଣାଳୟ / आयुष मंत्रालय**

ରାଷ୍ଟ୍ରୀୟ ଧନ୍ୱନ୍ତରୀ ଆୟୁର୍ବେଦ ପୁରସ୍କାର, ୨୦୨୩ ନିମନ୍ତେ ଆୟୁର୍ବେଦ ବିଶେଷଜ୍ଞମାନଙ୍କଠାରୁ ଦରଖାସ୍ତ/ନାମାଙ୍କନ ଆହ୍ୱାନ କରାଯାଉଛି । ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ପୁରସ୍କାରକୁ ଭାରତୀୟ ଔଷଧ କେନ୍ଦ୍ରୀୟ ପରିଷଦ ଅଧିନିୟମ, ୧୯୭୦ର ଅନୁସୂଚୀ II, III, IVରେ ଅନ୍ତର୍ଭୁକ୍ତ ଯୋଗ୍ୟତାଧାରୀ ତଥା ଆୟୁର୍ବେଦ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ଆୟୁର୍ବେଦ ବିଶେଷଜ୍ଞଙ୍କୁ ପ୍ରଦାନ କରାଯାଇଥାଏ । ଧନ୍ୱନ୍ତରୀ ଜୟନ୍ତୀ (ଧନ୍‌ତେରସ) ଦିନ ପାଳିତ ହେବାକୁ ଥିବା ୮ମ ଆୟୁର୍ବେଦ ଦିବସ ଅବସରରେ ପୁରସ୍କୃତଙ୍କୁ ସମ୍ମାନିତ କରାଯିବ। ବିବରଣୀ ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ http://awards.gov.inରେ ଉପଲବ୍ଧ ଅଟେ । ଦରଖାସ୍ତ/ନାମାଙ୍କନ ୧୫ ସେପ୍ଟେମ୍ବର, ୨୦୨୩ ସୁଦ୍ଧା ଦାଖଲ କରାଯିବା ଆବଶ୍ୟକ ।
cbc 17201/11/0006/2324

**OFFICE OF THE ROURKELA MUNICIPAL CORPORATION: ROURKELA**
**INVITATION FOR BID**
**No.9256, Dated 03.08.2023**
**Bid Identification No. :- MC/RMC/18/2023**

**No.C-974:**The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double cover on online Mode. Bid Identification No. MC/RMC/18/2021 for 01 no. Civil work with value of Rs. 67.70 lakh.
1. Bid documents will be available in website **www.tendersorissa.gov.in** from 03.08.2023.
2. Bids must be submitted on “online” on or before **14.08.2023 by 17.00 hours**
3. Bids shall be opened at **11.00 hours on 16.08.2023** in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in.

Sd./- Municipal Commissioner
Rourkela Municipal Corporation
OIPR-13131/11/0034/2324

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1526 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.3840/RE/OSIC Dt.02.08.2023
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of work **“Supply, installation and commissioning of weighbridge at different yard under R.M.C. Junagarh”.** Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website **www.osicltd.in** only.

Sd/-
GENERAL MANAGER(O)
OIPR-14073/11/0045/2324

# ୩ଦଫା ଦାବି ହାସଲ ପାଇଁ ସଜବାଜ

ସୁନ୍ଦରଗଡ,୩ା୮
(ଜୟ ନାରାୟଣ ମେଣ୍ଡୁଲି)



ଶିକ୍ଷକମାନଙ୍କ ୩ ଦଫା ଦାବି ହାସଲ ନିମନ୍ତେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ସୁନ୍ଦରଗଡ ଜିଲା ଶାଖାର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଜେଡିଆରଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ମମତା କରଙ୍କ ଅଧ୍ୟକ୍ଷତାରେ ସମସ୍ତ ବର୍ଗର ବ୍ଲକ ଓ ଜିଲା ନେତୃବୃନ୍ଦଙ୍କୁ ନେଇ ଏହି ବୈଠକ ହୋଇଥିଲା। ରାଜ୍ୟ ସଂଘର ନିର୍ଦ୍ଦେଶକ୍ରମେ ସରକାରଙ୍କୁ ଦିଆଯାଇଥିବା ୩ ଦଫା ଦାବି ସମ୍ବଳିତ ପତ୍ର ଉପରେ ସଭାରେ ବିସ୍ତୃତଭାବେ ଆଲୋଚନା ହୋଇଥିଲା। ଏହା ଉପରେ ସମସ୍ତ ବର୍ଗର ଶିକ୍ଷକ ନେତୃବୃନ୍ଦ ମତାମତ ରଖିଥିଲେ। ୩ ଦଫା ଦାବି ହାସଲ ନିମନ୍ତେ ରାଜ୍ୟ ସଂଘର ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁସାରେ, ୧ା୮ା୨୩ରେ ଜିଲା ସ୍ତରୀୟ ପ୍ରସ୍ତୁତି ବୈଠକ, ୫ା୮ା୨୩ରେ ପ୍ରତ୍ୟେକ ବ୍ଲକ ସ୍ତରରେ ପ୍ରସ୍ତୁତି ବୈଠକ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ସରକାରଙ୍କୁ ଦାବି ପତ୍ର ପ୍ରଦାନ, ୬ା୮ା୨୩ରେ ରାଜ୍ୟ ସଂଘ ତରଫରୁ ପ୍ରେସ୍‌ବାର୍ତ୍ତା, ୧୧ା୮ା୨୩ରେ ଜିଲା ସ୍ତରରେ ଜିଲାପାଳଙ୍କୁ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ। ଯଦି ସରକାର ୧୫ା୮ା୨୩ ସୁଦ୍ଧା କୌଣସି ପଦକ୍ଷେପ ନ ନିଅନ୍ତି ତେବେ ୧୬ା୮ା୨୩ରୁ ବ୍ଲକ ସ୍ତରରୁ ଆନ୍ଦୋଳନ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲା ସାଧାରଣ ସମ୍ପାଦକ ପୁଲିନ ଚନ୍ଦ୍ର ନାଏକ ବୈଠକର ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ। ଜିଲା ସଙ୍ଗଠନ ସମ୍ପାଦକ କୂଳଦୀପ ସେଠ ସ୍ୱାଗତ ଅଭିଭାଷଣ ରଖିଥିଲେ। ଜିଲା ଉପସଭାପତି ପ୍ରମୋଦ ମିଶ୍ର ଜିଲା ଶିକ୍ଷକ ଏକତା ଉପରେ ଆଲୋକପାତ କରିଥିଲାବେଳେ ଓପିଟିଏ ସାଧାରଣ ସମ୍ପାଦକ ବିଜୟ ନାଏକ, ଜିଲା ଶିକ୍ଷକ ସଂଘ ସଭାପତି ହୋତେଶ୍ୱର ଶେଖରଦେଓ,ଏକ୍ସ କ୍ୟାଡର ସଭାପତି ସୁଧାକର ସିଂହ,ଏମ୍‌ଏଲଇ ଶିକ୍ଷକ ସଂଘ, କୁତ୍ରାର ସଭାପତି ସରୋଜ ମିଞ୍ଜ,ରାମଲାଲ ପଟେଲ,ତୃପ୍ତୀମୟୀ ନାୟକ ତଥା ଅନ୍ୟାନ୍ୟ ବ୍ଲକ କର୍ମ କର୍ତ୍ତାପ୍ରମୁଖ ଦାବି ହାସଲ ନିମନ୍ତେ ନିଜ ନିଜର ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ।

# ଡେଙ୍ଗୁ ସଚେତନତା ବୈଠକ

- ନିୟମିତ ମଶାରୀ ବ୍ୟବହାର, ପାଣି ଜମୁଥିବା ସ୍ଥାନ ସଫେଇ କର
- ମଶାତେଲ ଛିଞ୍ଚନ ହେଉ ନ ଥିବାରୁ ବଢୁଛି ମଶାସଂଖ୍ୟା

ଦେବଗଡ଼, ୩ା୮
(ଶଶାଙ୍କ ଶେଖର ଝାଙ୍କର)



ବୈଠକରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଅନ୍ୟ ଅଧିକାରୀମାନେ।

ଦେବଗଡ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଡେଙ୍ଗୁ ସଚେତନତା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାଧନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ସତର୍କତା ଓ ସଚେତନତା ଉପରେ ଆଲୋକପାତ କରିଥିଲେ। ଏଡିସ ମଶାବଂଶ ବୃଦ୍ଧି ରୋକିବା ପାଇଁ ବିଭିନ୍ନ ଟାୟାର ମରାମତି ଦୋକାନ ଓ ପାଣି ଜମୁଥିବା ସ୍ଥାନକୁ ସଫେଇ ରଖିବା ବିଷୟରେ ଆଲୋଚନା କରାଯାଇଥିଲା। ନିୟମିତ ମଶାରୀ ବ୍ୟବହାର ନିମନ୍ତେ ଜନସଚେତନତା ପାଇଁ ପରାମର୍ଶ ଦିଆଯାଇଥିଲା। ବୈଠକରେ ଜିଲା କାର୍ଯ୍ୟକ୍ରମ ସଂଯୋଜକ ଉମେଶ ଚନ୍ଦ୍ର ଷଡ଼ଙ୍ଗୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା)ଡା. ପ୍ରଭାତ କୁମାର ଓଝା, ଜିଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଡେପୁଟି ମ୍ୟାନେଜର ପ୍ରଜୋଜନ ସ୍ୱାସ୍ଥ୍ୟ ଜ୍ୟୋସ୍ନାରାଣୀ ଶର୍ମା, ଏଡିପିଏଚ୍‌ଓ ଡା. ବଂଶୀଧର ପାତ୍ର ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏତେ ସବୁ ବୈଠକ ସତ୍ତ୍ୱେ ମ୍ୟୁନିସିପାଲିଟି ତରଫରୁ ଦୀର୍ଘମାସ ହେବ ସହରର ମଶାତେଲ ଛିଞ୍ଚନ ହେଉ ନାହିଁ। ଫଳରେ ବର୍ଷା ମାସ ଯୋଗୁଁ ସହରରେ ମଶାଙ୍କ ସଂଖ୍ୟା ବୃଦ୍ଧି ପାଉଛି ଓ ଜନସାଧାରଣ ଡେଙ୍ଗୁ ଜ୍ୱରରେ ପୀଡିତ ହେଉଥିବା ଦେଖିବାକୁ ମିଳୁଥିବା ଲୋକେ ଅଭିଯୋଗ କରିଛନ୍ତି।

# ବର୍ଷାରେ ହକି ଷ୍ଟାଡିୟମ କ୍ଷତିଗ୍ରସ୍ତ

ରାଉରକେଲା, ୩ା୮(ସଙ୍ଗୀତା ଜେନା)

ଲଗାଣ ବର୍ଷାରେ ଛେଣ୍ଡ ସ୍ଥିତ ବିର୍ସାମୁଣ୍ଡା ହକି ଷ୍ଟାଡ଼ିୟମ କ୍ଷତିଗ୍ରସ୍ତ ହୋଇଛି। ଷ୍ଟାଡ଼ିୟମର ଗେଟ୍ ନଂ.୨ରୁ ଏୟାରପୋର୍ଟ ଆଡକୁ ଯାଇଥିବା ରାସ୍ତାର ବାମ ପାର୍ଶ୍ୱରେ ବିଛାଯାଇଥିବା ପେଭର ବ୍ଲକଗୁଡ଼ିକ ଭୁଶୁଡ଼ି ପଡ଼ିଛି। ଉକ୍ତ ସ୍ଥାନରେ ଥିବା ପାଚେରୀ ଫାଟିଯାଇଛି। ଧ୍ୟାନଚାନ୍ଦ ଛକରେ ରାସ୍ତା ଉପରେ ପାଣି ଜମିବା ସହ ହକି ଷ୍ଟାଡ଼ିୟମ ଗେଟ୍ ନଂ. ୩ର ପ୍ରାଚୀର ଭାଙ୍ଗି ନଷ୍ଟ ହୋଇଛି।


ବର୍ଷା ଯୋଗୁ ହକି ଷ୍ଟାଡିୟମ ପାଚେରି ଭାଙ୍ଗି ଯାଇଛି।

# ଭଏସ୍ ଜିନିୟସ ସିଜିନ ୧୦ପାଇଁ ପ୍ରତିଯୋଗୀ ଚୟନ


କ୍ଲବ ସଦସ୍ୟଙ୍କ ସହ ପ୍ରତିଯୋଗୀମାନେ।

ଦେବଗଡ,୩ା୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମ୍ୟୁଜିକା ସଙ୍ଗମ ଆଣ୍ଡ ସଙ୍ଗମର ଆଗାମୀ ସ୍ୱାଧୀନତା ଦିବସ ଉପଲକ୍ଷେ ହେବାକୁ ଥିବା ବିଦ୍ୟାଳୟସ୍ତରୀୟ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ଭଏସ ଜିନିୟସ ସିଜିନ ୧୦ପାଇଁ ପ୍ରତିଯୋଗୀ ଚୟନ ହୋଇଯାଇଛି। ୫୦ଜଣରୁ ଉର୍ଦ୍ଧ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଶ୍ରେଷ୍ଠ ୧୨ଜଣ ପ୍ରତିଯୋଗୀଙ୍କୁ ଅଡିସନ ମାଧ୍ୟମରେ ଚୟନ କରାଯାଇଥିଲା। ସେମାନେ ହେଲେ ଦେବଗଡ ସହରସ୍ଥିତ ଅରୁନ୍ଧତୀ ଦାସ, ସୌମ୍ୟ ରଞ୍ଜନ ଆଚାର୍ଯ୍ୟ, ଡେଲ୍ଲିଙ୍ଗ ପାତ୍ର, ଦେବଲୀନା ନାୟକ, ସ୍ମୃତିରେଖା ମେହେର, ସୁଶ୍ରୀ ସୁଲଗନା ମିଶ୍ର, ମାନସୀ ପ୍ରଧାନ, ପଦ୍ମାରାଣୀ ପାତ୍ର, ସହନା ଏସ.ସାହୁ, ବିଜୟିନି ପାତ୍ର, ପ୍ରଜ୍ଞା ପି. ପ୍ରଧାନ, ଦିବ୍ୟ ଦୀକ୍ଷା ଝାଙ୍କର ପ୍ରମୁଖ ଚୟନ ହୋଇଛନ୍ତି। ଚୂଡାନ୍ତ ପ୍ରତିଯୋଗୀମାନଙ୍କୁ ଓଡିଶାର ବିଭିନ୍ନ ସ୍ଥାନରୁ ଆସୁଥିବା ବିଶିଷ୍ଟ କଳାକାର ତଥା ସଙ୍ଗୀତ ପ୍ରଶିକ୍ଷକଙ୍କ ଦ୍ୱାରା ପ୍ରଶିକ୍ଷଣ ଦେବାପରେ ଆସନ୍ତା ଅଗଷ୍ଟ ୧୪ ଓ ୧୫ ତାରିଖ ଦିନଦୁଇ ଦିନ ଧରି ସ୍ଥାନୀୟ ଟାଉନହଲରେ ହେବାକୁ ଥିବା କାର୍ଯ୍ୟକ୍ରମରେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିବେ। ଫାଇନାଲ ଦିନ ନିମନ୍ତ୍ରୀତ ଅତିଥିମାନଙ୍କ ଦ୍ୱାରା ଆକର୍ଷଣୀୟ ପୁରସ୍କାର ସହ ମାନପତ୍ର, ଅର୍ଥରାଶି ପ୍ରଦାନ କରାଯିବ ବୋଲି କ୍ଲବ ତରଫରୁ ସୂଚନା ପ୍ରଦାନ କରାଯାଇଛି। ସେହିପରି କ୍ଲବ ତରଫରୁ ଚଳିତ ବର୍ଷ କଣ୍ଠଶିଳ୍ପୀମାନଙ୍କ ପାଇଁ ଟ୍ରାକ ପ୍ରତିଯୋଗିତା ଓ ରଙ୍ଗାରଙ୍ଗ ସାଂସ୍କୃତିକ ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ସ୍ଥିର କରାଯାଇଛି। ଅଡିସନ କାର୍ଯ୍ୟକ୍ରମରେ କ୍ଲବ ସଭାପତି ବିକାଶ କୁମାର ପ୍ରଧାନ, ସମ୍ପାଦକ ଶଶାଙ୍କ ଶେଖର ଝାଙ୍କରଙ୍କ ତତ୍ତ୍ୱାବଧାନରେ କୋଷାଧ୍ୟକ୍ଷ ସୁରେନ ନାୟକ, ବରଷ୍ଠ ସଦସ୍ୟ ସିକି ମିଶ୍ର, ବାସୁଦେବ ମିଶ୍ର, ଆଶିଷ କୁମାର ସାହୁ, ଅନୁଜ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ସୁନ୍ଦରଗଡ଼ରେ ୧୦୧.୩୫ ମିମି ବର୍ଷା ରେକର୍ଡ

ସୁନ୍ଦରଗଡ,୩ା୮(ଜୟ ନାରାୟଣ ମେଣ୍ଡୁଲି)

ଲଗାଣ ବର୍ଷା ଯୋଗୁ ସୁନ୍ଦରଗଡ ଜିଲାରେ ଜନଜୀବନ ପ୍ରଭାବିତ ହୋଇଛି। ତୁହାକୁ ତୁହା ବର୍ଷା ଲାଗିରହିଛି। ଗୁରୁବାର ସକାଳ ୯ଟା ସୁଦ୍ଧା ଜିଲାରେ ହାରାହାରି ବର୍ଷା ୧୦୧.୩୫ ମିମି ରେକର୍ଡ ହୋଇଛି। ଜିଲାର ୧୭ ବ୍ଲକରେ ମୋଟ ୧୮୨୪.୨୨ମିମି ବର୍ଷା ହୋଇଛି। ସେଥି ମଧ୍ୟରେ କୁତ୍ରା ବ୍ଲକରେ ସର୍ବାଧିକ ୧୯୫.୪ ମିମି ବର୍ଷା ହୋଇଥିବା ବେଳେ କୋଇଡା ବ୍ଲକରେ ସର୍ବନିମ୍ନ ୩୯ ମିମି ବର୍ଷା ହୋଇଛି। ସେହିପରି ବିଶ୍ରା ବ୍ଲକରେ ୧୯୧.୨ ମିମି, କୁଆଁରମୁଣ୍ଡା ବ୍ଲକରେ ୧୭୫.୨, ରାଜଗାଙ୍ଗପୁର ବ୍ଲକରେ୧୫୭.୩୨ମିମି, ବଡଗାଁରେ୧୫୪.୬ ମିମି, ରାଉରକେଲା ମହାନଗରରେ୧୪୨.୮ମିମି, ଲେଫ୍ରିପଡା ବ୍ଲକରେ୧୨୨.୮ମିମି, ହେମଗିର ବ୍ଲକରେ୯୨.୨, ବାଲିଶଙ୍କରା୯୬.୬, ଟାଙ୍ଗରପାଲି ବ୍ଲକରେ୮୬.୨ ମିମି, ସୁନ୍ଦରଗଡ ସଦରମହକୁମାରେ ୮୪.୬,ସବ୍‌ଡେଗା ବ୍ଲକରେ୬୧.୦, ନୂଆଗାଁ ବ୍ଲକରେ ୮୯.୧ ମିମି, ଲାଠିକଟା ବ୍ଲକରେ ୭୯.୨ ମିମି,ବଣାଇଁ ବ୍ଲକରେ ୧୩ମିମି, ଲହୁଣୀପଡା ବ୍ଲକରେ ୧୬ ମିମି ଏବଂ ଗୁରୁଣ୍ଡିଆ ବ୍ଲକରେ ୨୮.୮ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛି। ଲଗାଣ ବର୍ଷା ଯୋଗୁଁ ଅନେକ ସ୍ଥାନରେ ଘର ଭାଙ୍ଗିଥିବାବେଳେ ଯାତାୟତ ବାଧା ପ୍ରାପ୍ତ ହୋଇଛି। ହେଲେ କ୍ଷୟକ୍ଷତିର ପରିମାଣ ଆକଳନ ହୋଇ ନ ଥିବା ଜିଲା ଆପାଦକାଳୀନ ବିଭାଗ ସୂତ୍ରରୁ ଜଣାଯାଇଛି।

## ନିଖୋଜ ବାଳିକା ବିଷୟରେ

ଗତ ତା୨୯.୦୭.୨୦୨୩ରିଖ ସନ୍ଧ୍ୟା ସମୟରେ ପୁରୀ ସମୁଦ୍ରକୂଳ ବତୀଖୁଣ୍ଟ ନିକଟରୁ ଅଢେଇ ବର୍ଷ ବୟସର ଏକ ଶିଶୁ କନ୍ୟା ନିଖୋଜ ହୋଇଯାଇଛି ।

ନାମ–ରାଧା ମଲ୍ଲିକ
ବୟସ–୨ ବର୍ଷ ୬ ମାସ
ଉଚ୍ଚତା–ତିନି ଫୁଟ
ରଙ୍ଗ– ଶ୍ୟାମଳ
ପୋଷାକ– ଗୋଲାପି ଶାର୍ଟ



କେହି ସହୃଦୟ ବ୍ୟକ୍ତି ଏ ଛୋଟ ଝିଅଟିର ସନ୍ଧାନ ପାଇଲେ ବଳିଆପଣ୍ଡା ଥାନାର ନମ୍ବର 9438916313 କିମ୍ବା ତଦନ୍ତକାରୀ ଅଫିସର 9437390096ରେ ଜଣେଇବାକୁ ଅନୁରୋଧ ।


ବର୍ଷା ଛାଡି ଯିବା ପରେ ସୁନ୍ଦରଗଡ ଜିଲା ବଣାଇଁ ଖଣ୍ଡାଧାର ଜଳପ୍ରଭାତର ଦୃଶ୍ୟ। (ଫଟୋ: ସମୀର)

# ପୋଖରୀରେ ବୁଡି ଚାଷୀ ମୃତ

ଦେବଗଡ଼,୩ା୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା କୁଣ୍ଢେଇଗୋଳା ଥାନା ଖଇରପାଲି ଫାଣ୍ଡି ଅନ୍ତର୍ଗତ କୁଶଖଲିଆ ଗ୍ରାମରେ ପୋଖରୀରେ ବୁଡି ଜଣେ ଚାଷୀଙ୍କ ଗୁରୁବାର ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ହାଡିବନ୍ଧୁ ଶବର (୫୦)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଶୁକ୍ରବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ହାଡିବନ୍ଧୁ ଅପରାହ୍ନରେ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ହେଁ କୌଣସି ସନ୍ଧାନ ପାଇ ନ ଥିଲେ। ପରେ ପୋଖରୀରେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ।

# ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ପିଲାମାନେ କୃମି ବଟିକା ଖାଆନ୍ତୁ

ଦେବଗଡ଼, ୩ା୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜାତୀୟ କୃମି ନାଶକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାଧନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇଥିଲେ। ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ୧ ରୁ ୧୯ ବର୍ଷର ପିଲାମାନେ ମାଗଣାରେ ଦିଆଯାଉଥିବା କୃମିନାଶକ ବଟିକା ଖାଇବା ନିତ୍ୟାନ୍ତ ଦରକାର ବୋଲି କହିଥିଲେ। ବୈଠକରେ ଜିଲା କାର୍ଯ୍ୟକ୍ରମ ସଂଯୋଜକ ଉମେଶ ଚନ୍ଦ୍ର ଷଡ଼ଙ୍ଗୀ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ସଂଯୋଜକ(ଯକ୍ଷ୍ମା) ଡା. ପ୍ରଭାତ କୁମାର ଓଝା, ଜିଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଡେପୁଟି ମ୍ୟାନେଜର ପ୍ରଯୋଜନ ସ୍ୱାସ୍ଥ୍ୟ ଜ୍ୟୋସ୍ନାରାଣୀ ଶର୍ମା, ଏଡିପିଏଚ୍‌ଓ. ଡା. ବଂଶୀଧର ପାତ୍ର ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଭାରତ ସରକାର / भारत सरकार
## ଆୟୁଷ ମନ୍ତ୍ରଣାଳୟ / आयुष मंत्रालय

ରାଷ୍ଟ୍ରୀୟ ଧନ୍ୱନ୍ତରୀ ଆୟୁର୍ବେଦ ପୁରସ୍କାର, ୨୦୨୩ ନିମନ୍ତେ ଆୟୁର୍ବେଦ ବିଶେଷଜ୍ଞମାନଙ୍କଠାରୁ ଦରଖାସ୍ତ/ନାମାଙ୍କନ ଆହ୍ୱାନ କରାଯାଉଛି । ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ପୁରସ୍କାରକୁ ଭାରତୀୟ ଔଷଧ କେନ୍ଦ୍ରୀୟ ପରିଷଦ ଅଧିନିୟମ, ୧୯୭୦ର ଅନୁସୂଚୀ II, III, IVରେ ଅନ୍ତର୍ଭୁକ୍ତ ଯୋଗ୍ୟତାଧାରୀ ତଥା ଆୟୁର୍ବେଦ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ଆୟୁର୍ବେଦ ବିଶେଷଜ୍ଞଙ୍କୁ ପ୍ରଦାନ କରାଯାଇଥାଏ । ଧନ୍ୱନ୍ତରୀ ଜୟନ୍ତୀ (ଧନ୍‌ତେରସ) ଦିନ ପାଳିତ ହେବାକୁ ଥିବା ୮ମ ଆୟୁର୍ବେଦ ଦିବସ ଅବସରରେ ପୁରସ୍କୃତଙ୍କୁ ସମ୍ମାନିତ କରାଯିବ। ବିବରଣୀ ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ **http://awards.gov.in**ରେ ଉପଲବ୍ଧ ଅଟେ । ଦରଖାସ୍ତ/ନାମାଙ୍କନ ୧୫ ସେପ୍ଟେମ୍ବର, ୨୦୨୩ ସୁଦ୍ଧା ଦାଖଲ କରାଯିବା ଆବଶ୍ୟକ ।

cbc 17201/11/0006/2324

## OFFICE OF THE ROURKELA MUNICIPAL CORPORATION: ROURKELA
## INVITATION FOR BID
**No.9256, Dated 03.08.2023**
**Bid Identification No. :- MC/RMC/18/2023**

**No.C-974:** The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double cover on online Mode. Bid Identification No. MC/RMC/18/2021 for 01 no. Civil work with value of Rs. 67.70 lakh.

1. Bid documents will be available in website **www.tendersorissa.gov.in** from 03.08.2023.
2. Bids must be submitted on "online" on or before **14.08.2023 by 17.00 hours**
3. Bids shall be opened at **11.00 hours on 16.08.2023** in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in.

**Sd./- Municipal Commissioner**
**Rourkela Municipal Corporation**
OIPR-13131/11/0034/2324

# ଜାଗା ସ୍ଥିର କଲେ ଅଡିଟୋରିୟମ ନିର୍ମାଣ


ବୈଠକରେ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କ ସହ ବିଧାୟିକା ଓ ଅନ୍ୟମାନେ।

ବ୍ରଜରାଜନଗର,୩ା୮(ବିଜୟ ବରାଡ)

## ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କ ବ୍ରଜରାଜନଗର ମହାବିଦ୍ୟାଳୟ ପରିଦର୍ଶନ

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ଅଧ୍ୟକ୍ଷ ଅସିତ ତ୍ରିପାଠୀ ଗୁରୁବାର ଝାରସୁଗୁଡା ଜିଲା ବ୍ରଜରାଜନଗର ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ ଆୟୋଜିତ ସଭାକୁ ସମ୍ବୋଧିତ କରି କଲେଜ କ୍ୟାମ୍ପସରେ ବିନା ପ୍ଲାନରେ ଘର ତିଆରି କରାଯାଇଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ବାର୍ଷିକ ଫଳାଫଳ ବାବଦରେ କଲେଜ ଅଧ୍ୟକ୍ଷ ସମୀର ରଞ୍ଜନ ନାୟକଙ୍କଠାରୁ ପଚାରି ବୁଝିଥିଲେ। ରାଜ୍ୟ ସରକାର ଶିକ୍ଷାର ବିକାଶ ପାଇଁ ୫–ଟି ଯୋଜନା ପ୍ରସ୍ତୁତ କରିଛନ୍ତି। ସେହି ହିସାବରେ ଶିକ୍ଷୟିତ୍ରୀ ଶିକ୍ଷକ ଯତ୍ନବାନ ହେବା ଜରୁରୀ ବୋଲି କହିଥିଲେ। ସ୍ଥାନୀୟ ବିଧାୟିକା ଅଳକା ମହାନ୍ତିଙ୍କ ଚେଷ୍ଟାରେ ରାଜ୍ୟ ସରକାର ଏହି ମହାବିଦ୍ୟାଳୟରେ ଏକ ଅଡିଟୋରିୟମ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିଛନ୍ତି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ପୌର ପ୍ରଶାସନ ନେବ ଓ ଏହି ହଲ ପ୍ରତ୍ୟେକ ଦିନ ଛାତ୍ରୀଛାତ୍ରଙ୍କ ଦ୍ୱାରା ବ୍ୟବହାର ହେବ ବୋଲି ପ୍ରକାଶ କରିଥିଲେ। ବିଧାୟିକା, ଜିଲାପାଳ ଓ ପୌରପ୍ରଶାସନ ବସି ଜାଗାସ୍ଥିର କଲେ ହଲ ନିର୍ମାଣ କରାଯିବ ବୋଲି ଅଧ୍ୟକ୍ଷ କହିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଆବୋଲି ସୁନୀଲ ନରୱାନେ, ବିଧାୟିକା ଅଳକା ମହାନ୍ତି, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ନିର୍ବାହୀ ଅଧିକାରୀ ଅଜିତ ମିଶ୍ର, ପୌରାଧ୍ୟକ୍ଷା ଯାଜ୍ଞସେନୀ ଓରାମ, ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ରତ୍ନପୂର୍ଣ୍ଣା ମହାନ୍ତି ପରିଚାଳନା କରିଥିଲେ।

# ବିଦେଶୀ ମଦ ଜବତ, ୨ ଗିରଫ

ରାଉରକେଲା, ୩ା୮(ସଙ୍ଗୀତା ଜେନା)

ପ୍ଲାଣ୍ଟସାଇଟ ଥାନା ଟ୍ରାଫିକ ଗେଟ୍ ଛକ ଓ ଗାନ୍ଧୀ ରୋଡ୍ ଅଞ୍ଚଳରୁ ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ୨ଜଣ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଗୋପବନ୍ଧୁପାଲୀ ଅଞ୍ଚଳର ସୂର୍ଯ୍ୟରାମ ସାମଲ(୩୧) ଓ ବିକ୍ରମ ପାଶୱାନ(୩୧)। ସୂର୍ଯ୍ୟରାମଙ୍କ ଠାରୁ ୧୨ଟି ବିଅର ଓ ବିକ୍ରମଙ୍କଠାରୁ ୬.୩ ଲିଟର ବିଦେଶୀ ମଦ ଜବତ ହୋଇଛି। ଏ ନେଇ ପୋଲିସ ଦୁଇଟି ମାମଲା (ନଂ. ୨୬୨।୨୩ ଓ ନଂ.୨୬୩।୨୩) ରୁଜୁ କରି ଉଭୟଙ୍କୁ ଗୁରୁବାର କୋର୍ଟଚାଲାଣ କରିଥିବା ଥାନାଧିକାରୀ ଜ୍ୟୋତିରଞ୍ଜନ ପତି ସୂଚନା ଦେଇଛନ୍ତି।

# ରେଙ୍ଗାଳପାଲି ଗ୍ରାମରେ ହାତୀ ଉପଦ୍ରବ

ଦେବଗଡ଼,୩ା୮(ଶଶାଙ୍କ ଶେଖର ଝାଙ୍କର )

ଦେବଗଡ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ରେଙ୍ଗାଳପାଲି ଗ୍ରାମରେ ଗୁରୁବାର ଏକ ଗୋଠଛଡା ଦନ୍ତାହାତୀ କେତେଜଣଙ୍କ ଘର ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ସୂଚନାପାଇ ବନ ବିଭାଗ କର୍ମଚାରୀ ଉକ୍ତ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ହାତୀକୁ ଜଙ୍ଗଲକୁ ଘଉଡାଇବା ପାଇଁ ଉଦ୍ୟମ ଚଳାଇଥିବା ସୂଚନା ମିଳିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଉକ୍ତ ଦନ୍ତାହାତୀ ଗାଁ ପାଖରେ ରହିଥିବାରୁ ରେଙ୍ଗାଳପାଲି ସମେତ ନିକଟସ୍ଥ ବୁଡିବିଲ, ଶ୍ରୀନିବାସପୁର, ପୁରୁଣାପାଣି, ଗାଡପାଳ ଓ କଦଳୀପାଳ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି।

## The Odisha Small Industries Corporation Ltd.
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1526 OSIC GST No. 21AAACO2101M1Z1

## TENDER CALL NOTICE

**Tender Notice No.3840/RE/OSIC** **Dt.02.08.2023**

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of work **"Supply, installation and commissioning of weighbridge at different yard under R.M.C. Junagarh".** Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website **www.osicltd.in** only.

**Sd/-**
**GENERAL MANAGER(O)**
OIPR-14073/11/0045/2324

## ନବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ କୋର୍ଟ ଚାଲାଣ

ଜୁନାଗଡ଼,(ସୁନୀଲ କୁମାର ସିଂହ): କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡିତାଙ୍କ ମା’ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପରେ ଏହି ଘଟଣାରେ ସମ୍ପୃକ୍ତ ବକ୍ତିତୁଲସୀପାଲି ଗ୍ରାମର ଚନ୍ଦନ ବେହେରା(୨୦)ଙ୍କୁ ପୋଲିସ ଗିରଫ କରି ପୋକ୍ସୋ ଆକ୍ଟରେ) ଗୁରୁବାର କୋର୍ଟ ଚାଲାଣ କରିଛି।

### ସଂକ୍ଷେପରେ

## ବର୍ଷାରେ ଖଡ଼ିଆଳଠାରୁ ଉପଖଣ୍ଡ ହସ୍ପିଟାଲ ରାସ୍ତା ଶୋଚନୀୟ

ଖଡ଼ିଆଳ,୨।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳଠାରୁ ଉପଖଣ୍ଡ ଚିକିତ୍ସାଳୟ ହସ୍ପିଟାଲ ରାସ୍ତା ଲଘୁଚାପଜନିତ ବର୍ଷାରେ ବେହାଲ ହୋଇପଡିଛି। ରାସ୍ତାର ଦୁଇ କଡ଼ରେ ବଡ଼ବଡ଼ ଗର୍ତ ସୃଷ୍ଟି ହୋଇଛି। ବର୍ଷାରେ ଗର୍ତ୍ତରେ ପାଣି ଜମା ହୋଇଛି। ଫଳରେ ଦୁଇ ଚକିଆ ଯାନଗୁଡିକ ଗର୍ତ୍ତରେ ପଡି ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଚାରିଚକିଆ ଯାନ ମଧ୍ୟ ଗର୍ତ୍ତରେ ପଡି ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ସାଇକେଲ ଆରୋହୀମାନେ ମଧ୍ୟ ପଡୁଥିବା ଅଭିଯୋଗ ହୋଇଛି। ସୂଚନା ଥାଉକି ଖଡ଼ିଆଳ ଉପଖଣ୍ଡ ହସ୍ପିଟାଲକୁ ଖଡ଼ିଆଳ ଏନଏସି, ଖଡ଼ିଆଳ ଗ୍ରାମାଞ୍ଚଳ, ସିନାପାଲି ସମେତ ବଲାଙ୍ଗୀର ଜିଲା ତୁରେକେଲା, ବଙ୍ଗୋମୁଣ୍ଡା, କଳାହାଣ୍ଡି ଜିଲାର ଗୋଲାମୁଣ୍ଡା ଓ ଛତିଶଗଡ଼ର ଦେଓଭୋଗ ବ୍ଲକର ଲୋକେ ନିର୍ଭର କରିଥାନ୍ତି। ପ୍ରତିଦିନ ୨ଶହରୁ ୩ ଶହ ରୋଗୀ ଆସି ଚିକିତ୍ସା ହେଉଛନ୍ତି। ହସ୍ପିଟାଲ ରାସ୍ତା ଠିକ ନ ଥିବାରୁ ଏପରି ସମସ୍ୟା ଦେଖାଯାଉଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ବ୍ଲକସ୍ତରୀୟ ଜନଶୁଣାଣି

କୋକସରା,୩।୮ (ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକସ୍ତରୀୟ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ କେନ୍ଦ୍ରୀୟ ପଞ୍ଚଦଶ ଅର୍ଥ କମିଶନ ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, ବ୍ଲକ ଏକାଉଣ୍ଟାଣ୍ଟ ଅଶୋକ କୁମାର ସେଠୀ, ଏପିଓ ସୁନିଲ କୁମାର ସାହୁ, ବ୍ଲକ ସାମାଜିକ ସମୀକ୍ଷକ ଜୟ କୁମାର ତାଣ୍ଡି, ଭାରପ୍ରାପ୍ତ ଜିପିଇଓ ବିରଞ୍ଚି ଖର୍ସେଲ ଉପସ୍ଥିତ ରହି ଆର୍ଥିକ ବର୍ଷ ୨୦୨୨-୨୩ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ପଞ୍ଚଦଶ ଅର୍ଥ କମିଶନ ଅନୁଦାନରେ କୋକସରା ବ୍ଲକର ୨୨ ପଞ୍ଚାୟତର କାର୍ଯ୍ୟର ସମୀକ୍ଷା କରିବା ସହ ୨୦୨୨-୨୩ରେ ହୋଇଥିବା କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୨୨ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ମିଶନ ଶକ୍ତିର ମହିଳାଙ୍କ ସହ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଲଗାଣ ବର୍ଷାରେ ଧୋଇଗଲା ଗୁରୁମା ପୋଲ

ନୂଆପଡ଼ା,୩।୮ (ମକାରୁ ବେମାଲ)

ଲଘୁଚାପ ଜନିତ ଲଗାଣ ବର୍ଷାରେ ଅପରଜୋଙ୍କ ଜଳସେଚନ ପ୍ରକଳ୍ପ ପତୋରାରେ ଜଳସ୍ତର ବୃଦ୍ଧି ପାଇଛି। ବୁଧବାର ବନ୍ୟା ଜଳ ନିଷ୍କାସନ ପାଇଁ ଅପରଜୋଙ୍କ ଜଳ ସେଚନରେ ୩ଟି ଗେଟ ଖୋଲିବା ଯୋଗୁ ତଳସ୍ତରରେ ବନ୍ୟା ସୃଷ୍ଟି ହୋଇଛି। ଫଳରେ ସାରାବଙ୍ଗ-ପାୱାରତୋଲା ଜୋଙ୍କ ନଦୀ ବ୍ରିଜ ଉପରେ ୨ଫୁଟ ଉଚ୍ଚରୁ ଊର୍ଦ୍ଧ୍ୱ ପାଣି ବୋହୁଛି। ଅପରଜୋଙ୍କ ପ୍ରକଳ୍ପ ଗେଟ ଖୋଲିଲେ ଜଳସ୍ତର ବଢି ଯାଉଛି ଓ ଗେଟ ବନ୍ଦ ହେଲେ ପାଣି କମି ଯାଉଛି। ଫଳରେ ନୂଆପଡା-ଛତିଶଗଡ ଯୋଗାଯୋଗ ବାହ୍ୟଜଗତରୁ ବିଚ୍ଛିନ୍ନ ହେବାର ଆଶଙ୍କା ରହିଛି। ଲଗାଣ ବର୍ଷା ଯୋଗୁ ଚାଷ ଜମି ସବୁ ଜଳମଗ୍ନ ହୋଇ ନଈନାଳରେ



ଭାଙ୍ଗି ଯାଇଥିବା ଗୁରୁମା ପୋଲ।

ଜଳ ଉଛୁଳି ଯାଇ ପ୍ରକଳ୍ପକୁ ଯାଇ ଭର୍ତ୍ତି ହେଉଥିବାରୁ ଜଳସ୍ତର ବଢି ଯାଉଛି। ତାହା ନିଷ୍କାସନ କରିବା ଦ୍ୱାରା ତଳସ୍ତରରେ ବନ୍ୟା ସୃଷ୍ଟି ହେଉଛି। ସେହିପରି କୋମନା ବ୍ଲକ ଅନ୍ତର୍ଗତ ଟିକ୍ରାପଡା ପଞ୍ଚାୟତ ଜେଠୁପାଲି-ଚୌକପଡା ରାସ୍ତା ମଧ୍ୟ ଭାଗରେ ଥିବା ଗୁରୁମା ନାଳ ପୋଲ ବନ୍ୟା ପାଣିରେ ଭାଙ୍ଗି ଧୋଇଯାଇଛି। ଫଳରେ ମୁଖ୍ୟ ରାସ୍ତାକୁ ଯାତାୟାତ ବିଚ୍ଛିନ୍ନ ହୋଇପଡିଛି। ଗୁରୁମା ପୋଲ ଭାଙ୍ଗିବା ଯୋଗୁ ଟିକ୍ରାପଡା, ନୂଆଗାଁ, ବୃଦ୍ଧିକୋମନା ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ଗାଁ ଓ ବଲାଙ୍ଗୀର ଜିଲାର ଲାଠୋର ଅଞ୍ଚଳର ଅଧିକାଂଶ ଗାଁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଏହି ପୋଲ ପ୍ରବଳ ବର୍ଷାରେ ଭାଙ୍ଗିବାର ୩ ବର୍ଷ ବିତି ଯାଇଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ ଅସ୍ଥାୟୀ ମରାମତି କରି କାମ ସାରି ଦେଇଛି। ଗତବର୍ଷ ସେତୁ ନିର୍ମାଣ ପାଇଁ ୧୧ କୋଟି ୯୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ଏ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇ ପାରି ନ ଥିବାରୁ ଉଦ୍ୟାନବନ୍ଧ-ଜେଠୁପାଲି ରାସ୍ତାରେ ଯାତାୟାତ ଠପ ହୋଇଯାଇଛି।

### ସାରାବଙ୍ଗ-ପାୱାରତୋଲା ବ୍ରିଜ ଉପରେ ୨ ଫୁଟ ପାଣି

# ଘର ଉପରେ ପଡ଼ିଗଲା ଗଛ

ଭବାନୀପାଟଣା,୩।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଫୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଡୋକ୍ରିପଡ଼ାରେ ଗୁରୁବାର ଏକ ଅଭାବନୀୟ ଘଟଣା ସାମନାକୁ ଆସିଛି। ଲଗାଣ ବର୍ଷା ଯୋଗୁ ପାଖରେ ଥିବା ଗଛ ହଠାତ୍ ଘର ଉପରେ ପଡିଯିବାରୁ ଗ୍ରାମର ସୁଦର୍ଶନ ବାଗଙ୍କ ପରିବାର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ସମୟରେ ସୁଦର୍ଶନଙ୍କ ସ୍ତ୍ରୀ ସତ୍ୟା ଓ ତାଙ୍କର ୨ଟି ଛୁଆ ବାହାରୁ ଥିବା ସମୟରେ ହଠାତ୍ ତାଙ୍କ ମାଟି ଘର ଉପରେ ଗଛଟିଏ ପଡିଯାଇଥିଲା। ଦିର୍ଘ ଦିନ ହେବ ସୁଦର୍ଶନଙ୍କ ପରିବାର ଘରଟିଏ ପାଇଁ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏ ଯାଏଁ



ଘର ଉପରେ ଗଛ ପଡିଯାଇଛି।

ପ୍ରଶାସନର ନଜର ପଡିନାହିଁ। ଫଳରେ ସେମାନେ ଏକ ମାଟି ଘରେ ବାସ କରୁଛନ୍ତି। ଏପରିକି ସୁଦର୍ଶନ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଥିବା ଜଣାପଡିଛି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହି ଅସହାୟ ପରିବାରକୁ ଘରଟିଏ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବର୍ଷାରେ ଭାଙ୍ଗିଲା ଘର, ପରିବାର ବେସାହାରା



ଭାଙ୍ଗି ଯାଇଥିବା ଘର ପାଖରେ କୃଷ୍ଣଙ୍କ ପରିବାର।

ନୂଆପଡ଼ା,୩।୮ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଝଗ୍ରାହୀ ପଞ୍ଚାୟତ ଖମବାହୀ ଗାଁରେ ଲଗାଣ ବର୍ଷାରେ ଘର ଭାଙ୍ଗିବାରୁ ଗୋଟେ ପରିବାର ବେସାହାରା ହୋଇପଡିଛନ୍ତି। ଗ୍ରାମର କୃଷ୍ଣ ବାରିକ (୨୬), ସ୍ତ୍ରୀ ଯାଜ୍ଞସିନି ବାରିକ (୨୪) ୨ ବର୍ଷର ପୁଅ ହୃଷିକେଶ ଓ ବୃଦ୍ଧ ବାପା ବିଶ୍ୱମିତ୍ର ବାରିକ (୫୬) ସହ ଝାଟିମାଟି ଘରେ ରହି ଚଳି ଆସୁଥିଲେ। ଲଘୁଚାପଜନିତ ଲଗାଣ ବର୍ଷାରେ ଘର ଭାଙ୍ଗି ଯିବାରୁ ବେସାହାରା ହୋଇ ଅନ୍ୟ ଘରେ ଆଶ୍ରୟ ନେଉଛନ୍ତି। କୃଷ୍ଣ ଜଣେ ଦିନ ମଜୁରିଆ ଗରିବ ଶ୍ରେଣୀର ଲୋକ। ତାଙ୍କ ପାଖରେ ଘର ତିଆରି କରିବା ପାଇଁ ସମ୍ବଳ ନାହିଁ। ଅନ୍ୟର ମୂଳ ଲାଗିଲେ ଚୂଲି ଜଳେ ନ ହେଲେ ଭୋକ ଉପବାସରେ ରହିବାକୁ ପଡେ। କୃଷ୍ଣ ପକ୍ଷେ ଘର ତିଆରି କରିବା ସମ୍ଭବ ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଗଲେ ପରିବାର ଖୁସିରେ ରହି ପାରନ୍ତେ ବୋଲି ପ୍ରଶାସନଠାରେ ଗୁହାରି କରିଛନ୍ତି। ସେହିପରି କୋମନା ବ୍ଲକ ସିଆଲଲଟି ଗାଁର ଗୋପାଳ ସାହୁଙ୍କ ଘର ଆଂଶିକ ଭାଙ୍ଗିଥିବା ବେଳେ ବାବୁଲାଲ ଶବରଙ୍କ ଘର ଭାଙ୍ଗି ଯିବାରୁ ଅନ୍ୟର ଘରେ ଯାଇ ପରିବାର ୯ଜଣ କୁଟୁମ୍ବ ଆଶ୍ରୟ ନେଇଛନ୍ତି। ଭାଲୁକୋନା ଗାଁର ଲଭ ଦୁରିଆଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଲାଇବାନ୍ୟ ଦୁରିଆ, ଓଙ୍କାର ସୁନାନୀ, ନରେଶ ନାଏକ, ହାବା ନାଏକ ଓ କମଲ ସାହୁଙ୍କ ଘର ଭାଙ୍ଗି ଯାଇଛି।

## ରାସ୍ତାରେ ଗଛ ପଡ଼ି ଯାତାୟାତ ବ୍ୟାହତ

ନୂଆପଡ଼ା,୩।୮ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଦର୍ଲିପଡାଠାରେ ରାସ୍ତାରେ ଏକ ବିରାଟ ଗୋହିରା ଗଛ ପଡି ବିଜୁ ଏକ୍ସପ୍ରେସ ୱେକୁ ଯାତାୟାତ ବ୍ୟାହତ ହୋଇଛି। ୩୫୩ ନମ୍ବର ଜାତୀୟ ରାଜପଥ ତରବୋଡଠାରୁ ଦର୍ଲିପଡା ଦେଇ ବିଜୁ ଏକ୍ସପ୍ରେସ ୱେକୁ ସଂଯୋଗ କରୁଥିବା ରାସ୍ତାରେ ଦର୍ଲିପଡାଠାରେ ରାସ୍ତାରେ ବଡ ଗୋହିରା ଗଛ ପଡିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସ୍ଥାନୀୟ ଲୋକେ ଗଛ କାଟି ସଫା କରିବାରୁ ଗୁରୁବାର ଅପରାହ୍ନ ୩ଟାରୁ ଯାତାୟାତ ସ୍ୱାଭାବିକ ହୋଇଛି।

## ବିଦ୍ୟାଳୟ ଗଟେ ସମ୍ମୁଖରେ ପଡ଼ିଲା ଗଛ

ନୂଆପଡ଼ା,୩।୮ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ସଦର ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ଗେଟ ଉପରେ ବଡ ଶାଗୁଆନ ଗଛ ପଡି ରାସ୍ତା ବନ୍ଦ ହୋଇଯାଇଥିଲା। ହେଲେ ଏଥିରେ ଛାତ୍ରୀଛାତ୍ରମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। କୋମନା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତାରୁ ହଟାଇବା ପରେ ଛାତ୍ରୀଛାତ୍ରମାନେ ଯାଇଥିଲେ। ସୂଚନା ମୁତାବକ ଗୁରୁବାର ଅପରାହ୍ନ ୩ଟା ସମୟରେ ଅତ୍ୟଧିକ ବର୍ଷା ଓ ପବନ ଯୋଗୁ ବିଦ୍ୟାଳୟ ପରିସରରେ ଥିବା ଦୁଇଟି ଶାବୁନ ଗଛ ବିଦ୍ୟାଳୟ ଗେଟ ସମ୍ମୁଖରେ ପଡି ଯାଇଥିଲା। ଫଳରେ ବିଦ୍ୟାଳୟର ରାସ୍ତା ବନ୍ଦ ହୋଇଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶ୍ରେଣୀ କୋଠରୀ ଭିତରେ ଅଧ୍ୟୟନ କରୁଥିଲେ। ଗଛ ପଡିବା ସମୟରେ କେହି ନ ଥିବାରୁ କୌଣସି ଅଘଟଣ ଘଟି ନାହିଁ। କୋମନା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ଅନ୍ୟତ୍ର କରିଥିଲେ। ରାସ୍ତା ସ୍ୱାଭାବିକ ହେବା ପରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଘରକୁ ଯାଇଥିଲେ।

# ବର୍ଷାରେ ଭାଙ୍ଗିଲା ଘର, ୨ ପରିବାରଙ୍କୁ ସାହାଯ୍ୟ ଦାବି

କେସିଙ୍ଗା,୩।୮ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସି ୮ନଂ.ୱାର୍ଡରେ ୨ଟି ପରିବାର ଘର ଲଘୁଚାପଜନିତ ବର୍ଷାରେ ଭାଙ୍ଗି ଯାଇଛି। ଫଳରେ ଦୁଇଟି ପରିବାର ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଅନ୍ୟ ଘରେ ଆଶ୍ରୟ ନେଇ ବହୁ କଷ୍ଟରେ ଦିନ କାଟୁଛନ୍ତି। ଉଭୟେ ପରିବାର ଗରିବ ଶ୍ରେଣୀର ହୋଇଥିଲେ ମଧ୍ୟ ଆଜି ଯାଏ ପ୍ରଧାନମନ୍ତ୍ରୀ ଘର ମିଳି ନାହିଁ। ସୂଚନା ଯେ, ଏନ୍‌ଏସିର ୮ ନଂ. ୱାର୍ଡର ରଣାପଡାର କୁବେର ମାଝି ଓ ହରିଜନ ପଡାର ହେମନ୍ତ ନାଏକ ଉଭୟେ ମାଟି ଘରେ ରହି ଆସୁଥିଲେ। ଘର ଭୁଶୁଡି ପଡିବାରୁ ଆସବାସପତ୍ର ନିତ୍ୟ ବ୍ୟବହାର୍ଯ୍ୟ ଚାଉଳ, କପଡା, ଇତ୍ୟାଦି ଜିନିଷପତ୍ର ନଷ୍ଟ ହୋଇଛି। ଘର ଭାଙ୍ଗିଥିବା କୁବେର ମାଝି, ହେମନ୍ତ ନାଏକ ୱାର୍ଡନମ୍ବର ୮ର ଉପାଧ୍ୟକ୍ଷା ସରସ୍ୱତୀ ସାହାଙ୍କୁ ଅଭିଯୋଗ କରିଥିଲେ। ଉପାଧ୍ୟକ୍ଷା ଖବର ପାଇ କେସିଙ୍ଗା ରାଜସ୍ୱ ନିରୀକ୍ଷକ ନିହାରିକା ଦୋରାଙ୍କୁ ଫୋନ କରିଥିଲେ। ପରେ ନିହାରିକା ଦୋରା ଓ ଉପାଧ୍ୟକ୍ଷା ଦୁହେଁ



ଘର ଭାଙ୍ଗିଥିବା ପରିବାରକୁ ରାଜସ୍ୱ ନିରୀକ୍ଷକ ଓ ଉପାଧ୍ୟକ୍ଷା ପରିଦର୍ଶନ କରୁଛନ୍ତି।

ଘର ଭାଙ୍ଗି ଥିବା ସ୍ଥାନ ତଦନ୍ତ କରିଥିଲେ। ଘର ଭାଙ୍ଗି ଥିବା ଉଭୟ ପରିବାରଙ୍କୁ ପଲିଥିନ ଯୋଗାଇ ଦିଆଯିବ ବୋଲି ରାଜସ୍ୱ ନିରୀକ୍ଷକ ପ୍ରକାଶ କରିଥିଲେ। ଏ ସଂକ୍ରାନ୍ତରେ ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବଙ୍କୁ ପଚାରିବାରୁ ତାଲିକାରେ ନାମ ଥିଲେ, ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯିବ ବୋଲି ପ୍ରକାଶ କରିଥିଲେ।

# ଗଛ ଭାଙ୍ଗି ପଡ଼ିଲା, ବର୍ତ୍ତିଲେ ଗ୍ରାମବାସୀ



ରାସ୍ତାରେ ପଡିଥିବା ତେନ୍ତୁଳି ଗଛ।

ନୂଆପଡ଼ା,୩।୮ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ପଞ୍ଚାୟତ ଭାଲୁକୋନା ଗାଁରେ ଲଘୁଚାପଜନିତ ଲଗାଣ ପ୍ରବଳ ବର୍ଷାରେ ବୁଧବାର ରାତିରେ ବହୁ ପୁରୁଣା ବିରାଟ ତେନ୍ତୁଳି ଗଛ ପଡି ରାସ୍ତା ଅବରୋଧ ହୋଇଯାଇଛି। ହେଲେ ଗାଁ ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଭାଲୁକୋନା ଗାଁରେ ବହୁ ପୁରାତନ ବିରାଟ ତେନ୍ତୁଳି ଗଛ ଗାଁ ମଧ୍ୟ ଭାଗ ରାସ୍ତା କଡରେ ରହିଥିଲା। ଗଛର ଅବସ୍ଥା ଯେଉଁ ପ୍ରକାର ରହିଥିଲା କେତେବେଳେ ପଡିଯିବ କାହାକୁ ମଧ୍ୟ ଜଣା ନ ଥିଲା। କାଳେ ଗଛ ପଡିଯିବ ବୋଲି ଗ୍ରାମବାସୀ ଅନେକ ଥର ବନ ବିଭାଗକୁ ଲିଖିତ ଭାବରେ ଜଣାଇଥିଲେ। ହେଲେ ବନ ବିଭାଗ କଥାକୁ ଶୁଣିଲା ନାହିଁ। ବିପଦସଙ୍କୁଳ ଅବସ୍ଥାରେ ଥିବା ପୁରୁଣା ଗଛ ବୁଧବାର ରାତିରେ ବର୍ଷା ପବନରେ ପଡି ଯାଇଛି। ଗଛ ପଡିବା ଦ୍ୱାରା କୌଣସି ଜୀବନ ହାନି ହୋଇ ନ ଥିବା ବେଳେ ପାଖରେ ଥିବା ଟ୍ରାକ୍ଟର ଟ୍ରଲି ଓ ଦୁଇଟି ଘର ସାମାନ୍ୟ ଧକ୍କା ଲାଗିଛି। ୪ଟି ବିଦ୍ୟୁତ ଖମ୍ବ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ୫ରୁ ୬ଟି ଖମ୍ବ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। କେତେବେଳେ ଘର ଉପରେ ପଡିଯିବା ଆଶଙ୍କା ରହିଛି। ସ୍ଥାନୀୟ ସରପଞ୍ଚ କାଳିଆ ପ୍ରଧାନ କୋମନା ବିଦ୍ୟୁତ୍‌ବିଭାଗ ଓ ଅଗ୍ନିଶମ ବିଭାଗକୁ ଖବର କରିବାରୁ ଘଟଣାସ୍ଥଳକୁ ଆସି ବିଦ୍ୟୁତ ସରୋବରାହ ବନ୍ଦ ରହିବା ସହ ପଡି ରହିଥିବା ଗଛ କାଟି ବାହାର କରିବାରୁ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଛି।

# ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ଧର୍ମଗଡ଼,୩।୮ (ହିମାଂଶୁ ଶେଖର ପଣ୍ଡା)

କଳାହାଣ୍ଡି ଜିଲା ଧର୍ମଗଡଠାରେ ଉପଖଣ୍ଡସ୍ତରୀୟ ସ୍ୱାଧିନତା ଦିବସ ପାଳନ ପାଇଁ ଗୁରୁବାର ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ତହସିଲଦାର ହରେକୃଷ୍ଣ ବରିହା ଅଧ୍ୟକ୍ଷତା କରିଥିଲେ। ସ୍ୱାଧୀନତା ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଛି। ୧୫ ତାରିଖ ସକାଳ ୯ଟା ୧୫ ମିନିଟରେ ଧର୍ମଗଡ ଖେଳ ପଡ଼ିଆଠାରେ ସ୍ୱାଧୀନତା ଦିବସରେ ମୁଖ୍ୟଅତିଥି ଜାତୀୟ ପତାକା ଉତ୍ତୋଳନ କରିବେ। ପ୍ରାତଃ ସମୟରେ ସହରରେ ଡାକବାଜି ଯନ୍ତ୍ର ଯୋଗେ ରାମଧୁନ ଗାନ କରାଯିବ ଓ ସହରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବେସରକାରୀ କାର୍ଯ୍ୟାଳୟ ଓ ଅନୁଷ୍ଠାନରେ ସକାଳ ସାଢ଼େ ୭ଟାରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଶାନ୍ତିଶୃଙ୍ଖଳା ରକ୍ଷା, ପରେଡ ଅଭ୍ୟାସ ଓ ସ୍ୱାଧୀନତା ଦିବସ ପରେଡ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଉପଖଣ୍ଡ ପୋଲିସ ଅଧିକାରୀଙ୍କୁ ଅନୁରୋଧ କରାଗଲା। ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରାଥମିକ, ମାଧ୍ୟମିକ, ହାଇସ୍କୁଲ ଓ କଲେଜସ୍ତରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହେବ। ବୈଠକରେ ଧର୍ମଗଡ ବିଡିଓ ଶରତ ଚନ୍ଦ୍ର ସେଠୀ, ଉପଖଣ୍ଡ ପୋଲିସ ଅଧିକାରୀ ଧୀରଜ ଚୋପଦାର, ସହ ଜିଲାପାଳ ନନ୍ଦ କୁମାର ତାଣ୍ଡି ଓ ଏନଏସି ଅଧ୍ୟକ୍ଷା ମନୀଷା ମିଶ୍ର, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ମୁଣ୍ଡ, ବୈଦ୍ୟନାଥ ବେହେରା, ଅଧ୍ୟାପକ ମାଧବ ଲହଜଲ, କ୍ରୀଡା ଶିକ୍ଷକ ଅଭୟ କୁମାର ବାଗ, ସନ୍ତୋଷ ପାଣିଗ୍ରାହୀ, ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ପ୍ରତିନିଧି ତଥା ବିଭିନ୍ନ ବିଭାଗ ଅଧିକାରୀମାନେ ଆଲୋଚନାରେ ଭାଗ ନେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ସିଂ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ବୈଠକରେ ଉପସ୍ଥିତ ଅତିଥି।

# ୨୦ ବର୍ଷ ପରେ ସମ୍ପୂର୍ଣ୍ଣ ମାତ୍ରାରେ କେନାଲରେ ଜଳ ଯୋଗାଣ

### ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ

- ଉପକୃତ ହେବେ ଭବାନୀପାଟଣା, କେସିଙ୍ଗା ବ୍ଲକର ୪୯ ଗ୍ରାମର ଚାଷୀ

ଭବାନୀପାଟଣା,୩।୮ (ଉତ୍ତମ କୁମାର ଦାଶ)

ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ୨୦୦୩ରୁ କେନାଲ ମାଧ୍ୟମରେ ଜଳ ସେଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ କେବଳ ଜିଲାର ଧର୍ମଗଡ ଉପଖଣ୍ଡକୁ ଜଳ ସେଚିତ କରାଯାଉଥିଲା। ତେବେ ଗତ ୨ ବର୍ଷ ତଳେ ଭବାନୀପାଟଣା ବ୍ଲକର ଶଗଡା ମୁଖ୍ୟ କେନାଲ ସମ୍ପ୍ରସାରଣ ମାଧ୍ୟମରେ ପରୀକ୍ଷା ମୂଳକ ଭାବେ ପାଣି ଛଡାଯାଇଥିବାବେଳେ ଚଳିତ ଖରିଫ ଚାଷ ପାଇଁ ଶଗଡା ଅଞ୍ଚଳକୁ ସମ୍ପୂର୍ଣ୍ଣ ମାତ୍ରାରେ ଜଳ ସେଚନ ଆରମ୍ଭ ହୋଇଛି। ଯାହାକି ଏହି ଅଞ୍ଚଳକୁ ଦୀର୍ଘ ୨୦ବର୍ଷ ପରେ କେନାଲ ପାଣି ଆସିବାରୁ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି। ଏହାଦ୍ୱାରା ଭବାନୀପାଟଣା



ଭବାନୀପାଟଣା ଶଗଡା ମୁଖ୍ୟ କେନାଲରେ ପାଣି ଛଡାଯାଇଛି।

ବ୍ଲକର ୩୨ଟି ଗ୍ରାମକୁ ଜଳସେଚିତ କରାଯାଉଥିବାବେଳେ କେସିଙ୍ଗା ବ୍ଲକର ୧୭ଟି ଗ୍ରାମର ଚାଷୀ ଉପକୃତ ହେବେ। ଏହି ୨ବ୍ଲକର ୧୫ହଜାର ୨୬୦ହେକ୍ଟର ଚାଷ ଜମିକୁ ଜଳ ସେଚନ ଲକ୍ଷ ରଖାଯାଇଥିବାବେଳେ ବର୍ତ୍ତମାନ ଚଳିତ ଖରିଫ ପାଇଁ ୮ ହଜାର ୨୯୬ ହେକ୍ଟର ଚାଷ ଜମି ଜଳସେଚିତ ହେଉଥିବା ଜଣାପଡିଛି। ସେହିପରି ଧର୍ମଗଡ ବ୍ଲକ ପର୍ଲା ଅଞ୍ଚଳକୁ ମଧ ଦୀର୍ଘ ୨୦ ବର୍ଷ ପରେ କେନାଲ ପାଣି ଯୋଗାଇ ଦିଆଯାଇଥିବା ସୂଚନା ଦେଇଛନ୍ତି ଇନ୍ଦ୍ରାବତୀ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅନୀଲ କୁମାର ପାଣିଗ୍ରାହୀ। ଇନ୍ଦ୍ରାବତୀ ପ୍ରକଳ୍ପରୁ ସମୁଦାୟ ୧ ଲକ୍ଷ ୧୫ହଜାର ୬୧୫ ହେକ୍ଟର ଚାଷ ଜମିକୁ କେନାଲ ଯୋଗେ ଜଳସେଚିତ କରାଯାଉଥିବାବେଳେ ଏହାଦ୍ୱାରା ଜିଲାର ୪୭୦ଟି ଗ୍ରାମର ଚାଷୀମାନେ ଉଭୟ ଖରିଫ ଓ ରବି (ଡାଲୁଅ) ଧାନ ଚାଷ କରିବାରେ ସକ୍ଷମ ହୋଇପାରୁଛନ୍ତି। ଏହି କେନାଲ ପାଣି ଆସିବା ପରେ ଚାଷୀମାନେ ବର୍ଷା ନ ହେଲେ ମଧ୍ୟ ସହଜରେ ନିଜର ଚାଷ କାମ କରିପାରିବେ।

**ରାସ୍ତା କଡ଼କୁ ଓଲଟିଲା ବୋଲେରୋ, ବର୍ତ୍ତିଲେ ଚାଳକ**

ବିଶ୍ରା,(ବଟ କୃଷ୍ଣ ସ୍ୱାଇଁ): ଭାରସାମ୍ୟ ହରାଇ ରାସ୍ତା କଡ ଜମିକୁ ଓଲଟି ପଡ଼ିଲା ବୋଲେରୋ। ଚାଳକ ଓ ଅନ୍ୟ ଜଣେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଗାଡ଼ି ଭିତରୁ ବାହାର କରିଥିଲେ। ସୂଚନାଯୋଗ୍ୟ, ଖୁଣ୍ଟୁଗାଁରୁ ବାଗଡେଗା ଯିବା ରାସ୍ତାରେ ଏହି ଦୁର୍ଘଟଣା ଘଟିଥିଲା।

## ସଂକ୍ଷେପରେ

### ଲଗାଣ ବର୍ଷାରେ ଭାଙ୍ଗିଲା ମୋବାଇ ଟାୱାର

ହେମଗିର,୩ା୮(ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିରସ୍ଥିତ ବାଇପାସ୍ ରାସ୍ତାରେ ଥିବା ଏକ ମୋବାଇଲ ଟାୱାର ଲଗାଣ ବର୍ଷାରେ ଭାଙ୍ଗିପଡ଼ିଛି। ଟାୱାର ଭାଙ୍ଗି ରାସ୍ତ ଉପରେ ପଡ଼ିବାରୁ ଯାତାୟତରେ ଅସୁବିଧା ହୋଇଥିଲା। ଭାଗ୍ୟବସତଃ ଟାୱାର ଭାଙ୍ଗିବା ବେଳେ କୌଣସି ଯାତ୍ରୀ ନ ଥିଲେ।

### ଇବ୍ ନଦୀରେ ନିଖୋଜ ଯୁବକଙ୍କ ମୃତଦେହ ଠାବ

ସବ୍‌ଡେଗା,୩ା୮(ଅନନ୍ତ ପଟେଲ)

ସୁନ୍ଦରଗଡ ଜିଲା ସବ୍‌ଡେଗା ବ୍ଲକ ଯମୁନା ପଞ୍ଚାୟତ ମାୟାବାହାଲ ଗ୍ରାମ ପାଖରେ ପ୍ରବାହିତ ଇବ୍ ନଦୀକୁ ମଙ୍ଗଳବାର ଅପରାହ୍ନରେ ମାଛ ମାରିବାକୁ ଯାଇ ଖରସ୍ରୋତରେ ଭାସି ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ସଦର ପୋଲିସ ଜବତ କରିଛି। ମୃତ ଯୁବକ ହେଲେ ମହେନ୍ଦ୍ର। ଗୁରୁବାର ସକାଳେ ଭଗପାଲି ନଦୀ କୂଳରୁ ଉକ୍ତ ଯୁବକଙ୍କ ମୃତଦେହ ଠାବ କରାଯାଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ଡାକ୍ତରଖାନାକୁ ପଠାଇବା ସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଭଗପାଲିର ଗ୍ରାମବାସୀମାନେ ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ଏକ ମୃତଦେହ କୂଳରେ ଭାସୁଥିବା ଦେଖି ସ୍ଥାନୀୟ ସରପଞ୍ଚଙ୍କୁ ଖବର ଦେଇଥିଲେ। ପରେ ସରପଞ୍ଚ ସବ୍‌ଡେଗା ଅଗ୍ନିଶମ ବାହିନୀ ଓ ସଦର ଥାନ ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ମହେନ୍ଦ୍ରଙ୍କ ଘର ଲୋକ ଖବର ପାଇ ମୃତଦେହ ଚହ୍ନଟ କରିଥିଲେ।

### ବିଶ୍ୱଶାନ୍ତି ୧୦୮ ଘଣ୍ଟା ଅଖଣ୍ଡ ଯୋଗ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ସୁନ୍ଦରଗଡ,୩ା୮(ଜୟ ନାରାୟଣ ମେଣ୍ଟୁଲି):** ସ୍ଥାନୀୟ ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସୁରଗୁଡା ଗ୍ରାମର ଝିଅ ଦୁର୍ଗେଶିନୀ ପଟେଲଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବିଶ୍ୱଶାନ୍ତି ୧୦୮ ଘଣ୍ଟା ଅଖଣ୍ଡ ଯୋଗ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଦୁର୍ଗେଶିନୀ ମୁଖ୍ୟ ଅତିଥିଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓସିଏସ୍ ପରୀକ୍ଷାରେ ସେ ଭଗବାନ ଶିବଙ୍କୁ ମନେ ପକାଇ କୃତକାର୍ଯ୍ୟ ହୋଇଥିବା କହିବା ସହ ତାଙ୍କ ଜୀବନକୁ ଆଧାତ୍ମିକ ମାର୍ଗରେ ବିଶ୍ୱ ଶାନ୍ତି ପାଇଁ ତଥା ଶ୍ରେଷ୍ଠ ସମାଜ ଗଠନ ପାଇଁ ସେବା କରିବେ ବୋଲି କହିଥିଲେ। ସେବା କେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ଜ୍ୟୋସ୍ନା ଯୋଗ ଉପରେ କହିଥିଲେ। କମଳ ଲୋଚନ ପଟେଲ,ଜନ୍ମେଜୟ ପଟେଲ,ବାଣେଶ୍ୱର ସୁବୁଦ୍ଧି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ମାନସିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ

ବଡ଼ଗାଁ,୩ା୮(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ପ୍ରାଣୀ ଚିକିତ୍ସାଳୟ ପରିସରରେ ଥିବା ଏକ ପରିତ୍ୟକ୍ତ ଗୃହରୁ ଜଣେ ମାନସିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ପ୍ରାୟ ବର୍ଷେ ହେବ ସେ ଯାଜପୁର ଡୁଙ୍ଗୁରିରୁ ଆସି ବଡ଼ଗାଁ ବସଷ୍ଟାଣ୍ଡରେ ରହୁଥିଲେ। ହେଲେ ତାଙ୍କ ନାମ ଜଣିପଡିନାହିଁ।





କୁତ୍ରାରେ ଜଣେ ବ୍ୟକ୍ତିଙ୍କ ଘର ବର୍ଷା ଯୋଗୁ ଭାଙ୍ଗିଯାଇଛି (ବାମ)। ଘର ଭାଙ୍ଗିଥିବା ଲୋକଙ୍କୁ ଜରିପାଲ ଦିଆଯାଉଛି।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର

## ଗୁହାଳ କାନ୍ଥ ପଡି ୪ ବଳଦ ମୃତ

କୁତ୍ରା,୩ା୮(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ଅଞ୍ଚଳରେ ୨ଦିନ ଧରି ଲଗାଣ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଚାରିଆଡେ ଜଳ ପ୍ରଳୟ। ଶଙ୍ଖ ନଦୀରେ ପାଣି ଲଘି ଯିବାରୁ ନଦୀ ନିକଟବର୍ତ୍ତୀ ଅଞ୍ଚଳରେ ରହୁଥିବା ଲୋକେ ଭୟଭୀତ ଅଛନ୍ତି। ଏପରିକି ତରକେରାର ନଦୀତଟ ଚାଷ ଜମିରେ ଦିକଲୁ ରାଉତଙ୍କ ଏକ ଟ୍ରାକ୍ଟର ନଦୀ ପାଣିରେ ବୁଡିଯାଇଛି। ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଥିବାରୁ ବୁଧବାର ରାତିରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ, ଉପାଧକ୍ଷ କୌସ୍ତୁଭ ଭୂଷଣ ହୋତା, ଜିପିଇଓ ନଗେନ୍ଦ୍ର ଦାଶ, ତରକେରା ସରପଞ୍ଚ ବୁଧବାରୀ ଏକ୍କା, କୁତ୍ରା ସରପଞ୍ଚ ଭୁବନ କୁଜୁର ପ୍ରମୁଖ ଉକ୍ତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଉପରେ ନଜର ରଖିଛନ୍ତି। ଲାଗି ରହିଥିବା ବର୍ଷା ଯୋଗୁଁ ଗୁରୁବାର ସନ୍ଧ୍ୟା ସୁଦ୍ଧା କୁତ୍ରା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ୭୩ଟି ଘର ଏବଂ ଗୁହାଳ ଭାଙ୍ଗିଥିବା ନେଇ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। ତହସିଲଦାର ମାନସୀ ନାଏକଙ୍କ ତତ୍ତ୍ୱାବଧାନରେ ରାଜସ୍ୱ ବିଭାଗ ପକ୍ଷରୁ ୫୦ ଜଣଙ୍କୁ ଜରୁରୀ କାଳୀନ ଭିତ୍ତିରେ ପାଲ ଯୋଗାଇ ଦିଆଯାଇଛି। ଅନ୍ୟପକ୍ଷରେ ସମଲାଇମୁଣ୍ଡା ଖଡିଆପଡାରେ ବୁଧବାର ରାତିରେ ଫୁଲଜେନସ୍ ଟେଟେଙ୍କ ଗୁହାଳ ଘର ଭାଙ୍ଗି ୩ ଟି ଗାଈ ଓ ଗୋଟିଏ ବଳଦର ମୃତ୍ୟୁ ଘଟିଛି। ସେହିପରି ପଞ୍ଚରା ମଝାପଡାରେ ଏକ ଶହ ବର୍ଷର ଗୋଟିଏ ତେନ୍ତୁଳି ଗଛ ଉପୁଡି ତିର୍କୀ ମାଝି ଓ ରତ୍ନା ମାଝିଙ୍କ ଘର ଉପରେ ପଡିବାରୁ ଉଭୟଙ୍କ ଘର ଭାଙ୍ଗିଯାଇଛି। ଏଥିସହ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଗଛ କାଟୁଛନ୍ତି। ଏଠାରେ ରେକର୍ଡ ପରିମାଣ ୧୭୧ ମିଲିମିଟର ବର୍ଷା ହେଇଥିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ମିଳିଥିବାବେଳେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପ୍ରଶାସନ ପକ୍ଷରୁ ସମସ୍ତ ସୁବ୍ୟବସ୍ଥା ପାଇଁ ଚେଷ୍ଟା ଚାଲିଛି।

## ଧସିଲା ମାଟିଘର, ଆନ୍ଦୋଳନରେ ଥାଇ କାମକଲେ ସରପଞ୍ଚ

ବଡ଼ଗାଁ,୩ା୮(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ମାଟିଘର ଧସିବା ସହ ଗଛ ପଡି ଅନେକ ଘର ଭାଙ୍ଗିଯାଇଛି। ଫଳରେ ଲୋକେ ସମସ୍ୟା ଭୋଗୁଛନ୍ତି। ବ୍ଲକର ସମସ୍ତ ପଞ୍ଚାୟତରେ ୧୦ରୁ ୨୦ ବ୍ୟକ୍ତିଙ୍କ ଘର ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ହୋଇଛି। ସରପଞ୍ଚମାନେ କଲମ ଛାଡ ଆନ୍ଦୋଳନରେ ଥିବା ସତ୍ତ୍ୱେ ମାନବିକତା ଦୃଷ୍ଟିରୁ ଲୋକଙ୍କ ଏଭଳି ପରିସ୍ଥିତିରେ ସେମାନଙ୍କ ଘରକୁ ଯାଇ ପ୍ରଶାସନର ସହଯୋଗରେ ତାରପୋଲିନ ବଣ୍ଟନ କରିଛନ୍ତି। ଡୁଡାଲଗା ପଞ୍ଚାୟତ ବାଇବାଇ ଗ୍ରାମର ବାନ୍ଦିଧନୁଆର, ନବୀନ ସା, ଦୀପକ ସା, ଡୁଡାଲଗା ଗ୍ରାମର ସଚିନ୍ଦ୍ର କୁଜୁର, ଭଦ୍ର ବାଗ, ମାୟାଧର ଲାକ୍ରା, ମୁକୁନ୍ଦପୁର ଗ୍ରାମର ମଲ୍ଲିକା ମିଞ୍ଜ, କଣ୍ଟିଆମୁରା ଗାଁର ଭସକୋ ଖଡିଆ, ଚାରପାଲି ଗ୍ରାମରେ ସର ଗର୍ଡିଆଙ୍କ ଘର ଲଗାଣ ବର୍ଷାରେ ଧସିଥିବାବେଳେ ଜାଙ୍ଗଲି ଗ୍ରାମର ଶ୍ୟାମ ଖଡ଼ିଆଙ୍କ ଘର ଉପରେ ଗଛ ପଡି ଭାଙ୍ଗି ଯାଇଛି। ସୂଚନାପାଇ ବିଡିଓ କ୍ଷମାନିଧି ଭୋଇ, ସରପଞ୍ଚ ସୁଦୀପ ବାଡା, ରାଜସ୍ୱ ନୀରିକ୍ଷକ ଡିଲେଶ୍ୱରି ନାଏକ, କନିଷ୍ଠ ଯନ୍ତ୍ରୀ କବିତା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଲିଲୀମା ରାଣୀ ଧମେଲ କ୍ଷତିଗ୍ରସ୍ତ ପରିବାରଙ୍କ ଘରକୁଯାଇ ତାରପୋଲିନ ଯୋଗାଇ ଦେଇଛନ୍ତି। ବିଦ୍ୟୁତ୍ ବିଭାଗ କର୍ମଚାରୀ ଗଛ କାଟି ବାହାର କରୁଛନ୍ତି।

## ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ସୁନ୍ଦରଗଡ,୩ା୮(ଜୟ ନାରାୟଣ ମେଣ୍ଟୁଲି)

ନିକଟରେ ଆଖି ଧରା ସଂକ୍ରମଣ ଏବଂ ଜ୍ୱରର ପ୍ରସାର ପରେ ଗୁରୁବାର ଟାଙ୍ଗରପାଲି ବ୍ଲକ ଜୟଶଙ୍କର ସେବାଶ୍ରମରେ ଏନ୍‌ଟିପିସି ଦର୍ଲିପାଲି ଦ୍ୱାରା ଏକ ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ପିଲାଙ୍କ ଡାକ୍ତରୀ ସ୍କ୍ରିନିଂ କରାଯାଇଥିଲା ଏବଂ ଲକ୍ଷଣ ଅନୁଯାୟୀ ଔଷଧ ବଣ୍ଟନ କରାଯାଇଥିଲା। ଏହା ବ୍ୟତୀତ ସମସ୍ତ ଶିଶୁଙ୍କୁ ସାଧାରଣ ଉପକାରୀ ଔଷଧ ମଧ୍ୟ ବଣ୍ଟନ କରାଯାଇଥିଲା। ଡାକ୍ତରମାନେ ଶିଶୁଙ୍କ ପାଇଁ ଆବଶ୍ୟକ ସତର୍କତା ଏବଂ ସୁସ୍ଥ ଅଭ୍ୟାସ ବିଷୟରେ ସେବାଶ୍ରମ କର୍ମଚାରୀଙ୍କୁ ମଧ୍ୟ ବୁଝାଇଥିଲେ।




ଶିବିରରେ ଜଣେ ଶିଶୁଙ୍କ ଆଖି ପରୀକ୍ଷା କରାଯାଉଛି।

ଏହି ଶିବିରରୁ ୧୦୪ ପିଲା ଉପକୃତ ହୋଇଥିଲେ। ସେବାଶ୍ରମରେ ସଂକ୍ରମଣ ରୋଗ ବିସ୍ତାରକୁ ପ୍ରତିହତ କରିବା ପାଇଁ ଏହି ଶିବିର ଅତ୍ୟନ୍ତ ଆବଶ୍ୟକ ଥିଲା।

## ବର୍ଷାରେ ଅସ୍ତବ୍ୟସ୍ତ କୋଇଡା ଖଣି ଅଞ୍ଚଳ

ଟେନ୍‌ସା,୩ା୮(ସମୀର କୁମାର ପାଢୀ)

ଲଗାଣ ବର୍ଷାରେ ଅସ୍ତବ୍ୟସ୍ତ ହୋଇପଡ଼ିଛି ସୁନ୍ଦରଗଡ ଜିଲା କୋଇଡା ଖଣି ଅଞ୍ଚଳ। ଲୋକେ ଘରୁ ବାହାରି ପାରୁ ନ ଥିବା ବେଳେ ଖଟିଖିଆ ଦିନମଜୁରୀଆ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଜମିଥିବା ବେଳେ ପାହାଡ଼ରୁ ଅତଡା ଖସୀ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଛି। ଟେନ୍‌ସା ରାଉରକେଲା ରାସ୍ତା, ଟେନ୍‌ସା ବଡ଼ବିଲ ରାସ୍ତା, କୋଇଡା ରାଉରକେଲା ରାସ୍ତା, କୋଇଡା ଗଣୁଆ ରାସ୍ତା, ଡେଙ୍ଗୁଳା କମଣ୍ଡ ରାସ୍ତା, କୋଇଡା



ପାଟମୁଣ୍ଡା ରାସ୍ତା, ବରସୁଆଁ ଚୋରଧରା ରାସ୍ତାର ମଝିରେ ମଝିରେ ଗଛ ପଡି ରାସ୍ତା ଜାମ ହୋଇଛି। ସେପଟେ ବର୍ଷା ଯୋଗୁଁ କୋଇଡା ଅଞ୍ଚଳରେ ଥିବା ସବୁ ଖଣି ଖାଦାନ ବନ୍ଦ ରହିଥିବାରୁ ହଜାର ହଜାର ଟ୍ରକ ଛିଡା ହୋଇଛି। ଚୋରଧରା, ଗୋପିସାହି, ସାରଖୁଣ୍ଟା, ଜଡିପଦା, ଫୁଲଝରୀ, ଝିରିପାଣି ସମେତ ୧୫ ପଞ୍ଚାୟତର ଅନେକ ଗ୍ରାମ ଏବେ ଜଳମୟ ହୋଇ ରହିଛି।

## କୋଇଡ଼ାରେ ନିଯୁକ୍ତ ହେଲେ ବ୍ଲକ ଶିକ୍ଷାଧିକାରୀ

ଟେନ୍‌ସା,୩ା୮(ସମୀର କୁମାର ପାଢୀ)

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକରେ ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ କୌଣସି ବ୍ଲକ ଶିକ୍ଷା ଅଧିକାରୀ ନ ଥିବା ସହ ଅବହେଳିତ ଅବସ୍ଥାରେ କାର୍ଯ୍ୟାଳୟ ପଡିଥିବା ନେଇ ଜୁଲାଇ ୧୮ରେ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇବାପରେ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇଛି। ମଙ୍ଗଳବାର ନୂଆ ବ୍ଲକ ଶିକ୍ଷା ଅଧିକାରୀ ନିଯୁକ୍ତି କରିଛନ୍ତି। ନୂତନ ଶିକ୍ଷା ଅଧିକାରୀ ଅଭିମନ୍ୟୁ ବେହେରା ବୁଧବାର କାର୍ଯ୍ୟରେ ଯୋଗଦେଇଛନ୍ତି। ତାଙ୍କୁ ଅଫିସର କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହାପରେ ସେ ୨ଟି ବିଦ୍ୟାଳୟ ପରିଦର୍ଶନ କରି ଭଲ ମନ୍ଦ ପଚାରି ବୁଝିଥିଲେ। ବିଡମ୍ବନାର ବିଷୟ



ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଉଛି।

ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଭାଙ୍ଗିରୁଜି ଗଲାଣି। ବର୍ଷା ଦିନେ ଛାତରୁ ପାଣି ଗଳି କମ୍ପ୍ୟୁଟର ଗୁଡିକ ଅକାମି ହୋଇ ପଡ଼ିରହିଛି। ଏଥିସହ ଫାଇଲପତ୍ର ଗୁଡ଼ିକ ମଧ୍ୟ ନଷ୍ଟ ହୋଇଗଲାଣି। କାର୍ଯ୍ୟାଳୟରେ ୩ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରହିବା କଥା, ହେଲେ ୨ଜଣ ଅଛନ୍ତି।

**ଧରିତ୍ରୀ ପ୍ରଭାବ**

ଅଫିସ କୋଠା ଉପରେ ଗଛ ଉଠିବା ସହ ଚାରି ପାଖ ଅଳିଆ ଆବର୍ଜନାରେ ଭରି ରହିଛି। କୋଠା ମରାମତି କରାଯାଉ ନାହିଁ। ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଏନେଇ ନୂତନ କରି ଯୋଗଦେଇଥିବା ଶିକ୍ଷା ଅଧିକାରୀ ବେହେରାଙ୍କୁ ପଚାରିବାରୁ, ସେ ଏହି ବ୍ଲକର ଲୋକ ବୋଲି କହିବା ସହ ତାଙ୍କ ଚାକିରୀ ଆଉ ୨ବର୍ଷ ରହିଛି ବୋଲି କହିଥିଲେ। ବ୍ଲକରେ ଶିକ୍ଷାର ଉନ୍ନତି କିପରି ହେବ ପ୍ରାଣପଣେ ଚେଷ୍ଟା କରିବେ। କାର୍ଯ୍ୟାଳୟ ଅବସ୍ଥା ଶୋଚନୀୟ ରହିଛି। ନୂତନ ଘର କିପରି ନିର୍ମାଣ ହୋଇ ପାରିବ ଉପର ଅଧିକାରୀଙ୍କ ସହିତ କଥା ହେବେ ବୋଲି ସେ ପ୍ରକାଶ କରିଛନ୍ତି।

## ଦାବି ପୂରଣ ପାଇଁ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ

କୁଆଁରମୁଣ୍ଡା,୩ା୮(ମହେନ୍ଦ୍ର କୁମାର ସାହୁ)

ବିଭିନ୍ନ ଦାବି ନେଇ ରାଜ୍ୟ ପଞ୍ଚାୟତ ନିର୍ବାହୀ ସଂଘ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ବୁଧବାର କୁଆଁରମୁଣ୍ଡା ବ୍ଲକ ବିଡିଓଙ୍କ ଉଦ୍ଦେଶ୍ୟରେ ଏବିଡିଓ ପ୍ରଶାନ୍ତ କୁମାର ଜେନାଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏହି ସ୍ମାରକ ପତ୍ରରେ ଦର୍ଶାଯାଇଛି ଯେ, ରାଜ୍ୟରେ ନିଯୁକ୍ତି ପାଇବାକୁ ଥିବା ପିଇଓମାନଙ୍କ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ୨ରୁ ଯୁକ୍ତ ୩କୁ ବୃଦ୍ଧି କରାଯାଉ। ସେହିପରି ଲେବଲ ୫ରୁ ଲେବଲ ୯କୁ ବୃଦ୍ଧି କରାଯାଇ ଦରମା ବୃଦ୍ଧି କରିବା, ୧୦ ବର୍ଷ ପୂରଣ କରିଥିବା ପିଇଓମାନଙ୍କୁ ସିଧାସଳଖ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପଦବୀକୁ ପଦୋନ୍ନତି ଇତ୍ୟାଦି ଦାବି ରହିଛି। ଉପରୋକ୍ତ ଦାବି ପୂରଣ ନ



କୁଆଁରମୁଣ୍ଡା ବ୍ଲକରେ ଏବିଡିଓଙ୍କୁ ପିଇଓ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ହେଲେ ରାଜ୍ୟ ସଂଘର ନିଷ୍ପତ୍ତିକ୍ରମେ ଆସନ୍ତା ୭ରୁ ୧୭ ତାରିଖ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟରତ ପିଇଓ କାର୍ଯ୍ୟସ୍ଥଳୀରେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିବେ । ଏହାପରେ ସରକାର ଦାବି ପୂରଣ ନ କଲେ ୧୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସାମୂହିକ ଛୁଟିରେ ଯିବେ ବୋଲି ସରକାରଙ୍କୁ ସଂଘ ଚେତାବନୀ ଦେଇଛି ।

## ବିଏସ୍‌ଏଫ୍ ଏସ୍‌ଆଇ ବୀରେନ୍ଦ୍ରଙ୍କୁ ଗାର୍ଡ ଅଫ୍ ଅନର



ମୃତ ବିଏସ୍‌ଏଫ ଏସ୍‌ଆଇ ବୀରେନ୍ଦ୍ରଙ୍କୁ ଗାର୍ଡ଼ ଅଫ ଅନର ପ୍ରଦାନ କରାଯାଉଛି।

କୁଆଁରମୁଣ୍ଡା,୩ା୮(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ପୁଟ୍ରଖମଣ ପଞ୍ଚାୟତ ପୁଟ୍ରିଖମଣ ଗ୍ରାମର ବିଏସ୍‌ଏଫ ଏସ୍‌ଆଇ ବୀରେନ୍ଦ୍ର ଖାଖା(୫୦)ଙ୍କୁ ଗୁରୁବାର ତାଙ୍କ ଗ୍ରାମରେ ଗାର୍ଡ ଅଫ ଅନର ଦିଆଯାଇ ସମାଧି ଦିଆଯାଇଛି । ଗାର୍ଡ ଅଫ ଅନର ପ୍ରଦାନ ସମୟରେ କୁଆଁରମୁଣ୍ଡା ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାସଦା, ପୁଟ୍ରଖମଣ ସରପଞ୍ଚ ନରେଶ ସୁରିନ୍, କାଲୋସିହିରିଆ ସରପଞ୍ଚ ବିଜିତା କିଷାନ, କୁଆଁରମୁଣ୍ଡା ପଞ୍ଚାୟତ ସମିତି ଉପାଧକ୍ଷା ସୁନିତା ଅହିର,ଏବିଡିଓ ପ୍ରଶାନ୍ତ ଜେନା ଏବଂ ଅନ୍ୟମାନେ ଉପସ୍ଥିତ ରହି ବିରେନ୍ଦ୍ରଙ୍କ ଶେଷ ଦର୍ଶନ କରିଥିଲେ। ସୂଚନାଥାଉକି, ଜାମ୍ମୁକାଶ୍ମୀରରେ କାର୍ଯ୍ୟରତ ବିଏସ୍‌ଏଫ ଏସ୍‌ଆଇ ବୀରେନ୍ଦ୍ର ଗତ କିଛି ଦିନ ତଳେ ଛୁଟିରେ ନିଜ ଗାଁକୁ ଆସିଥିଲେ। ପେଟ ଯନ୍ତ୍ରଣା ହେବାରୁ ତାଙ୍କୁ ରାଉରକେଲାର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

## ସରକାରୀ ମହିଳା କଲେଜରେ ପ୍ରବେଶ ଉତ୍ସବ

ସୁନ୍ଦରଗଡ,୩ା୮(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଙ୍କ ପାଇଁ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଅଧକ୍ଷା ଡ.କୁମୁଦିନୀ ରାଉତରାୟ ସଭାପତିତ୍ୱ କରି ପ୍ରଥମ ବର୍ଷର ଛାତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ଭାରତୀୟ ପ୍ରଶାସନିକ ସେବା ଅଧିକରୀ ଡ. ପିଏନ ଶର୍ମା, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ଯୋଗଦେଇ ଭବିଷ୍ୟତ ଗଢିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷାର କିପରି ଆବଶ୍ୟକତା ରହିଛି ସେ ସମ୍ପର୍କରେ ବୁଝାଇଥିଲେ। ଅଧ୍ୟାପକ ଡ.ସଞ୍ଜୟ କୁମାର ବେହେରା ପାୱାର ପଏଣ୍ଟ ମାଧ୍ୟମରେ ଛାତ୍ରୀଙ୍କୁ ବିଦ୍ୟାଳୟର ନିୟମାବଳୀ, ଲାଇବ୍ରେରୀର ନିୟମ ଏବଂ ବହିର୍ଭୂତ କାର୍ଯ୍ୟ, ଛାତ୍ରୀ ନିବାସ ନିୟମ ସମ୍ପର୍କରେ ବୁଝାଇଥିଲେ। ସଞ୍ଜିତାଅଭିଜିତା, ସ୍ମିତା ରାଣୀ ପଟେଲ, ସଳିଳା କୁଜୁର, ଅଜିତ କୁମାର ସାହୁ ଓ ମନୋଜ ନାଏକ, ଅଧ୍ୟାପିକା ଅଧ୍ୟାପକମାନେ ଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ଶେଷରେ ଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

### ସରକାରୀ କଲେଜରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

**ସୁନ୍ଦରଗଡ,୩ା୮(ଜୟ ନାରାୟଣ ମେଣ୍ଟୁଲି)** ସୁନ୍ଦରଗଡ ସରକାରୀ କଲେଜରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ଉତ୍ସବରେ ଛାତ୍ରୀଛାତ୍ର ସେମାନଙ୍କ ଅଭିଭାବକଙ୍କ ସହ ଯୋଗଦେଇ କଲେଜର ନିୟମ ଓ ଅନୁଶାସନ ତଥା ଉପଲବ୍ଧ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଅଧକ୍ଷ ଡ.ଲଳିତ ରଞ୍ଜନ ସାହୁ ସଭାରେ ସଭାପତିତ୍ୱ କରି ଅଧ୍ୟୟନରେ ମନ ଦେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ପାଠ୍ୟକ୍ରମ, ସମୟ ସାରଣୀ, ମେଣ୍ଟର ଗ୍ରୁପ, ପାଠ୍ୟ ବହିର୍ଭୂତ କ୍ରିୟା ଇତ୍ୟାଦି ସମ୍ପର୍କରେ ସୂଚନା ଦିଆଯାଇଥିଲା। ଅଗଷ୍ଟ ୧ ଓ ୨ରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ପୃଥକ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଇଂଲିଶ ବିଭାଗ ସହକାରୀ ପ୍ରଫେସର ଆଞ୍ଜେଲିନ୍ କିଣ୍ଡୋ କାର୍ଯ୍ୟକ୍ରମପରିଚାଳନା କରିଥିଲେ। ବରିଷ୍ଠ ଅଧ୍ୟାପକ ଆଲୋକ କୁମାର ନାଏକ, ଡ.ବିନୋଦ ବିହାରୀ ମଲ୍ଲିକ, ଜନ୍ ହାଓ, ମ୍ୟାରୀରୋଜ ଲାକ୍ରା , ପ୍ରଭାକର ସେଠୀ, ସେକ୍ସନ ଅଫିସର ପ୍ରଦୀପ କୁମାର ବହିଦାର ପ୍ରମୁଖ ଉପସ୍ଥିତ ଥିଲେ।



ସରକାରୀ ମହିଳା କଲେଜରେ ମଞ୍ଚାସୀନ ଅଧ୍ୟାପିକା ଅଧ୍ୟାପକ।




ସରକାରୀ କଲେଜରେ ଉପସ୍ଥିତ ଅଧ୍ୟାପିକା ଓ ଅଧ୍ୟାପକ।

# ମୟୂରଭଞ୍ଜ ଝିଅ ଓଡ଼ିଶା ଟପ୍ପର

**ନିଟ୍ ପିଜି ପ୍ରବେଶିକା ପରୀକ୍ଷା**

ବାରିପଦା,୩।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ମାଧପୁର ଗ୍ରାମର ଝିଅ ପ୍ରୀତିପଦ୍ମା ଶତପଥୀ ନିଟ୍ ପିଜି ପ୍ରବେଶିକା ପରୀକ୍ଷା ଓଡ଼ିଶା ର୍ୟାଙ୍କର ଟପ୍ପର ହୋଇଛନ୍ତି। ସେ ସର୍ବଭାରତୀୟ ର୍ୟାଙ୍କରେ ୧୭୮ସ୍ଥାନରେ ରହିଛନ୍ତି। ଗୁରୁବାର ଓଡ଼ିଶା ର୍ୟାଙ୍କ ପ୍ରକାଶ ପରେ ସେ ଟପ୍ପର ହୋଇଥିବା ଜଣାପଡ଼ିଛି। ପ୍ରୀତିପଦ୍ମା ବର୍ତ୍ତମାନ ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ବାପା ଚିତ୍ତରଞ୍ଜନ ଶତପଥୀ ଜଣେ ଘରୋଇ ଟିଉସନ ଶିକ୍ଷକ ଓ ମା' ରଞ୍ଜିତା ଗୃହିଣୀ। ପ୍ରୀତିପଦ୍ମା ବେତନଟୀ ନିକଟ ଶାଳବଣୀ ଜବାହର ନବୋଦୟ ବିଦ୍ୟାଳୟରୁ ୨୦୧୫ରେ ୯୫.୨ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଥିଲେ। ପ୍ରଥମ ଉଦ୍ୟମରେ ୨୦୧୬ରେ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ କଟକ ଏସସିବିରେ ଡାକ୍ତରୀ(ଏମ୍‌ବିବିଏସ୍) ପଢ଼ି ୨୦୨୨ମେ ମାସରେ ଚାକିରିରେ ଯୋଗ ଦେଇଥିଲେ। ୨୦୨୩ରେ ଡାକ୍ତରୀ ଓପିଏସ୍‌ସିରେ ମଧ୍ୟ କୃତକାର୍ଯ୍ୟ ହୋଇଛନ୍ତି। ନିଟ ପିଜି ପ୍ରବେଶିକା ପରୀକ୍ଷାରେ ତାଙ୍କର ସଫଳତା ନେଇ ଜିଲାବାସୀ ଖୁସି ବ୍ୟକ୍ତ କରିଛନ୍ତି।



ପ୍ରୀତିପଦ୍ମା ଶତପଥୀ

# ଜୁଲାଇ ସୁଦ୍ଧା ଖର୍ଚ୍ଚ, ରାଜସ୍ୱ ଆଦାୟ ବଢ଼ିଛି

ଭୁବନେଶ୍ୱର,୩।୮ (ଅନିଲ ଦାସ)

**ସଚିବ ସ୍ତରୀୟ ବୈଠକ**

**ଜନସାଧାରଣଙ୍କ ଅଭିଯୋଗ ଶୁଣାଣିକୁ ଗୁରୁତ୍ୱ**

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷର ଜୁଲାଇ ମାସ ସୁଦ୍ଧା ବଜେଟ ଅନୁମୋଦନ ଅର୍ଥର ପ୍ରାୟ ୪ ପ୍ରତିଶତ ଅଧିକ ଖର୍ଚ୍ଚ କରିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟର ବଜେଟ ଅନୁମୋଦନ ହିସାବରେ ଜୁଲାଇ ମାସ ଶେଷ ସୁଦ୍ଧା ବିଭାଗଗୁଡ଼ିକ ୧୬.୪୩ ପ୍ରତିଶତ ଖର୍ଚ୍ଚ କରିଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ମାସ ଶେଷ ସୁଦ୍ଧା ଏହା ୨୦.୯୭ ପ୍ରତିଶତ ରହିଛି। ସେହିପରି ରାଜସ୍ୱ ଆଦାୟ ମଧ୍ୟ ଗତବର୍ଷ ତୁଳନାରେ ବଢ଼ିଛି। ଗତ ଆର୍ଥିକ ବର୍ଷର ଜୁଲାଇ ମାସ ସୁଦ୍ଧା ୧୨ .୨୮ ପ୍ରତିଶତ ଥିବାବେଳେ ଚଳିତ ବର୍ଷ ଏହା ୨୦ .୬୮ ପ୍ରତିଶତକୁ ବୃଦ୍ଧି ପାଇଛି। ଗୁରୁବାର ଖାରବେଳ ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ସମୀକ୍ଷା ବୈଠକରେ ଏହି ସୂଚନା ଦିଆଯାଇଛି।

ଭିତ୍ତିଭୂମି, ଶକ୍ତି ଓ ମିଶନ ଶକ୍ତି କ୍ଷେତ୍ର ଖର୍ଚ୍ଚରେ ଉନ୍ନତି ହୋଇଛି। ବିଭାଗଗୁଡ଼ିକ ଧାର୍ଯ୍ୟଲକ୍ଷ୍ୟ ଅନୁସାରେ କାର୍ଯ୍ୟକରି ଓ ଖର୍ଚ୍ଚ ବିନିଯୋଗ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ସେହିପରି ପୁଞ୍ଜି ସହାୟତା ପାଇଁ ରାଜ୍ୟକୁ ମିଳୁଥିବା ସ୍ୱତନ୍ତ୍ର ସହାୟତା ଅର୍ଥ ଖର୍ଚ୍ଚ କରାଯିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଅବସର ଗ୍ରହଣ କରୁଥିବା କର୍ମଚାରୀମାନଙ୍କର ଚୂଡ଼ାନ୍ତ ପେନସନ ଶୀଘ୍ର ମଞ୍ଜୁର ପାଇଁ ଡିଡିଓମାନେ ଗୁରୁତ୍ୱ ଦେବା ସହ ବିଭାଗୱାରି ଜନ ଅଭିଯୋଗ ଶୁଣାଣିର ସ୍ଥିତି ସମୀକ୍ଷା କରାଯାଇଛି। ବୈଠକରେ କର୍ମଚାରୀମାନଙ୍କ ଅପେକ୍ଷା ସାଧାରଣ ଲୋକଙ୍କର ଅଭିଯୋଗଗୁଡ଼ିକୁ ଗୁରୁତ୍ୱ ଦିଆଯାଇ ତ୍ୱରିତ ଫଇସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଅକ୍ଟୋବରରେ ହେବାକୁ ଥିବା ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ନେଇ ଜାତୀୟସ୍ତରୀୟ ସମ୍ମିଳନୀ ଆୟୋଜନ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଛି।

ଏହି ବୈଠକରେ ପ୍ରଥମେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ ଜୁଲାଇ ମାସ ଶେଷ ସୁଦ୍ଧା ବିଭିନ୍ନ ବିଭାଗର ସଚିବମାନେ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିଥିବା ବିଭାଗର ପ୍ରମୁଖ କାର୍ଯ୍ୟ ସଫଳତା ସମ୍ପର୍କରେ ଉପସ୍ଥାପନ କରିଥିଲେ।

ଏହି ପରିପ୍ରେକ୍ଷୀରେ ସୂଚନା ଦେଇ ଉନ୍ନୟନ କମିଶନର କହିଥିଲେ ଯେ ଜୁଲାଇ ମାସ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପାଇଁ ବହୁ ସଫଳତା ଆଣିଦେଇଛି। ଚଳିତ ମାସରେ 'ଜାତୀୟ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ' ସମୀକ୍ଷା ଅନୁସାରେ ଓଡ଼ିଶାରେ ଦାରିଦ୍ର୍ୟ ଦୂରୀକରଣ ହାର ଦେଶର ଅନ୍ୟ ପ୍ରମୁଖ ରାଜ୍ୟ ଭଳି ଦ୍ରୁତତମ ରହିଥିବା ରିପୋର୍ଟ ପ୍ରକାଶ ପାଇଛି। ଗ୍ରାମୀଣ ବିକାଶ ଲକ୍ଷ୍ୟରେ ପୂର୍ବରୁ ଥିବା 'ଆମ ଗାଁ ଆମ ବିକାଶ' ନିର୍ଦ୍ଦେଶନାମାରେ ସଂଶୋଧନ କରାଯାଇ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ପରିବର୍ତ୍ତିତ ହୋଇ ତଦନୁସାରେ ଗ୍ରାମୀଣ ବିକାଶ ପାଇଁ ପଦକ୍ଷେପ ନିଆଯାଉଛି। ରାଜ୍ୟର ବିକାଶ ଓ ଶିଳ୍ପାୟନ ପାଇଁ ଆବଶ୍ୟକ ଥିବା ଓଡ଼ିଶା ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଏବଂ ଫାବ୍‌ଲେସ୍ ପଲିସି ଅନୁମୋଦନ କରାଯାଇଛି। ଡିଜିଟାଲ୍ ଇଣ୍ଡିଆ ଲ୍ୟାଣ୍ଡ ରେକର୍ଡ ଆଧୁନିକୀକରଣ କାର୍ଯ୍ୟକ୍ରମର ଲକ୍ଷ୍ୟଗୁଡ଼ିକୁ ପୂରଣ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶାକୁ 'ଭୂମି ସମ୍ମାନ' ପୁରସ୍କାର, ଓଡ଼ିଶା ରାଜ୍ୟ କୃଷି ବିପଣନ ବୋର୍ଡକୁ ସ୍କଚ ପୁରସ୍କାର-୨୦୨୩, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀମାନଙ୍କ ହିତ ଦୃଷ୍ଟିରୁ ରାଜ୍ୟ ସରକାର କୃଷକମାନଙ୍କ ପ୍ରିମିୟମ ଅଂଶ ପ୍ରଦାନ ପାଇଁ ନିଷ୍ପତ୍ତି, ଜଳ ସମ୍ପଦ ବିଭାଗ ପକ୍ଷରୁ ନୂତନ ଭାବେ ଲୋୟର ସୁକତେଲ ପ୍ରକଳ୍ପରେ ଜଳ ସଂରକ୍ଷଣ କରାଯିବା ସହିତ ଅନ୍ୟାନ୍ୟ ବିଭିନ୍ନ କ୍ଷେତ୍ରରେ ଜୁଲାଇ ମାସରେ ରାଜ୍ୟର ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ସେ ସୂଚନା ଦେଇଛନ୍ତି। ବୈଠକରେ ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ, ଲଣ୍ଡନ ତରଫରୁ ଓଡ଼ିଶାରେ ଅର୍ଥନୈତିକ ବିକାଶ ପାଇଁ ଯେଉଁସବୁ କାର୍ଯ୍ୟକ୍ରମ ରହିଛି, ସେସବୁର ସଫଳ ରୂପାୟନରେ ବୈଷୟିକ ଓ ଅନ୍ୟାନ୍ୟ କ୍ଷେତ୍ରରେ ସହଯୋଗ କରିବା ସମ୍ପର୍କରେ ବିଶଦ ଉପସ୍ଥାପନ କରାଯାଇଥିଲା। ଶେଷରେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ପ୍ରବୀଣ ଦେଶାଇ ଶିମିଳିପାଳ, ଭିତରକନିକା, ସାତକୋଶିଆ ପରି ଓଡ଼ିଶାର ବନ୍ୟପ୍ରାଣୀ ଅଭୟାରଣ୍ୟକୁ କିପରି ବିଶ୍ୱସ୍ତରୀୟ କରାଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ଉପସ୍ଥାପନ କରିଥିଲେ। ଆଲୋଚନାରେ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ ସଚିବମାନେ ଅଂଶଗ୍ରହଣ କରିଥିଲେ।

# ଦୁର୍ଘଟଣାରେ ଶିକ୍ଷକଙ୍କ ମୃତ୍ୟୁ

ପାଲଲହଡା,୩।୮ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡା ଥାନା କଇଁଶୀରିପାଲି ଛକ ନିକଟ ଜାତୀୟ ରାଜପଥ ୪୯ରେ ଗୁରୁବାର ଦୁର୍ଘଟଣା ଘଟି ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଛି। ମୃତ ଶିକ୍ଷକ ହେଉଛନ୍ତି ଖେମଲା ପଞ୍ଚାୟତ ଫୁଲଝରି ଗ୍ରାମର ଜୟ ସିଂ ପୂର୍ତ୍ତି (୫୦)। ବଡିସୀମା ପଞ୍ଚାୟତ ରେଙ୍ଗାଳି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ସିଂ ପାଲଲହଡ଼ା ଉଦୟପୁର ସାହିରେ ୨ ବର୍ଷ ହେବ ରହୁଥିଲେ। କୌଣସି କାର୍ଯ୍ୟରେ ସେ ୪୯ ନମ୍ବର ଜାତୀୟ ରାଜପଥ କଇଁଶୀରିପାଲି ରାସ୍ତାରେ ସ୍କୁଟିରେ ଯାଉଥିବା ସମୟରେ ପଛରୁ ଏକ କଣ୍ଟେନର ଧକ୍କା ଦେଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପାଲଲହଡା ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ରାସ୍ତାରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ଶେଷ ହେଉ ଜାଇକା କାମ

**ହାଇକୋର୍ଟରେ ଜନସ୍ୱାର୍ଥ ମାମଲା**

କଟକ,୩।୮ (କାର୍ତ୍ତିକ ସାହୁ)

କଟକ ସହରରେ ଚାଲିଥିବା ଜାଇକା କାର୍ଯ୍ୟ ଏକ ନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ ଶେଷ କରାଯିବାକୁ ନେଇ ହାଇକୋର୍ଟରେ ବୁଧବାର ଏକ ପିଟିଶନ ଦାୟର ହୋଇଛି। ଜାଇକା କାର୍ଯ୍ୟ ବିଳମ୍ବିତ ହେଉଥିବା କାରଣରୁ ସହରବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି। ଜାଇକାର ଅପରିଣାମଦର୍ଶୀ କାର୍ଯ୍ୟ ଯୋଗୁ ଅନେକ ଜୀବନହାନି ଘଟିଛି। ଏନେଇ ଅଭିଯୋଗ ସତ୍ତ୍ୱେ ବି ପୋଲିସ କୌଣସି ମାମଲା ରୁଜୁ କରୁନାହିଁ କି ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉନାହିଁ। ଦେବାଶିଷ ରାଉତଙ୍କ ପକ୍ଷରୁ ଏହି ଜନସ୍ୱାର୍ଥ ମାମଲା ଦାୟର ହୋଇଛି।

କଟକ ସହରର ଡ୍ରେନେଜ ଓ ସ୍ୱେରେଜ ବ୍ୟବସ୍ଥାର ଉନ୍ନତୀକରଣ ନିମନ୍ତେ ଜାଇକା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପାଇଁ ମୁଖ୍ୟମନ୍ତ୍ରୀ ୨୦୧୨ ଅକ୍ଟୋବରରେ ଶିଳାନ୍ୟାସ କରିଥିଲେ। ୨୦୧୬ରେ ଏହି କାର୍ଯ୍ୟ ଶେଷ ହେବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ହେଲେ ଇତିମଧ୍ୟରେ ୧୩ ବର୍ଷ ବିତିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇନାହିଁ। ଅପରପକ୍ଷରେ ସହରର ରାସ୍ତାଗୁଡ଼ିକ ବାରମ୍ବାର ଖୋଳିବା ଫଳରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବକ୍ସଡ୍ରେନ୍ କାମ ଚାଲିଥିବାବେଳେ ସହରବାସୀ ପୂର୍ବଭଳି ଜଳବନ୍ଦୀ ସମସ୍ୟା ଭୋଗୁଛନ୍ତି। ୨୦୨୦ରେ ଜାଇକାର କାର୍ଯ୍ୟ ନେଇ ହାଇକୋର୍ଟ ନିଜ ଆଡୁ ଏକ ମାମଲା ରୁଜୁ କରିଥିଲେ। ଏହି ମାମଲାର ଶୁଣାଣିବେଳେ ୨୦୨୧ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ଜାଇକାର ପ୍ରକଳ୍ପ ନିର୍ଦ୍ଦେଶକ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ। ମାତ୍ର ତାହା ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ପ୍ରାରମ୍ଭିକ ଅବସ୍ଥାରେ ଜାଇକା ପ୍ରକଳ୍ପ ପାଇଁ ୭୫୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ମାତ୍ର ଏହା ଏବେ ୪,୦୦୦କୋଟି ଟଙ୍କାରେ ପହଞ୍ଚିଲାଣି। ଖାଲି ସେତିକି ନୁହେଁ, ଜାଇକାର ଅବହେଳା ଯୋଗୁ ଅନେକ ଜୀବନହାନି ଘଟିଲାଣି। ଚଳିତବର୍ଷ ମୁକୁଳା ଡ୍ରେନରେ ପଡ଼ି ୪ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉନାହିଁ। ଏପରି କି ଥାନାରେ ଅଭିଯୋଗ କଲେ ବି ମାମଲା ରୁଜୁ ହେଉନାହିଁ। ଜାଇକା କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ମୃତ୍ୟୁ ହେଲେ ସେମାନଙ୍କ ପରିବାର ଉପଯୁକ୍ତ କ୍ଷତିପୂରଣ ପାଉନାହାନ୍ତି। ତେଣୁ ଜାଇକା କାର୍ଯ୍ୟ କେବେ ଶେଷ ହେବ, ମୁକୁଳା ଡ୍ରେନ୍‌ର ସୁରକ୍ଷା ନେଇ କ'ଣ ପଦକ୍ଷେପ ନିଆଯାଉଛି ଓ ବିନା ଶ୍ରମ କାର୍ଡରେ କାମ କରୁଥିବା ଶ୍ରମିକଙ୍କୁ କ୍ଷତିପୂରଣ ଲାଗି କ'ଣ ବ୍ୟବସ୍ଥା ହୋଇଛି ସେ ସମ୍ପର୍କରେ ଜଣାଇବା ପାଇଁ ନିର୍ଦ୍ଦେଶ ଦେବାକୁ ପିଟିଶନ୍‌ରେ ପ୍ରାର୍ଥନା କରାଯାଇଛି। ଏଥିରେ ନଗର ଉନ୍ନୟନ ବିଭାଗ, ସାଧାରଣ ପ୍ରଶାସନ ବିଭାଗ, ଜାଇକାର ମୁଖ୍ୟଯନ୍ତ୍ରୀ, ସିଏମ୍‌ସି କମିଶନର ଓ କଟକ ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆଇନଜୀବୀ ପଦ୍ମାଳୟା ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

## OFFICE OF THE PROJECT DIRECTOR DUDA, GAJAPATI

### QUOTATION CALL NOTICE

Letter No.346 Date:27.07.23

**No.CAD-1509:** Sealed quotations are invited from the Intending Firms/ Dealers/ Suppliers and Manufacturers for the **"Supply, fitting and fixing Stationery, Electronic, Furniture and Office Accessories of DUDA, Gajapati".** The rate should be quoted including of all taxes/ transportation and other charges. The quotation should be received at DUDA Office in DUDA, Gajapati on or before 10.08.2023 at 11.30 A.M and same will he opened on dtd. 10.08.2023 at 1:00 P.M in the presence of the quotationer or their authorized representatives. The bid cost is of Rs. 2000/- (Non-Refundable). The quotationer should quote the rate both in figure and words. If any alternation or overriding made in the quotation it should be attested by the quotationer. **The quotationer should submit the copy of PAN Card, IT, G.S.T and Registration Certificate.** The undersigned reserves all the rights to accept or reject any or all the quotations without assigning any reason thereof.

OIPR-19378/11/0001/2324 **Sd./- Project Director, DUDA, Gajapati**

## Government of Odisha Housing and Urban Development Department

No.PT1-HUD-OE-MISC-0004-2021 15152/HUD, Dated 31.07.2023

### TENDER CALL NOTICE

**No.C-962:** In continuation to this Department Letter No.14238, dated 17.07.2023, it is informed that Xerox Paper of 70GSM is included in the ପ୍ରସାଧନିକ ସାମଗ୍ରୀ list and the scheduled date for submission of Tender is hereby extended upto 10.08.2023 remaining all other terms and conditions un-altered.

**Sd./- Under Secretary to Government**

OIPR-13001/11/0027/2324

## GOVERNMENT OF ODISHA OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO. - I

No. B-587

E-mail ID: sepwdrgda1@gmail.com

### "e" Procurement Notice

**Bid Identification No. RC (RANDB) RGD 02/2023-24 (Online Tender)**

**File No. E-II-C8-28/2023 No. 3938 Date: 25.07.2023**

1. No. of the Works : 5 (Five) Nos. of Building works only
2. Estimated Cost : As mentioned against the work
3. Cost of Document : As mentioned against the work
4. Bid Security (EMD-Online) : As mentioned against the work
5. Class of Contractor : As mentioned against the work
6. The Bid documents will be available in the website **www.tendersodisha.gov.in** from 11.00 Hrs. of dated 05.08.2023 to 17.00 Hrs. of dated 14.08.2023 for online bidding
7. Last date/time for receipt of Bids in the Portal : Upto 17.00 Hrs. of dated 14.08.2023
8. Bids received "Online" shall be opened at 11.00 hours on dated 16.08.2023 in the Office of the Superintending Engineer, Rayagada (R&B) Division No. - I.
9. Further details can be seen from the e-Procurement portal: **"www.tendersodisha.gov.in"**. Any Addendum/Corrigendum/Cancellation of tender can also be seen in the said website only.

**Sd./- Executive Engineer**
**Rayagada (R&B) Division No. - I**

OIPR-34040/11/0003/2324

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUNDARGARH

ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼
ଜିଲା ଅନ୍ଧତ୍ୱ ନିୟନ୍ତ୍ରଣ ସମିତି, ସୁନ୍ଦରଗଡ଼

Notice No.:................/DBCS/SNG Date:......../......../2023

### TENDER CALL NOTICE

ଜିଲ୍ଲା ଅନ୍ଧତ୍ୱ ନିୟନ୍ତ୍ରଣ କାର୍ଯ୍ୟକ୍ରମ ନିମନ୍ତେ ଆବଶ୍ୟକ ହେଉଥିବା ଔଷଧ ଏବଂ ଅନ୍ୟାନ୍ୟ ସାମଗ୍ରୀ ନିମନ୍ତେ ବିଜ୍ଞାପନ

No. E-298: Sealed tender is invited for supply of Drugs & Consumables and Ophthalmic Equipments/Instruments which are used in District Blindness Control Society, Sundargarh for the year 2023-24. The interested party having valid GSTIN may be applied. The lists of the items are mentioned below in details. The term & conditions of the tender may be downloaded from the website **www.sundergarh.nic.in**. The tender should reach to the Office of the undersigned by 22.08.2023, 5.30 P.M. This office will not entertain any tender after the due date/time fixed for at any circumstances. The undersigned reserves the right to reject any or whole tender without assigning any reason thereof.

**Sd./- Dr. S.K. Mishra**
**Chief Distirct Medical & Public Health Officer, Sundargarh**

OIPR-10100/11/0013/2324

## BHUBANESWAR MUNICIPAL CORPORATION

### E-PROCUREMENT NOTICE

**No.C-965:** **E-mail Id: eebmcdiv3@gmail.com**

1. Bid Reference No. : BMC-EED-III-08/2023-24
2. Tender Call Notice No. : No.36460, Dt.01.08.2023
3. No. of Work : 13 Nos.
4. Bid Value : Rs.4,53,402.00 to Rs.42,71,728.00
5. Period of Completion : 60 to 90 Days

**Date and Time Schedule**

| Start | End | Opening |
|---|---|---|
| 11.00 AM of 03.08.23 | 5 P.M. of 14.08.23 | 11.00 AM 16.08.23 |

6. Tender details : Can be seen from the procurement portal: **https://www.tendersodisha.gov.in.** BMC website **https://www.bmc.gov.in.**

**Sd./- Executive Engineer, Div-III**
**Bhubaneswar Municipal Corporation**

OIPR-13002/11/0093/2324

## GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER CENTRAL (R&B) CIRCLE, BHUBANESWAR

Mail Id: seccbbsr@gmail.com

### E-Procurement Tender Call Notice No. 06 of 2022-23

**No. 2457 (Estg.) Bhubaneswar the 31st July 2023**

No. B-585: The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for construction one number Composite Building work to be received in online bidding, double cover system as detailed in: **https://tendersorissa.gov.in**. The details of bid documents will be available in the above website from 5.00 P.M. of 04.08.2023 to 5.00 P.M. of 18.08.2023. The bidders must possess Compatible Digital Signature Certificate of Class II or III. Bids received online shall be opened at 11.00 A.M. of 19.08.2023 in the Office of the Chief Construction Engineer, Central (R&B) Circle, Bhubaneswar.

Further details can be seen from the e-procurement portal: **www.tendersorissa.gov.in**.

Addendum/Corrigendum, if required, will be available only in the Website.

**Sd./- Er. P.K. Mohanty**
**Chief Construction Engineer**
**Central (R&B) Circle, Bhubaneswar**

OIPR-34156/11/0009/2324

## OFFICE OF THE DISTRICT JUDGE, DHENKANAL

**No. 01/Rect./2023**

### ADVERTISEMENT

**Dated the 29th day of July 2023**

No. W-34: Applications in the prescribed format are invited from the intending candidates for filling up of the following Posts of Jr. Clerk-cum-Copyist, Jr. Typist, Stenographer Grade-III and Salaried Amin in the Judgeship of Dhenkanal in the regular pay scale as mentioned in the following table against each post with usual D.A. and other allowances, as admissible to them from time to time by the Government of Odisha. The Odisha District and Civil Courts' Judicial Staff Services (Method of Recruitment and Conditions of Service) Rules, 2008 (as amended in the year 2010 & the year 2023) shall govern these appointments and shall be subject to the result of W.P. (C) No. 1273/2014 pending before the Hon'ble High Court of Orissa, Cuttack.

| Sl. No. | Categories of Post | Scale of Pay as per Pay Matrix of ORSP Rules, 2017 | UR | SC | ST | SEBC | Total |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Junior Clerk-cum-Copyist | Level - 4 Rs.19,900 - 63,200/- | 5 | - | 1 (W) | 1 | 7 |
| 2 | Junior Typist | Level - 4 Rs.19,900 - 63,200/- | - | - | 2 (W-1) | - | 2 |
| 3 | Stenographer Gr-III | Level - 7 Rs.25,500 - 81,100/- | - | 1 (W) | 2 (W-1) | - | 3 |
| 4 | Salaried Amin | Level - 5 Rs.21,700 - 69,100/- | - | - | 1 | - | 1 |

**NOTE:** Reservation of vacancies for Ex-Service men, Sports person and Persons with Disability (PwD) shall be made in accordance with the provisions made under the relevant rules. The number of above vacancies in different categories of the Posts may increase or decrease. The authority reserves the right to cancel the recruitment process at any time without prior notice. The decision of the District Judge as to the method of recruitment and result of examination shall be final.

Last Date of Application: 02.09.2023

For details please visit the District Court Website: **https://dhenkanal.dcourts.gov.in**.

**OIPR-18051/11/0001/2324** **Sd./- District Judge, Dhenkanal**

## Mo School Abhiyan Parichalana Sangathan

A-1 Block, 6th Floor, Toshali Bhawan, Satya Nagar, Bhubaneswar, Odisha-751007

## ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ

ଏ-୧ ବ୍ଲକ୍, ୬ଷ୍ଠ ମହଲା, ତୋଷାଳୀ ଭବନ, ସତ୍ୟନଗର
ଭୁବନେଶ୍ୱର, ଓଡ଼ିଶା-୭୫୧୦୦୭

### ଜନସାଧାରଣଙ୍କ ପାଇଁ ଜରୁରୀ ବିଜ୍ଞପ୍ତି

ତାରିଖ-୦୧/୦୮/୨୦୨୩, ଭୁବନେଶ୍ୱର

### ଜାଲି ନିଯୁକ୍ତି ବିଜ୍ଞାପନ ପ୍ରଚାର ସମ୍ବନ୍ଧୀୟ ସୂଚନା

**No.n-139:**"ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ" ନାମରେ ନିଯୁକ୍ତି ସମ୍ବନ୍ଧିତ ମିଥ୍ୟା ବିଜ୍ଞାପନ ହ୍ୱାଟ୍‌ସଆପ୍ ଗ୍ରୁପ ଓ ଅନ୍ୟାନ୍ୟ ସୋସିଆଲ ମିଡିଆ ମାଧ୍ୟମରେ ପ୍ରସାରିତ ହେଉଥିବା "ମୋ ସ୍କୁଲ" କାର୍ଯ୍ୟାଳୟର ଦୃଷ୍ଟିଗୋଚର ହୋଇଛି । 'ମୋ ସ୍କୁଲ' କାର୍ଯ୍ୟାଳୟ ଏହା ସ୍ପଷ୍ଟ କରିବାକୁ ଚାହୁଁଛି ଯେ, ଏହି ବିଜ୍ଞାପନଟି ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଏବଂ ଏହି ସଂଗଠନ ସହିତ କୌଣସି ରୂପେ ଜଡ଼ିତ ନୁହେଁ । ଏ ସମ୍ପର୍କରେ ହେଉଥିବା ଠକାମିର କୌଣସି ଦାୟିତ୍ୱ 'ମୋ ସ୍କୁଲ' ଗ୍ରହଣ କରେ ନାହିଁ ।

'ମୋ ସ୍କୁଲ' ସମ୍ବନ୍ଧିତ ସମସ୍ତ ସଠିକ୍ ତଥ୍ୟ ପାଇବା ପାଇଁ ସମସ୍ତଙ୍କୁ "ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ"ର ଅଫିସିଆଲ୍ ୱେବ୍‌ସାଇଟ୍ (www.moschool.in) ପରିଦର୍ଶନ କରିବାକୁ ପରାମର୍ଶ ।

**OIPR-27045/11/0024/2324**

## Government of Odisha ST & SC Development, M&BCW Department

### TENDER NOTICE

**TENDER FOR PROVIDING SERVICES OF TEN PEON ON OUTSOURCING BASIS THROUGH SERVICE PROVIDING AGENCY TO ST & SC DEVELOPEMNT, M&BCW DEPARTMENT**

**Tender No. STSCD-OE-ESTT-0030-2015/15801/SSD**

**Dated: 01.08.2023**

**No.V-31:** Sealed tender is invited under bid system from reputed and experienced Service Providing Agency for providing the services of Ten Peon on outsourcing basis for a period of one year to ST & SC Development, M&BCW Department to manage the day to day official work. The details of the bidding process are as follows:

| Sl. No. | Bidding Schedule | Deadline |
|---|---|---|
| 1. | Date of Issue of Tender | 10.08.2023 |
| 2. | Tender Due Date and Time | 05.09.2023 (up to 5:00 PM) |
| 3. | Opening of Technical Bid | 08.09.2023 at 4:00 PM |
| 4. | Opening of Financial Bid | 08.09.2023 at 5:30 PM |

Bidders are required to submit the technical and financial bids separately. The bids in sealed Cover-I containing "Technical Bid" and sealed Cover-II containing "Financial Bid" should be placed in a third sealed cover super-scribed **"TENDER FOR PROVIDING SERVICES OF TEN PEON ON OUTSOURCING BASIS THROUGH SERVICE PROVIDING AGENCY TO ST & SC DEVELOPMENT, M&BCW DEPARTMENT"** must reach the undersigned on or before **5.09.2023 up to 5:00 PM** through **Speed Post / Registered Post / Courier only.**

The bid document containing eligibility criteria, scope of the work and other terms and conditions of the tender can be downloaded from https://www.stscodisha.gov.in/. The authority reserves the right to reject any/all proposals and cancel tender process without assigning any reason thereof.

**Complete Address for Submission of Bid:**
**The Joint Secretary to Government, ST & SC Development, M&BCW Department,**
**Government of Odisha, Lok Seva Bhawan,**
**Bhubaneswar-751001**
**Email: www.stscodisha.gov.in**

**Sd./- Joint Secretary to Government**
**ST & SC Development, M&BCW Department**

OIPR-26001/11/0005/2324

## ODISHA STATE CASHEW DEVELOPMENT CORPORATION LIMITED

Kaju Bhawan, Ghatikia, Near Kalinga Studio, Bhubaneswar - 751029
CIN - U01133OR1979SGC000818

**No. 3154/OSCDC** **Date: 02.08.2023**

### WALK-IN-INTERVIEW

No. CAD-1513: Applications are invited from eligible candidates for the Post of 1 (One) Consultant Company Secretary, 1 (One) Executive Assistant to MD, 1 (One) IT Executive and 1 (One) Assistant Manager (Land) at OSCDC Ltd. for a period of two years. The requisite qualification for the above posts is given below. Interested candidates are requested to attend a Walk-in-Interview for the Post mentioned above on 09.08.2023 at 11.00 A.M. in the Head Office of OSCDC Limited, Bhubaneswar along with the copies of testimonials in support of their Educational Qualification and Service records. The engagements are purely temporary in nature and is not intended to fill up any sanctioned posts.

| Sl. No. | Name of Position | Minimum Qualification | Remuneration | Maximum Age Limit | Tenure of Contract | Work Experience |
|---|---|---|---|---|---|---|
| 1 | Consultant Company Secretary | Company Secretary (Fellow Member of ICSI) | Negotiable | 60 years | 2 years | 10 years |
| 2 | Executive Assistant to MD | Graduate in any stream with good knowledge on computer application | Negotiable | 60 years | 2 years | 5 years |
| 3 | IT Executive | Post Graduate with PGDCA in Computer Application/IT Related Courses | Negotiable | 60 years | 2 years | 5 years |
| 4 | Assistant Manager (Land) | Retired ORS/OAS Officer with relevant knowledge on Land & revenue | As per Finance Deptt. Office Memorandum No. 24533 Dt.29.09.2022 | 65 years | 2 years | 10 years |

The selected candidate shall furnish an affidavit regarding non-pendency of any Criminal Case/Vigilance Case/Disciplinary proceeding against him/her at the time of joining.

**OIPR-01049/11/0002/2324** **Sd./- Managing Director**

## ODISHA MINING CORPORATION LIMITED

OMC House, Bhubaneswar-751001, Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES — Mining Happiness

**NIT NO.30/OMC/CIVIL/2023**

**No.CAD-1515:** Tender for the following works are invited on-line through e-procurement portal of Govt. of Odisha.

| Sl. No | Name of the work | Estimated cost (In lakh rupees) | Time period of the work (in month) | Class of Contractor | EMD online (In Rupees) | Cost of Bid document (Rs.) Online |
|---|---|---|---|---|---|---|
| 1 | Construction of compound wall to Staff Hostel & Community Centre including Box Culvert at Base Camp of GIOM in the district of Keonjhar. | 248.41 | 06 (six) | B&A | 2,48,500/- | 10,000/- + 18% GST |
| 2 | Construction of Crated Boulder wall along with provision of Garland drain & chain link fencing near Danla of Block-A Mines of GIOM in the district of Keonjhar. | 45.86 | 04 (Four) | B | 45,900/- | 6,000/- + 18% GST |
| 3 | Renovation of existing Ground Floor and Construction of First Floor (Part) with Electrification and Interior work of the Hospital Building at Daitari in the district of Keonjhar (Balance work) | 115.67 | 06 (Six) | B&A | 1,15,700/- | 10,000/- + 18% GST |

1. Availability of Bid document in Govt. portal from dt. 08/08/23 to 22/08/2023 up to 5.00 PM. 2.Last date of on-line submission of tender in the portal is dt 22/08/2023 up to 5.00 PM. 3.Date of opening of Technical Bid is dt 23/08/23 at 11.00 AM. All other details can be seen from bid documents available at Govt. website www.tendersodisha.gov.in. Odisha Mining Corporation Ltd. reserves the right to reject any or all tenders without assigning any reason thereof.

OIPR-30005/11/0091/2324 **CGM (Civil)**

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ଅଭିଯିସ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜିଠୁ ୨ ଦିନିଆ ଗସ୍ତରେ ଆସୁଛନ୍ତି ଶାହ

ଭୁବନେଶ୍ୱର, ୩।୮ (ସୁନିତ୍ ମିଶ୍ର)



ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଶୁକ୍ରବାରଠାରୁ ୨ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଶାହ ଶୁକ୍ରବାର ଦିଲ୍ଲୀରୁ ବିମାନ ଯୋଗେ ଆସି ରାତି ୧୦ଟା ୩୦ ମିନିଟ୍‌ରେ ଭୁବନେଶ୍ୱରଠାରେ ପହଞ୍ଚିବେ। ବିମାନବନ୍ଦରରୁ ଏକ ଘରୋଇ ହୋଟେଲ ଯାଇ ସେଠାରେ ରାତ୍ରିଯାପନ କରିବେ।

ଶନିବାର ପୂର୍ବାହ୍ନ ୧୧ଟାରୁ ୧୨ଟା ପର୍ଯ୍ୟନ୍ତ ଜାତୀୟ ରାଜପଥ ପ୍ରକଳ୍ପ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଶାହ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ମଧ୍ୟାହ୍ନ ୧୨ରୁ ସାଢେ ୧୨ ପର୍ଯ୍ୟନ୍ତ ନକ୍ସଲ ଦମନ ପଦକ୍ଷେପ ଓ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମ୍ପର୍କିତ ସରକାରୀ ବୈଠକରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ମଧ୍ୟ ଯୋଗଦେବେ ବୋଲି ଜଣାପଡ଼ିଛି। ଲୋକସେବା ଭବନର ନୂଆ କନ୍‌ଭେନଶନ ସେଣ୍ଟରଠାରେ ହେବାକୁ ଥିବା ଏହି ବୈଠକ ଲାଗି ସରକାରୀସ୍ତରରେ ଜୋରଦାର ପ୍ରସ୍ତୁତି ଚାଲିଛି।

ଏହାପରେ ଶାହ ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ଯାଇ ସେଠାରେ କାର୍ଯ୍ୟକର୍ତ୍ତାଙ୍କ ସହ ବୈଠକ କରିବେ। ଦଳୀୟ ବୈଠକ ଶେଷ ପରେ ରାଜ୍ୟ କାର୍ଯ୍ୟାଳୟରେ ମଧ୍ୟାହ୍ନ ଭୋଜନ କରିବେ । ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ସେ ପୁଣିଥରେ ଦଳୀୟ କର୍ମକର୍ତ୍ତା ଓ ବରିଷ୍ଠ ନେତୃବୃନ୍ଦଙ୍କ ସହ ରୁଦ୍ଧଦ୍ୱାର ବୈଠକ କରିବେ । ସେହିଦିନ ୬ଟାରେ ଶାହ ଭୁବନେଶ୍ୱର ଛାଡିବା ପୂର୍ବରୁ ବିମାନବନ୍ଦର ଲାଉଞ୍ଜରେ ମଧ୍ୟ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ବୈଠକ କରିବା କାର୍ଯ୍ୟକ୍ରମ ରହିଛି। ତେବେ ଶାହଙ୍କୁ ବିମାନବନ୍ଦରରେ ସ୍ୱାଗତ କରିବା ଲାଗି ବିରାଟ ଆୟୋଜନ କରାଯାଉଥିବା ସୂଚନା ମିଳିଛି। ଭୁବନେଶ୍ୱର ଏବଂ ଆଖପାଖ ଜିଲାର ନେତାମାନେ ନିଜର କର୍ମୀମାନଙ୍କୁ ଧରି ବିମାନବନ୍ଦରଠାରେ ପହଞ୍ଚି ନିଜ ଶକ୍ତି ପ୍ରଦର୍ଶନ କରିବାକୁ ଏବେଠାରୁ ଲାଗି ପଡ଼ିପଡିଲେଣି। ଅନ୍ୟପଟେ ଦଳୀୟ କାର୍ଯ୍ୟାଳୟଠାରେ ହେବାକୁ ଥିବା କାର୍ଯ୍ୟକ୍ରମ ଲାଗି ଗୁରୁବାର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି।


କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୋଆ ଏଆଇସିସି ଇନ୍‌ଚାର୍ଜ ଏବଂ ରାଜ୍ୟ ଦଳୀୟ ନେତୃବୃନ୍ଦଙ୍କ ସହ ଗୁରୁବାର ପଣଜୀଠାରେ ଆଲୋଚନା କରୁଛନ୍ତି।

# ଭାଜପାକୁ ନୁହେଁ, ପାର୍ଲାମେଣ୍ଟର କ୍ଷମତାକୁ ବିଜେଡି ସମର୍ଥନ କରିଛି: ପିନାକୀ

ଭୁବନେଶ୍ୱର,୩।୮ (ଅନିଲ ଦାସ)

ଦିଲ୍ଲୀ ସର୍ଭିସ ବିଲ୍‌କୁ ସମର୍ଥନ ଦେଇ ବିଜେଡି ହରଡ଼ଘଣାରେ ପଡିଛି। ବିଜେଡିକୁ ବିଭିନ୍ନ ରାଜନୈତକ ଦଳର ସମାଲୋଚନା ଶିକାର ହେବାକୁ ପଡିଛି। ଏଥିପାଇଁ ବିଜେଡି ପକ୍ଷରୁ ଗୁରୁବାର ସ୍ପଷ୍ଟୀକରଣ ଦିଆଯାଇଛି।


ପିନାକୀ ମିଶ୍ର

ଲୋକ ସଭାରେ ବିଜେଡି ସଂସଦୀୟ ଦଳ ନେତା ପିନାକୀ ମିଶ୍ର କହିଛନ୍ତି ଯେ ଦିଲ୍ଲୀ ବିଲ୍‌କୁ ସାମ୍ବିଧାନିକ ଦୃଷ୍ଟିକୋଣରୁ ବିଜେଡି ସମର୍ଥନ କରିଛି। ଏହା ଭାଜପାକୁ ସମର୍ଥନ ନୁହେଁ ବରଂ ଏକ ବିଲ୍‌କୁ କାର୍ଯ୍ୟକାରୀ କରିବା ପାଇଁ ପାର୍ଲାମେଣ୍ଟର କ୍ଷମତାକୁ ବିଜେଡି ସମର୍ଥନ ଦେଇଛି। ସମ୍ବିଧାନର ଧାରା ୨୩୯(କ)ରେ ସଂସଦକୁ ଦିଲ୍ଲୀ ମାମଲାରେ ଆଇନ ପ୍ରଣୟନ କରିବାର କ୍ଷମତା ମିଳିଛି। ତେଣୁ ଭାଜପାକୁ ତାଙ୍କ ଦଳ ଖୋଲା ସମର୍ଥନ କରିନାହିଁ। ରାଜ୍ୟରେ ଭାଜପା ହିଁ ବିଜେଡିର ପ୍ରମୁଖ ବିରୋଧୀ। ଓଡ଼ିଶାରେ କଂଗ୍ରେସ ସମ୍ପୂର୍ଣ୍ଣ ମୂଳପୋଛ ହୋଇଗଲାଣି। ରାଜ୍ୟରେ ଏହି ଦଳର ଭୋଟ ୧୦ ପ୍ରତିଶତକୁ ଖସିଗଲାଣି। ତାହା ସେହି ଦଳର ଦୁର୍ଭାଗ୍ୟ। କଂଗ୍ରେସ ଓ ଭାଜପାଠାରୁ ସମଦୂରତ୍ୱ ନୀତିରେ ବିଜେଡି ରହିଛି ବୋଲି ପିନାକୀ କହିଛନ୍ତି।

# ଭାଜପା ଦୁର୍ନୀତି ପ୍ରସଙ୍ଗ ଉଠାଇବା ଓସାମା ବିନ୍ ଲାଡେନ ମୁହଁରେ ଅହିଂସାର କଥା ଭଳି: ସଞ୍ଜୟ ସିଂ



ନୂଆଦିଲ୍ଲୀ,୩।୮

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଗୁରୁବାର ଦିଲ୍ଲୀ ଅଧ୍ୟାଦେଶ ବିଲକୁ ନେଇ ଲୋକ ସଭାରେ ଚର୍ଚ୍ଚା କରିଥିଲେ। ଏହାକୁ ଦିଲ୍ଲୀ ସରକାର ବିରୋଧ କରୁଥିବା ବେଳେ ଶାହ କହିଥିଲେ ଦିଲ୍ଲୀ ସର୍ଭିସେସ ବିଲ ପାସ ହେବା ପରେ ବିରୋଧୀ ମେଣ୍ଟରୁ ଅଲଗା ହୋଇଯିବ ଏଏପି। ଶାହ ଙ୍କ ଏହି ବୟାନକୁ ନେଇ ଏଏପି ଏମ୍‌ପି ସଞ୍ଜୟ ସିଂ ତାଙ୍କର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଭାରତୀୟ ଜନତା ପାର୍ଟି(ଭାଜପା) ଯେତେବେଳେ ଦୁର୍ନୀତିର କଥା ଉଠାଉଛି ଲାଗୁଛି ସତେ ଯେମିତି ଓସାମା ବିନ ଲାଡେନ ଅହିଂସାର କଥା କହୁଛନ୍ତି। ଆଉ ଜଣେ ଦୁର୍ନୀତି ଗ୍ରସ୍ତ ଲୋକଙ୍କୁ ହିଁ ସବୁଠି ଦୁର୍ନୀତି ହେଲା ଭଳି ନଜର ଆସିବ। ସେ ଆହୁରି ମଧ୍ୟ କହିଛନ୍ତି, ଯେଉଁ ଦଳ ଅଜିତ ପାୱାରଙ୍କ ବିରୋଧରେ ୭୦,୦୦୦ଟଙ୍କାର ଦୁର୍ନୀତି ଅଭିଯୋଗ କରିଥିଲା ସେହି ଭାଜପା ଗୋଟିଏ ଦିନ ପରେ ତାଙ୍କୁ ଦଳରେ ସାମିଲ କରିବା ସହ ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ କରିପାରିଥିଲା। ସେହିଭଳି ହିମନ୍ତ ବିଶ୍ୱଶର୍ମାଙ୍କ ଉପରେ ଦୁର୍ନୀତି ଅଭିଯୋଗ ଆଣିଥିବା ଦଳ ତାଙ୍କୁ ଆସାମର ମୁଖ୍ୟମନ୍ତ୍ରୀ କରିଦେଲା। ତେଣୁ ଏହି ଦଳରେ ଆଉ କିଛି ବାକି ରହିଛି କି ବୋଲି ସଞ୍ଜୟ ପ୍ରଶ୍ନ କରିଛନ୍ତି।


## ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା




**ଅଭିଯିସ୍ୟା ସ୍ୱାଇଁ**
ଗ୍ରାମ-ଏରଡା,ନାଉଗାଁ, ଜଗତ୍‌ସିଂହପୁର
ଆଜି ଚତୁର୍ଥ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
ଶୁଭେଚ୍ଛା ସହ: ଜେଜେ, ଜେଜେମା, ପାପା, ମାମା, ମାମୁ, ଅଜା, ଆଈ, ମାଉସୀ, ଦାଦା, ବନ୍ଧୁ ଓ ପରିବାରବର୍ଗ।
ଧ-୦୯୬୩


# ଶାହଙ୍କ ଗସ୍ତ: ତେଜିଲା ରାଜନୀତି

- **ନବୀନଙ୍କୁ ଧନ୍ୟବାଦ ଦେବାକୁ ଆସୁଛନ୍ତି: କଂଗ୍ରେସ**
- **ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ କେତେବେଳେ ବି ଆସିପାରନ୍ତି: ବିଜେଡି**
- **କଂଗ୍ରେସ ଆଲୋଚନା କମ୍ କଲେ ଭଲ: ଭାଜପା**

ଭୁବନେଶ୍ୱର, ୩।୮ (ସୁନିତ୍ ମିଶ୍ର)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ୨ ଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ପାର୍ଲାମେଣ୍ଟରେ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଆଣିଥିବା ଦିଲ୍ଲୀ ଅଧ୍ୟାଦେଶକୁ ବିଜେଡି ସମର୍ଥନ ଦେଇଥିବା ବେଳେ ବିରୋଧୀ ଆଣିଥିବା ଅନାସ୍ଥା ପ୍ରସ୍ତାବକୁ ନିକଟରେ ବିରୋଧ କରିବ ବୋଲି ହୁଇପ୍ ଜାରି କରିଛି। ଏହାପରଠାରୁ ଭାଜପା ଏବଂ ବିଜେଡି ମଧ୍ୟରେ ବହୁ ଭଲ ସମ୍ପର୍କ ଥିବା ନେଇ ଜାତୀୟ ଏବଂ ରାଜ୍ୟସ୍ତରରେ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ଏଭଳି ସମୟରେ ଶାହ ଓଡ଼ିଶା ଗସ୍ତରେ ଆସିବା ଖବର ରାଜନୀତିକୁ ଆହୁରି ସରଗରମ କରିଦେଇଛି। ଶାହ ଓଡ଼ିଶା ଆସି ତାଙ୍କ ଦଳକୁ ସମର୍ଥନ ଦେବା ଖୁସିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇବାକୁ ଆସୁଥିବା କଂଗ୍ରେସ ଅଭିଯୋଗ କରିଛି। ରାଜ୍ୟ କଂଗ୍ରେସ ନେତାମାନେ ଭାଜପାକୁ ଏହା ବିଜେଡିର ଖୋଲା ସମର୍ଥନ ବୋଲି ମଧ୍ୟ କହିବା ଆରମ୍ଭ କରିଛନ୍ତି। ଅନ୍ୟପଟେ ବିଜେଡି ଉଭୟ ଏନ୍‌ଡିଏ ଓ ବିରୋଧୀ ମେଣ୍ଟ(ଇଣ୍ଡିଆ) ଠାରୁ ସମଦୂରତ୍ୱ ନୀତି ଆପଣାଇ ଆସୁଛି ବୋଲି ଯାହା ଦୀର୍ଘବର୍ଷ ଧରି କହିଆସୁଥିଲା ସେକଥାକୁ ନେଇ ମଧ୍ୟ ଅନେକ ସ୍ତରରେ ଏବେ ପ୍ରଶ୍ନ ଉଠିବା ଆରମ୍ଭ ହୋଇଯାଇଛି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ନବୀନବାବୁଙ୍କୁ ଧନ୍ୟବାଦ ଜଣାଇବା ଉଦ୍ଦେଶ୍ୟରେ ଶାହ ଓଡ଼ିଶା ଗସ୍ତରେ ଆସୁଛନ୍ତି। ତାଙ୍କ ରାଜ୍ୟ ଗସ୍ତ ଏସବୁ କେବଳ ନିର୍ବାଚନୀ କାର୍ଯ୍ୟକ୍ରମ। ବିଜେଡି-ଭାଜପା ମିଶିକି ଅଛନ୍ତି, ଏହାର ପ୍ରମାଣ ଆଗରୁ ମଧ୍ୟ ରହିଛି। ଅଶ୍ୱିନୀ ବୈଷ୍ଣବ ରାଜ୍ୟ ସଭା ପ୍ରାର୍ଥୀ ହେବା ବେଳେ ହିଁ ସବୁକିଛି ସ୍ପଷ୍ଟ ହୋଇଥିଲା। ହେଲେ ଶାହଙ୍କ ଗସ୍ତ କିଛି ପ୍ରଭାବ ଓଡ଼ିଶା ଉପରେ ପକାଇବ ନାହିଁ। ଗତ ନିର୍ବାଚନ ବେଳେ ଶାହ ଓଡ଼ିଶା ଆସି ବହୁ କଥା କହିଥିଲେ ସେଭଳି କିଛି କିନ୍ତୁ ଘଟିଲା ନାହିଁ ବୋଲି ଶରତ କହିଛନ୍ତି।

ବିଜେଡି ନେତା ସୁଶାନ୍ତ ସିଂ କହିଛନ୍ତି, ଅମିତ ଶାହ କେନ୍ଦ୍ର ସରକାରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅଛନ୍ତି, ତେଣୁ ସେ କେତେବେଳେ ବି ଆସିପାରନ୍ତି। ନବୀନ ପଟ୍ଟନାୟକ ରାଜ୍ୟର ମୁଖ୍ୟମନ୍ତ୍ରୀ ସାଙ୍ଗକୁ ବିଜେଡିର ବି ମୁଖିଆ। ତେଣୁ ସେ ଯାହା ବି ନିଷ୍ପତ୍ତି ନେଇଛନ୍ତି ସେଥିରେ ଆଉ କେହି ହସ୍ତକ୍ଷେପ କରିପାରିବେନାହିଁ ବୋଲି ସେ କହିଛନ୍ତି।

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଶାହଙ୍କ ରାଷ୍ଟ୍ରୀୟ ସଭାପତିତ୍ୱ ସମୟରେ ଓଡ଼ିଶାରେ ଦଳ ୩ ନମ୍ବରରୁ ୨ୟ ସ୍ଥାନକୁ ଆସିଛି। ତାଙ୍କ ମାଇକ୍ରୋ ମ୍ୟାନେଜମେଣ୍ଟ କାରଣରୁ ଦଳର ଭୋଟ ପ୍ରତିଶତ ମଧ୍ୟ ବିଜେଡିର ପାଖାପାଖି ପର୍ଯ୍ୟନ୍ତ ପହଞ୍ଚିଛି। କଂଗ୍ରେସ ଓଡ଼ିଶା ପରିପ୍ରେକ୍ଷୀରେ ଆଲୋଚନା କମ୍ କଲେ ଭଲ ହେବ। ସେମାନେ ନିଜର ଅସ୍ତିତ୍ୱ ବଞ୍ଚାଇବାକୁ ଏପରି ପନ୍ଥା ଗ୍ରହଣ କରୁଛନ୍ତି। ହେଲେ ଭାଜପା ନିଜ ବାଟରେ ଅଛି। ଭାଜପା ନିଜ ନୀତି, ଆଦର୍ଶ, କାର୍ଯ୍ୟଧାରା ଉପରେ ଫୋକସ୍ କରୁଛି ବୋଲି ସେ କହିଛନ୍ତି।

# ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ଯୋଜନା ବିରୋଧରେ ବିଚାରାଳୟ ଯିବୁ: କଂଗ୍ରେସ

ଭୁବନେଶ୍ୱର, ୩।୮ (ସୁନିତ୍ ମିଶ୍ର)



ସମ୍ପ୍ରତି ଓଡ଼ିଶା ସରକାର ଆମ ଓଡ଼ିଶା ନବୀନ ଓଡ଼ିଶା ନାମରେ ଯେଉଁ ଯୋଜନା ଆଣିଛନ୍ତି ତାହା ସମ୍ବିଧାନ ବିରୋଧୀ। ଏହି ଯୋଜନା ପଞ୍ଚାୟତ ପ୍ରତିନିଧିମାନଙ୍କ ପ୍ରତି ଉପହାସ ଓ ପଞ୍ଚାୟତ ବ୍ୟବସ୍ଥା ଉପରେ କୁଠାରାଘାତ କରାଯାଇଛି। ସରକାରଙ୍କ ଏହି ଯୋଜନା ବିରୋଧରେ ବିଚାରାଳୟର ଆଶ୍ରୟ ନେବେ ବୋଲି କଂଗ୍ରେସ ନେତା ସୁଦର୍ଶନ ଦାସ କହିଛନ୍ତି।

କଂଗ୍ରେସ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୁଦର୍ଶନ କହିଛନ୍ତି, ଏହି ଯୋଜନା ବିରୋଧରେ ଜନମତ ସୃଷ୍ଟି ପାଇଁ ମଧ୍ୟ ପ୍ରୟାସ କରାଯିବ। ୭୩ ତମ ସମ୍ବିଧାନ ସଂଶୋଧନ ଆଇନ ପଞ୍ଚାୟତର ବିକାଶମୂଳକ କାମରେ ଗ୍ରାମସଭାକୁ ପ୍ରାଧାନ୍ୟ ଦେଇଛି। ଗ୍ରାମସଭାର ବିନା ସୁପାରିସ ଓ ଅନୁମୋଦନରେ ପଞ୍ଚାୟତରେ କୌଣସି କାର୍ଯ୍ୟ ହୋଇପାରିବ ନାହିଁ ବୋଲି ସମ୍ବିଧାନ କହିଛି। ତୃଣମୂଳସ୍ତରରେ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପଞ୍ଚାୟତ ବ୍ୟବସ୍ଥାରେ ପାଣ୍ଠି, କାର୍ଯ୍ୟକ୍ରମ ଓ କାର୍ଯ୍ୟକର୍ତ୍ତାଙ୍କ ଉପରେ ଗୁରୁତ୍ୱ ସମ୍ବିଧାନ ଅଧିକାର ଦେଇଛି। ମାତ୍ର ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଗ୍ରାମସଭା, ପଞ୍ଚାୟତ ପ୍ରତିନିଧି ଓ ପଞ୍ଚାୟତ ବ୍ୟବସ୍ଥାକୁ ଆଦୌ ଗୁରୁତ୍ୱ ଦିଆଯାଇ ନାହିଁ କିମ୍ବା ଏ ବିଷୟରେ ଗାଇଡ୍‌ଲାଇନର କୌଣସି ସ୍ଥାନରେ ଉଲ୍ଲେଖ କରାଯାଇ ନାହିଁ। ଏହା ସମ୍ବିଧାନ ପ୍ରତି ଉପହାସ ବୋଲି ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ରାଜ୍ୟ ପ୍ରଭାରୀ ତଥା ଜାତୀୟ ଆବାହକ କୁନାଲ ବାର୍ନାଜୀ ଅଭିଯୋଗ କରିଛନ୍ତି।


CLASSIFIED DISPLAY
ALL EDITION-B/W (Everyday)
MORE SPACE * SAME PRICE
TARIFF
For Booking Contact 0674-2580385

ADMISSION OPEN
DISTANCE EDUCATION
For Govt. & Private Job holder's
(UGC and DEB Recognized Universities)
MBA, MCA, LLB, DIPLOMA, B.Sc, M.Sc, B.Com, BA, MA, MSW and more than 100 UG and PG Courses
12th Science, Arts, Commerce.
LOW FEES STRUCTURE
Institute of Technology and Management Science (ITMS)
Satya Vihar, Bhubaneswar, near Puri Bypass
8917610670, 9438486526



# Classified Everyday
0674-2580101, 2549949


REAL ESTATE

**SALE**

କଟକ ଭୁବନେଶ୍ୱର NH5 ଗ୍ରାଣ୍ଡ ବଜାରରୁ ୬୦୦ମି. ଦୂରତାରେ SC plot (ହରିଜନ ପ୍ଲଟ୍) 1350/-per sqft.ରେ ମିଳୁଛି। Contact: 9937253888, 9438664354. D-74558

Duplex sale at Bhubaneswar @57 Lakhs only. Contact-9777433701. D-74898

ଗୃହୋପଯୋଗୀ ସ୍ଥିତିବାନ ପ୍ଲଟ୍ 30” ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି-7787017414. D-74888

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.-3, 60,000/-, ଛଡାବର 1200sqft.-3,00,000/-, ନଖରା-300/-. 7978663279. D-74895

ଭୁବନେଶ୍ୱର ପଟିଆ, KIIT ଜଗନ୍ନାଥମନ୍ଦିର ନିକଟ ODM Global School ପାଖରେ Boundary, Road, Electricity ସୁବିଧାଥାଇ ସଙ୍ଗେସଙ୍ଗେ ଘର କଲାଭଳି plot ମିଳୁଛି-8249976746. D-74897

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in




Newly opened (One8 Spa)/(Salon Service) with expert therapist, 9938843929. D-75137

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75017

Newly healthcare benefited Spa Experience therapist in Bhubaneswar. Please visit this spa. 7846814019. D-75135

Spa Kerala body massage only best Therapist @699/- Bhubaneswar. 9337672475. D-0965

**Relax, Refresh your body, mind at Saikrupa Spa with best therapies. 8984068077.** D-0921

All types of professional body massage by professional therapy. Contact 7077933109/ 9556924059/ 8658803018. D-0932

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

I, Monali Jena, D/o. Abhaya Kumar Jena, resident of At: Khana Nagar, P.O.: Janarabarimul, Derabis Block, P.S.: Danpur, Dist.: Kendrapara, PIN - 754210 Odisha declare by this affidavit No. 1139 Dtd. 05.07.2023, that now onwards I am the deponent of this affidavit, that my father's actual and correct name is Abhaya Kumar Jena as per my Aadhaar Card No. XXXX XXXX 8575 as Monali Jena for all future purposes. D-0948

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## LOST

ମୁଁ ଶ୍ରୀମତୀ ସସ୍ମିତା ପୃଷ୍ଟି, ସ୍ୱା: କ୍ଷେତ୍ରମୋହନ ମେକାପ, ସା/ପୋ/ଥା- ଗୋପ, ଜିଲ୍ଲା: ପୁରୀ ଘୋଷଣାକରେ କି ମୋର Original ଦଲିଲ ନଂ.-୧୧୫୦୧୮୦୦୨୯୮ ତା୨୪।୦୩।୨୦୧୮ ରିଖଟି କୁଶୁପୁରଠାରୁ ଗୋପ ନିଗମାନନ୍ଦ ବିଦ୍ୟାଳୟକୁ ଯିବା ରାସ୍ତାରେ ହଜିଯାଇଛି। ହଜିଥିବା ଦଲିଲ କେଉଁ ବ୍ୟାଙ୍କରେ ଦେଇ ମୁଁ ଋଣ କରି ନାହିଁ। ଧ-୦୯୬୮

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**୰ସୁରେଶ ଚନ୍ଦ୍ର ବୈଶାକ**
(ଲକ୍ଷ୍ମୀ ବଜାର, ଢେଙ୍କାନାଳ ଟାଉନ)
ଆବିର୍ଭାବ: ୦୫।୧୦।୧୯୪୮
ତିରୋଧାନ: ୨୫।୦୭।୨୦୨୩
(ଶ୍ରାବଣ ମଳ ଶୁକ୍ଳପକ୍ଷ ଅଷ୍ଟମୀ ତିଥି)
ଆପଣଙ୍କ କର୍ମମୟ ଜୀବନ, ଆଦର୍ଶ, ଶ୍ରଦ୍ଧା,ସ୍ନେହ, ପରୋପକାରିତା ଆମମାନଙ୍କର ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମା ସଦା ଶାନ୍ତି ଓ ସଦ୍‌ଗତି ଲାଭ କରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ-ମନୋରମା, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୪୦୮୫

### ଏକାଦଶାହ ଶ୍ରଦ୍ଧାଞ୍ଜଳି



**୰ଶକୁନ୍ତଳା ମିଶ୍ର**
ଆବିର୍ଭାବ: ୧୫।୦୨।୧୯୫୪
ତିରୋଧାନ: ୨୫।୦୭।୨୦୨୩
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ସୌଜନ୍ୟ: ସ୍ୱାମୀ: ପର୍ଶୁରାମ ଶତପଥୀ, ପୁତ୍ର: ସୁଲିନି ସୁନ୍ଦର ଶତପଥୀ, ପୁତ୍ରବଧୂ: ମଧୁସ୍ମିତା, ନାତି: ସବ୍ୟସାଚୀ, କନ୍ୟା: ସୁଶ୍ରୀ ସଙ୍ଗୀତା ଶତପଥୀ, ଜ୍ୱାଇଁ: ସତ୍ୟବ୍ରତ ମିଶ୍ର, ନାତି: ସ୍ୱପ୍ନିଲ ଓ ବନ୍ଧୁ ଆଉ ପରିବାରବର୍ଗ ।
ଧ-୦୯୬୯

**ଖସିଲା ଶେୟାର ବଜାରର କାରବାର**

ନୂଆଦିଲ୍ଲୀ: କ୍ରମାଗତ ୩ୟ ଦିନ ଲାଗି ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୪ଥ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଗୁରୁବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୪୨ (୫୪୨.୧୦) ପଏଣ୍ଟ କମି ୬୫,୨୪୧ (୬୫,୨୪୦.୬୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୪୫(୧୪୪.୯୦) ପଏଣ୍ଟ ହ୍ରାସ ଘଟି ୧୯,୩୮୨ (୧୯,୩୮୧.୬୫) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ମାରୁତି ସୁଜୁକିର ନୂଆ ମାଇଲଖୁଣ୍ଟ

## ଅଲ୍‌ଟୋର ୪୫ ଲକ୍ଷ ଗ୍ରାହକ

ଭୁବନେଶ୍ୱର,୩।୮ (ଅଭୟ ଦାଶ)




ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ (ଏମ୍‌ଏସ୍‌ଆଇଏଲ୍)ର ଲୋକପ୍ରିୟ ମଡେଲ 'ଅଲ୍‌ଟୋ' ଅଟୋମୋବାଇଲ ଇଣ୍ଡଷ୍ଟ୍ରିରେ ଏକ ଐତିହାସିକ ରେକର୍ଡ ସହ ନୂତନ ମାଇଲଖୁଣ୍ଟ ଅତିକ୍ରମ କରିଛି, ଏପରିକି ଭାରତର ସର୍ବାଧିକ ବିକ୍ରି ହେଉଥିବା ଯାନ (କାର୍)ର ଗୌରବ ଲାଭ କରିଛି । ଏହା ସହ ଅଲ୍‌ଟୋ ୪୫ ଲକ୍ଷରୁ ଅଧିକ ହାପି କଷ୍ଟମର (ସନ୍ତୁଷ୍ଟ ଗ୍ରାହକ) ମଧ୍ୟ ସୃଷ୍ଟି କରିପାରିଛି।

ଉଲ୍ଲେଖଯୋଗ୍ୟ, ମାରୁତି ସୁଜୁକି ଅଲ୍‌ଟୋ ହେଉଛି ଏକ ଆଇକୋନିକ ବ୍ରାଣ୍ଡ ଯାହାକି କ୍ରମାଗତ ଭାବେ ସଫଳତା ସହ ଉତ୍ପାଦରେ ମଧ୍ୟ ନୂତନତା ଆଣିବା ସହିତ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାକୁ ପରିବର୍ତ୍ତନ କରୁଛି ଓ ଏହା ସୁନିଶ୍ଚିତ କରୁଛି ଯେ ଯେପରି ଏହା ଗ୍ରାହକଙ୍କୁ ସୁବିଧା ପ୍ରଦାନ କରିପାରିବ । ଏହା ଏଣ୍ଟ୍ରି ହ୍ୟାଚ୍‌ବ୍ୟାକ୍ ସେଗ୍‌ମେଣ୍ଟରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଛି, ଯେଉଁଥିରେ ଅନେକ ବୈଶିଷ୍ଟ୍ୟ ଯଥା ଇଲେକ୍ଟ୍ରୋନିକ ପାୱାର ଷ୍ଟିୟରିଂ, ଫ୍ରଣ୍ଟ ପାୱାର ୱିଣ୍ଡୋ, ଅଟୋ ଗିୟର ସିଫ୍ଟ (ଏଜିଏସ୍) ବିକଳ୍ପ ରହିଛି। ସେହିଭଳି ଦୁଇଟି ଏୟାରବ୍ୟାଗ୍, ଆଣ୍ଟି-ଲକ୍ ବ୍ରେକିଂ ସିଷ୍ଟମ(ଏବିଏସ୍), ଫ୍ୟାକ୍ଟ୍ରିରେ ଫିଟ୍ ହୋଇଥିବା ସିଏନ୍‌ଜି ସିଷ୍ଟମ ଭଳି ଆହୁରି ଅନେକ ବୈଶିଷ୍ଟ୍ୟ ସାମିଲ ରହିଛି।

ଏ ସମ୍ପର୍କରେ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍‌ର ମାର୍କେଟିଂ ଏବଂ ସେଲସର ସିନିୟର ଏକ୍‌ଜିକ୍ୟୁଟିଭ ଅଫିସର ଶଶାଙ୍କ ଶ୍ରୀବାସ୍ତବ କହିଛନ୍ତି, ବିଗତ ୨ ଦଶନ୍ଧି ଧରି ଅଲ୍‌ଟୋର ଅସଂଖ୍ୟ ଗ୍ରାହକଙ୍କ ସହିତ ଏକ ଦୃଢ଼ ଆବେଗିକ ସମ୍ପର୍କ ସ୍ଥାପନ ହୋଇଛି। ଏପରିକି ଆମେ ଅଲ୍‌ଟୋର ଏହି ଅତୁଳନୀୟ ଯାତ୍ରା ପାଇଁ ଅତ୍ୟନ୍ତ ଗର୍ବିତ । ଏହି ୪୫ ଲକ୍ଷ ଗ୍ରାହକଙ୍କ ମାଇଲଖୁଣ୍ଟ ହାସଲ କରିବା ହେଉଛି ଆମର ଗ୍ରାହକମାନଙ୍କର ଆମ ଉପରେ ରହିଥିବା ବିଶ୍ୱାସ ଓ ଭଲପାଇବାର ଏକ ପ୍ରମାଣ । ଏହା ହେଉଛି ଏପରି ଏକ ମାଇଲଖୁଣ୍ଟ ଯାହାକୁ ଅନ୍ୟ କୌଣସି କାର୍ ନିର୍ମାତା ଆଜି ପର୍ଯ୍ୟନ୍ତ ହାସଲ କରିପାରି ନାହାନ୍ତି। ଅପରପକ୍ଷରେ ଅଲ୍-ନ୍ୟୁ ଅଲ୍‌ଟୋ କେ୧୦ ଗ୍ରାହକମାନଙ୍କ ମଧ୍ୟରେ ଏହାର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଏଥିରେ ସମସାମୟିକ ପେପି ଷ୍ଟାଇଲିଂ, ଅଧିକ ଇଣ୍ଟେରିୟର ସ୍ଥାନ ଓ ଆରାମ ଏବଂ ଦୀର୍ଘସ୍ଥାୟିତ୍ୱ ରହିଛି। ଅଲ୍‌ଟୋ ନେମ୍‌ପ୍ଲେଟ୍ ହେଉଛି ଯୁବ ଗ୍ରାହକ, ନୂଆ କାର୍ ବ୍ୟବହାରକାରୀ ଓ ଅତିରିକ୍ତ କ୍ରେତାମାନଙ୍କର ପ୍ରଥମ ପସନ୍ଦ । ଅଲ୍‌ଟୋରେ ରହିଥିବା ଏହିସବୁ ବୈଶିଷ୍ଟ୍ୟ ଯେକୌଣସି ସ୍ଥାନକୁ ଯିବାର କ୍ଷମତା, ସ୍ୱତନ୍ତ୍ର ଡିଜାଇନ, ଉତ୍କୃଷ୍ଟ ଇନ୍ଧନ ଦକ୍ଷତା, ଅତୁଳନୀୟ ବିଶ୍ୱାସନୀୟତା ଓ କାର୍ଯ୍ୟଦକ୍ଷତା ହେତୁ ଭାରତର ପ୍ରିୟ କାର୍ ହୋଇପାରିଛି। ଏହାକୁ ୨୦୦୦ ମସିହାରେ ଶୁଭାରମ୍ଭ କରାଯାଇଥିଲା ଏବଂ ୨୦୦୪ ବେଳକୁ ଏହା ଭାରତର ଏକ ନମ୍ବର ବିକ୍ରି ହେଉଥିବା କାର୍‌ରେ ପରିଣତ ହୋଇଥିଲା । ୨୦୨୩ରେ ଅଲ୍‌ଟୋ କେ୧୦ ମଧ୍ୟ ଭାରତର ପସନ୍ଦର କାର ଭାବେ ରହିଛି ।

## ବଜାରରେ ଏଚ୍‌ପିର ନୂଆ ପ୍ରିଣ୍ଟର

ଭୁବନେଶ୍ୱର,୩।୮

ଏଚ୍‌ପି ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ନୂତନ ଲେଜର ଜେଟ୍ ପ୍ରୋ ଏମ୍‌ଏଫ୍‌ପି ୪୧୦୪ ପ୍ରିଣ୍ଟରର ଶୁଭାରମ୍ଭ କରାଯାଇଛି। ଏହି ବହୁମୁଖୀ ପ୍ରିଣ୍ଟରଗୁଡ଼ିକ ସୁଲଭ ଓ ଉନ୍ନତ ପ୍ରିଣ୍ଟିଂ, ସ୍କାନିଂ ଓ କପିଙ୍ଗ୍ କ୍ଷମତା ସହିତ ୩ ବର୍ଷର ଏକ ଇନ୍-ବିଲ୍ଟ ୱାରେଣ୍ଟି ପ୍ରଦାନ କରୁଛନ୍ତି। ବିଶେଷ କରି ଲେଜର୍‌ଜେଟ୍ ପ୍ରୋ ଏମ୍‌ଏଫ୍‌ପି ୪୧୦୪ ପ୍ରିଂଟର୍‌ଗୁଡ଼ିକୁ ଶକ୍ତିଶାଳୀ ପ୍ରଦର୍ଶନ ଓ ବାଧାମୁକ୍ତ ପରିଚାଳନା ପାଇଁ ନିର୍ମାଣ କରାଯାଇଛି। ଏଚ୍‌ପି ଲେଜରଜେଟ୍ ପ୍ରୋ ଏମ୍‌ଏଫ୍‌ପି ୪୧୦୪ ଡିଡବ୍ଲ୍ୟୁ (ଡୁପ୍ଲେକ୍ସ ଓ ୱାୟାରଲେସ୍), ଏଫ୍‌ଡିଏନ୍ (ଫ୍ୟାକ୍ସ, ଡୁପ୍ଲେକ୍ସ ଓ ନେଟ୍‌ୱର୍କ) ଏବଂ ଏଫ୍‌ଡିଡବ୍ଲ୍ୟୁ (ଫ୍ୟାକ୍ସ, ଡୁପ୍ଲେକ୍ସ ଓ ୱାୟାରଲେସ୍) ଭଳି ୩ଟି ଭାରିଆଂଟ୍ ଉନ୍ମୋଚନ ହୋଇଛି। ଏ ସମ୍ପର୍କରେ ଏଚ୍‌ପି ଇଣ୍ଡିଆ ମାର୍କେଟ୍‌ର ପ୍ରିଂଟିଙ୍ଗ୍ ସିଷ୍ଟମ୍‌ସ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ସୁନିଶ ରାଘବନ କହିଛନ୍ତି, ଆମେ ଜାଣିବାକୁ ପାଇଥିଲୁ ଯେ, ବ୍ୟବସାୟଗୁଡ଼ିକ ଦକ୍ଷତାର ସହ ବିକଶିତ ହେବା ପାଇଁ ସ୍ମାର୍ଟ ଓ ସୁଲଭ ଟେକ୍ନୋଲୋଜିର ଆବଶ୍ୟକ କରୁଛନ୍ତି ଏବଂ ଆମେ ସେମାନଙ୍କୁ ଆଗକୁ ବଢ଼ିବା ପାଇଁ ସେମାନେ ଆବଶ୍ୟକ କରୁଥିବା ଟୁଲ୍ ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛୁ।

## କେଏଚ୍‌ଏଲ୍‌ର ଗୋଲ୍ଡେନ ଜେନେରଶନ ହେଲ୍ପଲାଇନ




ଭୁବନେଶ୍ୱର,୩।୮

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ 'କଳିଙ୍ଗ ହସ୍ପିଟାଲ ଲିମିଟେଡ୍' (କେଏଚ୍‌ଏଲ୍) ଭୁବନେଶ୍ୱର ପକ୍ଷରୁ ଗୋଲ୍ଡେନ ଜେନେରଶନ (ବରିଷ୍ଠ ନାଗରିକ) ହେଲ୍ପଲାଇନ '୧୮୦୦୫୭୨୫୦୦୦' ସେବା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ପୋଲିସ ପ୍ରଶାସକ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ମୁଖ୍ୟ ଅତିଥି ଭାବେ ଯୋଗ୍‌ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେଏଚ୍‌ଏଲ୍‌ର ଅଧ୍ୟକ୍ଷ ଡା.ସୀତାକାନ୍ତ ଦାଶ, ଏମ୍‌ଡି ନିଲାଞ୍ଜନା ମୁଖାର୍ଜୀ, ନିର୍ଦ୍ଦେଶକ ରାଜେଶ ଦାଶଙ୍କ ସମେତ ବରିଷ୍ଠ ନାଗରିକ ସଂଘର ୧୦୦ରୁ ଅଧିକ ସଦସ୍ୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏଭଳି ଏକ ସ୍ୱତନ୍ତ୍ର ସେବାର ଆନୁଷ୍ଠାନିକ ଶୁଭାରମ୍ଭ କରିଥିବାରୁ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ କଳିଙ୍ଗ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ପରିପ୍ରେକ୍ଷୀରେ ଡା.ସୀତକଣ୍ଠ କହିଥିଲେ, ଏହି ହେଲ୍ପଲାଇନ ସେବା ଦିନରାତି କାର୍ଯ୍ୟ କରିବ। ଏଥିରେ ପେସାଦାର ତାଲିମପ୍ରାପ୍ତ କର୍ମଚାରୀଙ୍କୁ ସାମିଲ କରାଯାଇଛି। ଏହି ହେଲ୍ପଲାଇନ୍ ଦ୍ୱାରା ବୟସ୍କ ବ୍ୟକ୍ତିମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଜରୁରିକାଳୀନ ପରିସ୍ଥିତିରେ ସମାଧାନ କରାଯିବ। ଏହା ସହିତ ଡାକ୍ତରୀଦଳ ତଥା ଅନ୍ୟାନ୍ୟ ସହଯୋଗୀମାନେ ଜରୁରିକାଳୀନ ପରିସ୍ଥିତିରେ ତୁରନ୍ତ ସହାୟତା ଏବଂ ଚିକିତ୍ସା ସହାୟତା ମଧ୍ୟ ପ୍ରଦାନ କରିବ ବୋଲି ନିଲାଞ୍ଜନା କହିଛନ୍ତି।

## ଆଇସିଆଇସିଆଇ ପ୍ରୁ ପ୍ରୋଟେକ୍ଟ ଏନ୍ ଗେନ୍

ଭୁବନେଶ୍ୱର,୩।୮

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସର ନୂତନ ଉତ୍ପାଦ 'ଆଇସିଆଇସିଆଇ ପ୍ରୁ ପ୍ରୋଟେକ୍ଟ ଏନ ଗେନ୍'ର ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ଯାହା ଏକ ବିସ୍ତୃତ ଲାଇଫ୍ ଇନ୍‌ସ୍ୟୁରାନ୍ସ କଭର, ଦୁର୍ଘଟଣା କାରଣରୁ ହେଉଥିବା ମୃତ୍ୟୁ ଓ ସ୍ଥାୟୀ ଅକ୍ଷମତା ବିରୋଧରେ ସୁରକ୍ଷା ଏବଂ ଦୀର୍ଘାବଧି ସମ୍ପତ୍ତି ସୃଷ୍ଟି କରିବା ଓ ଆର୍ଥିକ ଲକ୍ଷ୍ୟ ହାସଲ କରିବା ପାଇଁ ବଜାର ସଂଯୋଜିତ ରିଟର୍ନ ପ୍ରଦାନ କରୁଛି। ଏହି ଉତ୍ପାଦ ବାର୍ଷିକ ପ୍ରିମିୟମର ୧୦୦ ଗୁଣ ପର୍ଯ୍ୟନ୍ତ ଲାଇଫ୍ ଇନ୍‌ସ୍ୟୁରାନ୍ସ କଭର୍ ପ୍ରଦାନ କରୁଛି ଏବଂ ଗ୍ରାହକଙ୍କୁ ଚୟନ କରିବା ପାଇଁ ଇକ୍ୱିଟି ଓ ଡେବ୍‌ଟ ମଧ୍ୟରେ ପରିବ୍ୟାପ୍ତ ୧୮ଟି ଫଣ୍ଡ ବିକଳ୍ପ ପ୍ରଦାନ କରି ରିଟର୍ନକୁ ସର୍ବାଧିକ କରିବା ଲାଗି ସକ୍ଷମ କରୁଛି। ଏ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସର ମୁଖ୍ୟ ବିତରଣ ଅଧିକାରୀ ଅମିତ୍ ପାଲ୍‌ଟା କହିଛନ୍ତି, ଆମେ ଆଇସିଆଇସିଆଇ ପ୍ରୁ ପ୍ରୋଟେକ୍ଟ ଏନ୍ ଗେନ୍‌ର ଶୁଭାରମ୍ଭ କରି ଆନନ୍ଦିତ। ଏହା ଗ୍ରାହକଙ୍କୁ ବାର୍ଷିକ ପ୍ରିମିୟମର ୧୦୦ଗୁଣ ପର୍ଯ୍ୟନ୍ତ ଲାଇଫ୍ କଭର୍ ପ୍ରଦାନ କରୁଛି, ଯାହା କୌଣସି ପ୍ରକାର ସମ୍ଭାବ୍ୟ ଘଟଣା ଘଟିଲେ ଗ୍ରାହକଙ୍କ ଆର୍ଥିକ ସଞ୍ଚୟ ଲକ୍ଷ୍ୟକୁ ସୁରକ୍ଷିତ ରଖିଥାଏ। ଏହି ଉତ୍ପାଦ ବଜାର-ସଂଯୋଜିତ ରିଟର୍ନ ଦେଉଥିବା ବେଳେ ନିବେଶ କରାଯାଇଥିବା ପ୍ରିମିୟମ ବୀମା ଅବଧି ଶେଷ ହେବା ପରେ ଗ୍ରାହକଙ୍କୁ ଏକ ବଡ ରାଶି ପ୍ରଦାନ କରିପାରେ। ପିଲାମାନଙ୍କ ଭବିଷ୍ୟତର ଶିକ୍ଷା କିମ୍ବା ଅବସର ପାଇଁ ସଞ୍ଚୟ ଭଳି ସ୍ୱତନ୍ତ୍ର ଆର୍ଥିକ ଲକ୍ଷ୍ୟଗୁଡ଼ିକ ପାଇଁ ଯୋଜନା ସାଲିସ ବିହୀନ ଲକ୍ଷ୍ୟ ଏବଂ ଏହା ପ୍ରଚଳିତ ବଜାର ସ୍ଥିତି ଉପରେ ଆଧାରକରି ଇକ୍ୱିଟି ଓ ଡେବ୍‌ଟ ପ୍ରତି ଏକ୍ସପୋଜରକୁ ଚୟନ କରିବା ଲାଗି ନମନୀୟତା ସହିତ ଦୀର୍ଘାବଧି ନିବେଶ ଆବଶ୍ୟକ କରିଥାଏ। ଆମେ ବିଶ୍ୱାସ କରୁଛୁ ଯେ, ଏହି ଉତ୍ପାଦ ସୁରକ୍ଷାର ଦ୍ୱୈତ ଲାଭ ପ୍ରଦାନ କରୁଛି ଏବଂ ସମ୍ପତ୍ତି ସୃଷ୍ଟି ଗ୍ରାହକଙ୍କ ମୌଳିକ ଆବଶ୍ୟକତା ଯେପରିକି ସୁରକ୍ଷା ଓ ଦୀର୍ଘାବଧି ସଞ୍ଚୟକୁ ପୂରଣ କରୁଛି।

## ସମିତି ଜରିଆରେ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ

ଭୁବନେଶ୍ୱର,୩।୮




ବେଦାନ୍ତ ଆଲୁମିନିୟମର ଶୁଭଲକ୍ଷ୍ମୀ ସମବାୟ ସମିତି ଅଧୀନ ଶୁଭଲକ୍ଷ୍ମୀ ଉଦ୍ୟୋଗିନୀ କାର୍ଯ୍ୟକ୍ରମର ୨ୟ ପର୍ଯ୍ୟାୟ ନିକଟରେ ଆରମ୍ଭ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଜରିଆରେ ଝାଡୁ ନିର୍ମାଣ ଶିକ୍ଷା ସ୍ଥାନୀୟ ମହିଳାମାନଙ୍କୁ ଦିଆଯିବ। କିର୍ମିରା ବ୍ଲକର ବ୍ଲକ ଚେୟାରମ୍ୟାନ୍ ତଥା ଶୁଭଲକ୍ଷ୍ମୀ ସମବାୟ ସମିତିର ବୋର୍ଡ ସଦସ୍ୟ କ୍ରିଷ୍ଣପ୍ରିୟା ସାହୁଙ୍କ ଉପସ୍ଥିତିରେ ଝାରସୁଗୁଡାର କିର୍ମିରା ବ୍ଲକର ଛେଲିଆପଡା ଗ୍ରାମରେ ଉକ୍ତ ଉଦ୍ୟୋଗର ଶୁଭ ଉଦ୍‌ଘାଟନ କରାଯାଇଥିଲା। ସେହିଭଳି କୋଲାବିରା ଗ୍ରାମ ପଞ୍ଚାୟତର ସରପଞ୍ଚ ଚେତନିଆ ନାଏକଙ୍କ ଉପସ୍ଥିତିରେ କୋଲାବିରା ଗ୍ରାମପଞ୍ଚାୟତର ତାରାଇକେଲା ଗ୍ରାମରେ ମଧ୍ୟ ଉକ୍ତ ଉଦ୍ୟୋଗର ଉଦ୍‌ଘାଟନ କରାଯାଇଥିଲା। ବିଶେଷ କରି ଝାଡୁ ତିଆରି ଉଦ୍ୟୋଗରେ କିର୍ମିରା ଏବଂ କୋଲାବିରା ବ୍ଲକର ୧୫ ଟି ଗ୍ରାମର ୧୦୦ରୁ ଅଧିକ ମହିଳାଙ୍କୁ ପ୍ରାକୃତିକ ଭାବେ ବଢ଼ୁଥିବା ଘାସ ସଂଗ୍ରହ ତଥା ପରବର୍ତ୍ତୀ ସମୟରେ ଇକୋ-ଫ୍ରେଣ୍ଡଲି ଝାଡୁ ଉତ୍ପାଦନରେ ଅଂଶଗ୍ରହଣ କରିବେ। ଏହି ଉଦ୍ୟୋଗ ଆସନ୍ତା ୬ ମାସ ମଧ୍ୟରେ ମାସକୁ ପ୍ରାୟ ୧୨,୦୦୦ଝାଡୁ ଉତ୍ପାଦନ କରିବାକୁ ଯୋଜନା କରିଛି, ପରବର୍ତ୍ତୀ ସମୟରେ ଉତ୍ପାଦନକୁ ଆହୁରି ବ୍ୟାପକ କରାଯିବ। ଶୁଭଲକ୍ଷ୍ମୀ ସମବାୟ ସମିତିର ସଦସ୍ୟଙ୍କ ଦ୍ୱାରା ପରିଚାଳିତ ଏକ ଝାଡୁ ସଂଗ୍ରହ କେନ୍ଦ୍ରରେ ଝାଡୁ ଗୁଡିକ ଜମା କରାଯିବା ସହିତ ବିକ୍ରୟ ପାଇଁ ହୋଲ୍‌ସେଲରମାନଙ୍କୁ ବଣ୍ଟନ କରାଯିବ।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଓଓ (ଆଲୁମିନିୟମ୍ ବ୍ୟବସାୟ) ସୁନୀଲ ଗୁପ୍ତା କହିଛନ୍ତି, ଶୁଭଲକ୍ଷ୍ମୀ ସମବାୟ ସମିତି କର୍ପୋରେଟ୍ ଏବଂ ସମ୍ପ୍ରଦାୟର ସହଯୋଗରେ ସକାରାତ୍ମକ ଫଳାଫଳ ପାଇଁ ଏକ ଉଲ୍ଲେଖନୀୟ ପ୍ରମାଣ ଭାବେ ସମିତି ଛିଡା ହୋଇଛି। ସେହିଭଳି ଝାରସୁଗୁଡ଼ାର କିର୍ମିରା ବ୍ଲକ୍ ଚେୟାରମ୍ୟାନ୍ କ୍ରିଷ୍ଣପ୍ରିୟା ସାହୁ କହିଥିଲେ ବେଦାନ୍ତ ଆଲୁମିନିୟମ୍ ଦ୍ୱାରା ଝାଡୁ ତିଆରି ଉଦ୍ୟୋଗ ଭଳି ଉଦ୍ୟମ ଗ୍ରାମୀଣ ମହିଳାମାନଙ୍କୁ ସଶକ୍ତ କରିବା ତଥା ଔଦ୍ୟୋଗିତା ଭାବର ବୃଦ୍ଧି ହେବାର ମାଧ୍ୟମ ପ୍ରଦାନ କରିଛି।

## ବିଜିୟୁର ନବାଗତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୩।୮

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ପକ୍ଷରୁ ଆୟୋଜିତ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ନୂତନ ଭାବେ ବିଜିୟୁର ବିଏ ଜେଏମ୍‌ସି ଏବଂ ଏମ୍‌ଏ ଜେଏମ୍‌ସି ବିଭାଗରେ ନାମ ଲେଖାଇଥିବା ନୂତନ ଛାତ୍ରୀଛାତ୍ରଙ୍କ ପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ରିଲାଏନ୍ସ ଜିଓର ବରିଷ୍ଠ ଅଧିକାରୀ ତଥା ଉପସଭାପତି ରୋହିତ ଦୁବେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲାବେଳେ ନ୍ୟୁ ଇଣ୍ଡିଆ ଏକ୍ସପ୍ରେସ୍‌ର ବରିଷ୍ଠ ସମ୍ପାଦକ ଏବଂ ଲେଖିକା କସ୍ତୁରୀ ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏ ସମ୍ପର୍କରେ ବିଜିୟୁର କୁଳପତି ପ୍ରଫେସର ପି.ପି.ମାଥୁର କହିଛନ୍ତି, ବର୍ତ୍ତମାନ ସମୟରେ ଶିକ୍ଷାର୍ଥୀମାନଙ୍କୁ ଲକ୍ଷ୍ୟ ଉଚ୍ଚ କରିବାକୁ ହେବ। ଏପରିକି ନିଜ ଦକ୍ଷତାର ବିକାଶ ଉପରେ ସେ ବିଶେଷ ଗୁରୁତ୍ୱ ଦେଇଥିଲେ। ସେହିଭଳି ବିଜିୟୁର କୁଳସଚିବ ପ୍ରଫେସର ବି. କେ. ଦାସ କହିଥିଲେ, ଉକ୍ତ ବୃତ୍ତି ଉଭୟ ଦୁଃସାହସ ଓ ଆକର୍ଷଣୀୟ ହୋଇଥିବାବେଳେ ବର୍ତ୍ତମାନର ପରିସ୍ଥିତିକୁ ସମ୍ମାନ ଜଣାଇବା ସହ ସାମ୍ନା କରିବାକୁ ହେବ। ଅପରପକ୍ଷରେ ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେଶନର ମୁଖ୍ୟ ଡ. ଶିବଶଙ୍କର ଦାସ ସ୍ୱାଗତ ଅଭିଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଏପରିକି ନୂତନ ଭାବେ ନାମଲେଖାଇଥିବା ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିବା ସହିତ ଗଣମାଧ୍ୟମର ବିଭିନ୍ନ ଦିଗ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ପରିଶେଷରେ ବିର୍ଲା ସ୍କୁଲ୍ ଅଫ୍ କମ୍ୟୁନିକେଶନର ଆସିଷ୍ଟାଣ୍ଟ ପ୍ରଫେସର ଡ.ଜ୍ଞାନରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ଡିନ୍, ଅଧ୍ୟାପକ, ଅଧ୍ୟାପିକା, ଅଭିଭାବକ ଏବଂ ନୂତନ ଭାବେ ନାମଲେଖାଇଥିବା ବିଏ ଜେଏମ୍‌ସି ଏବଂ ଏମ୍‌ଏ ଜେଏମ୍‌ସିର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ ।

# ଓଡ଼ିଆ ସାମ୍ବାଦିକତା ଦିବସ




ଓଡ଼ିଶାର ପ୍ରଥମ ଓଡ଼ିଆ ଖବରକାଗଜ ଭାବେ 'ଉତ୍କଳ ଦୀପିକା' ୧୮୬୬ ମସିହା ଅଗଷ୍ଟ ୪ରେ ଆତ୍ମପ୍ରକାଶ କରିଥିଲା। ଏହାର ପ୍ରଥମ ସମ୍ପାଦକ ଥିଲେ ଗୌରୀଶଙ୍କର ରାୟ। ପ୍ରଥମେ ଏହା ସାପ୍ତାହିକ ଏବଂ ପରବର୍ତ୍ତୀ ସମୟରେ ଦୈନିକ ଭାବେ ପ୍ରକାଶିତ ହୋଇଥିଲା। ଗୌରୀଶଙ୍କର ଏବଂ ତାଙ୍କର ଘନିଷ୍ଠ ସହଯୋଗୀ ବାବୁ ବିଚିତ୍ରାନନ୍ଦ ଦାସଙ୍କ ଉଦ୍ୟମରେ କଟକଠାରେ ପ୍ରତିଷ୍ଠିତ କଟକ ପ୍ରିଣ୍ଟିଂ କମ୍ପାନୀରୁ ଏହି ଖବରକାଗଜ ପ୍ରକାଶ ପାଉଥିଲା। ଏହା ତତ୍କାଳୀନ ସାମାଜିକ ତଥା ରାଜନୈତିକ କ୍ଷେତ୍ରରେ ନୂତନ ଦିଗ୍‌ଦର୍ଶନ ଦେବା ସହ ଓଡ଼ିଆମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାରଙ୍କ ପାଖରେ ଦୃଢ଼ ଦାବି ଉପସ୍ଥାପିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା କରିଥିଲା। ବାଲ୍ୟ ବିବାହ ପରି ଘୃଣା ପ୍ରଥା ବିରୋଧରେ ମଧ୍ୟ ସ୍ୱର ଉତ୍ତୋଳନ କରି ସାମାଜିକ ସଂସ୍କାର ପାଇଁ ଏହି ଖବର କାଗଜ ଉଦ୍ୟମ କରିଥିଲା। ଉତ୍କଳ ଦୀପିକାର ସଫଳତା ଓଡ଼ିଶାରେ ଖବରକାଗଜ ପ୍ରକାଶନର ଧାରା ସୃଷ୍ଟି କରିଥିଲା। ତେଣୁ ପ୍ରତିବର୍ଷ ଅଗଷ୍ଟ ୪କୁ ଓଡ଼ିଆ ସାମ୍ବାଦିକତା ଦିବସ ଭାବେ ପାଳନ କରାଯାଇଥାଏ।

ରିପୋର୍ଟ– ବନ୍ଦନା ସେଠୀ

## ୨୦୧୪ ପରେ ପରିସ୍ଥିତି ବଦଳିଯାଇଛି



୧୯୭୩ ମସିହାରୁ ମୋର ସାମ୍ବାଦିକତା ଜୀବନ ଆରମ୍ଭ। ୧୯୭୪ରେ ଜର୍ନାଲିଜିମ୍‌ର ଏକ ଶର୍ଟକୋର୍ସ କରିବା ପାଇଁ ଦିଲ୍ଲୀ ଯାଇଥିଲି। ତା'ପରେ ବୃତ୍ତିଗତ ଭାବେ ସାମ୍ବାଦିକତା ଚାଲିଲା। ତେବେ ଜରୁରୀ ପରିସ୍ଥିତି ପରେ ଓଡ଼ିଶା ସମେତ ଜାତୀୟସ୍ତରରେ ସାମ୍ବାଦିକତାର ଏକ ନୂଆ ଯୁଗ ଆସିଥିଲା। ରାଜ୍ୟରେ ପ୍ରଥମ କରି ଅନୁସନ୍ଧାନମୂଳକ ସାମ୍ବାଦିକତା ଆରମ୍ଭ ହୋଇଥିଲା। ଖବର ପ୍ରକାଶ ପାଇବା ପରେ ସାଙ୍ଗେସାଙ୍ଗେ ଅଭିଯୁକ୍ତଙ୍କ ବିପକ୍ଷରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା। ପ୍ରଥମ ଅବସ୍ଥାରେ ସାମ୍ବାଦିକମାନେ ସେତିକି ପଇସା ପାଇ ପାରୁନ ଥିଲେ ବି ସେମାନଙ୍କ ପ୍ରତି ଲୋକଙ୍କର ସମ୍ମାନ ରହିଥିଲା। ମାତ୍ର ୨୦୧୪ ପରେ ପରସ୍ଥିତି ବଦଳି ଯାଇଛି। ଏବେ ଖୁବ୍ କମ୍ ଗଣମାଧମ ସ୍ୱାଧୀନ ଭାବେ ସାମ୍ବାଦିକତା କରି ପାରୁଛନ୍ତି। ସରକାରଙ୍କୁ ପ୍ରଶ୍ନ କରିବାର ସାହସ ସାମ୍ବାଦିକଙ୍କର ଆଉ ସେଭଳି ନାହିଁ। ଗଣମାଧମ ମାଲିକମାନେ ବି ରାଜନୈତିକ ଦଳ ସହିତ ରହୁଛନ୍ତି। ସେମାନଙ୍କୁ ଛାଡି ଲୋକଙ୍କ ସ୍ୱାର୍ଥ ପାଇଁ କାମ କରିବାର ସାହସ ଆଉ ନାହିଁ। ଏଥସହ ଓଡ଼ିଶାରେ ଏବେ ମାଳମାଳ ହୋଇ ଦେଖା ଦେଉଥିବା ୱେବ୍ ମିଡିଆ ଅନେକାଂଶରେ ସାମ୍ବାଦିକତା ବୃତ୍ତିର ମର୍ଯାଦା ହାନି କରାଉଛି। ସାମ୍ବାଦିକଙ୍କ ପ୍ରତି ଲୋକଙ୍କର ଏବେ ଆଉ ସେ ସମ୍ମାନ ନାହିଁ। ଗଣତନ୍ତ୍ର ଦୁର୍ବଳ ହେବାର ମୁଖ୍ୟ କାରଣ ହେଉଛି ଦୁର୍ବଳ ଗଣମାଧମ। ତେଣୁ ଗଣମାଧମକୁ ପୂର୍ବଭଳି ଶକ୍ତିଶାଳୀ ହେବାକୁ ପଡିବ।

-ରବି ଦାସ, ବରିଷ୍ଠ ସାମ୍ବାଦିକ

## ଓଡ଼ିଆ ସାମ୍ବାଦିକତାରେ କ୍ୟାରିୟର କରିବାରେ ସୁଯୋଗ ବଢ଼ିଛି



୧୯୯୭ବେଳକୁ ଓଡ଼ିଆ ଇଲେକ୍ଟ୍ରୋନିକ୍ସ ମିଡ଼ିଆରେ କାମ ଆରମ୍ଭ କଲି। ସେ ସମୟରେ ଜଣେ ମହିଳା ସାମ୍ବାଦିକ ଭାବେ କାମ କରିବା ବଡ ଚ୍ୟାଲେଞ୍ଜିଂ ଥିଲା। ଲିଙ୍ଗଗତ ଅସମାନତା ମଧ ରହିଥିଲା। ଅନେକ ଲୋକ ସେତେବେଳେ ଟିଭି ଜର୍ଣ୍ଣାଲିଜିମ୍ କ'ଣ ଜାଣୁ ନ ଥିଲେ। କ୍ୟାମେରା ଧରି ଶୁଟିଂ କଲାବେଳେ ବହୁ ଲୋକ ଆସି ପଚାରନ୍ତି କ'ଣ ଶୁଟିଂ କରୁଛନ୍ତି, କେଉଁଠି ବାହାରିବ। ଅଫିସ୍ କାମ ସହିତ ଘରକାମ ମଧ କରିବାକୁ ପଡୁଥିଲା। ଅନେକ ସମୟରେ ଭାତ ସହିତ ଲୁଣ, ଲେମ୍ବୁ ଲଗାଇ ଖାଇବାକୁ ପଡିଛି। ତେଣୁ ସବୁ ପରିସ୍ଥିତିରେ କାମ କରି ନିଜକୁ ପ୍ରମାଣିତ କରିବା କଷ୍ଟକର ଥିଲା। ସାମ୍ବାଦିକତା ଏପରି ଏକ ବୃତ୍ତି ଏଠାରେ ଯିଏ ନିଜକୁ ଯେତେ ମାଜିବ, ଆଉ ପ୍ରମାଣିତ କରିପାରିବ ସେ ସେତେ ଆଗକୁ ବା ଉପରକୁ ଉଠିବ। ଆଜି ସାମ୍ବାଦିକତା ଯେଉଁଭଳି ହେଲାଣି ତାହାର ଭବିଷ୍ୟତକୁ ନେଇ ମୁଁ ଟିକେ ସନ୍ଦେହରେ ଅଛି। ତେବେ ଓଡ଼ିଆ ସାମ୍ବାଦିକତାରେ ପୂର୍ବରୁ କ୍ୟାରିୟର କରିବାରେ ଏତେ ସୁଯୋଗ ନ ଥିଲା। ମାତ୍ର ଏବେ ଖବରକାଗଜ ଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍ସ, ୱେବ ମିଡିଆ ରହିଛି। ଚାକିରୀର ବହୁ ସୁଯୋଗ ରହିଛି ତେଣୁ ତାହାର ସଦୁପଯୋଗ କରିବା ଆବଶ୍ୟକ।

- ଶାରଦା ଲାହାଙ୍ଗିର, ବରିଷ୍ଠ ସାମ୍ବାଦିକା

**ଫୁରସତ**

## 'ଭୋଗ' କଭର୍ ପେଜ୍‌ରେ ସାରା



ସାରା ଅଲି ଖାଁ

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ସାରା ଅଲି ଖାଁ ମୁଭି 'କେଦାରନାଥ'ରେ ଡେବ୍ୟୁ କରି ସମସ୍ତଙ୍କୁ ଚମକାଇ ଦେଇଥିଲେ। ଏହି ମୁଭିରେ ତାଙ୍କର ପରଫରମାନ୍ସ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। ନିକଟରେ ସାରାଙ୍କୁ 'ଭୋଗ'ର କଭର ପେଜରେ ଦେଖିବାକୁ ମିଳିଛି। ଏଥିରେ ସେ ଗ୍ରୀନ ଆଉଟ୍‌ଫିଟ୍‌ରେ ବିନ୍ଦି ଲଗାଇଥିବା ଦେଖାଯାଇଛି। ଅଧିକାଂଶ ସମୟରେ ନିଜର ଲୁକ୍‌କୁ ନେଇ ଚର୍ଚ୍ଚାରେ ରହୁଥିବା ଏହି ଅଭିନେତ୍ରୀଙ୍କ ଏହି ଲୁକ୍‌କୁ ବି ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଆଉ କେତେଜଣ ସାରାଙ୍କ ଏହି ଲୁକ୍‌କୁ ଦେଖି ତାଙ୍କୁ ଟ୍ରୋଲ ବି କରିଛନ୍ତି। ସାରା ନିକଟରେ 'ଭୋଗ୍ ଇଣ୍ଡିଆ'ର କଭର ପେଜ ପାଇଁ ଫଟୋଶୁଟ୍ କରିଥିଲେ। ଏହାର ଏକ ଫଟୋ ସେ ଶେୟାର କରିଥିଲେ, ଯେଉଁଥିରେ ସେ ଗ୍ରୀନ୍ କଲର ଡିଜାଇନର ଡ୍ରେସରେ ପୋଜ୍ ଦେଉଥିବା ଦେଖାଯାଇଛି। ଏହି ଫଟୋରେ ତାଙ୍କ ମଥାରେ ବିନ୍ଦି ଲାଗିଥିବା ଦେଖାଯାଇଥିଲା। ଏହି ଫଟୋକୁ ଭୋଗ ତା'ର ଇନଷ୍ଟାଗ୍ରାମ୍ ହ୍ୟାଣ୍ଡେଲରେ ଶେୟାର କରିଛି। ଏବେ ଏହାକୁ ଦେଖି କେତେଜଣ ଅଭିନେତ୍ରୀଙ୍କୁ ତାରିଫ କରୁଥିବା ବେଳେ କେତେଜଣଙ୍କୁ ତାଙ୍କର ଏକ୍ସପ୍ରେଶନ ଓ ଡ୍ରେସ ପସନ୍ଦ ଆସିନାହିଁ। ଜଣେ ୟୁଜର ଏହା ଉପରେ କମେଣ୍ଟ କରି ଲେଖିଛନ୍ତି, 'ଜବ୍ ଟିଚର ଆପ୍‌କୋ ପନିଶ୍‌ମେଣ୍ଟ ଦେତି ହେଁ'। ଅଭିନେତ୍ରୀ ଭୋଗ୍ ଇଣ୍ଡିଆକୁ ଦେଇଥିବା ଏକ ସର୍ଟ ଇଣ୍ଟରଭ୍ୟୁରେ କହିଛନ୍ତି, 'ମୁଁ କୌଣସି ଡିଜାଇନର୍ ପୋଷାକ ଅପେକ୍ଷା ଅଧିକ ଗର୍ବର ସହିତ ମୋର ସଚ୍ଚୋଟତାକୁ ପିନ୍ଧିଥାଏ। ବାସ୍ତବରେ, ମୋର ଆଲମାରୀରେ ଡିଜାଇନର୍ ପୋଷାକର ଗୋଟିଏ ଯୋଡ଼ା ବି ନାହିଁ। ମୁଁ ଜାଣେ ଲୋକମାନେ ପ୍ରଥମେ ଏଥିପାଇଁ ମୋତେ ଜଜ୍ କରିଥିଲେ, କିନ୍ତୁ ମୁଁ ଖୁସି ଯେ ବର୍ତ୍ତମାନ ସେମାନେ କେବଳ ମୋତେ ପ୍ରଶଂସା କରନ୍ତି ନାହିଁ ବରଂ ଏହି କାରଣରୁ ମୋତେ ଚିହ୍ନନ୍ତି।

# ଫୁଲ ସୋରେନ ଉପଅଧିନାୟିକା



**ଆଇବିଏସ୍ଏ ୱାର୍ଲ୍ଡ ଗେମ୍ସ**

- ଭାରତୀୟ ଦୃଷ୍ଟିବାଧିତ କ୍ରିକେଟ ଦଳ ଘୋଷିତ
- ପୁରୁଷ ଦଳରେ ଓଡ଼ିଶାର ୩ ଓ ମହିଳା ଦଳରେ ୪ ଖେଳାଳି ସାମିଲ

ଭୁବନେଶ୍ୱର, ୩।୮ (ତପନ ସ୍ୱାଇଁ)

ଇଣ୍ଟରନ୍ୟାଶନାଲ ବ୍ଲାଇଣ୍ଡ ସ୍ପୋର୍ଟ୍ସ ଫେଡେରେଶନ (ଆଇବିଏସ୍ଏ) ପକ୍ଷରୁ ୱାର୍ଲ୍ଡ ଗେମ୍ସ ବର୍ମିଂହାମଠାରେ ଚଳିତ ମାସ ୧୮ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ପ୍ରଥମଥରପାଇଁ ଦୃଷ୍ଟିବାଧିତ କ୍ରିକେଟ (ମହିଳା ଓ ପୁରୁଷ)କୁ ସାମିଲ କରାଯାଇଛି। ଏହି ପ୍ରତିଯୋଗିତାରେ ଭାରତର ମହିଳା ଓ ପୁରୁଷ ଦୃଷ୍ଟି ବାଧିତ କ୍ରିକେଟ ଦଳ ଅଂଶଗ୍ରହଣ କରିବ। ଗୁରୁବାର ଏଥିପାଇଁ ଉଭୟ ଦଳ ତାଲିକା ଘୋଷଣା କରାଯାଇଛି। ଓଡ଼ିଶାର ଫୁଲ ସୋରେନ ପ୍ରଥମଥରପାଇଁ ମହିଳା ଦଳର ଉପ-ଅଧିନାୟିକା ମନୋନୀତ ହୋଇଛନ୍ତି। କର୍ନାଟକର ବର୍ଷା ୟୁ.ଙ୍କୁ ଅଧିନାୟିକା କରାଯାଇଛି। ସେହିପରି ଆନ୍ଧ୍ର ପ୍ରଦେଶର ଅଜୟ କୁମାର ରେଡ୍ଡୀ ପୁରୁଷ ଦଳର ଅଧିନାୟକ ଓ ଭେଙ୍କଟେଶ୍ୱର ରାଓ ଉପ-ଅଧିନାୟକ ମନୋନୀତ ହୋଇଛନ୍ତି। ଭାରତୀୟ ପୁରୁଷ ଦଳ ପାକିସ୍ତାନ ଏବଂ ମହିଳା ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବେ। ଭାରତୀୟ ମହିଳା ଦଳରେ ଫୁଲଙ୍କ ବ୍ୟତୀତ ପଦ୍ମିନୀ ଟୁଡୁ, ବାସନ୍ତି ହାଂସଦା ଓ ଝିଲି ବିରୁଆ ସ୍ଥାନ ପାଇଛନ୍ତି। ସେହିପରି ପୁରୁଷ ଦଳରେ ମହମ୍ମଦ ଜାଫର ଇକବାଲ, ପଙ୍କଜ ଭୁଏ ଓ ନକୁଳ ବଡ଼ନାୟକ ସାମିଲ ହୋଇଛନ୍ତି।

# ବଜରଙ୍ଗ ପୁନିଆଙ୍କୁ କୋର୍ଟ ସମନ

ନୂଆଦିଲ୍ଲୀ, ୩।୮ (ପି.ଟି.)

ଦିଲ୍ଲୀର ଏକ କୋର୍ଟ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆଙ୍କୁ ସେପ୍ଟେମ୍ବର ୬ରେ କୋର୍ଟରେ ହାଜର ହେବା ଲାଗି ସମନ ଜାରି କରିଛନ୍ତି। କୁସ୍ତି କୋଚ୍ ନରେଶ ଦାହିୟା ବଜରଙ୍ଗଙ୍କ ବିରୋଧରେ ଏକ ଫୌଜଦାରୀ ମାନହାନୀ ମୋକଦ୍ଦମା କରିଛନ୍ତି। ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ)ର ବିଦାୟୀ ସଭାପତି ତଥା ଭାଜପା ଏମ୍ପି ବ୍ରିଜ ଭୂଷଣ ଶରଣ ସିଂଙ୍କ ବିରୋଧ ଯୌନ ଶୋଷଣ ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବରେ ଯନ୍ତରମନ୍ତରଠାରେ ପୁନିଆଙ୍କ ସମେତ ଅନ୍ୟ କେତେଜଣ କୁସ୍ତିଯୋଦ୍ଧା ଧାରଣାରେ ବସିଥିଲେ। ମେ ୧୦ରେ ଏକ ଖବରଦାତା ସମ୍ମିଳନୀରେ ଦାହିୟାଙ୍କ ସମ୍ମାନହାନୀ କଲାଭଳି ଏକ ମନ୍ତବ୍ୟ ଦେଇଥିଲେ ପୁନିଆ।

# ଚହଲ, ଅର୍ଶଦୀପଙ୍କ ବୋଲିଂ ସଫଳତା

ତ୍ରିନିଦାଦ, ୩।୮

ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଗୁରୁବାର ଠାରୁ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚରେ ଟସ୍ ହାରି ବୋଲିଂ କରିଥିବା ବେଳେ ଯୁଜବେନ୍ଦ୍ର ଚହଲଙ୍କୁ ମିଳିଛି ବୋଲିଂ ସଫଳତା। ଚହଲ ଓ ଅର୍ଶଦୀପ ଦୁଇଟି ଲେଖାଏ ଉଇକେଟ ନେବାରୁ ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୬ ଉଇକେଟ ହରାଇ ୧୪୯ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ରୋଭମାନ ପାୱେଲ ୪୮ ଓ ନିକୋଲାସ ପୁରନ ୪୧ ରନ୍ କରିଥିଲେ। ଭାରତ ପକ୍ଷରୁ ଏହି ମ୍ୟାଚ୍‌ରେ ଆଇପିଏଲ୍ ସେନସେସନ୍ ତିଳକ ବର୍ମା ଓ ମୁକେଶ କୁମାର ଟି ୨୦ ପଦାର୍ପଣ କରିଛନ୍ତି।

**ପ୍ରଥମ ଟି୨୦**

ପ୍ରଥମେ ବୋଲିଂ କରିଥିବା ଭାରତ ପକ୍ଷରୁ ଅର୍ଶଦୀପ ସିଂ ଓ ମୁକେଶ କୁମାର ବୋଲିଂ ଆରମ୍ଭ କରିଥିଲେ। ପ୍ରଥମ ୩ ଓଭରରେ ୨୧ ରନ୍ ଆସିବା ପରେ ଚତୁର୍ଥ ଓଭରରରୁ ସ୍ପିନ୍ ବୋଲରଙ୍କୁ ବ୍ୟବହାର କରିଥିଲେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା। ପ୍ରଥମ ଉଇକେଟରେ ୱେଷ୍ଟଇଣ୍ଡିଜର ଦୁଇ ଓପନର ୨୯ ରନ୍ ଯୋଡ଼ିଥିଲେ। ବ୍ରାଣ୍ଡନ୍ କିଙ୍ଗ ଧୂଆଁଧାର ବ୍ୟାଟିଂ କରିବା ସହ ୧୯ ବଲ୍‌ରୁ ୪ ଚୌକା ଓ ୧ ଛକା ସହ ୨୮ ରନ୍ କରିଥିଲେ। ୫ମ ଓଭରର ପ୍ରଥମ ବଲରେ କାଇଲ ମେୟର୍ସ(୧)ଙ୍କୁ



ଯୁଜବେନ୍ଦ୍ର ଚହଲ

ଆଉଟ କରିଥିଲେ ଯୁଜବେନ୍ଦ୍ର ଚହଲ। ପରବର୍ତ୍ତୀ ଦୁଇ ବଲ ମଧ୍ୟରେ ବିପଜ୍ଜନକ ବ୍ରାଣ୍ଡନ କିଙ୍ଗଙ୍କୁ ମଧ୍ୟ ସେ ପ୍ୟାଭିଲିୟନ୍ ପଠାଇଥିଲେ। ଉଇକେଟ କିପର ନିକୋଲାସ ପୁରନ୍ ଆକ୍ରମଣାତ୍ମକ ବ୍ୟାଟିଂ କରିଥିବା ବେଳେ ଜନସନ୍ ଚାର୍ଲ୍ସ ମାତ୍ର ୩ ରନ୍ କରି କୁଲଦୀପ ଯାଦବଙ୍କ ବଲରେ ଆଉଟ ହୋଇଥିଲେ। ନିକୋଲାସ ପୁରନ୍ ଦ୍ରୁତ ୪୧ ରନ୍ ସ୍କୋର କରିଥିବା ବେଳେ ଅଧିନାୟକ ରୋଭମାନ୍ ପାୱେଲ(୪୮)ଙ୍କ ସହ ୩୮ ରନ୍ ଯୋଡିଥିଲେ। ୨୮ ବଲ୍ ଖେଳି ଦୁଇଟି ଲେଖାଏ ଛକା ଓ ଚୌକା ମାରିଥିବା ବେଳେ ଭାରତୀୟ ଅଧିନାୟକ ପାଣ୍ଡ୍ୟାଙ୍କ ବଲରେ ତିଳକ ବର୍ମାଙ୍କୁ କ୍ୟାଚ୍ ଦେଇଥିଲେ ପୁରନ୍। ପୁରନ ପ୍ୟାଭିଲିୟନ ଫେରିବା ପରେ ଅଧିନାୟକ ରୋଭମାନ ପାୱେଲ ୩୨ ବଲ୍ ଖେଳି ୪୮ ରନ୍ ସ୍କୋର କରିଥିଲେ। ତାଙ୍କ ଇନିଂସରେ ୩ ଚୌକା ଓ ୩ ଛକା ସାମିଲ ଥିଲା। ଶେଷ ଭାଗରେ ସିମରନ ହେଟମେୟର ୧୦, ରୋମାରିଓ ଶେଫର୍ଡ ୪ ଓ ଜାସନ୍ ହୋଲ୍ଡର ୬ ରନ୍ କରିଥିଲେ। ଭାରତ ପକ୍ଷରୁ ଯୁଜବେନ୍ଦ୍ର ଚହଲ ଓ ଅର୍ଶଦୀପ ସିଂ ୨ଟି ଲେଖାଏ ଉଇକେଟ ନେଇଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ ୨୦ ଓଭରରେ ୧୪୯/୬( ରୋଭମାନ ପାୱେଲ-୪୮, ନିକୋଲାସ ପୁରନ୍-୪୧, ବ୍ରାଣ୍ଡନ୍ କିଙ୍ଗ-୨୮, ଯୁଜବେନ୍ଦ୍ର ଚହଲ-୨/୨୪, ଅର୍ଶଦୀପ ସିଂ-୨/୩୧, କୁଲଦୀପ ଯାଦବ-୧/୨୦, ହାର୍ଦ୍ଦିକ୍ ପାଣ୍ଡ୍ୟା-୧/୨୭)।

# ଡୁରାଣ୍ଡ କପ୍: ମୋହନବାଗାନ୍‌ର ବୃହତ ବିଜୟ


ଡୁରାଣ୍ଡ କପ୍ ଫୁଟବଲ୍ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

କୋଲକାତା, ୩।୮ (ପି.ଟି.)

ଏସିଆର ସର୍ବ ପୁରାତନ ଫୁଟବଲ୍ ଟୁର୍ନାମେଣ୍ଟ ଡୁରାଣ୍ଡ କପ୍ ଫୁଟବଲ ଗୁରୁବାର ଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଇଏସ୍ଏଲ୍ ଚାମ୍ପିୟନ ମୋହନ ବାଗାନ ସୁପର ଜାଏଣ୍ଟ୍ସ ୫-୦ ଗୋଲରେ ବାଂଲାଦେଶ ଆର୍ମି ଏଫ୍‌ସିକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ୱେଷ୍ଟ ବେଙ୍ଗଲ ୩-୦ରେ ଆଗୁଆ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଦଳ ଆଉ ଦୁଇଟି ଗୋଲ ସ୍କୋର କରିଥିଲା।

ଲିଷ୍ଟନ କୋଲେକୋ ମ୍ୟାଚର ୧୪ତମ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲେ। ମାନବୀର ସିଂ ୨୯ ତମ ମିନିଟରେ ସ୍କୋର କରିବା ସହିତ ମୋହନ ବାଗାନକୁ ୨-୦ରେ ଆଗୁଆ କରିଥିଲେ। ୩୯ତମ ମିନିଟରେ ସୁହେଲ ଭଟଙ୍କ ଗୋଲ୍ ବଳରେ ମୋହନବାଗାନ ୩-୦ରେ ଆଗୁଆ ହୋଇଥିଲା। ଦ୍ୱିତୟାର୍ଦ୍ଧରେ ୫୯ତମ ମିନିଟରେ ଲାଲରିନଲିଆନ ହନାମଟେ ଓ ୮୯ ତମ ମିନିଟରେ କିୟାନ୍ ନାସିରି ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧରେ ଟାଇସନ୍ ସିଂ ଓ ରବି ରାଣାଙ୍କ ପାଶ୍‌କୁ ଡିଫ୍ଲେକ୍ଟ କରି ଗୋଲରେ ପରିଣତ କରିଥିଲେ ଲିଷ୍ଟନ କୋଲେକୋ। ଲାଲରିନଲିଆନ ହନାମଟେଙ୍କ ପାଶ୍‌କୁ ଚମତ୍କାର ଢଙ୍ଗରେ ପ୍ରତିପକ୍ଷ ପୋଷ୍ଟକୁ ପଠାଇ ଦେଇଥିଲେ ମାନବୀର ସିଂ। ୧୮ ବର୍ଷୀୟ ସୁହେଲ ଚମତ୍କାର ଧୈର୍ଯ୍ୟ ଦେଖାଇବା ସହିତ ଏକାକୀ ବାଂଲା ଗୋଲିଙ୍କୁ ପରାସ୍ତ କରିଥିଲେ।

୫୮ ତମ ମିନିଟରେ ମୋହନ ବାଗାନକୁ ଫ୍ରି କିକ୍ ମିଳିଥିବା ବେଳେ ଏହାକୁ ଗୋଲରେ ପରିଣତ କରିଥିଲେ ଲାଲରିନଲିଆନ ହନାମଟେ। ୮୯ ତମ ମିନିଟରେ ୨୨ ବର୍ଷୀୟ କିୟାନ୍ ନାସିରି ସ୍କୋର କରି ବାଂଲାଦେଶକୁ ୫-୦ରେ ପରାସ୍ତ କରିଥିଲା।

# ମିରାଣ୍ଡା ମୁଖ୍ୟ କୋଚ୍ ନିଯୁକ୍ତ

ମିରାଣ୍ଡା, ୩।୮ (ପି.ଟି.)

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ଗୁରୁବାର କ୍ଲିଫର୍ଡ ମିରାଣ୍ଡାଙ୍କୁ ଭାରତୀୟ ୨୩ ବର୍ଷରୁ କମ୍ ପୁରୁଷ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ଦେଇଛି। ଏଆଇଏଫ୍ଏଫ୍‌ର ଟେକ୍ନିକାଲ କମିଟି ଅନ୍ୟ କେତୋଟି ଗୁରୁତ୍ୱପୂର୍ଣ୍ଣ ପଦବୀରେ ମଧ୍ୟ ନିଯୁକ୍ତି ପ୍ରଦାନ କରିଛି। ନାଲାପ୍ପାନ ମୋହନରାଜଙ୍କୁ ସହକାରୀ କୋଚ୍, ରଘୁବୀର ଖାନୱାଲକରଙ୍କୁ ଗୋଲ୍ କିପିଙ୍ଗ କୋଚ୍ ଏବଂ ଗାଭିନ ଏଲିଆସ ଅରାଉଜୋଙ୍କୁ ଦଳର ଫିଟ୍‌ନେସ୍ କୋଚ୍ ଭାବେ ନିଯୁକ୍ତି ପ୍ରଦାନ କରିଛି। ଏଆଇଏଫ୍ଏଫ୍ ଆହୁରି ମଧ୍ୟ ୨୩ବର୍ଷରୁ କମ୍ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାୟର୍ସ କାତାର ପାଇଁ ୨୮ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା ପ୍ରକାଶ କରିଛି। ଆଇଏମ୍ ବିଜୟନଙ୍କ ଅଧ୍ୟକ୍ଷତାରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଅନୁଷ୍ଠିତ ଟେକ୍ନିକାଲ କମିଟି ବୈଠକରେ ପିଙ୍କି ବୋମ୍ପାଲ ମଗର, ହରଜିନ୍ଦର ସିଂ, ଅରୁଣ ମାଲହୋତ୍ରା, କ୍ଲାଇମାକ୍ସ ଲରେନ୍ସ, ଇଜନେଶନ ଲିଙ୍ଗ୍‌ଦୋ ଏବଂ ଏଆଇଏଫ୍ଏଫ୍ ଟେକ୍ନିକାଲ ଡାଇରେକ୍ଟର ସୟଦ ଶବିର ପାଶା ପ୍ରମୁଖ ଯୋଗ ଦେଇଥିଲେ। ମିରାଣ୍ଡା ୨୦୦୫ରୁ ୨୦୧୪ ଯାଏ ଜଣେ ମିଡ୍‌ଫିଲ୍ଡର ଭାବେ ଭାରତ ତରଫରୁ ୯ବର୍ଷ ପ୍ରତିନିଧିତ୍ୱ କରିଛନ୍ତି। ସେ ତାଙ୍କ କ୍ୟାରିୟରରେ ଦୁଇ ସାଫ୍ ଚାମ୍ପିୟନଶିପ୍, ଦୁଇ ନେହେରୁ କପ୍ ଟାଇଟଲ ଏବଂ ବ୍ଲୁ ଟାଇଗର୍ସ ସହ ଏକ ଏଏଫ୍‌ସି ଚ୍ୟାଲେଞ୍ଜ କପ୍ ଜିତିଛନ୍ତି। କ୍ଲବ ଲେଭଲରେ ସେ ଡେମ୍ପୋ ଏସ୍‌ସି ସହିତ ୫ଥର ଏନ୍ଏଫ୍ଏଲ/ଆଇ-ଲିଗ୍ ଚାମ୍ପିୟନ ହୋଇଛନ୍ତି। ଏକ ଆଇଏସ୍ଏଲ୍ ଟିମ୍ ସହ ପ୍ରମୁଖ ଟାଇଟଲ ଜିତିବାରେ ମିରାଣ୍ଡା ହେଉଛନ୍ତି ପ୍ରଥମ ଭାରତୀୟ କୋଚ୍। ତାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଏଫ୍‌ସି କେରଳରେ ସୁପର କପ୍ ଜିତିଥିଲା। ଭାରତୀୟ ୨୩ ବର୍ଷରୁ କମ୍ ଜାତୀୟ ଦଳର ମୁଖ୍ୟ କୋଚ୍ ଭାବେ ମନୋନୀତ ହେବା ପରେ ଏଆଇଏଫ୍ଏଫ୍ ଶାଜି ପ୍ରଭାକରନ ତାଙ୍କୁ ବଧେଇ ଜଣାଇଛନ୍ତି। କ୍ଲିଫର୍ଡଙ୍କ ନେତୃତ୍ୱରେ ଓଡ଼ିଶା ଏଫ୍‌ସି ସୁପର କପ୍ ଜିତିଛି। ଭାରତୀୟ ଦଳ ସହ ତାଙ୍କ ପ୍ରଦର୍ଶନ ଭଲ ରହିବ ବୋଲି ସେ ଆଶା ପ୍ରକାଶ କରି କହିଛନ୍ତି। ଚାଇନାର ଦାଲିଆନଠାରେ ସେପ୍ଟେମ୍ବର ୬ରୁ ୧୨ ପର୍ଯ୍ୟନ୍ତ ହେବାକୁଥିବା ୨୩ ବର୍ଷରୁ କମ୍ ଏଏଫ୍‌ସି ଏସିଆନ କପ୍ କାତାର କ୍ୱାଲିଫାୟର୍ସକୁ ଆସନ୍ତାବର୍ଷ ପ୍ୟାରିସରେ ହେବାକୁଥିବା ପୁରୁଷ ଅଲିମ୍ପିକ୍ସ ପାଇଁ ଏକ କ୍ୱାଲିଫାୟର୍ସ ଭାବେ ବିବେଚନା କରାଯାଉଛି। ଭାରତୀୟ ଦଳର ପ୍ରସ୍ତୁତି କ୍ୟାମ୍ପ ଅଗଷ୍ଟ ୧୨ରୁ ଭୁବନେଶ୍ୱରରେ ଆରମ୍ଭ ହେବ। ଚାଇନା, ମାଳଦ୍ୱୀପ ଓ ୟୁଏଇ ସହ ଭାରତ ପ୍ରତିଯୋଗିତାର ଗ୍ରୁପ୍ 'ଜି'ରେ ସ୍ଥାନ ପାଇଛି।

**୨୩ ବର୍ଷରୁ କମ୍ ଫୁଟ୍‌ବଲ**




# ଅବସର ଘୋଷଣା କଲେ ମନୋଜ ତିୱାରୀ



**କୋଲକାତା, ୩।୮ (ପି.ଟି.):** ଭାରତୀୟ କ୍ରିକେଟ ଦଳର ପୂର୍ବତନ ମଧ୍ୟକ୍ରମ ବ୍ୟାଟର ମନୋଜ ତିୱାରୀ ଗୁରୁବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୨୦୦୮ରୁ ୨୦୧୫ ମଧ୍ୟରେ ତିୱାରୀ ଭାରତ ପାଇଁ ୧୨ ଦିନିକିଆ ଓ ୩ ଟି୨୦ ମ୍ୟାଚ୍ ଖେଳିଛନ୍ତି। କ୍ରିକେଟ ଖେଳରେ ସକ୍ରିୟ ରହିବା ସହିତ ତୃଣମୂଳ କଂଗ୍ରେସ ପକ୍ଷରୁ ବିଧାୟକ ହେବା ସହିତ ମମତା ବାନାର୍ଜୀଙ୍କ କ୍ୟାବିନେଟରେ କ୍ରୀଡାମନ୍ତ୍ରୀ ଭାବରେ ସ୍ଥାନ ପାଇଥିଲେ। ୩୭ ବର୍ଷୀୟ ତିୱାରୀ ୨୦୨୨-୨୩ ସିଜନରେ ଶେଷ ଥର ପାଇଁ ଏକ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିଲେ। ସୌରାଷ୍ଟ୍ର ବିପକ୍ଷ ରଣଜୀ ଟ୍ରଫି ଫାଇନାଲରେ ବେଙ୍ଗଲ ପରାଜିତ ହୋଇଥିବା ବେଳେ ସେ ନିଜର ଶେଷ ମ୍ୟାଚ୍ ଖେଳିଥିଲେ। ଗୁରୁବାର ଇନ୍‌ଷ୍ଟାଗ୍ରାମ ଜରିଆରେ ଅବସର ଘୋଷଣା କରିଛନ୍ତି। କ୍ରିକେଟର ଏହି ଖେଳରୁ ମୁଁ ବିଦାୟ ନେବାକୁ ଚାହୁଁଛି ବୋଲି ଲେଖିବା ସହିତ ସେ ଅବସର ସମ୍ପର୍କରେ ଘୋଷଣା କରିଛନ୍ତି। ଏହି ଖେଳ ହିଁ ମୋତେ ସବୁକିଛି ପ୍ରଦାନ କରିଛି। ଏହା ପ୍ରତି ମୁଁ ସର୍ବଦା କୃତଜ୍ଞ ରହିବି।

# ଭାରତୀୟ ମହିଳା ଦଳରେ ୯ ଓଡ଼ିଆ

ଭୁବନେଶ୍ୱର, ୩।୮ (ସରୋଜ ଜେନା)

**ଏସିଆନ୍ ଗେମ୍ସ ରଗ୍‌ବୀ କ୍ୟାମ୍ପ**

ଆସନ୍ତା ଏସିଆନ୍ ଗେମ୍ସ ମହିଳା ରଗ୍‌ବୀ ଇଭେଣ୍ଟ ପାଇଁ ଭାରତୀୟ ମହିଳା ଦଳର କ୍ୟାମ୍ପ କୋଲକାତାର ସାଇ ନେତାଜୀ ସୁଭାଷ ଇଷ୍ଟର୍ଣ୍ଣ ସେଣ୍ଟରରେ ଅନୁଷ୍ଠିତ ହେଉଛି। ଏହି କ୍ୟାମ୍ପଟି ଜୁଲାଇ ୨୯ରୁ ସେପ୍ଟେମ୍ବର ୨୦ ଯାଏ ଅନୁଷ୍ଠିତ ହେବ। ଭାରତୀୟ ଦଳରେ ଓଡ଼ିଶାରୁ ୯ ଜଣ ପ୍ରତିଭାବାନ ଖେଳାଳି ଏହି କ୍ୟାମ୍ପରେ ସାମିଲ ହୋଇଛନ୍ତି। ଓଡ଼ିଆ ଖେଳାଳି ତରୁଲତା ନାଏକ, ହୁପି ମାଝୀ, ଡୁମୁଣି ମାରାଣ୍ଡି, ମାମାଲି ନାୟକ, ନିର୍ମାଲ୍ୟ ରାଉତ, ଶୁଭଲକ୍ଷ୍ମୀ ବାରିକ, ପାର୍ବତୀ କିସ୍କୁ, ଆରତୀ ମୁର୍ମୁ ଓ ପାର୍ବତୀ ହାଂସଦା ଏହି କ୍ୟାମ୍ପରେ ଯୋଗ ଦେଇଛନ୍ତି। ଏହି କ୍ୟାମ୍ପରେ ଯୋଗ ଦେବା ଆମ ପାଇଁ ଗର୍ବର ବିଷୟ ବୋଲି କହିଛନ୍ତି ଶୁଭଲକ୍ଷ୍ମୀ ବାରିକ। ରାଜ୍ୟ ମହିଳା ରଗ୍‌ବୀ ଦଳ ନିୟମିତ ଭଲ ପ୍ରଦର୍ଶନ କରିଥିବା ବେଳେ ଯୋଗ ଦେଇଥିବା ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନ୍ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି।



ମନୋନୀତ ଓଡ଼ିଆ ଖେଳାଳି।

# ରାଉଣ୍ଡ ଅଫ୍-୧୬ ଲାଇନ୍‌ଅପ୍ ଚୂଡ଼ାନ୍ତ

ହାମିଲଟନ୍, ୩।୮ (ପି.ଟି.)

ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ମହିଳା ଫୁଟବଲ ବିଶ୍ୱକପ୍‌ରେ ଗୁରୁବାର ଆଉ ଏକ ବଡ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ବ୍ରାଜିଲ ଓ ଇଟାଲୀ ପରି ଶକ୍ତିଶାଳୀ ଦଳ ଟୁର୍ନାମେଣ୍ଟରୁ ବାଦ୍ ପଡିଥିବା ବେଳେ ଆଜି ଜର୍ମାନୀ ଓ ଦକ୍ଷିଣ କୋରିଆ ବାଦ୍ ପଡିଛନ୍ତି। ଅନ୍ୟପକ୍ଷରେ ପ୍ରଥମ ଥର ପାଇଁ ନକ୍‌ଆଉଟରେ ପ୍ରବେଶ କରିଛି ମରକ୍କୋ। ଏହା ସହିତ ରାଉଣ୍ଡ ଅଫ୍-୧୬ ଲାଇନଅପ୍ ମଧ୍ୟ ଚୂଡ଼ାନ୍ତ ହୋଇଛି।

**ପ୍ରଥମ ଥର ନକ୍‌ଆଉଟରେ ମରକ୍କୋ:** ଉତ୍ତର ଆଫ୍ରିକୀୟ ରାଷ୍ଟ୍ର ମରକ୍କୋ ପ୍ରଥମ ଥର ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରି ଇତିହାସ ରଚନା କରିଛି। ଗୁରୁବାର କଲମ୍ବିଆକୁ ୧-୦ରେ ପରାସ୍ତ କରିବା ସହିତ ଦଳ ରାଉଣ୍ଡ ଅଫ୍ ୧୬ରେ ପହଞ୍ଚିଛି। କଲମ୍ବିଆ ମ୍ୟାଚ୍‌ର ୬୧ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା। ତେବେ ମରକ୍କୋ ଦଳ ପକ୍ଷରୁ ଜବରଦସ୍ତ କାଉଣ୍ଟର ଆଟାକ୍ କରାଯାଇଥିଲା। ପ୍ରଥମାର୍ଦ୍ଧର ୪୫+୪ ମିନିଟରେ ଅନିସା ଲାହମାରି ଦଳ ପକ୍ଷରୁ ଏକମାତ୍ର ଗୋଲ ସ୍କୋର କରିଥିବା ବେଳେ ଏହା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ରାଇଟ୍ ୱିଙ୍ଗର ଭାବରେ ଖେଳୁଥିବା ଅନିସାଙ୍କ ଗୋଲରେ ମରକ୍କୋ ପ୍ରଥମାର୍ଦ୍ଧରେ ୧-୦ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଦଳ ଏହାର ଡିଫେନ୍ସକୁ ଅଧିକ ମଜଭୁତ କରିବା ସହ ବିଜୟୀ ହୋଇଥିଲା। ଗ୍ରୁପ୍ ଏଚ୍‌ର ଦ୍ୱିତୀୟ ସ୍ଥାନରେ ରହି ଦଳ ଯୋଗ୍ୟତା ଅର୍ଜନ କରିଥିଲା।

**ଜର୍ମାନୀ, କୋରିଆ ବିଦା:** ଗୁରୁବାର ଗ୍ରୁପ୍ ଏଚ୍‌ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି ଜର୍ମାନୀ ଓ ଦକ୍ଷିଣ କୋରିଆ। ଉଭୟ ଦଳକୁ ନକ୍‌ଆଉଟ ପ୍ରବେଶ ପାଇଁ ବିଜୟର ଆବଶ୍ୟକତା ଥିବାବେଳେ କେହି କାହାରିକୁ ବାଟ ଛାଡି ନ ଥିଲେ । ମ୍ୟାଚ୍ ୧-୧ରେ ଅମୀମାଂସିତ ରହିବା କାରଣରୁ ଉଭୟ ଦଳ ବିଦାୟ ନେଇଛନ୍ତି। ମ୍ୟାଚ୍‌ର ଷଷ୍ଠ ମିନିଟରେ କୋରିଆ ପକ୍ଷରୁ ଚୋ ସୋ ହ୍ୟୁନ୍ ପ୍ରଥମ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧର ୪୨ତମ ମିନିଟରେ ଜର୍ମାନୀର ଆଲେକଜାଣ୍ଡ୍ରା ପପ୍ ବରାବର ସ୍ଥିତିକୁ ଆଣିଥିଲେ।

**ଫିଫା ମହିଳା ବିଶ୍ୱକପ୍‌ରେ ବିପର୍ଯ୍ୟୟ**

**ବିଦାହେଲେ ଜର୍ମାନୀ, ଦକ୍ଷିଣ କୋରିଆ**


ଫିଫା ମହିଳା ବିଶ୍ୱକପ୍‌ରେ ପ୍ରଥମ ଥର ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବା ମରକ୍କୋ ଦଳ ଖୁସି ମୁହୂର୍ତ୍ତରେ।

**ପ୍ରି-କ୍ୱାର୍ଟର କାର୍ଯ୍ୟସୂଚୀ**

| | | |
|---|---|---|
| ସୁଇଜରଲାଣ୍ଡ ବନାମ ସ୍ପେନ୍ | ଅଗଷ୍ଟ ୫ | ପୂର୍ବାହ୍ନ ୧୦.୩୦ |
| ଜାପାନ ବନାମ ନରୱେ | ଅଗଷ୍ଟ ୫ | ଅପରାହ୍ନ ୧.୩୦ |
| ନେଦରଲାଣ୍ଡ୍ସ ବନାମ ଦକ୍ଷିଣ ଆଫ୍ରିକା | ଅଗଷ୍ଟ ୬ | ସକାଳ ୭.୩୦ |
| ସୁଇଡେନ୍ ବନାମ ଆମେରିକା | ଅଗଷ୍ଟ ୬ | ଅପରାହ୍ନ ୨.୩୦ |
| ଇଂଲଣ୍ଡ ବନାମ ନାଇଜେରିଆ | ଅଗଷ୍ଟ ୭ | ଅପରାହ୍ନ ୧.୦୦ |
| ଅଷ୍ଟ୍ରେଲିଆ ବନାମ ଡେନ୍‌ମାର୍କ | ଅଗଷ୍ଟ ୭ | ଅପରାହ୍ନ ୪.୦୦ |
| କଲମ୍ବିଆ ବନାମ ଜାମାଇକା | ଅଗଷ୍ଟ ୮ | ଅପରାହ୍ନ ୧.୩୦ |
| ଫ୍ରାନ୍ସ ବନାମ ମରକ୍କୋ | ଅଗଷ୍ଟ ୮ | ଅପରାହ୍ନ ୪.୩୦ |

# ପାରାଅଲିମ୍ପିକ୍ସ ଆଶାରେ ଅରିଦିତା

**ଇଚ୍ଛାଶକ୍ତି ସହ ଉପଯୁକ୍ତ ମାର୍ଗ ଦର୍ଶନ ପାଇଲେ ଯେ ଜଣେ ସଫଳତାର ଶିଢ଼ି ଚଢ଼ି ପାରିବ ତାହାର ଜ୍ୱଳନ୍ତ ଉଦାହରଣ ହେଲେ ସ୍ପେଶାଲ ଆଥଲେଟ୍ ଅରିଦିତା ଚକ୍ରବର୍ତ୍ତୀ । ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଫଳତା ପରେ କ୍ରୀଡ଼ା ମହାକୁମ୍ଭ ପାରା ଅଲିମ୍ପିକ୍ସ ଉପରେ ଏବେ ଅରିଦିତାଙ୍କ ନଜର...**

–ପ୍ରସ୍ତୁତି: ତପନ ସ୍ୱାଇଁ



ଅରିଦିତା ଚକ୍ରବର୍ତ୍ତୀ

ଇଚ୍ଛାଶକ୍ତିଥିଲେ ଅନେକ କିଛି ସମ୍ଭବ। ନିଜକୁ କିଛି କରି ଦେଖାଇବାର ମନୋବୃତ୍ତି ସହ ଉପଯୁକ୍ତ ମାର୍ଗ ଦର୍ଶନ ପାଇଲେ ଯେ ଜଣେ ସଫଳତାର ଶିଢ଼ି ଚଢ଼ି ପାରିବ ତାହାର ଏକ ଜ୍ୱଳନ୍ତ ଉଦାହରଣ ହେଲେ ସ୍ପେଶାଲ ଆଥଲେଟ୍ ଅରିଦିତା ଚକ୍ରବର୍ତ୍ତୀ। ମାନସିକ ଅନଗ୍ରସର ହୋଇଥିଲେ ମଧ୍ୟ ରାଜ୍ୟ କ୍ରୀଡ଼ା ଜଗତରେ ସେ ଜଣେ ଚର୍ଚ୍ଚିତ ଚେହେରା। ସଫଳତା ତାଙ୍କ ପାଦ ଛୁଇଁଛି। ରାଜ୍ୟ ଓ ଜାତୀୟ ସ୍ତରରେ ସଫଳତା ପରେ ଜର୍ମାନୀର ବର୍ଲିନରେ ଗତ ଜୁନ୍‌ରେ ଅନୁଷ୍ଠିତ ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସରେ ସେ ୨ଟି ପଦକ ଜିତି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଛନ୍ତି। ରନିଂ ଓ ଶଟ୍‌ପୁଟ୍ ଦୁଇଟି ଭିନ୍ନ ଧରଣର ଇଭେଣ୍ଟ ହୋଇଥିଲେ ମଧ୍ୟ ଜାତୀୟ ଟ୍ରେନର ତଥା କୋଚ୍ ସସ୍ମିତା ମହାପାତ୍ରଙ୍କ ମାର୍ଗଦର୍ଶନରେ ଉଭୟ କ୍ରୀଡ଼ାରେ ସେ ଉଡ଼ାଇଛନ୍ତି ବିଜୟ ଧ୍ୱଜା। ଅଳ୍ପ କଥା କହିବାକୁ ପସନ୍ଦ କରୁଥିବା ଭୁବନେଶ୍ୱରର ଅରିଦିତା କିନ୍ତୁ ଖେଳପଡ଼ିଆରେ ଅନେକ କିଛି କାମରେ କରି ଦେଖାଇଛନ୍ତି। ସମ୍ପ୍ରତି ଓପନ୍ ଲର୍ଣ୍ଣିଂ ସିଷ୍ଟମ୍ସରେ ପ୍ରି-ଭୋକେଶନାଲ-୨ରେ ଅଧ୍ୟୟନରତ ଏହି ପ୍ରତିଭାସମ୍ପନ୍ନ ଆଥଲେଟ୍ ବର୍ଲିନ ପ୍ରତିଯୋଗିତାର ୪୦୦ ମିଟର ରେସ୍‌ରେ ୧:୨୪.୦୫ ସେକେଣ୍ଡ ସମୟ ନେଇ ରୌପ୍ୟ ଏବଂ ଶଟ୍‌ପୁଟ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସ୍ପେଶାଲ ଆଥଲେଟ୍‌ଙ୍କ କ୍ରୀଡ଼ା ମହାକୁମ୍ଭ ପାରାଅଲିମ୍ପିକ୍ସ ଉପରେ ଏବେ ଅରିଦିତାଙ୍କ ନଜର। ପାରାଅଲିମ୍ପିକ୍ସରେ ପଦକ ହାସଲ କରି ଦେଶ ଓ ରାଜ୍ୟକୁ ଗର୍ବିତ କରିବା ତାଙ୍କର ଲକ୍ଷ୍ୟ ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

### ଭୁବନେଶ୍ୱରରୁ ଆରମ୍ଭ

ଅରିଦିତାଙ୍କ ମା'ଙ୍କ ନାମ ବୁଲା ଚକ୍ରବର୍ତ୍ତୀ ଏବଂ ବାପା ସ୍ୱର୍ଗତ ତାପସ ଚକ୍ରବର୍ତ୍ତୀ। ମାଉସୀଙ୍କ ନାଁ ହେଲା ଅଞ୍ଜଳି ଭଟ୍ଟାଚାର୍ଯ୍ୟ। ମାଉସୀଙ୍କ ନାମ ଏଠାରେ ଉଲ୍ଲେଖ କରିବାର ତାତ୍ପର୍ଯ୍ୟ ହେଉଛି ସିଲିଗୁଡ଼ିରୁ ଅରିଦିତା ଏବଂ ତାଙ୍କ ମା' ଭୁବନେଶ୍ୱର ଆସିବାରେ ଅଞ୍ଜଳିଙ୍କ ପରିବାରର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ଅରିଦିତା ଭୁବନେଶ୍ୱର ଆସିବା ପରେ ହିଁ ଓପନ ଲର୍ଣ୍ଣିଂ ସିଷ୍ଟମ୍ସରେ ଯୋଗଦେଲେ ଏବଂ ତାଙ୍କ ଆଥଲେଟ୍ ଜୀବନ ଆରମ୍ଭ ହେଲା। ଏହାପରେ ଏହି ସ୍ପେଶାଲ ଆଥଲେଟ୍ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସଫଳ ପରେ ଅନ୍ତର୍ଜାତୀୟ ସ୍ତରରେ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। " ପିଲାଦିନେ ମୁଁ ଖେଳ କ'ଣ ଜାଣି ନ ଥିଲି। ଓପନ ଲର୍ଣ୍ଣିଂ ସିଷ୍ଟମ୍ସକୁ ଆସିବାପରେ ଖେଳିଲି। ଏଠାରେ ସସ୍ମିତା ମାଡାମ୍ ମୋତେ ଖେଳିବା ପାଇଁ ଉତ୍ସାହିତ କଲେ। ମୋତେ ବ୍ୟାଡ୍‌ମିଣ୍ଟନ, ଶଟ୍‌ପୁଟ୍ ଏବଂ ରନିଂ କରିବାକୁ ଭଲଲାଗେ। ରନିଂ ଓ ଶଟ୍‌ପୁଟ୍ ଦୁଇଟି ଭିନ୍ନ ଧରଣର ଗେମ୍ ହୋଇଥିଲେ ମଧ୍ୟ ମୋତେ କିଛି ଅସୁବିଧା ଲାଗେନି। ଯେଉଁ ଇଭେଣ୍ଟ ଯେତେବେଳେ ଆସେ ସେତେବେଳେ ମୁଁ ସେହି ଖେଳପ୍ରତି ଧ୍ୟାନ ଦେଇଥାଏ। ତେବେ ଶଟ୍‌ପୁଟ୍‌ଠାରୁ ରନିଂ ମୋତେ ବେଶି ଭଲ ଲାଗେ। ମୁଁ ଜର୍ମାନୀରେ ଅନୁଷ୍ଠିତ ସମର ଅଲିମ୍ପିକ୍ସ ପାରା ଗେମ୍ସରେ ପଦକ ଜିତି ବହୁତ ଖୁସି। ସେଠାକାର ପରିବେଶ ବହୁତ ଭଲ ଲାଗିଥିଲା। ମୁଁ ସେଠାରେ ପଦକ ଜିତିବି ବୋଲି କେବେ ଭାବି ନ ଥିଲି। ଯେତେବେଳେ ପଦକ ଜିତି ଯାଇଥିଲି ବହୁତ ଖୁସି ଅନୁଭବ କରିଥିଲି। ଭବିଷ୍ୟତରେ ପାରାଅଲିମ୍ପିକ୍ସରେ ଭାଗନେବାକୁ ଲକ୍ଷ୍ୟ ରଖିଛି। ଏଥିପାଇଁ ସସ୍ମିତା ମାମ୍‌ଙ୍କ ତତ୍ତ୍ୱାବଧାନରେ ବହୁତ ପରିଶ୍ରମ କରୁଛି। ସେ ମୋର ଶିକ୍ଷକ ଏବଂ କୋଚ୍ ସବୁକିଛି। ତାଙ୍କ ପାଖରୁ କୋଚିଂ ନେଇ ମୁଁ ଆଜି ଏଠାରେ ପହଞ୍ଚି ପାରିଛି'' ବୋଲି ସାକ୍ଷାତ୍ ଅବସରରେ ଅରିଦିତା ପ୍ରକାଶ କରିଛନ୍ତି। ଅରିଦିତାଙ୍କର ପ୍ରିୟ ଖାଦ୍ୟ ଚିକେନ। ଅବସର ସମୟରେ ତାଙ୍କୁ ବ୍ୟାଡ୍‌ମିଣ୍ଟନ ଖେଳିବାକୁ ଭଲଲାଗେ। ବହୁ ପ୍ରତିଭାର ଅଧିକାରୀ ଅରିଦିତା ନୃତ୍ୟରେ ମଧ୍ୟ ପ୍ରବୀଣ। ସ୍କୁଲ ଏବଂ ଅନ୍ୟ କେତେକ କାର୍ଯ୍ୟକ୍ରମରେ ସେ ନୃତ୍ୟ କରି ପ୍ରଶଂସା ସାଉଁଟିଛନ୍ତି। ପାଠ ଅପେକ୍ଷା ଖେଳ ବେଶି ଭଲ ଲାଗୁଥିବାରୁ ଭବିଷ୍ୟତରେ ସେ ଜଣେ ସ୍ପୋର୍ଟ୍ସ ଓମେନ ହେବାକୁ ଚାହାନ୍ତି ବୋଲି ଏହି ପ୍ରତିନିଧିଙ୍କ ସହ କଥା ହେବାବେଳେ ପ୍ରକାଶ କରିଛନ୍ତି।

**ସସ୍ମିତାଙ୍କ ସ୍ପେଶାଲ ଚ୍ୟାଲେଞ୍ଜ:** ସ୍ପେଶାଲ ସ୍କୁଲରେ ପିଲାମାନଙ୍କ ସହ କାମ କରିବା ଏକ ଚ୍ୟାଲେଞ୍ଜ ବୋଲି ମନେକରନ୍ତି ଅରିଦିତାଙ୍କ ଶିକ୍ଷକ, କୋଚ୍ ଏବଂ ଟ୍ରେନର ସସ୍ମିତା ମହାପାତ୍ର। କାରଣ ସାଧାରଣ ପିଲାଙ୍କୁ ଥରେ ଶିଖାଇଲେ ପ୍ରାୟତଃ ସେମାନେ ଶିଖି ଯାଇଥାନ୍ତି। ମାତ୍ର ଏମାନଙ୍କୁ ବାରମ୍ବାର ଗୋଟିଏ କଥା କହିବାକୁ ଏବଂ ଶିଖାଇବାକୁ ପଡ଼େ। ଏଥିପାଇଁ ପର୍ଯ୍ୟାପ୍ତ ଧୈର୍ଯ୍ୟ ଆବଶ୍ୟକ। ଏହା ହେଲେ ଯାଇ ଏମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିହେବ ବୋଲି ତାଙ୍କ ମତ। ଅରିଦିତାଙ୍କ ସମ୍ପର୍କରେ ସସ୍ମିତା କହନ୍ତି ଯେ, ଓପନ ଲର୍ଣ୍ଣିଂ ସିଷ୍ଟମ୍ସକୁ ସେ ୨୦୧୭ରେ ଆସିଲେ। ଓପନ ଲର୍ଣ୍ଣିଂ ସିଷ୍ଟମ୍ସ ଏକ ସ୍ପେଶାଲ ସ୍କୁଲ ହୋଇଥିବାରୁ ପିଲାମାନଙ୍କ ବୟସ ଏବଂ ସାମର୍ଥ୍ୟକୁ ନେଇ ଗ୍ରୁପିଂ କରାଯାଇଥାଏ। ସେହି ଅନୁସାରେ ପ୍ରି-ଭୋକେଶନାଲରେ ଅରିଦିତାଙ୍କ ଆଡ୍‌ମିଶନ କରାଯାଇଥିଲା। ସେ କ୍ଲାସ ଟିଚର ଥିବାରୁ ତା' ଦାୟିତ୍ୱ ନେଇଥିଲେ। ପ୍ରକୃତ କଥା ହେଲା ଅରିଦିତାଙ୍କ ନିକଟରେ ବହୁ ପ୍ରତିଭା ରହିଥିବା ସେ ପ୍ରଥମ ଦିନରୁ ହିଁ ଜାଣି ପାରିଥିଲେ। ତାଙ୍କ ପଛରେ ଲାଗିଲେ ସେ ଖେଳରେ ବହୁ ଆଗକୁ ଯାଇପାରିବ ବୋଲି ତାଙ୍କର ଅନୁଭବ ହୋଇଥିଲା। ପ୍ରଥମେ ସେ ଅରିଦିତାଙ୍କ ନୃତ୍ୟ ଉପରେ ଗୁରୁତ୍ୱ ଦେଉଥିଲେ। ଓଡ଼ିଶୀଠାରୁ ଆରମ୍ଭ କରି ଯେ କୌଣସି ନୃତ୍ୟ ଶିଖାଇଲେ ତାହାକୁ ସେ ଭଲଭାବେ ଗ୍ରହଣ କରୁଥିଲେ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରୁଥିଲେ। ଖେଳପ୍ରତି ସେ ଅରିଦିତାଙ୍କ ରୁଚି ବଢ଼ାଇଲେ। ଜିଲାସ୍ତରୀୟ ପ୍ରତିଯୋଗିତାରେ ସେ ବହୁତ ଭଲ କଲେ। ଏହାପରେ ରାଜ୍ୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପ୍ରଦର୍ଶନର ଛାପ ଛାଡ଼ିଲେ।



### ଫ୍ଲୋର ହକିରୁ ରନିଂ

୨୦୧୭ରେ ପ୍ରଥମେ ଫ୍ଲୋର ହକି ଖେଳିବାପାଇଁ ସସ୍ମିତା ଓଡ଼ିଶାରୁ ଏକ ଟିମ୍ ନେଇ କେରଳ ଯାଇଥିଲେ। ସେହି ଟିମ୍‌ରେ ଅରିଦିତା ମଧ୍ୟ ସଦସ୍ୟା ଥିଲେ। ସେଠାରେ ଅରିଦିତା ଭଲ ଖେଳିଥିଲେ ମଧ୍ୟ ଏକାଗ୍ରତା ରକ୍ଷା କରିପାରି ନ ଥିଲେ। ତେବେ ଖେଳ ସମୟରେ ଦୂରଦ୍ରଷ୍ଟା ସସ୍ମିତା ଅନୁଭବ କରିଥିଲେ ଯେ, ଅରିଦିତାଙ୍କର ରନିଂ ବହୁତ ଭଲ ଅଛି। ଗୋଲ କରିପାରୁ ନ ଥିଲେ ମଧ୍ୟ ଦୌଡ଼ିଯାଇ ବଲ୍‌କୁ ନିୟନ୍ତ୍ରଣକୁ ଆଣି ପାରୁଛନ୍ତି। ଏହା ପରେ ତାଙ୍କୁ ଜିଲାସ୍ତରରେ ଏବଂ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ରନିଂ ଇଭେଣ୍ଟରେ ପରୀକ୍ଷା କରାଗଲା ଏବଂ ସେ ବହୁତ ଭଲ ପ୍ରଦର୍ଶନ କଲେ। ରାଜ୍ୟସ୍ତରରେ ଭଲ ପ୍ରଦର୍ଶନ କରିଥିବା ସ୍ପେଶାଲ ଆଥଲେଟ୍‌ମାନଙ୍କୁ ୨୦୨୨ ଜୁଲାଇରେ ଗୁଜରାଟର ଗାନ୍ଧୀନଗରଠାରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତା ପାଇଁ ଓଡ଼ିଶାରୁ ମନୋନୀତ କରାଯାଇଥିଲା। ସେଥିରେ ଅରିଦିତା ଥିଲେ। ସେଥିରେ ଭଲ ପ୍ରଦର୍ଶନ କରି ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ସମ୍ଭାବ୍ୟ ଭାରତୀୟ ଦଳରେ ରହିଲେ। ଜଣେ ଅନ୍ତର୍ଜାତୀୟ କୋଚ୍‌ଭାବେ ପୂର୍ବରୁ ୨୦୦୩, ୨୦୦୭, ୨୦୧୭ରେ ଚାଇନା ଓ ଅଷ୍ଟ୍ରେଲିଆ ଆଦି ଦେଶକୁ ଯାଇଥିଲେ ସସ୍ମିତା। ସେଠାରେ ଆଥଲେଟ୍‌ଙ୍କ ଶକ୍ତି, ସାମର୍ଥ୍ୟ ଓ ଦକ୍ଷତାକୁ ନିକଟରୁ ଦେଖିଥିଲେ। ବିଦେଶୀ ଆଥଲେଟ୍‌ଙ୍କ ସମକକ୍ଷ ପ୍ରଦର୍ଶନ ଦେବାକୁ ହେଲେ ଆମ ଖେଳାଳିଙ୍କ ନିକଟରେ ମଧ୍ୟ ସେପରି ଦକ୍ଷତା ଥିବା ଆବଶ୍ୟକ ବୋଲି ଅନୁଭବ କଲେ। ଅରିଦିତାଙ୍କ ପାଇଁ ସ୍ୱତନ୍ତ୍ର ଟାଇମ୍ ଟେବୁଲ ପ୍ରସ୍ତୁତ କରାଗଲା। ପୂର୍ବରୁ ଅରିଦିତା ଅଳ୍ପ ପରିଶ୍ରମରେ ହାଲିଆ ହୋଇ ଯାଉଥିଲେ। ଏହାକୁ ଦେଖି ସେ ସ୍ପେଶାଲ ଅଲିମ୍ପିକ୍ସ ଭାରତ-ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ, ପ୍ରୋଗ୍ରାମ ମ୍ୟାନେଜର ଅର୍ପିତା ମହାପାତ୍ରଙ୍କ ସହ ଆଲୋଚନା କଲେ।



କୋଚ୍ ସସ୍ମିତା ମହାପାତ୍ରଙ୍କ ସହ ଅରିଦିତା।

ଏହାପରେ ଅରିଦିତାଙ୍କ ଫୁଡ୍ ଚାର୍ଟ ପ୍ରସ୍ତୁତ କରାଗଲା। ଏଥିସହିତ ମାଇଲ୍ଡ ଏକ୍ସରସାଇଜ୍ ଆରମ୍ଭ ହେଲା। ଅର୍ଥାତ୍ ସମ୍ପୂର୍ଣ୍ଣ ଜିରୋରୁ ଆରମ୍ଭ କରାଯାଇ ତା' ପରେ କଷ୍ଟସାଧ୍ୟ ବ୍ୟାୟାମ କରାଗଲା। ଫଳରେ ତାଙ୍କର ସହନଶକ୍ତି ବଢ଼ିଲା। ସ୍ୱାଭାବିକଭାବେ ରନିଂ ଦକ୍ଷତା ମଧ୍ୟ ବୃଦ୍ଧି ପାଇଲା।

**କ୍ୟାମ୍ପ ଭାଗ୍ୟ ବଦଳାଇଲା:** ଜାତୀୟ ଚାମ୍ପିୟନଶିପ୍‌ରେ ଯେଉଁମାନେ ଭଲ ପ୍ରଦର୍ଶନ କରନ୍ତି ସେମାନଙ୍କୁ ସମ୍ଭାବ୍ୟ ତାଲିକାରେ ରଖାଯାଇ ଅନ୍ତର୍ଜାତୀୟ ପ୍ରତିଯୋଗିତା ପୂର୍ବରୁ ୪ଟି କ୍ୟାମ୍ପ କରାଯାଇଥାଏ। ପ୍ରଥମ କ୍ୟାମ୍ପ ଗାନ୍ଧିନଗର, ଦ୍ୱିତୀୟ କ୍ୟାମ୍ପ ଉତ୍ତର ପ୍ରଦେଶର ନଏଡ଼ାରେ, ତୃତୀୟ କ୍ୟାମ୍ପ ଗାନ୍ଧୀନଗର ଏବଂ ୪ର୍ଥ କ୍ୟାମ୍ପ ଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଏହି ୪ କ୍ୟାମ୍ପରୁ ଅନେକ ଆଥଲେଟ୍ ଅଯୋଗ୍ୟ ବିବେଚିତ ହୋଇ ବାହାରି ଯାଇଥିଲେ। ମାତ୍ର ଅରିଦିତା ଭଲ ପ୍ରଦର୍ଶନ କରି ଜର୍ମାନୀ ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ଗେମ୍ସପାଇଁ ମନୋନୀତ ହେଲେ। ଜାତୀୟ ପ୍ରତିଯୋଗିତାର ୧୦୦ ମିଟରରେ ଅରିଦିତା ସ୍ୱର୍ଣ୍ଣ, ୨୦୦ରେ ବ୍ରୋଞ୍ଜ, ୪x୧୦୦ରିଲେରେ ବ୍ରୋଞ୍ଜ ପାଇଥିଲେ। ଅର୍ଥାତ୍ ପୂର୍ବରୁ ଅରିଦିତା ୧୦୦ ଓ ୨୦୦ ମିଟରରେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ମାତ୍ର ଜର୍ମାନୀ ପ୍ରତିଯୋଗିତାରେ ତାଙ୍କୁ ୪୦୦ ମିଟରରେ ରେସ୍ କରିବାକୁ ପଡ଼ିଲା। ଏହାର କାରଣ ହେଲା ପ୍ରତି ଗେମ୍ ପାଇଁ ଏଣ୍ଟ୍ରି ଥାଏ। ୧୦୦ ଓ ୨୦୦ ମିଟର ପାଇଁ ଏଣ୍ଟ୍ରି ଅଧିକ ହୋଇଯିବାରୁ ଅରିଦିତାଙ୍କୁ ୪୦୦ ମିଟରରେ ଭାଗନେବାକୁ ସୁଯୋଗ ଦିଆଗଲା। ମାତ୍ର ପୂର୍ବରୁ ଦିଆ ଯାଇଥିବା ଟ୍ରେନିଂ ତାଙ୍କ ପାଇଁ ଉପାଦେୟ ହେଲା।

### ସଂକ୍ଷେପରେ...

ନାମ: ଅରିଦିତା ଚକ୍ରବର୍ତ୍ତୀ
ପରିବାର: ମା–ବୁଲା ଚକ୍ରବର୍ତ୍ତୀ
ବାପା–ସ୍ୱର୍ଗତ ତାପସ ଚକ୍ରବର୍ତ୍ତୀ
ସ୍କୁଲ୍: ଓପନ୍ ଲର୍ଣ୍ଣିଂ ସିଷ୍ଟମ୍ସ
ପ୍ରିୟ ଇଭେଣ୍ଟ: ରନିଂ, ଶଟ୍‌ପୁଟ୍
ଅନ୍ୟ ରୁଚି: ନୃତ୍ୟ, ବ୍ୟାଡ୍‌ମିଣ୍ଟନ
କୋଚ୍: ସସ୍ମିତା ମହାପାତ୍ର

### ସହଯୋଗ ଆବଶ୍ୟକ

ଓପନ୍ ଲର୍ଣ୍ଣିଂ ସିଷ୍ଟମ୍ସର ପ୍ରିନ୍ସିପାଲ ମନତୋଷ ବେହେରାଙ୍କ ପୂର୍ଣ୍ଣ ସମର୍ଥନ ଯୋଗୁ ଅରିଦିତାଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସମ୍ଭବ ହୋଇପାରିଛି ବୋଲି ସ୍ୱୀକାର କରିଛନ୍ତି ସସ୍ମିତା। ଏହା ବ୍ୟତୀତ ସ୍ପେଶାଲ ଅଲିମ୍ପିକ୍ସ ଭାରତ-ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ, ପ୍ରୋଗ୍ରାମ ମ୍ୟାନେଜର ମିନତି ମହାପାତ୍ରଙ୍କର ମଧ୍ୟ ଅନେକ ଅବଦାନ ରହିଛି। ନିୟମ ଅନୁସାରେ ଅରିଦିତା ଥରେ ସ୍ପେଶାଲ ଅଲିମ୍ପିକ୍ସରେ ଭାଗ ନେଇଥିବାରୁ ଆଉ ଅଂଶଗ୍ରହଣ କରି ପାରିବେନି। ତେଣୁ ତାଙ୍କୁ ଅଧିକ ଭଲ ଟ୍ରେନିଂ ଦେଇ ପାରାଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ କରିବା ଲକ୍ଷ୍ୟ ରହିଛି ବୋଲି ସେ ପ୍ରକାଶ କରିଛନ୍ତି। ଅରିଦିତାଙ୍କୁ ଅଧିକ ଫଙ୍କଶନାଲ ଏଜୁକେଶନ ସହ ଶାରୀରିକ ଦକ୍ଷତାରେ ଉନ୍ନତି ଆଣିବାକୁ ପଡ଼ିବ। ଖାଦ୍ୟପେୟ ଏବଂ ବ୍ୟାୟାମରେ ମଧ୍ୟ ପରିବର୍ତ୍ତନ କରିବାକୁ ହେବ। ଅଭ୍ୟାସ ପାଇଁ ଏକ ଭଲ ଷ୍ଟାଡିୟମ ଆବଶ୍ୟକ। ପରିବାରରୁ ସମର୍ଥନ ମିଳିବା ମଧ୍ୟ ଅତ୍ୟନ୍ତ ଜରୁରୀ। ସ୍ପେଶାଲ ଆଥଲେଟ୍‌ଙ୍କ ଉପରେ ଓଡ଼ିଶା ସରକାରଙ୍କ ନଜର ଆଗରୁ ପଡ଼ି ନ ଥିଲା। ଜର୍ମାନୀ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ପରେ ଏମାନଙ୍କୁ ପ୍ରଥମଥରପାଇଁ ସ୍ୱାଗତ ସମ୍ବର୍ଦ୍ଧନା ସହ ଆର୍ଥିକ ଅନୁଦାନ ଦିଆଯାଇଛି। ଆଗକୁ ମଧ୍ୟ ସରକାରଙ୍କ ସମର୍ଥନ ଏପରି ଜାରି ରହିବ ବୋଲି ଆମେ ଆଶା ରଖିଛୁ ବୋଲି ସସ୍ମିତା କହିଛନ୍ତି।

# ଭିନିସିୟସଙ୍କ କ୍ଷୋଭ

**୨୦୨୨ ଦୋହା ଫୁଟବଲ ବିଶ୍ୱକପରେ ବ୍ରାଜିଲ ଦଳରେ ଖେଳୁଥିବା ତାରକା ଲେଫ୍ଟ ଉଇଙ୍ଗର ଭିନିସିୟସ ଜୁନିଅରଙ୍କ କଳାତ୍ମକ କ୍ରୀଡ଼ା କୌଶଳ ବିଶ୍ୱ ଫୁଟବଲପ୍ରେମୀଙ୍କୁ ଅଭିଭୂତ କରିଥିଲା। ଏହି ତାରକା ଖେଳାଳି 'ଲା ଲିଗା'ରେ ବର୍ଣ୍ଣବୈଷମ୍ୟତାର ଶିକାର ହୋଇଛନ୍ତି, ଯାହାକି ଫୁଟବଲ ଜଗତରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।**



ଅଶୋକ ମହାନ୍ତି

୨୦୨୨ ଦୋହା ଫୁଟବଲ ବିଶ୍ୱକପରେ ବ୍ରାଜିଲ ଦଳରେ ଖେଳିଥିବା ତାରକା ଲେଫ୍ଟ ଉଇଙ୍ଗର ଭିନିସିୟସ ଜୁନିୟରଙ୍କ କଳାତ୍ମକ କ୍ରୀଡ଼ା କୌଶଳ ବିଶ୍ୱ ଫୁଟବଲପ୍ରେମୀଙ୍କୁ ଅଭିଭୂତ କରିଥିଲା। ୨୨ ବର୍ଷୀୟ ଏହି କୃଷ୍ଣକାୟ ଖେଳାଳି ପ୍ରଖ୍ୟାତ ସ୍ପାନିସ୍ ଫୁଟବଲ କ୍ଲବ 'ରିଏଲ ମାଡ୍ରିଡ୍'ରେ ପ୍ରମୁଖ ଅଗ୍ରଭାଗ ଖେଳାଳି ଭାବେ 'ଲା ଲିଗା' (ସ୍ପାନିସ୍ ଲିଗ୍) ରେ ଖେଳୁଥିବାବେଳେ ବର୍ଣ୍ଣବୈଷମ୍ୟତାର ଶିକାର ହୋଇଥିଲେ, ଯାହାକି ଫୁଟବଲ ଜଗତରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଭିନି ଜୁନିୟରଙ୍କ ସମ୍ବନ୍ଧରେ ବିଶଦ ଭାବେ ଆଲୋଚନା ଅବସରରେ ବିଂଶ ଶତାବ୍ଦୀର ଦୁଇଜଣ ମହାନ କ୍ରୀଡ଼ାବିତ୍ କିପରି ଅନେକ ବର୍ଷ ପୂର୍ବେ ବର୍ଣ୍ଣବିଦ୍ୱେଷ ଭାବର ଶିକାର ହୋଇଥିଲେ ସେ ବିଷୟରେ ସମ୍ୟକ୍ ଆଲୋକପାତ କରିବା ପ୍ରାସଙ୍ଗିକ ମନେହୁଏ।

୧୯୩୬ରେ ଅନୁଷ୍ଠିତ ବର୍ଲିନ ଅଲିମ୍ପିକ୍ କ୍ରୀଡ଼ାରେ ଆମେରିକାର ୨୩ ବର୍ଷୀୟ କୃଷ୍ଣକାୟ ଯୁବକ ଜେସି ଓଏନ୍ସ ଏକାକୀ ୪ଟି ସ୍ୱର୍ଣ୍ଣ ପଦକ (୧୦୦ମି. ୨୦୦ମି., ଲଙ୍ଗଜମ୍ପ ଏବଂ ୪x୧୦୦ମି ରିଲେ) ଜିତି ଇତିହାସ ରଚିବା ସହିତ ଜର୍ମାନୀର ଏକଚ୍ଛତ୍ରବାଦୀ ଶାସକ ଆଡଲ୍ଫ ହିଟ୍‌ଲରଙ୍କ 'ଏରିଆନ ସୁପ୍ରିମାସି'ର ଦମ୍ଭ ଓ ଗର୍ବକୁ ଧ୍ୱସ୍ତ କରିଦେଇଥିଲେ। ବିଶ୍ୱର ଏହି ଅନ୍ୟତମ ସର୍ବକାଳୀନ ମହାନ୍ ଆଥ୍‌ଲେଟ ସ୍ୱଦେଶ ଫେରିଲା ପରେ ତାଙ୍କ ନିଜ ସହରବାସୀ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲା ବେଳେ ପରମ୍ପରା ଅନୁସାରେ ଶ୍ୱେତକାୟ ଆଥ୍‌ଲେଟମାନଙ୍କୁ ଯେପରି ରାଷ୍ଟ୍ରପତି ହ୍ୱାଇଟ୍ ହାଉସକୁ ଆମନ୍ତ୍ରଣ କରି ସମ୍ବର୍ଦ୍ଧିତ କରିଥାନ୍ତି ଓଏନ୍ସଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ହୋଇଥିଲା। ତତ୍‌କାଳୀନ ରାଷ୍ଟ୍ରପତି ଫ୍ରାଙ୍କଲିନ୍ ରୁଜଭେଲ୍ଟ ଓଏନ୍ସଙ୍କୁ ସ୍ୱାଗତ ନ କରିବା ଆମେରିକା ସରକାର ଓ ପ୍ରଶାସନର ଚରମ ବର୍ଣ୍ଣବିରୋଧୀ ଚିନ୍ତାଧାରାକୁ ପଦାରେ ପକାଇଥିଲା। ଓଏନ୍ସଙ୍କ ଭାଷାରେ 'ହିଟ୍‌ଲର ମୋ ସହିତ ହାତ ନ ମିଳେଇବାଠାରୁ ମୋ ଦେଶର ରାଷ୍ଟ୍ରପତି ମୋ ସହିତ ହାତ ନ ମିଳେଇବା ମୋତେ ବିଶେଷ ଭାବେ ମର୍ମାହତ କରିଥିଲା। ଏପରି ମୋ ଦେଶରେ ବସ୍ ଯାତ୍ରା ସମୟରେ ଆଗ ପ୍ରବେଶ ଦ୍ୱାର (ଶ୍ୱେତକାୟଙ୍କ ପାଇଁ ଉଦ୍ଦିଷ୍ଟ) ବଦଳରେ ମୋତେ ପଛ ଦ୍ୱାରରେ ପ୍ରବେଶ କରିବାକୁ ପଡୁଥିଲା।'' ଏହା ଥିଲା କୃଷ୍ଣକାୟ ବ୍ୟକ୍ତିଙ୍କ ପ୍ରତି ବିଦ୍ୱେଷ ଭାବର ନଗ୍ନ ନମୁନା।

ଅନୁରୂପ ଭାବେ ୬୦ ଦଶକରେ ବିଶ୍ୱର ସର୍ବାଧିକ ଚର୍ଚ୍ଚିତ, ଲୋକପ୍ରିୟ ଏବଂ ପରିଚିତ ଥିଲେ ଆମେରିକାର କୃଷ୍ଣକାୟ ମୁଷ୍ଟିଯୋଦ୍ଧା କାସିୟସ କ୍ଲେ (ପରବର୍ତ୍ତୀ ସମୟରେ ମହମ୍ମଦ ଅଲି ନାମରେ ସୁପରିଚିତ)। ବିଂଶ ଶତାବ୍ଦୀର ଅନ୍ୟତମ ଶ୍ରେଷ୍ଠ କ୍ରୀଡ଼ାବିତ୍‌ର ସ୍ୱୀକୃତି ମିଳିଥିବା ଏହି କିମ୍ବଦନ୍ତୀ ମୁଷ୍ଟିଯୋଦ୍ଧା ୧୯୬୦ ରୋମ ଅଲିମ୍ପିକ୍ସରେ ଲାଇଟ୍ ହେଭିୱେଟ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିବା ପରେ ତାଙ୍କ ନିଜ ଦେଶରେ ବର୍ଣ୍ଣବୈଷମ୍ୟର ଶିକାର ହୋଇଥିଲେ। କୃଷ୍ଣକାୟ (ନିଗ୍ରୋ) ହୋଇଥିବାରୁ ଶ୍ୱେତକାୟଙ୍କ ପାଇଁ ଥିବା ଏକ ହୋଟେଲରେ ତାଙ୍କୁ ପ୍ରବେଶ କରିବା ପାଇଁ ବାରଣ କରାଯାଇଥିଲା। ଏହା ତାଙ୍କୁ ବିବ୍ରତ କରିଥିଲା ଏବଂ ଅତ୍ୟନ୍ତ କ୍ଷୋଭର ସହିତ ସେ ତାଙ୍କ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକକୁ ଓହ୍ଲାଇ ନଦୀକୁ ଫିଙ୍ଗି ଦେଇଥିଲେ। (ଅବଶ୍ୟ ପରବର୍ତ୍ତୀ ସମୟରେ ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ କ୍ରୀଡ଼ା ସମୟରେ ଅନ୍ତର୍ଜାତୀୟ ଅଲିମ୍ପିକ ସଂଘ ତାଙ୍କର ୧୯୬୦ ଅଲିମ୍ପିକ ମେଡାଲର ଏକ ଅବିକଳ ରିପ୍ଲିକା ପ୍ରଦାନ କରିଥିଲେ।)

ଉପରୋକ୍ତ ଦୁଇଟି ବହୁ ପ୍ରସାରିତ ଘଟଣାର ଅବତାରଣା କରିବାର ଉଦ୍ଦେଶ୍ୟ ହେଲା ଦୀଘବର୍ଷ ବିତିଯାଇଥିଲେ ମଧ୍ୟ ଆଜିର ଦିନରେ ଆମର କୃଷ୍ଣକାୟ କ୍ରୀଡ଼ାବିତ୍‌ମାନେ ବର୍ଣ୍ଣବିଦ୍ୱେଷର ଶିକାର ହେଉଛନ୍ତି। କ୍ରୀଡ଼ାର ମୌଳିକ ଆଭିମୁଖ୍ୟ (ଜାତି, ଧର୍ମ, ଲିଙ୍ଗ, ଭାଷା ଏବଂ ବର୍ଣ୍ଣର ଊର୍ଦ୍ଧ୍ୱରେ ଶାନ୍ତି, ବନ୍ଧୁତା, ସହନଶୀଳତା ଓ ଭ୍ରାତୃତ୍ୱର ପ୍ରତୀକ ହେଉଛି କ୍ରୀଡ଼ା)ର ପ୍ରାସଙ୍ଗିକତା ହ୍ରାସ ହେବାରେ ଲାଗିଛି।

ଏବେ ଫେରିବା ମୂଳ ପ୍ରସଙ୍ଗକୁ। ଗତ ମେ' ୨୧ରେ ଖେଳାଯାଇଥିବା ଭାଲେନ୍‌ସିଆ ଏବଂ ରିଏଲ ମାଡ୍ରିଡ୍ ମ୍ୟାଚ୍‌ରେ ଭାଲେନସିଆର ସମର୍ଥକମାନେ ଭିନିସିୟସଙ୍କୁ ବର୍ଣ୍ଣବିରୋଧି ଆକ୍ଷେପ କରିଥିଲେ। ରିଏଲ ମାଡ୍ରିଡ କୋଚ୍ କାର୍ଲୋ ଆନସେଲେଟି ମ୍ୟାଚ୍ ଶେଷରେ ପତ୍ରକାରମାନଙ୍କ ସହିତ ବାର୍ତ୍ତାଳାପରେ କହିଥିଲେ "ମ୍ୟାଚ୍‌ର ୯୭ ମିନିଟ୍‌ରେ ରେଫରି ଭିନ୍‌ସିୟସ୍''ଙ୍କୁ ରେଡ୍‌କାର୍ଡ ଦେବା ସମୟରେ ଗ୍ୟାଲେରୀରୁ ଦର୍ଶକମାନେ ଉଚ୍ଚସ୍ୱରରେ "ମଙ୍କି, ମଙ୍କି'' ବୋଲି ଚିତ୍କାର କରିଥିଲେ। ଏହା ପ୍ରଥମ, ଦ୍ୱିତୀୟ ବା ତୃତୀୟ ଘଟଣା ନ ଥିଲା। ଲା ଲିଗା''ରେ ଜାତିଆଣ ଆକ୍ଷେପ ଏକ ସାଧାରଣ ଓ ସ୍ୱାଭାବିକ ଘଟଣା।। ସ୍ପାନିସ୍ ଫୁଟବଲ ଫେଡେରେଶନ ମଧ୍ୟ ଏହାକୁ ଏକ ସାଧାରଣ ଘଟଣା ଭାବେ ବିବେଚିତ କରିଥାଏ। ଭିନି ଜୁନିୟର ତାଙ୍କ ପ୍ରତିକ୍ରିୟାରେ କହିଥିଲେ, "ଯେଉଁ ଚାମ୍ପିୟନଶିପ୍‌ରେ ରୋନାଲ୍‌ଡିନୋ, ରୋନାଲ୍‌ଡୋ, ଖ୍ରୀଷ୍ଟିଆନୋ ଏବଂ ମେସିଙ୍କ ଭଳି ତାରକା ଖେଳୁଥିଲେ ତାହା ବର୍ତ୍ତମାନ "ରେସିଷ୍ଟ'' ହୋଇଯାଇଛି। ଯେଉଁ ସୁନ୍ଦର ଦେଶ ମୋତେ ସ୍ୱାଗତ କରିଥିଲା ଏବଂ ମୁଁ ଭଲ ପାଉଥିଲି, ସେଇ ଦେଶ ଆଜି ସାରା ବିଶ୍ୱକୁ "ବର୍ଣ୍ଣବିଦ୍ୱେଷ'' ଭାବର ବାର୍ତ୍ତା ପଠାଇଛି।'' ସ୍ପେନ୍‌ର ରାଜନେତା ଏବଂ ପ୍ରତିଷ୍ଠିତ ବ୍ୟକ୍ତିମାନେ ଏହି ଘଟଣାକୁ ଘୋର ନିନ୍ଦା କରିଥିଲେ। ଭାଲେନ୍‌ସିଆ କ୍ଲବକୁ ୪୫,୦୦୦ ୟୁରୋ ଫାଇନ ସହିତ କ୍ଲବର ମେଷ୍ଟାଲା ଷ୍ଟାଡିୟମ ବନ୍ଦ କରିଦିଆ ଯାଇଥିଲା। ବ୍ରାଜିଲ୍ ରାଷ୍ଟ୍ରପତି ଲୁଲା ଡା ସିଲ୍‌ଭା ତାଙ୍କ ପ୍ରତିକ୍ରିୟାରେ କହିଥିଲେ, "ଫୁଟବଲ ଷ୍ଟାଡିୟମରେ ଫାସିବାଦ ଏବଂ ଜାତିଆଣ ଭେଦଭାବକୁ ବିସ୍ତାର କରିବା ପାଇଁ ଆମେ ପ୍ରଶ୍ରୟ ଦେବୁ ନାହିଁ। ମ୍ୟାଚ୍‌ର ଦୁଇଦିନ ପରେ ଭିନିଙ୍କୁ ଅଭଦ୍ରୋଚିତ ବ୍ୟବହାର ଏବଂ ଜାତିଆଣ ଗାଳିଗୁଲଜ କରିବା ଦୋଷରେ ସ୍ପେନ୍‌ରେ ୪ଜଣ ଏବଂ ମାଡ୍ରିଡ୍ ସହରର ବ୍ରିଜ୍‌ରେ ଭିନିଙ୍କ ପ୍ରତିମୂର୍ତ୍ତିକୁ ଝୁଲାଇବା (ପ୍ରତୀକାତ୍ମକଭାବେ ଫାଶୀ ଦେବା) ଦୋଷରେ ୩ଜଣଙ୍କୁ ଗିରଫ କରାଯାଇଥିଲା। ଭିନି ଜୁନିୟରଙ୍କୁ ନୈତିକ ସମର୍ଥନ ଜଣାଇ ରିଓ ଡି ଜେନେରୋସ୍ଥିତ ଆଇକନିକ "ଖ୍ରୀଏଷ୍ଟ ଦି ରିଡିମର'' ମୂର୍ତ୍ତିରେ ପ୍ରତିଦିନ ଜଳୁଥିବା ଆଲୋକକୁ ଲିଭାଇ ଦିଆଯାଇଥିଲା। ଏପରି ଘଟଣାକୁ ଖଣ୍ଡନ କରି ଲାଲିଗାର ଅଧ୍ୟକ୍ଷ ଭିନିଙ୍କୁ ଟୁଇଟ୍ କରି କହିଥିଲେ ଯେ, "ସ୍ପେନ୍ କିମ୍ବା ଲାଲିଗା କେହି ଜାତି ଭେଦଭାବକୁ ପ୍ରଶ୍ରୟ ଦିଅନ୍ତି ନାହିଁ। ଏପରି ଅଭିଯୋଗ କରିବା ଅନ୍ୟାୟ। ଆପଣ (ଭିନି ଜୁନିୟର) ପ୍ରକୃତ କଥା ହୃଦୟଙ୍ଗମ କରନ୍ତୁ।'' ଏପରି ପ୍ରତିକ୍ରିୟାରୁ ଏହା ପ୍ରତୀୟମାନ ହୁଏ ଯେ, କ୍ରୀଡ଼ାରେ ରେସିଜିମ୍ ଅଛି ବୋଲି ସ୍ୱୀକାର ନ କରିବା ହେଉଛି ଆଜିର ବଡ଼ ସମସ୍ୟା।

ଖାଲି ସ୍ପେନ୍‌ରେ ଯେ କୃଷ୍ଣକାୟ ଖେଳାଳିଙ୍କ ପ୍ରତି ଘୃଣ୍ୟ ମନ୍ତବ୍ୟ ଦିଆଯାଉଛି ତା' ନୁହେଁ। ୟୁରୋ-୨୦୨୦ ଫାଇନାଲରେ ଇଂଲଣ୍ଡର ୩ କୃଷ୍ଣକାୟ ତାରକା ଖେଳାଳି ଜୋର୍ଡାନ ସାଞ୍ଚୋ, ମାର୍କସ ରାସଫୋର୍ଡ ଏବଂ ବୁକାୟୋ ସାକା ଇଟାଲି ବିପକ୍ଷରେ ପେନାଲ୍‌ଟି ମିସ୍ କରିଥିବାରୁ ସେମାନଙ୍କୁ ଜାତିଆଣ ଗାଳି କରିବା ଅଭିଯୋଗରେ ୧୧ଜଣଙ୍କୁ ଗିରଫ କରାଯାଇଥିଲା।

ବିଶ୍ୱ କ୍ରୀଡ଼ା ଜଗତରେ ଏପରି ବର୍ଣ୍ଣ ବିଦ୍ୱେଷ ଭାବ କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି ଏବଂ କ୍ରୀଡ଼ା ସଙ୍ଗଠନଗୁଡ଼ିକ ଏପରି ସାମାଜିକ ବ୍ୟାଧି ବିରୋଧରେ ସମ୍ବେଦନଶୀଳତାର ପରିଚୟ ଦେଇ ଏପରି ଘଟଣାଗୁଡ଼ିକୁ ବିରୋଧ କରି କ୍ରୀଡ଼ାକୁ ଜାତି, ଧର୍ମ, ବର୍ଣ୍ଣରୁ ଊର୍ଦ୍ଧ୍ୱରେ ରଖିବା ହେଉଛି ଆଜିର ଦିନରେ ସବୁଠାରୁ ବଡ଼ ଆହ୍ୱାନ।



ଭିନିସିୟସ ଜୁନିୟର

### ଚେଞ୍ଜି

ମୋବାଇଲ ଗେମ୍ ଖେଳୁ ଖେଳୁ ପୁଅ
ଡାର୍କ ୱେବ୍ ବ୍ରାଉଜର
ଜରିଆରେ ଏକେ ଫର୍ଟି ସେଭେନକୁ
କରିଅଛି ସେ ଅର୍ଡର
ଆଠ ବର୍ଷ ବୟସର
ନେଦରଲାଣ୍ଡ୍ସର ବାରବରା ଜେମିନି
ଫ୍ୟାମିଲିକୁ ଦେଖି ଜ୍ୱର।

ଏସିଆର ସର୍ବପୁରାତନ କ୍ଲବ
ଫୁଟବଲ ଟୁର୍ନାମେଣ୍ଟ
ଡୁରାଣ୍ଡ କପ୍‌କୁ ଶହେ ବତିଶ ବର୍ଷ
ଏବେ ସିଏ ମହାମେଣ୍ଟ
ଅତୀତରେ ରେଜିମେଣ୍ଟ
ଦଳସହ ଖେଳନ୍ତି ଆର୍ମଡ୍ ଫୋର୍ସର
ଅନେକ ଡିପାର୍ଟ ମେଣ୍ଟ।

ମହିଳା ଫୁଟବଲ ବିଶ୍ୱକପରେ
ଡିଫେଣ୍ଡର ବେନ୍‌ଜିନା
ପ୍ରଥମ ଖେଳାଳି ହିଜାବ ପିନ୍ଧିକି
ଖେଳିବାରୁ ହେଲା ସିନା
ଫିଫା କରିଥିଲା ମନା
ଅଫିସିଆଲ୍‌ଙ୍କ ଓକିଲାତି ପରେ
କଟକଣା ହେଲା ଛେନା।

ଯଉତୁକ ନିର୍ଯାତନା କିଏ ଦେଲେ
ହେଉଥିଲା ତାକୁ ଦଣ୍ଡ
ବଧୂ ହତ୍ୟାକାରୀ ଦାଣ୍ଡରେ ବୁଲଇ
ବ୍ରିଜ୍ ଭୂଷଣ ପରି ଷଣ୍ଢ
ଆକ୍ଟ ଚେଞ୍ଜ୍ ବଡ଼ ମୁଣ୍ଡ
ବ୍ୟୁରୋକ୍ରାଟ୍ ନେତା ମନ୍ତ୍ରୀ ପାଇଁ ଆଜି
ସତ୍ୟର ଖୋଲେନି ତୁଣ୍ଡ।

–ସୁବାସ ଚନ୍ଦ୍ର ପ୍ରଧାନ




## ଜାପାନକୁ ହରାଇ ଦକ୍ଷିଣ କୋରିଆର ଅଭିଯାନ

ଚେନ୍ନାଇ,୩।୮ (ପି.ଟି.)

ସ୍ଥାନୀୟ ମେୟର ରାଧାକ୍ରିଷ୍ଣନ ହକି ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକିର ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଜାପାନକୁ ୨-୧ ଗୋଲ୍‌ରେ ପରାସ୍ତ କରି ଗତଥରର ଚାମ୍ପିୟନ ଦକ୍ଷିଣ କୋରିଆ ଏହାର ଅଭିଯାନ ଆରମ୍ଭ କରିଛି। ଜାପାନର ୬ଷ୍ଠ ମିନିଟ୍‌ରେ ରେ୍ୟାମା ଓକା ଟୁର୍ନାମେଣ୍ଟର ଓପନିଂ ଗୋଲ୍ ସ୍କୋର କରିଥିବା ବେଳେ ଦକ୍ଷିଣ କୋରିଆର ଚେଓଲିଅନ୍ ପାର୍କ ୨୬ତମ ମିନିଟ୍‌ରେ ଏକ ଗୋଲ ଦେଇ ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ପ୍ରଥମାର୍ଦ୍ଧ ଖେଳ ସୁଦ୍ଧା ମ୍ୟାଚ ୧-୧ ସ୍ଥିତିରେ ରହିଥିଲା। ତୃତୀୟ କ୍ୱାର୍ଟର ଖେଳର ୫ମ ମିନିଟ୍‌ରେ ଜଙ୍ଗହୁ କିମ୍‌ଙ୍କ ଗୋଲ୍ କୋରିଆକୁ ୨-୧ରେ ବିଜୟୀ କରାଇଥିଲା। କୋରିଆ ଦଳ ଆକ୍ରମଣାତ୍ମକ ଖେଳି କେତୋଟି ଗୋଲ୍ ସ୍କୋର କରିବା ଲାଗି ଉଦ୍ୟମ କରିଥିଲା। ମାତ୍ର ଜାପାନିଜ୍ ଡିଫେଣ୍ଡର ଦୃଢ ପ୍ରତିରୋଧ ଯୋଗୁ ତାହା ସମ୍ଭବପର ହୋଇ ପାରି ନ ଥିଲା। ମ୍ୟାଚରେ ୧୪ତମ ମିନିଟ୍‌ରେ ଜାପାନର ରାଇକି ଫୁଜିଶିମାଙ୍କୁ ୟେଲୋ କାର୍ଡ ହୋଇଥିବା ବେଳେ ୭ମ ମିନିଟ୍‌ରେ କୋରିଆର ମାନ୍‌ଜେ ଜଙ୍ଗ୍‌ଙ୍କୁ ଗ୍ରୀନ୍ କାର୍ଡ ହୋଇଥିଲା।




# ଚାଇନା ବିପକ୍ଷରେ ଭାରତର ବୃହତ୍ ବିଜୟ

ଚେନ୍ନାଇ,୩।୮

ଚେନ୍ନାଇରେ ଅନୁଷ୍ଠିତ ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି ୨୦୨୩ରେ ବୃହତ ବିଜୟ ସହିତ ଅଭିଯାନ ଆରମ୍ଭ କରିଛି ଭାରତ। ପ୍ରଥମ ମ୍ୟାଚ୍‌ରେ ଦଳ ଚାଇନାକୁ ୭-୨ର ବୃହତ ବ୍ୟବଧାନରେ ପରାସ୍ତ କରିଛି। ଭାରତ ପକ୍ଷରୁ ହରମନ୍‌ପ୍ରୀତ୍ ସିଂ ଓ ବରୁଣ କୁମାର ଡବଲ୍ ଗୋଲ ସ୍କୋର କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆକାଶଦୀପ୍ ସିଂ, ସୁଖଜିତ ସିଂ ଓ ମନଦୀପ୍ ସିଂ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳୁଥିବା ଭାରତ ପ୍ରଥମ କ୍ୱାର୍ଟରରୁ ହିଁ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲା। ପ୍ରଥମ କ୍ୱାର୍ଟରରେ ହିଁ ଭାରତ ୩-୦ରେ ଆଗୁଆ ରହିଥିଲା। ମ୍ୟାଚର ପଞ୍ଚମ ଓ ଅଷ୍ଟମ ମିନିଟରେ ଭାରତ ପକ୍ଷରୁ ଅଧିନାୟକ ହରମନ୍‌ପ୍ରୀତ ଦୁଇଟି ଗୋଲ ସ୍କୋର କରିଥିଲେ। ସୁଖଜିତ ସିଂ ପ୍ରଥମ କ୍ୱାର୍ଟରର ଶେଷ ମିନିଟରେ ଆଉ ଏକ ଗୋଲ ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତ ୩ଟି ଗୋଲ ଦେଇଥିବା ବେଳେ ଚାଇନା ଦୁଇଟି ଗୋଲ ସ୍କୋର କରିଥିଲା। ଭାରତ ପକ୍ଷରୁ ଆକାଶ ଦୀପ ସିଂ(୧୬ ମିନିଟ)ଓ ବରୁଣ କୁମାର (୧୯,୩୦ ମିନିଟ) ଦୁଇଟି ଗୋଲ ଦେଇଥିଲେ। ଚାଇନା ପକ୍ଷରୁ ୱେନ୍ ହୁଇ ଏ(୧୮) ଓ ଜିଏ ଶେଙ୍ଗ ଗାଓ(୨୫) ଦୁଇଟି ଗୋଲ ପରିଶୋଧ କରିଥିଲେ।

ତୃତୀୟ କ୍ୱାର୍ଟରରେ ଚାଇନା ରକ୍ଷଣାତ୍ମକ ଢଙ୍ଗରେ ଖେଳିଥିଲା। ଭାରତକୁ ମାତ୍ର ଗୋଟିଏ ପେନାଲ୍ଟି କର୍ନର ମିଳିଥିବା ବେଳେ ଦଳ ପକ୍ଷରୁ ମନ୍‌ଦୀପ ସିଂ ଏହାକୁ ଗୋଲରେ ପରିଣତ କରିଥିଲେ। ଅନ୍ତିମ କ୍ୱାର୍ଟରରେ ଉଭୟ ଦଳ କୌଣସି ଗୋଲ ଦେବାରେ ସମର୍ଥ ହୋଇ ନ ଥିଲେ। ଫାଇନାଲ ହୁଟର ବାଜିବା ସହିତ ଭାରତ ମ୍ୟାଚ ଜିତିନେଇଥିଲା।


ଭାରତ ଓ ଚାଇନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି**

## ମାଲେସିଆ ବିଜୟୀ

ସ୍ଥାନୀୟ ମେୟର ରାଧାକ୍ରିଷ୍ଣନ ହକି ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ଫିର୍‌ହାନ ଆଶାରିଙ୍କ ଡବଲ ଗୋଲ୍ ସହାୟତାରେ ମାଲେସିଆ ୩-୧ ଗୋଲ୍‌ରେ ପାକିସ୍ତାନକୁ ପରାସ୍ତ କରିଛି। ମାଲେସିଆ ତରଫରୁ ଆଶାରି ୨୮ତମ ଓ ୨୯ତମ ମିନିଟରେ ଏବଂ ଶିଲୋ ସିଲ୍‌ଭରିଅସ୍ ୪୪ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ପାକିସ୍ତାନ ପକ୍ଷରୁ ଏକମାତ୍ର ଗୋଲ୍ ଅବ୍‌ଦୁଲ ରେହମାନ ଦେଇଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ